ମୃତ୍ୟୁଗଡ଼ର ସୂର୍ଯ୍ୟ

ମାନ୍ଧାତା ଚରଣ ପାଣିଗ୍ରାହୀ

Digitized by PPRACHIN, SOA

ମୁକ୍ତାଗଡ଼ର କ୍ଷୁଧା

ପଦ୍ମଭୂଷଣ ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ

ନାଳନ୍ଦା ଷ୍ଟୁଡେଣ୍ଟସ୍ ଷ୍ଟୋର

Digitized by PPRACHIN, SOA

ପ୍ରକାଶକ :
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର କଟକ-୨

ଷଷ୍ଠ ମୁଦ୍ରଣ
କାର୍ତ୍ତିକ ପୂର୍ଣ୍ଣିମା—୧୯୭୨

ମୁଦ୍ରାକର
ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର
ପ୍ରସାଦ ପ୍ରେସ : କଟକ-୨

ମୂଲ୍ୟ :
ବନ୍ଧାଇ—ପାଞ୍ଚଟଙ୍କା
ଅବନ୍ଧା—ଚାରିଟଙ୍କା

Muktagadar Khudha

Padmabhusan K. C. Panigrahi

Publisher
Anant Misra
Cuttack Students Store
Cuttack-2

6th Edition 1972

Printer
Prasad Press
Cuttack-2

Price
Rs. 5-00

Digitized by PPRACHIN, SOA

ପ୍ରଥମ ପରିଚ୍ଛେଦ

ଦେଶ ମୁକ୍ତାଗଡ଼, କାଳ ୧୨୩୭ ସାଲ—ଆଉ ପାତ୍ର କିଏ ? ମୁକ୍ତାଗଡ଼ର ରାଜା—ଚନ୍ଦ୍ରକାନ୍ତ ପଟ୍ଟଦେବ । ଏହି ଦେଶ, କାଳ ଓ ପାତ୍ରକୁ ନେଇ କଥାର ଆରମ୍ଭ ।

ଏହିପରି ଶତ ଶତ ନାମ ଜଗତରେ ପ୍ରତ୍ୟହ ସୃଷ୍ଟି ହେଉଛି, ଲୁପ୍ତ ହେଉଛି, ଜଗତ ଯେପରି ସତ୍ୟ, ସୃଷ୍ଟି ଯେପରି ସତ୍ୟ, ଏହି ନାମଗୁଡ଼ିକ ମଧ୍ୟ ସେହିପରି ସତ୍ୟ ଏବଂ ଜଗତ ଯେପରି ମିଥ୍ୟା, ସେହିପରି ଏହି ନାମଗୁଡ଼ିକ ମଧ୍ୟ ମିଥ୍ୟା । ଯେତେବେଳେ ଏହି ନାମର ସୃଷ୍ଟି ହୋଇ ନଥିଲା, ସେତେବେଳେ ଜୀବ ଓ ଜଡ଼ର ସୃଷ୍ଟି ଲୟ ନିର୍ବିଘ୍ନରେ ସମାହିତ ହେଉଥିଲା । ନାମର ସୃଷ୍ଟି ପରେ ଜୀବ ଓ ଜଡ଼ର ଲୟ ହେଲେ ମଧ୍ୟ ନାମର ଲୟ ହେଲାନାହିଁ—ମୃତ୍ୟୁ ପରେ ବଞ୍ଚି ରହିଲା ନାମ । ସେଥିପାଇଁ ମୁକ୍ତାଗଡ଼, ୧୨୩୭ ସାଲ ଓ ଚନ୍ଦ୍ରକାନ୍ତ—ବସ୍ତୁ ନ ଥିଲେହେଁ ଏହି ନାମଗୁଡ଼ିକ ରହିଅଛି । ସେ ପୁଣି ଚିରକାଳ ପାଇଁ ନୁହେଁ, ନାମର ମଧ୍ୟ କ୍ଷୟ ଅଛି, ଲୟ ଅଛି ।

ଅଷ୍ଟକୋଶବ୍ୟାପୀ ପୃଥିବୀ ମୁକ୍ତାଗଡ଼ ଆଜି ହିଂସ୍ରଜନ୍ତୁପୂର୍ଣ୍ଣ ଜଙ୍ଗଲ ସମାକୀର୍ଣ୍ଣ । ପଶ୍ଚିମରେ ପୁରାଣପ୍ରସିଦ୍ଧ ଭୁବନେଶ୍ୱର

Digitized by PPRACHIN, SOA

ଦେଉଳର ଆରତି ଘଣ୍ଟା ଏ ରାଜ୍ୟକୁ ଦିନେ ଜାଗ୍ରତ କରୁଥିଲା ଏବଂ ପୂର୍ବରେ ଦୟା ଭାର୍ଗବୀର ମଧୁର କଳ କଳ ନାଦ ନିଶାର୍ଦ୍ଧରେ ତା'ର ଶ୍ରାନ୍ତି ଦୂର କରୁଥିଲା । ଉତ୍ତରରେ ବାଲି ଜଙ୍ଗଲ ମଧ୍ୟରେ ଅସଂଖ୍ୟ ଶିବ ମନ୍ଦିର ଓ ଖଣ୍ଡଗିରିର ଭଗ୍ନାବଶେଷ ଅତୀତ କଳିଙ୍ଗର ଶୈବ ଧର୍ମ ଓ ବୀର ଖାରବେଳଙ୍କର ଗୌରବମୟ କାହାଣୀ ଏ ରାଜ୍ୟକୁ ଶୁଣାଉଥିଲେ ଏବଂ ଦକ୍ଷିଣରେ ଐତିହାସିକ କ୍ଷୁଦ୍ର ଧଉଳି ପାହାଡ଼ରେ ବିଶ୍ୱବିଶ୍ରୁତ ପ୍ରିୟଦର୍ଶୀ ରାଜା ଅଶୋକଙ୍କର ଅମର ଲିପି ଏ ଗଡ଼କୁ ମହା ଶିକ୍ଷା ଦାନ କରୁଥିଲା – କତବ୍ୟ ମତେ ହି ମେ ସର୍ବ ଲୋକ ହିତମ୍—ସମସ୍ତ ଲୋକର କଲ୍ୟାଣ ସାଧନହିଁ ମୋର ଶ୍ରେଷ୍ଠ କର୍ତ୍ତବ୍ୟ ।

ମୁକ୍ତାଗଡ଼ ମରହଟ୍ଟାଦତ୍ତ ଜମିଦାରୀ—କେତେ ରାଜା ସେ ଦେଖିଛି, ରାଜତ୍ୱ ଭୋଗ କରିଛି, କେତେ ରାଜାର ଇଚ୍ଛାର ଦାସ ହୋଇ ଅନ୍ୟାୟ, ଅତ୍ୟାଚାର, ଅପମାନ ସହ୍ୟ କରିଛି – କେତେ ରାଜାର ବିଳାସିତା, ଶାସନ-ଅକ୍ଷମତା, ଅତ୍ୟଧିକ ପ୍ରଜା-ପୀଡ଼ନ-କାହାରି କାହାରି ପକ୍ଷପାତ ଦୟା—ସମସ୍ତ ଅଭିଜ୍ଞତା ବହନ କରି ମୁକ୍ତାଗଡ଼ ଚନ୍ଦ୍ରକାନ୍ତଙ୍କୁ ଲାଭ କରିଛି—ପ୍ରତ୍ୟୁଷରୁ ଉଠି ରାଜ୍ୟର ଶତ ସହସ୍ର ପୁରୁଷ ନାରୀ ଜୀବନର ପାପକ୍ଷାଳନ କରିବାକୁ ଯାହାଙ୍କ ନାମ ସ୍ମରଣ କରନ୍ତି ।

ବିଚାରପତି ଆସନରେ ସେ ଥିଲେ ସୂର୍ଯ୍ୟ ପରି ତେଜସ୍ୱୀ; କିନ୍ତୁ ବାଳକଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ସଙ୍ଗରେ ସ୍ୱୀୟ ସମ୍ଭ୍ରମକୁ ଅକ୍ଷୁଣ୍ଣ ରଖି ଅନୁରୂପ ମିଷ୍ଟଭାଷୀ ଓ ଲୋକପ୍ରିୟ । ବିପଦ ସମୟରେ ସାହସ ଓ ଧୈର୍ଯ୍ୟ ପ୍ରଦର୍ଶନ ଏବଂ ଶତ୍ରୁ ହେଲେ ମଧ୍ୟ ଶରଣାଗତକୁ କ୍ଷମା ଓ

Digitized by PPRACHIN, SOA

ଆଶ୍ରୟଦାନ ତାଙ୍କ ଚରିତ୍ରର ଭୂଷଣ ଥିଲା । ରାଜ-ଅତିଥିଶାଳାରୁ ଏକ ମୁହୂର୍ତ୍ତ ପାଇଁ ଅଗ୍ନି ନିର୍ବାପିତ ହୁଏ ନାହିଁ । ବୃନ୍ଦାବନ, ନବଦ୍ୱୀପ, କାଶୀ, ଗୟା ପ୍ରଭୃତି ତୀର୍ଥସ୍ଥାନମାନଙ୍କରୁ ଜଗନ୍ନାଥ-ଯାତ୍ରୀମାନେ ଏହି ପଥରେ ଯାତ୍ରା କରିବା କାଳରେ ପ୍ରାୟଶଃ ମୁକ୍ତାଗଡ଼ର ଆତିଥ୍ୟ ଗ୍ରହଣ କରିଥାନ୍ତି । ପ୍ରତ୍ୟହ ପ୍ରଦୋଷଉଷାରେ ସ୍ୱୀୟ ଗୌରବର୍ଣ୍ଣ ସୌଷ୍ଠବ ଅଙ୍ଗକୁ ପଟ୍ଟବସ୍ତ୍ରରେ ଆବୃତ କରି କାଷ୍ଠପାଦୁକା ଉପରେ ରାଜା ଯେତେବେଳେ ଏକାକୀ ସାଧନା-ଉଦ୍ୟାନ ଅଭିମୁଖରେ ଯାତ୍ରା କରନ୍ତି, ଉଦୟାସ୍ତମୁଖୀ ସୂର୍ଯ୍ୟର ପାଟଳ ଆଭାରେ ତାଙ୍କର ସ୍ୱର୍ଣ୍ଣହାର ଓ ସ୍ୱର୍ଣ୍ଣକୁଣ୍ଡଳ ଗୌରବର୍ଣ୍ଣ କାନ୍ତିକୁ ଅଧିକତର ଉଜ୍ଜ୍ୱଳ ଆଭାମୟ କରିଦିଏ । କେତେ ଦୁଃସ୍ଥ, ନିଃସ୍ୱ ତାଙ୍କର ସେହି ସଦ୍ୟସ୍ନାତ ଶୁଭ୍ରପଦ ଦୁଇଟିକୁ ଛୁଇଁ ଅଶ୍ରୁମୋଚନ କରନ୍ତି, ତାଙ୍କର ସେହି ଅନାଡ଼ମ୍ବର ରୂପ ଓ ଅମାୟିକ ହାସ୍ୟପୂର୍ଣ୍ଣ ବଦନକୁ ଅବଲୋକନ କରି କେତେ ସ୍ୱାମୀଶୋକାତୁର, ପୁତ୍ରହୀନା ରମଣୀ, କେତେ ପିତୃମାତୃହୀନ ଅନାଥ ଶିଶୁ ସାନ୍ତ୍ୱନା ଲଭି କରନ୍ତି । ରାଜଐଶ୍ୱର୍ଯ୍ୟ ରାଜାର ଭୋଗ ବିଳାସ ପାଇଁ ସୃଷ୍ଟ ନୁହେଁ—ପ୍ରଜାର ସମ୍ପତ୍ତି ସେ । ଏକତ୍ରିତ କରି ପ୍ରଜା ତାହା ରାଜା ନିକଟରେ ଗଚ୍ଛିତ ରଖେ, ତା'ର ଅଭାବ କିମ୍ବା ବିପତ୍ତି ସମୟରେ ସାହାଯ୍ୟ ପାଇଁ—ରୋଗ ଦୁଃଖ ଓ ଶତ୍ରୁ କବଳରୁ ରକ୍ଷା ପାଇବା ଲାଗି । ରାଜା ସେ ସମ୍ପତ୍ତିର ପ୍ରହରୀ ସ୍ୱରୂପ । ତାହାର ସୁରକ୍ଷା ଏବଂ ନାଯ୍ୟ ବ୍ୟୟ ଦେଖିବା ତା'ର କର୍ତ୍ତବ୍ୟ । ଚନ୍ଦ୍ରକାନ୍ତ ରାଜକୋଷକୁ ଏହି ଦୃଷ୍ଟିରେ ଦେଖୁଥିଲେ ।

ସେ ସମୟରେ ରାଜାଙ୍କର ବାସଗୃହର ଆଡ଼ମ୍ବର ଆଧୁନିକ ସାଧାରଣ ଗୃହସ୍ଥର ସାଜସଜ୍ଜାଠାରୁ କୌଣସି ଅଂଶରେ ଉତ୍କୃଷ୍ଟ

Digitized by PPRACHIN, SOA

ନୁହେଁ । ପ୍ରାଚୀନ ଧରଣର ନାଟ୍ୟଶାଳା ଅଟ୍ଟାଳିକା ଓ ହମ୍ମୀର ଅଗ୍ରଭାଗରୁ ସ୍ଥାନେ ସ୍ଥାନେ ଭଗ୍ନୋନ୍ମୁଖ । ନୃତ୍ୟ ମଧ୍ୟରେ କେବଳ ସାଧନା-ଉଦ୍ୟାନ । ଗଡ଼ର ଏକ ପାର୍ଶ୍ୱରେ ତାହା ଅବସ୍ଥିତ, ଉଦ୍ୟାନ ମଧ୍ୟରେ ଗୋଟିଏ ସ୍ୱଚ୍ଛତୋୟା ରାଜହଂସକେଳିତ ପୁଷ୍କରିଣୀ । ଏହାହିଁ ଚନ୍ଦ୍ରକାନ୍ତଙ୍କର ବିଳାସବୈଚିତ୍ର୍ୟର ଏକମାତ୍ର ଚିହ୍ନ । ଶିକ୍ଷା ଓ କୃଷ୍ଟି ପାଇଁ ରାଜାଙ୍କର ଯଥେଷ୍ଟ ଆଗ୍ରହ ଥିଲା । ତାଙ୍କର ରାଜସଭାରେ ପୁରାଣ ଦର୍ଶନ ଆଦି ନାନା ବିଦ୍ୟାର ଆଲୋଚନା କରିବା ପାଇଁ ଦୂର ବିଦେଶରୁ ପଣ୍ଡିତ ସମାଗମ ହେଉଥିଲା । ଚନ୍ଦ୍ରକାନ୍ତଙ୍କର ମଧ୍ୟ ପୁରାଣ ଉପନିଷଦରେ ଅସାଧାରଣ ବ୍ୟୁତ୍ପତ୍ତି ଥିଲା । ନାମ ସଂକୀର୍ତ୍ତନରେ କରତାଳ ଧରି ରାଜା ଯେତେବେଳେ ଲଳିତକଣ୍ଠରେ ଗୀତ ଆରମ୍ଭ କରନ୍ତି, ମନ୍ଦିରଗାତ୍ରର ପ୍ରତି ପ୍ରସ୍ତରଖଣ୍ଡ ଯେପରି ଉତ୍କର୍ଣ୍ଣ ହୋଇ ଶୁଣେ ।

ତାଙ୍କର ଜୀବନ ଚତୁର୍ଦ୍ଦିଗରୁ ପୂର୍ଣ୍ଣ ହୋଇ ଉଠିଥିଲା କେବଳ ଗୋଟିଏ ଅଭାବ- ଗୋଟିଏ ଅଖଣ୍ଡ ଅଭାବ—ସେ ନିଃସନ୍ତାନ ! ସନ୍ତାନର ଅଙ୍ଗଧୂଳିରେ ତାଙ୍କର ବକ୍ଷସ୍ଥଳ ଧୂସର ହୋଇନାହିଁ । ନିଜ ଶୈଶବକୁ ସେ ସନ୍ତାନପ୍ରାଣରେ ଅନୁଭବ କରି ନାହାନ୍ତି— ନିଜର ପୁନର୍ଜନ୍ମ ଲାଭ କରିବାର ସୌଭାଗ୍ୟ ସ୍ୱଚକ୍ଷୁରେ ଦେଖିବାକୁ ତାଙ୍କୁ ମିଳିନାହିଁ । ଏହି ଏକମାତ୍ର ଶୂନ୍ୟତା ମଧ୍ୟରେ ତାଙ୍କର ସମସ୍ତ ଐଶ୍ୱର୍ଯ୍ୟ ଯେପରି ତୃଣବତ୍ ମିଳାଇ ଯାଇଅଛି । ସମସ୍ତ ଲାଭକରି ସେ କିଛି ପାଇ ନାହାନ୍ତି; ତଥାପି ଦ୍ୱିତୀୟ ଦାରପରିଗ୍ରହ କରିବେ ନାହିଁ । ପଣ୍ଡିତ ଅମାତ୍ୟ ସମସ୍ତଙ୍କର ଅନୁରୋଧ ବ୍ୟର୍ଥ ହେଲା । ଅସମ୍ଭବ ! ଶତ ସହସ୍ର ପ୍ରଜା ଯାହାର ସନ୍ତାନ, ତା'ର ଅନ୍ୟ ସନ୍ତାନରେ କି ପ୍ରୟୋଜନ ?

Digitized by PPRACHIN, SOA

ସ୍ୱୟଂ ରାଣୀ ମଧ୍ଧ ଅନୁରୋଧ କଲେ, ଅନ୍ୟ ପତ୍ନୀ ଗ୍ରହଣ କରନ୍ତୁ, ବଂଶ ରକ୍ଷା ହେଉ, ରାଜ୍ୟରେ ଅରାଜକତା ନ ହେଉ । ନା ନା, ରାଣି ! ସେ କେବଳ ବୁଝିବାର ଭ୍ରମ । ଏ ଦେଶର ଆଦର୍ଶ, ରାଜ୍ୟରେ ରାଜା ସ୍ୱର୍ଣ୍ଣ ସୀତା ସ୍ଥାପନା କରି ଯଜ୍ଞ କରେ, ଧର୍ମପତ୍ନୀ ଜୀବିତ ଥାଉଁ ଥାଉଁ ଅନ୍ୟ ପତ୍ନୀ ଗ୍ରହଣ କରେନାହିଁ ! ରାଜା ଚନ୍ଦ୍ରକାନ୍ତ ସମସ୍ତଙ୍କୁ ପ୍ରବୋଧ ଦିଅନ୍ତି; କିନ୍ତୁ ନିଜ ପାଇଁ ପୂର୍ଣ୍ଣ ସାନ୍ତ୍ୱନା ମିଳେ ନାହିଁ । ନିଜ ଅନ୍ତରର ଶୂନ୍ୟତା ପୂର୍ଣ୍ଣ ହୁଏନାହିଁ । ସେ ଶୂନ୍ୟତା କ୍ରମେ ବିସ୍ତୃତ ହୋଇ ସମସ୍ତ ଜୀବନକୁ ଆଚ୍ଛନ୍ନ କରେ । ସମସ୍ତ ବିଭୂତି ଲାଭକରି ସେ ଦୀନରୁ ଦୀନତର ହୋଇପଡ଼ନ୍ତି । ଦାନ, ଧ୍ୟାନ, ପୂଜା, ହୋମ, ନାମକୀର୍ତ୍ତନ, ରାଜ୍ୟପରିଚାଳନାରେ ନିଜକୁ ସର୍ବକ୍ଷଣରେ ବ୍ୟାପୃତ ରଖି ଏଥିରୁ ଉଦାସୀନତାରୁ ମୁକ୍ତିଲାଭ କରି-ବାକୁ ଲୋଡ଼ନ୍ତି । ସାଧନା-ଉଦ୍ୟାନରେ ପ୍ରତ୍ୟହ ପ୍ରଦୋଷଉଷାରେ ଭ୍ରମଣ କରିବା କାଳରେ ମନେହୁଏ, ଏତେ ପୁଷ୍ପ ଏତେ ଫଳର ସମ୍ଭାର ଜଗତରେ କାହିଁକି ? ପ୍ରତି ଗୁଳ୍ମ, ପ୍ରତି ଲତା, ପ୍ରତି ତରୁ ପୁଷ୍ପ ଫଳରେ ଭୂଷିତ ହେବାକୁ କାହିଁକି ବ୍ୟଗ୍ର, କାହିଁକି ଉଦ୍‌ଗ୍ରୀବ ! କି ପ୍ରୟୋଜନ ସେଥିରେ ? କାମିନୀ ବନ ମଧ୍ୟରେ ପ୍ରବେଶ କରି ରାଜା ଦେଖନ୍ତି, ସକଳ ବୃକ୍ଷ ପୁଷ୍ପଭାରରେ ମଣ୍ଡିତ । କେବଳ ଗୋଟି-କରେ ପୁଷ୍ପ ଜନ୍ମିନାହିଁ । ସେ ବନ୍ଧ୍ୟାର ବିକଳ ରୂପ ଯେମିତି ଉଭା ହୋଇଛି । ତା'ର ପତ୍ରଗୁଡ଼ିକୁ ଅଙ୍ଗୁଳିରେ ସ୍ପର୍ଶ କରି ଅନୁକମ୍ପାରେ ସନ୍ତାନହୀନର ଚକ୍ଷୁ ସଜଳ ହୋଇଉଠେ ।

ସୃଷ୍ଟି ! ସୃଷ୍ଟି ! ସମସ୍ତ ବିଶ୍ୱ କେବଳ ସୃଷ୍ଟିର ମନ୍ତ୍ର ବହନ କରି ଚାଲିଛି । ପ୍ରତ୍ୟେକ କୀଟ, ପତଙ୍ଗ, ଲତା ଗୁଳ୍ମ ଏଥି ସୃଷ୍ଟିର ବୀଜ ଗ୍ରହଣକରି ନିଜକୁ ବହୁ ରୂପରେ ଦେଖିବାପାଇଁ ବ୍ୟାକୁଳ ।

Digitized by PPRACHIN, SOA

ମୃତ୍ୟୁ ପୂର୍ବରୁ ନିଜର ଅମରତ୍ୱର ବୀଜ—ନିଜର କ୍ଷୁଦ୍ର ଗୋଟିଏ ଅଂଶ—ସାମାନ୍ୟ ଗୋଟିଏ ଚିହ୍ନ—ଏ ଜଗତରେ ରଖିଯିବାର ଅଭିଳାଷୀ ସମସ୍ତେ । ସେଥିପାଇଁ ଏହି ଉନ୍ମୂଳ ପ୍ରଜନନର ଲୀଳା ! ପୁରାତନ ସୃଷ୍ଟି ଯେ ନୂତନ ମଧ୍ୟରେ ନିଜକୁ ଅହରହ ପ୍ରକାଶ କରିବାରେ ବ୍ୟାପୃତ ! ସନ୍ତାନ ସୃଷ୍ଟିହିଁ ପ୍ରତ୍ୟେକ ମାନବର ପ୍ରକାଶ ।

ଏହି ଅପ୍ରକାଶର ବ୍ୟର୍ଥତା ବହନ କରି ଚନ୍ଦ୍ରକାନ୍ତଙ୍କର ଜୀବନ ଦୁର୍ବହ ହୋଇପଡ଼ିଅଛି । ସମସ୍ତ ବିଶ୍ୱ ତାଙ୍କ ପକ୍ଷରେ ଶୂନ୍ୟ ମରୁମୟ ।

———

Digitized by PPRACHIN, SOA

ଦ୍ୱିତୀୟ ପରିଚ୍ଛେଦ

ମୁକ୍ତାଗଡ଼ର ରାଜବଂଶୀମାନଙ୍କ ମଧ୍ୟରୁ କେହି ଜ୍ୟେଷ୍ଠରାୟ, କେହି ସାମନ୍ତ, କେହି ପଟ୍ଟାୟତ, ବଳିୟାରସିଂହ ପ୍ରଭୃତି ପଦବୀରେ ଭୂଷିତ ହୋଇ ମୁଷ୍ଟିମେୟ ସ୍ୱାଚ୍ଛନ୍ଦ୍ୟରେ ଓ ଅଧିକାଂଶ ଦାରିଦ୍ର୍ୟରେ ଜୀବନ ହରାଇଛନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ପରସ୍ୱ ଅପହରଣ ଓ ଲୁଣ୍ଠନକୁ ସ୍ୱୀୟ ବଂଶ ମର୍ଯ୍ୟାଦା ଓ ତେଜସ୍ୱିତାର ଚିହ୍ନ ବୋଲି ଗର୍ବ କରି ଜଗନ୍ନାଥ ଯାତ୍ରୀମାନଙ୍କର ଧନ ସମ୍ପଦ ଏବଂ ଜୀବନ ପର୍ଯ୍ୟନ୍ତ ହରଣ କରିବାଦ୍ୱାରା ଅର୍ଦ୍ଧପଥରେ ସେମାନଙ୍କର ସହଜ ମୁକ୍ତି ବିଧାନ କରି କିଛିକାଳ ପରେ ନିଜେ ମଧ୍ୟ ଭୂପୃଷ୍ଠରୁ ଅନ୍ତର୍ଦ୍ଧାନ ହୋଇଛନ୍ତି । ଦୟା ଭାର୍ଗବୀର ସଙ୍ଗମସ୍ଥଳ ସରଦେଈପୁର ଏହି ଡକାୟତମାନଙ୍କର ସ୍ମୃତି ଏ ପର୍ଯ୍ୟନ୍ତ ଭୁଲି ନାହିଁ । ଚନ୍ଦ୍ରକାନ୍ତଙ୍କ ସମୟରେ ଏହି ବଂଶଧରମାନଙ୍କ ମଧ୍ୟରୁ ମୁକ୍ତାଗଡ଼ ରାଜାଙ୍କର ନିକଟତମ ସମ୍ପର୍କ ଥିଲା ଚିନ୍ତାମଣି ଜ୍ୟେଷ୍ଠରାୟଙ୍କ ସହିତ । ଚିନ୍ତାମଣି-ଙ୍କର ପ୍ରପିତାମହ ମୁକ୍ତାଗଡ଼ର ତତ୍କାଳୀନ ରାଜାଙ୍କର ସହୋଦର ଭ୍ରାତା ଥିଲେ । ବର୍ତ୍ତମାନର ସମ୍ପର୍କ ଅବଶ୍ୟ ଅନେକ ତଫାତ୍ ହୋଇ ପଡ଼ିଥିଲା । ତଥାପି ମୁକ୍ତାଗଡ଼ ରାଜାଙ୍କୁ ନିଃସନ୍ତାନ ଦେଖି ଚିନ୍ତାମଣି ତାଙ୍କର ଆଜନ୍ମ ଶ୍ୱାସରୋଗକୁ ଉପେକ୍ଷା କରି ଆଶା

Digitized by PPRACHIN, SOA

ପୋଷିଥିଲେ, ଶୂନ୍ୟଗାଦି ତାଙ୍କର ପୁତ୍ରକୁହିଁ ପୂରଣ କରିବାକୁ ହେବ । ତାଙ୍କର ପ୍ରପିତାମହଙ୍କଠାରୁ ଆରମ୍ଭ କରି ହୁଏତ ପ୍ରତ୍ୟେକ ବଂଶଧର ଏହିପରି ଅଭିଳାଷ ରଖି ରାଜଗାଦି ଶୂନ୍ୟ ହେବାର ଶୁଭକାମନା କରି ଆସିଅଛନ୍ତି; କିନ୍ତୁ ରାଜଗାଦି ଶୂନ୍ୟହେବା ପୂର୍ବରୁ ସେମାନେ ସ୍ୱୟଂ ଜଗତରୁ ଅଦୃଶ୍ୟ ହୋଇଅଛନ୍ତି । ସେମାନଙ୍କର ଆଶା-ଘିଅରେ ତୈଳ ଢାଳିବା ପରି କୌଣସି ରାଜା ନିଃସନ୍ତାନ ହୋଇ ନାହାନ୍ତି ।

ପୂର୍ବପୁରୁଷର ପୁଞ୍ଜୀଭୂତ ଅଭିଳାଷ ଚିନ୍ତାମଣିଙ୍କ ଭାଗ୍ୟରେ ଫଳପ୍ରଦ ହେବାର ସୂଚନା ଦେଖି ତାଙ୍କର ଶ୍ୱାସ ପ୍ରଖରତର ଭାବରେ ବହିବାକୁ ଲାଗିଲା । ସେତିକି ନୁହେଁ, ଦୈବଜ୍ଞମାନେ କହିଛନ୍ତି— ନବମ ପୁରୁଷ ପରେ ମୁକ୍ତାଗଡ଼ର ସିଂହାସନ ଶୂନ୍ୟ ହେବ, ରାଜା ନିଃସନ୍ତାନ ହେବେ ଏବଂ କେହି-ଜଣେ ନିକଟତମ ସମ୍ପର୍କୀୟ ସିଂହାସନର ଅଧିକାରୀ ହେବେ । ଚିନ୍ତାମଣିଙ୍କ ବ୍ୟତୀତ ନିକଟତମ ସମ୍ପର୍କୀୟ ଆଉ କିଏ ଅଛି ? ତାଙ୍କର ଶ୍ୱାସ ଦ୍ରୁତତର ହୋଇ ବହିବାକୁ ଲାଗିଲା ।

ରାଜପ୍ରାସାଦକୁ ଚାହିଁ ଚିନ୍ତାମଣି ଶ୍ୱାସକଷ୍ଟରେ କାଶି କାଶି କଳ୍ପନା ପରେ କଳ୍ପନା ଗଢ଼ି ଚାଲିଥାନ୍ତି— ସେଇ ଉପର କୋଠରୀଟା ବୈଠକଖାନା, ତଳେ ଗୋଟାଏ ପାର୍ଶ୍ୱରେ ନାଚଖାନା, ଅନ୍ୟପାର୍ଶ୍ୱରେ ଦରବାର । ଭୃତ୍ୟ ପରିଜନଙ୍କର ବ୍ୟସ୍ତ ସମସ୍ତ ଭାବ— ଅମୁକ ସ୍ଥାନରୁ ଉପହାର ଆସିଛି, ଅମୁକ ପ୍ରଜା ଭେଟି ପଠାଇଛି, ଅମୁକ ଲୋକ ଅମୁକ ବିଷୟରେ ପ୍ରାର୍ଥୀ, ଇତ୍ୟାଦି ଇତ୍ୟାଦି ।

Digitized by PPRACHIN, SOA

ଦିନପରେ ଦିନ ଗଡ଼ି ଗଲା; କିନ୍ତୁ ଚନ୍ଦ୍ରକାନ୍ତଙ୍କୁ ମୃତ୍ୟୁଲାଭ କରିବା ଭଳି କଠିନ ରୋଗାକ୍ରାନ୍ତ ହେବାର ମଧ୍ୟ ଦେଖାଗଲା ନାହିଁ । ତଥାପି ଚିନ୍ତାମଣି ପ୍ରତ୍ୟହ ରାଜାଙ୍କର ସ୍ୱାସ୍ଥ୍ୟ ବିଷୟରେ ସମ୍ବାଦ ନେଉଥାନ୍ତି । ବୟସ ପଚିଶ ପାର ହୋଇଥିଲେ ହେଁ ଚନ୍ଦ୍ରକାନ୍ତ ହୃଷ୍ଟପୁଷ୍ଟ ସବଳ । ଚିନ୍ତାମଣିଙ୍କର ଆଶାକୁ ଅଧିକ ପ୍ରଜ୍ୱଳିତ କରିବାର କୌଣସି ଚିହ୍ନ ତାଙ୍କଠାରେ ଦେଖାଯାଉ ନାହିଁ ।

ପ୍ରପିତାମହଙ୍କ ସମୟରେ ରାଜଦତ୍ତ ଯେଉଁ ସମ୍ପତ୍ତି ମିଳିଥିଲା, ତାହା କ୍ରମେ ହ୍ରାସ ଲାଭ କରି ଚିନ୍ତାମଣିଙ୍କ ସମୟକୁ ସାମାନ୍ୟ ମାତ୍ର ଥିଲା । ତଥାପି କେବଳ ଗୋମାସ୍ତା କର୍ମଚାରୀମାନଙ୍କୁ କରାୟତ୍ତ କରି ସମ୍ପତ୍ତିର ଆୟବ୍ୟୟଟି ଠିକ୍ ରଖି ଚଳାଇ ପାରିଥିଲେ ସେ ଏବଂ ତାଙ୍କର ପୁତ୍ର ପୌତ୍ର ଆଦି ଆଡ଼ମ୍ବର ବିଳାସିତାରେ କାଳ-ଯାପନ କରି ପାରିଥାନ୍ତେ; କିନ୍ତୁ ରାଜପ୍ରାସାଦ ଉପରେ ଦୃଷ୍ଟି ରଖି ତାଙ୍କୁ ନିଜର ସମ୍ପତ୍ତି ଅତି ସାମାନ୍ୟ ମନେ ହୁଏ । ଦାଣ୍ଡ ବାରଣ୍ଡା ଓ ବାରି ଘର ଛାଡ଼ି ସେ ଅନ୍ୟ କାହିଁ ବାହାରି ପାରନ୍ତି ନାହିଁ । ଏହି ନଗଣ୍ୟ ସମ୍ପତ୍ତି ପାଇଁ ସମୟ ନଷ୍ଟ କରିବାଟାକୁ ସେ ବଡ଼ ଅସମ୍ମାନର ଚିହ୍ନ ବୋଲି ଜ୍ଞାନ କରନ୍ତି । ପୁତ୍ରକୁ ସମୟେ ସମୟେ ସମ୍ପତ୍ତି ବୁଝିବାକୁ ପରାମର୍ଶ ଦିଅନ୍ତି । ସେହି ତ ରାଜସିଂହାସନର ଅଧିକାରୀ ! ତାଙ୍କର ଆଉ କେତେ କାଳ ? କିନ୍ତୁ ପୁତ୍ର ମଧ୍ୟ ପଶା ଗଞ୍ଜପା ଓ ଆନୁଷଙ୍ଗିକ ଅନ୍ୟାନ୍ୟ ବ୍ୟସନ ପରିତ୍ୟାଗ କରି ସମ୍ପତ୍ତି ବୁଝିବାରେ ସମୟ ନଷ୍ଟ କରିବାକୁ ଉଚିତ ମନେକରେନାହିଁ ।

ଚିନ୍ତାମଣିଙ୍କର ସେଥିପାଇଁ ଚିନ୍ତା ନ ଥାଏ । ବୁଝିବ, ଅବଶ୍ୟ ବୁଝିବ, ରାଜଗାଦିରେ ବସିଲେ କିଏ ନ ବୁଝେ ? ପୁତ୍ରର ପ୍ରଶଂସା

Digitized by PPRACHIN, SOA

କରି କହନ୍ତି—ରାଜକଳା ଅଛି ନା, ମନଷ୍ଠା ତା'ର ଏସବୁ ଶ୍ରେଷ୍ଠ କଥାରେ ଲାଗିବ କପରି ? ପୁଅର ବ୍ୟୟ ବାହୁଲ୍ୟ ଦେଖି କହନ୍ତି, ସେଇଥିପାଇଁ ଉଚ୍ଚ ମନ ଯେଉଁ ସେ ଜନ୍ମ ହୋଇଛ ବୋଲି ତ ! ହଁ, ହଁ, ଏଇ ବନୁ ରାଜା ପରି ଖର୍ଚ୍ଚ କରି ଶିଖ । ଚନ୍ଦ୍ରାମଣିଙ୍କର ସାଲତମାମୀରେ ବର୍ଷକୁ ବର୍ଷ ବ୍ୟୟର ପରିମାଣ ଘର୍ଦ୍ଧିତର ହେବାକୁ ଲାଗିଲା—ଆୟର ଦିଗଟି ସେହି ଅନୁପାତରେ ସଙ୍କୁଚିତ ହୋଇ-ପଡ଼ିଲା । ବଡ଼ଲୋକ ଆଉ କାହାକୁ କହନ୍ତି କି ? ଯେ ବେଶି ଜମା କରେ ତାକୁ, ନା ଯେ ବେଶି ଖରଚ କରେ ? ନିଶ୍ଚୟ ଶେଷୋକ୍ତ ବ୍ୟକ୍ତିକୁ । ଚନ୍ଦ୍ରାମଣିଙ୍କର ବଡ଼ଲୋକୀର ଉତ୍ପାତରେ ବର୍ଷକୁ ବର୍ଷ ଖଜଣା ବାକି ପଡ଼ିଲା; କିନ୍ତୁ ଜମି ବନ୍ଧକ କରି ସେ ରାଜସ୍ୱ ଦେବେନାହିଁ । ବାକି ହେବା ଅଥବା ବନ୍ଧକ ହେବାର ହୀନତା ସେ ସ୍ୱୀକାର କରିବେ ! ଲାଟ ନିଲାମ ଯିବ, ସେ ତ କେଡ଼େ ଗୌରବର କଥା—ଅମୁକ ଜମିଦାରଙ୍କର ଲାଟ ନିଲାମ ହେଲା । ଆଉ ନାହିଁ ଚନ୍ଦ୍ରାମଣି ଶ୍ରେଷ୍ଠରାୟ ଜଣେ ସମାନ୍ୟ ଲୋକ ପରି ଖଜଣା ଦାଖଲ କରିବା ପାଇଁ ସମ୍ପତ୍ତି ବନ୍ଧକ କଲେ ! ଛି ! ଛି ! ସେତିକି ନୁହେଁ ସମ୍ପତ୍ତି ନିଲାମରେ ବିକ୍ରୟ ହେବା ସମୟରେ ଯେ କୁଅଡ଼େ ସମ୍ପତ୍ତି କରିଥିଲେ—ମୋର ଜମି ଯାଉ ପଛେ ଜମା ଥାଉ; ଅର୍ଥାତ୍ ସମ୍ପତ୍ତି ପଛକେ ନିଲାମରେ ଉଠୁ, ସେ ଯେଉଁ ରାଜସ୍ୱ ଦେଉଥିଲେ ଯେଇଟା ବଜାୟ ଥାଉ । ଏଣେ ନିସ୍ୱଃ ହେଲେହେଁ ରାଜାର ଜଣେ ପ୍ରଧାନ ପ୍ରଜା ହୋଇ ରାଜସ୍ୱ ଦେବାର ଗର୍ବଟା ତାଙ୍କର ଅକ୍ଷୁଣ୍ଣ ରହୁ !

ଯାହାହେଉ, ଚନ୍ଦ୍ରାମଣିଙ୍କର ସମ୍ପତ୍ତି ଅନ୍ୟ କେହି ବାହାରର ଲୋକ ନେବାର ଉପାୟ ନାହିଁ । ତାହା ମୁକ୍ତାଗଡ଼କୁ ପୁନଶ୍ଚ ସମୃଦ୍ଧ

Digitized by PPRACHIN, SOA

କରିଅଛନ୍ତି । ମୁକ୍ତାଗଡ଼ ରାଜାମାନଙ୍କର ବଂଶପରମ୍ପରା ପ୍ରଥା ଏହି ଯେ ଜ୍ୟେଷ୍ଠଭ୍ରାତା ରାଜ୍ୟର ଅଧିକାରୀ ହେବ ଏବଂ କନିଷ୍ଠ କେତେକ ଖଣ୍ଡ ଗ୍ରାମ ନେଇ ପୃଥକ୍ ଉଆସ କରି ଗଡ଼ ମଧ୍ୟରେ ରହିବ । ସମ୍ପତ୍ତି ପରିଚାଳନାରେ ସେ ସମର୍ଥ ହେଲେ ଅଥବା ନିଃସନ୍ତାନ ଭାବରେ ମୃତ ହେଲେ, ଏ ସମ୍ପତ୍ତି ପୁନଶ୍ଚ ମୁକ୍ତାଗଡ଼ରେ ଯୁକ୍ତ ହେବ । ଏହିରୂପେ ବହୁକାଳରୁ ମୁକ୍ତାଗଡ଼ ରାଜ୍ୟ ସଙ୍କୁଚନ ଓ ପ୍ରସାରଣ ଲାଭ କରି ଅକ୍ଷୁଣ୍ଣ ରହିଅଛି ।

ସମ୍ପତ୍ତି ଚାଲିଗଲେ ମଧ୍ୟ ଚନ୍ଦ୍ରାମଣିଙ୍କର ମେଜାଜକୁ କେହି ତ ସହ୍ୟ କରି ନାହିଁ ! କେହି ଲୋକ ଯଦି ତାଙ୍କର ନିର୍ବୁଦ୍ଧିତାକୁ ପରିହାସ କରି କହେ, 'ଶ୍ରେଷ୍ଠ ମଣିମା, ଆଗେ କଣ ମୁକ୍ତାଗଡ଼କୁ ସମ୍ପତ୍ତି ପଠାଇ ଦେଇ ପଛରେ ଆପଣ ଯିବେ ?' ଚନ୍ଦ୍ରାମଣି ତାକୁ ନିକଟକୁ ଡାକି ଆଣି ଧୀରେ ଧୀରେ କହନ୍ତି, 'ଆରେ ଆରେ, କି କଥା କହୁଚୁ ରେ ! ରାଜଗାଦି କଣ, ମୁଁ କଣ'; କିନ୍ତୁ ମନେ ମନେ ଏତେଦୂର ଆପ୍ୟାୟିତ ହୋଇ ପଡ଼ନ୍ତି ଯେ, ସେ ଲୋକଟିକୁ କିଛି ଫଳ ପୁଷ୍ପ ଉପହାର ଦେଇ ବିଦାୟ କରନ୍ତି । ଭୁନି ଭୁନି କରି ତାକୁ କହନ୍ତି, 'ଯା ଯା ବାପା, ଦାଣ୍ଡରେ ହାଟରେ ଏ ସବୁ କଥା ଏପରି ପ୍ରକଟ କରିବୁ ନାହିଁ, ବୁଝିଲୁ ?' ସେ ପାରିତୋଷିକ ଲାଭ କରି ଅଧିକ ଉତ୍ସାହରେ କହେ, 'କାହିଁକି ଆଜ୍ଞା, ଏ କଣ ଲୁଚି ଛପା କଥା ହୋଇଚି; ରାଜ୍ୟଯାକ କଣ ବା ଏ କଥା ନ ଜାଣେ ?' ଚନ୍ଦ୍ରାମଣିଙ୍କର ଶ୍ୱାସ ଦ୍ରୁତତର ହୋଇପଡ଼େ । ଏହିପରି କିଛିକାଳ ପରେ ଦିନେ ରାଜଗାଦି ଶୂନ୍ୟ ହେବା ପୂର୍ବରୁ ରାଜହର୍ମ୍ୟ ଉପରେ ଲୋଲୁପ ଦୃଷ୍ଟି ରଖି ଚନ୍ଦ୍ରାମଣିଙ୍କର ଅଙ୍ଗ ପ୍ରତ୍ୟଙ୍ଗ ଅଚଳହୋଇପଡ଼ିଲା, ତାଙ୍କର ନାଡ଼ିର ଗତି ସ୍ଥିର ହୋଇଗଲା ! ଗୋଟିଏ ମାତ୍ର

Digitized by PPRACHIN, SOA

ଶ୍ୱାସରେ ମୁକ୍ତାଗଡ଼ର ରାଜତ୍ୱ, ନାଚଖାନା, ଦରବାର, ପାଇକ, ବରକନ୍ଦାଜ ସମସ୍ତ କଳ୍ପନା ସମସ୍ତ ଅଭିଳାଷ ବାଷ୍ପବତ୍ ମିଳାଇ ଗଲା । କିଛିଦିନ ପରେ ସ୍ତ୍ରୀ ମଧ୍ୟ ସ୍ୱାମୀର ଅନୁଗାମିନୀ ହେଲେ । ଯୁବରାଜ ପାଇଁ ଉତ୍ସୃଷ୍ଟ ଏକମାତ୍ର ପୁତ୍ର ଅତ୍ୟଧିକ ମଦ୍ୟପ ହୋଇ ପ୍ରାଣ ହରାଇଲେ । ଶ୍ରେଷ୍ଠରାୟ ବଂଶରୁ ରାଜଗାଦି ଲାଭ କରିବାର ଆକାଂକ୍ଷା ସମ୍ପୂର୍ଣ୍ଣରୂପେ ଲୁପ୍ତ ହୋଇଗଲା ।

ଶ୍ରେଷ୍ଠରାୟ ଘର ଆଜି ମୃତ୍ୟୁର ନିବିଡ଼ ନୀରବତା ବହନ କରି ସ୍ତୂପୀକୃତ ଭଗ୍ନାବଶେଷରେ ପରିଣତ । ଚତୁଃପାର୍ଶ୍ୱରେ କେବଳ ଭଗ୍ନ ଗୃହ, ଭଗ୍ନ ପ୍ରାଚୀର, ସ୍ତୂପୀକୃତ ବିକ୍ଷିପ୍ତ ଅସଂଖ୍ୟ ଭଗ୍ନ ଇଷ୍ଟକ । ସମଗ୍ର ଦୃଶ୍ୟଟା କେବଳ ଭଗ୍ନ, ବିଦୀର୍ଣ୍ଣ, ବିକଳ ! କେଉଁଠାରେ ଖଣ୍ଡେ ଖଣ୍ଡେ କାଷ୍ଠଦଣ୍ଡ ଭଗ୍ନ କଡ଼ି ବର୍ଗା କେଉଁ ଗୃହର ପ୍ରାଚୀର ପତନୋନ୍ମୁଖ ଏବଂ ଗୃହ ମଧ୍ୟରେ ଅସଂଖ୍ୟ ଚମଚଟା ଅବିରାମ ଝମ ଝମ ଶବ୍ଦକରି ଏହି ଶ୍ମଶାନପୁରୀକୁ ଖିଷଣତର କରୁଛନ୍ତି । ପ୍ରାଚୀର ଭେଦକରି କେଉଁଠାରେ ଶିଶୁ ବଟ କିମ୍ବା ଅଶ୍ୱତ୍ଥ ଗଛଟାଏ ଏହି ଭଗ୍ନସ୍ତୂପକୁ ଅଧିକତର ସତ୍ୟ ବୋଲି ଅଙ୍ଗୁଳି ନିର୍ଦ୍ଦେଶରେ ପ୍ରମାଣିତ କରୁଅଛି । ମନୁଷ୍ୟର ଆବାସକୁ ପକ୍ଷୀ, ସରୀସୃପ ଆକ୍ରମଣ କରି ନିଜର ଅନୁପମ ଅଧିକାର ଘୋଷଣା କରୁଛନ୍ତି ।

ତଥାପି ଏହି ପ୍ରେତପୁରୀରେ ମଧ୍ୟ ମନୁଷ୍ୟ-ବାସଯୋଗ୍ୟ ଗୋଟିଏ କ୍ଷୁଦ୍ର କୁଟୀର ଦେଖାଯାଏ । ଶ୍ରେଷ୍ଠରାୟ ପରିବାର-ଜୀବନର ଗୋଟିଏ ସୂକ୍ଷ୍ମ ଅବଶେଷ, ଗୋଟିଏ ସୁଦୂର କ୍ଷୀଣ ସ୍ମୃତି ସ୍ୱରୂପ ଗୌରୀ ଏହି କୁଟୀରର ଅଧିକାରିଣୀ । ଯେତେବେଳେ ଶ୍ରେଷ୍ଠ-

Digitized by PPRACHIN, SOA

ରାଯ୍ଯ ଗୃହ ଶୂନ୍ୟ ହୋଇଗଲା ଏବଂ ସମସ୍ତ ସମ୍ପତ୍ତି ରାଜ୍ୟ ସହିତ ଯୁକ୍ତ ହେଲା, ସେତେବେଳେ ରାଜା ଚନ୍ଦ୍ରକାନ୍ତ ଗୌରୀକୁ ଉଆସକୁ ନେବାପାଇଁ ପ୍ରବର୍ତ୍ତାଇଲେ; କାରଣ ବହୁ ପୂର୍ବରୁ ଗୌରୀ ରାଜ-ନବରରେ ଫୁଲବାଈ ଥିଲା । କୌଣସି କାରଣରୁ ସେ ଶେଷାବସ୍ଥାରେ ଗ୍ରେଷ୍ଟରାଯ୍ଯ ପରିବାରରେ ଆଶ୍ରୟ ନେଇଥିଲା । ଶୁଣାଯାଏ ଏକ ଦରିଦ୍ର ବୈଶ୍ୟଗୃହରେ ତାର ଜନ୍ମ । ପ୍ରଥାନୁସାରେ ଅତି ଶୈଶବରୁ ରାଜକର୍ମଚାରୀମାନେ ତା'ର ରୂପ ଦେଖି ନବର ମଧ୍ୟକୁ ଘେନ ଆସିଲେ । ତା'ର ସୌନ୍ଦର୍ଯ୍ୟର ତର୍ପଣ ହେଲା ରାଜାଙ୍କର ସେବାକାରିଣୀ ହୋଇ । ଆଜ ସେ ରାଜା ନାହାନ୍ତି, ରାଜକର୍ମଚାରୀ ନାହାନ୍ତି । ଗୌରୀ ଅଙ୍ଗୁଳି ଅଗ୍ରରେ ରାଜାଙ୍କର ଦୁଇଟି ପୁରୁଷର ଇତିହାସ କହି ଚାଲିଯାଏ; କିନ୍ତୁ ନିଜର ପିତୃପୁରୁଷ ବିଷୟରେ ଅନ୍ୟମାନେ ଯେପରି ଅନଭିଜ୍ଞ, ସେ ନିଜେ ମଧ୍ୟ ସେହିପରି ।

ରାଜା ଚନ୍ଦ୍ରକାନ୍ତଙ୍କ ଆହ୍ୱାନକୁ ଗୌରୀ ପ୍ରତ୍ୟାଖ୍ୟାନ କଲା । ବନ୍ଧ୍ୟା ସେ, ନିଃସଙ୍ଗ ତା'ର ଜୀବନ । ରାଜନବରରେ ଆଦର ଲାଭ କରିବାର ଐଶ୍ୱର୍ଯ୍ୟ ତା'ର ସରିଅଛି । ମସ୍ତକର କେଶ କାଶ-ପୁଷ୍ପ ପରି ଶୁକ୍ଳ, ଭ୍ରୂଲତା ଶୁକ୍ଳ, ଦଶନହୀନ ମୁଖରେ ରକ୍ତ-ହୀନ ଅଧର—ସମସ୍ତ ଅଙ୍ଗ ଶୁଷ୍କ ଚର୍ମାବୃତ—କିଏ ଯେପରି ସମସ୍ତ ସୌନ୍ଦର୍ଯ୍ୟ, ସମସ୍ତ ରସ ନିଗାଡିନେଇ କେବଳ ଷ୍ଟୋକ ମାତ୍ର ଅବଶେଷ ରଖିଅଛି ।

ଦିବା ଦ୍ୱିପ୍ରହର ମଧ୍ୟରେ ଯେଉଁ ସ୍ଥାନକୁ ଯିବାକୁ ସାହସୀ ପୁରୁଷର ମଧ୍ୟ ଶଙ୍କା ଜାତହୁଏ, ଗୌରୀ ସେଠାରେ ଦିବା ନିଶୀ, ଶୀତ ବର୍ଷା ନିର୍ବିକାର ଚିତ୍ତରେ ଅତିବାହିତ କରିଦିଏ । ଶକ୍ତ

Digitized by PPRACHIN, SOA

ଏକାକୀ ଜୀବନରେ ନବ କଳ୍ପନାର ସୌଧ ନିର୍ମାଣ କରେ । ତାହାର ମଧ୍ୟ ଅତୀତ ଅଛି, ବର୍ତ୍ତମାନ ଅଛି, ଭବିଷ୍ୟତ୍ ଅଛି । ବହୁ କାଳର କଥା ମନେ ପଡ଼େ—ତାର ଲାବଣ୍ୟ ଓ ଚମ୍ପକ ଗୌର କାନ୍ତି ଦେଖି କେତେ କେତେ କହିଥିଲେ ସେ ରାଜରାଣୀ ହେବ, ରାଜମାତା ହେବ । ରାଜରାଣୀର ସୌଭାଗ୍ୟ ସେ କେତେକାଂଶରେ ଭୋଗ କରିଛି; କିନ୍ତୁ ରାଜମାତା ! ହାୟ, ସେ କେଣ କଳ୍ପନାର ବସ୍ତୁ ! ତା'ର ଯୌବନ ଏକ ସାନ୍ଧ୍ୟ କୁସୁମ ପରି ଗୋଟିଏ ମଧୁମୟ ରଜନୀରେ ଯେପରି ନିଃଶେଷ ହୋଇଯାଇଛି ।

Digitized by PPRACHIN, SOA

ତୃତୀୟ ପରିଚ୍ଛେଦ

ଗୌରୀ ମୃତ୍ୟୁପଥର ଦ୍ୱାରଦେଶରେ ଉଭା ହୋଇ କଳ୍ପନାର ଜାଲ ବୁଣୁଚି, ଆଶାର ସ୍ୱପ୍ନରେ ମୁଗ୍ଧ ହୋଇ ରହୁଚି । ସେ ମୃତ୍ୟୁର ଚିନ୍ତା କରେ ନାହିଁ, ଜୀବନର ଭାବନାରେ ତାକୁ ଅବସର କାହିଁ ? ଜୀବନ ! ସେ କେତେ ବିଚିତ୍ର ରୂପ କେତେ ଅଭିନବ ବେଶ ଧେନ ଗୌରୀସମକ୍ଷରେ ଉଭା ହୋଇଛି । ବସନ୍ତର ଫୁଲ ପରି ଦିନେ ସେ କେବଳ ଚିନ୍ତାହୀନ, ଉଦ୍ଦେଶ୍ୟହୀନ ହାସ୍ୟରେ ଖେଳି ଖେଳି ପଶ୍ଚାତ୍‌ରେ ସମ୍ମୁଖରେ ଶତଦୃଷ୍ଟି ଆକ-ର୍ଷଣ କରି ଭାସି ଚାଲିଥିଲା । କେଉଁ ପଥରେ କି ଉଦ୍ଦେଶ୍ୟରେ ସେ ନିଜେ କେବେ ଭାବି ନାହିଁ । ଆଜି ତା'ର କର୍ମହୀନ ଜୀବନରେ, ବିଗତ ଯୌବନର ଚିକ୍କଣତା ମଧ୍ୟରେ ସେହି କଥା କେବେ କେବେ ମନେ ପଡ଼େ ।

ଦୈନ୍ୟ ସଙ୍ଗେ ଅସୀମ ଦୁଃଖ ତାକୁ ଅତ୍ୟନ୍ତ ପ୍ରଗଲ୍‌ଭା କରି ଦେଇଥିଲା । ତା'ର ଏକାକୀ ନୌକାର ସହଯାତ୍ରୀ ନାହିଁ, କର୍ଣ୍ଣଧାର ନାହିଁ; ତଥାପି ସେ ଜଗତରେ ବନ୍ଧୁହୀନା ନୁହେ । ତା' ଜୀବନର କାହାଣୀ, କଳ୍ପନାର ଭାଷା ଶୁଣିବା ପାଇଁ ପଡ଼ୋଶୀ ଯୁବତୀ ବାଳିକାମାନେ ଅବସର ସମୟରେ ଗୌରୀ-ଦ୍ୱାରରେ ରୁଣ୍ଡ ହୁଅନ୍ତି ।

Digitized by PPRACHIN, SOA

ଗ୍ରାମ୍ୟ ବାଳକା ରାଧା,ସେବତୀ,ମାଳତୀ, ଗୌରୀର ଗଳ୍ପ ମୁଗଧ ହୋଇ ଶୁଣନ୍ତି । ତା'ର ସ୍ନାନଘାଟ, ଆହାରର ପରିପାଟୀ, ଶୟନ-କକ୍ଷର ସୌନ୍ଦର୍ଯ୍ୟ—ଏହି ଭଗ୍ନଇଷ୍ଟକ ସ୍ତୂପ ମଧ୍ୟରେ କେଉଁଠାରେ ପ୍ରମୋଦ ଉଦ୍ୟାନ, କେଉଁଠି ସଙ୍ଗୀତଶାଳା ଗୋଟି ଗୋଟି କରି ଗୌରୀ ଯେତେବେଳେ ଦେଖାଇଦିଏ, ସେବତୀ ରାଧାଙ୍କର ମନେ ହୁଏ ଏହି ଜଡ଼ ଜୀର୍ଣ୍ଣ କଡ଼ବର୍ଗା, ଆଉ ଏହି ମୂକ ଇଷ୍ଟକ ଯେପରି ହଠାତ୍ ଉଜ୍ଜୀବିତ ମୁଖର ହୋଇ ଉଠିଛି । ଏ ଯେପରି ସେହିମାନଙ୍କର ପ୍ରାଣର କଥା ।

ମଧ୍ୟେ ମଧ୍ୟେ ବୃଦ୍ଧା ସହିତ ଯୁବତୀମାନଙ୍କର ପରିହାସର କ୍ରୀଡ଼ା ମଧ୍ୟ ଚୂଡ଼ାନ୍ତ ହୋଇଉଠେ । ଗୌରୀର ପ୍ରଗଳ୍‌ଭତା ପାଇଁ ଏହା ଯଥେଷ୍ଟ ସାହାଯ୍ୟ କରେ । ରାଧା କୌତୁକ କରି କହେ, ଏବେ ମଧ୍ୟ ଗୌରୀର ରୂପ ଅଛି; ପୁଣି ରାଜା ଚନ୍ଦ୍ରକାନ୍ତ ତା' ପ୍ରତି ଆକୃଷ୍ଟ ଅଛନ୍ତି । ରାଜା ଚନ୍ଦ୍ରକାନ୍ତଙ୍କର ନାମ ଶୁଣି ଗୌରୀ ସସମ୍ଭ୍ରମରେ ରାଧାକୁ ବାରଣ କରେ; କାରଣ ଚନ୍ଦ୍ରକାନ୍ତଙ୍କ ବିରୁଦ୍ଧରେ ଏରୂପ ପରିହାସ କରିବାକୁ ମଧ୍ୟ ଗୌରୀ ଅପରାଧ ଜ୍ଞାନ କରେ; କିନ୍ତୁ ରାଧା ସେତିକରେ ହଟିଯିବାର ପାତ୍ର ନୁହେଁ । ସେ ଜିଦ୍ଧରି ପଚାରେ, 'ନାହିଁ, ସତେ ଅପା—ମୋ ରାଣ—ମଣିମା କୁଆଡ଼େ ତତେ କେଡ଼େ ଦେଖି ପାରନ୍ତି, ଶରଧା କରନ୍ତି ।'

ରାଧାର ନିଜ କୋଳରେ ଥିବା ଶିଶୁଟିର ଚିବୁକ ଓଟାରିଦେଇ ଗୌରୀ କହେ, 'କେଡ଼େ ଦେଖି ପାରନ୍ତି ? ସତେ ? ତୋର ଆଗରେ କହୁଥିଲେ ? କେଡ଼େ ଗ୍ରେପ୍‌ପରି ତୁ ଲୋ ?—ତ ଭୁରି ରାଧୀ ଘଇତାକୁ ଡାକେ ଦାଆନ୍ତ ଦାଦା ।' ସେବତୀ କହେ, 'ସତେ ଲୋ ରାଧା ?—ଦାନ୍ତ ଦାନ୍ତ ବୋଲି ଡାକୁ ?' ରାଧା ସେବତୀ ଦୁଇ-

Digitized by PPRACHIN, SOA

ଜଣ ହସି ହସି ଯାଉଥାନ୍ତି । ରାଧାର ଏକ ବର୍ଷର ଶିଶୁ-ସନ୍ତାନଟି କିଛି ବୁଝି ନ ପାରି କାନ୍ଦି ଉଠେ ।

ସନ୍ଧ୍ୟା ଆଗତ ପ୍ରାୟ । ବସନ୍ତ ପଞ୍ଚମୀ । ଗୌରୀ ତିରସ୍କାର-ସ୍ୱରରେ କହିଲା, "ପିଲାଟିକୁ କେଡ଼େ ଉଜୁଡ଼ା କରିଚୁ ଲୋ ରାଧା ! ଏମିତି ଭଲ ପିଲାଙ୍କୁ ପାଳନ୍ତି ! ପିଲାଟି କେଡ଼େ ଲେସମା ହୋଇଚି ଲୋ—ମୁହଁରେ ଟିକିଏ ହସ ନାହିଁ । ମୋ ଲଣ୍ଡା ଯଉଁ ଖୁଜୁ ବୁଜଆ ହେଇଛି—" । ସେବକ୍ଷି କହିଲା, 'କାହିଁ ମାଉସି, ଲଣ୍ଡାକୁ ତ ଟିକିଏ ଆଣିଲ ନାହିଁ—ଏତେ କହି କହି ।'

'ସତେ କଲେ, ଏଇ ବଣ ଜଙ୍ଗଲ, ଏଇ ଭୁତ ଘରକୁ ତାକୁ ଆଣିବି ! କାହିଁ କି—ସେଠି ତ ତା'ର ମାମୁଁ ମାଇଁ - ଭାଇ ଭଉଣୀ—ଭରଟା ଗାଈ ଦୁହାଁଳ—ଏଠାରେ କଣ ଇଟା ପଥର ଚୈବେଇବ !'

ରାଧା ସେବକ୍ଷି ବୃଦ୍ଧା-ଜୀବନର ଏ ରହସ୍ୟ ଉଦ୍‌ଘାଟନ କରି ପାରନ୍ତି ନାହିଁ । ଗୌରୀ କେତେଥର ରାଧାକୁ ଡାକି ଆଣି ବ୍ରହ୍ମାଳୀରୁ ଦୁଆତ କଲମ ମାଗି ଚିଠି ଲେଖାଏ । ତା'ର ଭାଇ ଭଉଜ, ତା'ର ଲଣ୍ଡା ଓ ଅନ୍ୟ ପିଲାମାନଙ୍କର ଖବର ପଚାରେ; କିନ୍ତୁ ସେ ଚିଠି କେଉଁ ଠିକଣାକୁ ପଠାଏ, ଉତ୍ତର ପାଏ କି ନାହିଁ, ରାଧା ସେ ସମ୍ବନ୍ଧରେ ସାକ୍ଷ୍ୟ ଦେବାକୁ ଅକ୍ଷମ । ଡାକବାଲା ଆସିଲେ ତା'ର ଚିଠି ଆସିଅଛି କି ନାହିଁ, ଗୌରୀ ସବୁଥର ଉତ୍ସୁକ ହୋଇ ପଚାରେ । ଡାକବାଲାଟି ସବୁଥର କିଛି ନ କହି ମୁରୁକିହସା ଦେଇ ଚାଲିଯାଏ ।

ବାସନ୍ତୀ ସନ୍ଧ୍ୟାର ଶେଷ କରୁଣ ରଶ୍ମି; ଗୌରୀର କୁଟୀର ସମ୍ମୁଖ ଭଗ୍ନ ଇଷ୍ଟକସ୍ତୂପ ଉପରୁ ଧୀରେ ଧୀରେ ଅପସାରିତ

Digitized by PPRACHIN, SOA

ହୋଇଗଲା । ଗ୍ରାଧା ସେବଣ୍ଡି ଯେଝା କାମରେ ଘରକୁ ବାହୁଡ଼ି-ଗଲେ । ଗୃହଶାଳୀର ଗ୍ରୃହଗୁଡ଼ିକ ବସନ୍ତପଞ୍ଚମୀର ଭୋଗ ଆଉ ଚଡ଼ ନଡ଼ିଆ ଧରି ଗୀତ ଗାଇ ଗୃହଶାଳୀ ଅଭିମୁଖରେ ଯାତ୍ରା କରୁଛନ୍ତି ।

'ବାରମାସ ମଧ୍ୟେ ଅଷ୍ଟଇସାର, ମାଘ ପଞ୍ଚମୀକୁ ହେଲେ ବାହାର'—

ବାରମାସ ତିନିଶ ପଞ୍ଚଷଠି ଦିନ ! ଏକା ଗତି ଏକା ଧାରା । ସେଥି ମଧ୍ୟରେ ସାର କିଏ ଅସାର କିଏ ? ଗୌରୀ ପକ୍ଷରେ ଯେ ସବୁ ସମାନ ! ମାଘ ପଞ୍ଚମୀ, ପୁଷ ପଞ୍ଚମୀ—ତା' ନିକଟରେ କାହାରି କିଛି ପ୍ରଭେଦ ନାହିଁ । ଉଦାସ ନିରଳସ ଦିନଗୁଡ଼ିକ ଏକ ଗତିରେ ବହିଯାଏ । କାହାରି ବିଶେଷତ୍ୱ ସେ ବୁଝେ ନାହିଁ । ପ୍ରତ୍ୟହ ପ୍ରତ୍ୟୁଷରୁ ଉଠି ସ୍ନାନ ସମାପନ କରି ସେ ନିର୍ମାଲ୍ୟ ସେବା କରେ । ରାଜନଦରରୁ ଯେଉଁ ଆହାରସାମଗ୍ରୀ ମିଳେ, ତାହା ଗୌରୀର ନିଜବ୍ୟୟ ଆଉ ଦିନ ଦରିଦ୍ରଙ୍କୁ ଦାନ କରିବା ପକ୍ଷରେ ମଧ୍ୟ ଯଥେଷ୍ଟ । ଉପାସ ତ ପର୍ବ ପ୍ରାୟ ପ୍ରତିଦିନ ଲାଗି ରହିଥାଏ । ଗୁରୁବାର, ରବିବାର, ସୋମବାର, ଅନନ୍ତବ୍ରତ, ସୁଦଶାବ୍ରତ କୌଣସିଟି ବାଦ ଯାଏ ନାହିଁ । ସମସ୍ତ ଦିନ ଏହି ବ୍ରତ ଉପବାସରେ ସେ ଲିପ୍ତ ଥାଏ । ସନ୍ଧ୍ୟାରେ ପୁଣି ସ୍ନାନ, ଦେବୀ ଦର୍ଶନ ଇତ୍ୟାଦି ।

ଚନ୍ଦ୍ରକାନ୍ତଙ୍କର ସାଧନା-ଉଦ୍ୟାନ ମଝିରେ ସ୍ୱଚ୍ଛ ପୁଷ୍କରିଣୀଟି ଆମ୍ର, ପୁନ୍ନାଗ, ମାଳତୀ, ସେବତୀ, ଗଙ୍ଗଶିଉଳି ନାନା-ଜାତି ବୃକ୍ଷରେ ପୂର୍ଣ୍ଣ । ଦୂରରେ ବୃକ୍ଷାନ୍ତରାଳରୁ ଚନ୍ଦ୍ରକାନ୍ତଙ୍କର କ୍ଷୁଦ୍ର ନିରାଡ଼ମ୍ବର ସାଧନା-ମନ୍ଦିରଟି ଦେଖାଯାଏ । ଉଦ୍ୟାନର

Digitized by PPRACHIN, SOA

ଏକ ପ୍ରାନ୍ତରେ ବ୍ରାହ୍ମଣ ପଲ୍ଲୀ, ଅନ୍ୟ ପ୍ରାନ୍ତରେ ରାଜପଥ । ପୁଷ୍କରିଣୀର ରକ୍ତପଦ୍ମ ବନ ମଧ୍ୟରେ, ଶ୍ୱେତ ରାଜହଂସ ଗ୍ରୀବା ଉନ୍ନତ କରି କ୍ରୀଡ଼ା କରେ । ଉଦ୍ୟାନ ଭିତରେ ପୋଷ୍ୟ ମୃଗ ମୟୂର ଆଦି ସ୍ୱଚ୍ଛନ୍ଦରେ ବିଚରଣ କରନ୍ତି । ଗୌତମ ଏବଂ ରାଜ-ଅନ୍ତଃପୁରିକାମାନଙ୍କ ଛଡ଼ା ଏ ଉଦ୍ୟାନରେ ଅନ୍ୟ କାହାରି ପ୍ରବେଶ ନିଷିଦ୍ଧ ।

ବସନ୍ତ ପଞ୍ଚମୀର ମୁଗ୍ଧ କରୁଣ ଜ୍ୟୋତ୍ସ୍ନା । ପୁଷ୍କରିଣୀର ସ୍ୱଚ୍ଛ ଜଳରେ ସ୍ୱପ୍ନଲୋକ ରଚନା କରିଥିଲା । ତଡ଼ାଗ ତଟକୁ ଧୀରେ ଧୀରେ ଅବତରଣ କଲେ ଗୌତମ । ଅଦୂରେ ଜଳତଟରେ ଗୋଟିଏ ତରୁଣ ଅଶ୍ୱତ୍ଥ ବୃକ୍ଷ ଯେପରି ସମସ୍ତ ଅଙ୍ଗ ଦେଇ ଏହି ପେଲବ ଜ୍ୟୋତ୍ସ୍ନାକୁ ପାନ କରୁଥିଲା । ସେଠିଠାରୁ ଉଦ୍ୟାନଟି, ନିବିଡ଼ତର ବହୁଦୂର ବିସ୍ତୀର୍ଣ୍ଣ । ବସନ୍ତର ନବୀନ ହିଲ୍ଲୋଳ ଉଦ୍ୟାନମୟ ମୃଦୁ ଗୁଞ୍ଜନ ଜାଗ୍ରତ କରି, ତରୁଣ ଅଶ୍ୱତ୍ଥର ଜୀର୍ଣ୍ଣପତ୍ର ଝାଳନ କରି ପୁଷ୍କରିଣୀର ପ୍ରିୟତମ ବନ୍ଧୁ ପରି ପଦ୍ମବନରେ ଖେଳି ଖେଳି ଯାଉଛି । ବିହଙ୍ଗମଶ୍ରେଣୀ ବନ ମଧ୍ୟରେ ନିଜ ଆଶ୍ରୟ ଖୋଜି ନୀଡ଼ସ୍ଥିତ ଶିଶୁ ସହିତ ମିଳନର କାକଳିରେ ବ୍ୟାପୃତ । କେବଳ ସେହି ତରୁଣ ଅଶ୍ୱତ୍ଥର ନିମ୍ନତମ ଶାଖା ଉପରେ ଗୋଟିଏ ଏକାକୀ କାକ, ଭୂତଳକୁ ଚାହିଁ ମଧ୍ୟେ ମଧ୍ୟେ 'କା' 'କା' ଶବ୍ଦ କରୁଛି । ସନ୍ଧ୍ୟାଗମରେ ତା'ର ନୀଡ଼କୁ ଫେରିବାର ବ୍ୟଗ୍ରତା ନାହିଁ ।

ଗୌତମ ଅଙ୍ଗଧୌତ କରି ତଡ଼ାଗତଟରେ ବାସ ପରିବର୍ତ୍ତନ କରୁଛନ୍ତି । ନବ ତରୁଣୀର ନୟନର-କାରୁଣ୍ୟ ସମ ପଞ୍ଚମୀ ଶଶୀର କମନୀୟ ଦୃଷ୍ଟି ଅଶ୍ୱତ୍ଥ ଶାଖା ଭେଦ କରି ଗୌତମର ଲୋହିତ ଚକ୍ଷୁ ଓ ଶୁଭ୍ର ଭ୍ରୂଲତାକୁ ଚୁମ୍ବନ କଲା । ସେ ବାସ ପରିବର୍ତ୍ତନ କରି

Digitized by PPRACHIN, SOA

ଗମନୋଦ୍ୟତା ହେଲା; କିନ୍ତୁ ଅଶ୍ୱତ୍ଥ ମୂଳରୁ କାକର କର୍କଶ ଶବ୍ଦ ଅନ୍ତରାଳରେ ଏ କ ସ୍ୱର ! ଚମକି ପଡ଼ି ସେ ଆଉଥରେ କାନ ଡେରି ଶୁଣିଲା । ଉଦ୍‌ଗ୍ରୀବ ହୋଇ ସେହି ଦିଗକୁ ଚାହିଁଲା । ବନ ମଧ୍ୟରେ ବସନ୍ତ ଆଗମନୀର ମର୍ମର ଧ୍ୱନି, ତଡ଼ାଗ ବକ୍ଷରେ କ୍ଷୁଦ୍ର ବୀଚିର କ୍ରୀଡ଼ାହାସ୍ୟ; କିନ୍ତୁ ଅଶ୍ୱତ୍ଥ ମୂଳରୁ କାକର କର୍କଶ ଶବ୍ଦ ମଧ୍ୟରେ ଏ କ ସ୍ୱର !!

ଗୌରୀ ଧୀରେ ଧୀରେ ବୃକ୍ଷ ମୂଳକୁ ଅଗ୍ରସର ହେଲା । ମୁହୂର୍ତ୍ତିକ ପାଇଁ ତା'ର ବକ୍ଷର ସ୍ପନ୍ଦନ ସ୍ଥିର ହୋଇଗଲା । ପଦ ଆଉ ଚଳିଲା ନାହିଁ । ବୃକ୍ଷମୂଳରେ ଗୋଟିଏ ସଦ୍ୟଜାତ ସଜୀବ ମାନବ ଶିଶୁ ! ପ୍ରସ୍ଫୁଟିତ କୋକନଦ ସମ ସ୍ନିଗ୍ଧ ସୁକୁମାର ତା'ର ଅବୟବ । ଧୀରେ ଧୀରେ ତାହା ସଞ୍ଚାଳିତ ହେଉଅଛି ଏବଂ ଧରଣୀର ମିଥ୍ୟ ରେ ଅକଳୁଷ କ୍ଷୁଦ୍ର ବଦନରୁ କ୍ଷୀଣ କ୍ରନ୍ଦନ ବାହାରୁଛି — କାଁ —କାଁ ।

ଗୌରୀ ଚତୁର୍ଦ୍ଦିଗକୁ ଦୃଷ୍ଟି ନିକ୍ଷେପ କଲା—ନିର୍ଜ୍ଜନ, ନିସ୍ତବ୍ଧ ଶିଶୁଟିର ଶଯ୍ୟା ଗୋଟିଏ ପଦ୍ମପତ୍ର ଉପରେ ରଚିତ । ଗୌରୀର ସକଳ ଅଙ୍ଗରେ ବେପଥୁ ଜାତ ହୋଇଛି ।

ଆଉଥରେ ସେ ଚତୁର୍ଦ୍ଦିଗକୁ ଚାହିଁଲା । ଏହି ଲବ୍ଧ ଧନ ଯେପରି ଅତି ଗୋପନୀୟ ବସ୍ତୁ । ବିଶ୍ୱ ସମକ୍ଷରେ ତା'ର ପ୍ରକାଶ ସେ ଚାହେଁ ନାହିଁ ।

ଗୌରୀ ନିଜ ଶୁଷ୍କ ଅଞ୍ଚଳ ଅଗ୍ରରେ ଶିଶୁଟିକୁ ଟୋକି ଧରିଲା । ବକ୍ଷରେ ରଖି ତାକୁ ସମ୍ପୂର୍ଣ୍ଣରୂପେ ଆବୃତ କଲା । ଅଶ୍ୱତ୍ଥ ବୃକ୍ଷ ଉପରୁ କାକଟି ଆପଣା କର୍ତ୍ତବ୍ୟ ଶେଷ ହୋଇଅଛି ମନେ-କରି ଅବା 'କା' 'କା' ଡାକି ନୀଡ ଅଭିମୁଖରେ ଯାତ୍ରା କଲା । ପଞ୍ଚମୀ

Digitized by PPRACHIN, SOA

ଜ୍ୟୋସ୍ନାର ସ୍ପର୍ଶରେ ଆକାଶ-ଧରଣୀ ପୃଷ୍ଠରେ ଗୋଟାଏ ଅପୂର୍ବ ଉତ୍ସବର ଶୁଚିତା ଫୁଟି ଉଠୁଥିଲି । ସେହି କ୍ଷୀଣ ଜ୍ୟୋତ୍ସ୍ନାଲୋକରେ କାହାର ଶୁଭ୍ର ଅଞ୍ଚଳ ଈଷତ୍ ଦେଖାଦେଇ ଘନଗୁଳ୍ମ ମଧ୍ୟରେ ମିଶିଗଲା, କାହାର ଗୁରୁ ନିଶ୍ୱାସ ଉଦ୍ୟାନମୟ ବ୍ୟଥିତ କରିଦେଲା । ଗୌରୀ ମୁହୂର୍ତ୍ତକ ପାଇଁ ଚମକି ପଡ଼ିଲା । ଦୃଷ୍ଟି ତା'ର ଉଜ୍ଜ୍ୱଳ ହୋଇ ଉଠିଲା । ଆଉ କିଛି ଦେଖାଗଲା ନାହିଁ, ଶୁଣାଗଲା ନାହିଁ ; ନବଜାତ ଶିଶୁଟି କୋଳର ଉଷ୍ମତା ଲାଭ କରି ନୀରବ ହେଲା ।

Digitized by PPRACHIN, SOA

ଚତୁର୍ଥ ପରିଚ୍ଛେଦ

ଏହି ନୂଆ ପିଲଟିକି ପାଇବା ସମ୍ବାଦ ଗୌରୀ ସମ୍ପୂର୍ଣ୍ଣ ଦୁଇଟି ଦିନ ଗୋପନରେ ରଖିଦେଲା । ନିକଟରେ ସଦ୍ୟ ସନ୍ତାନହୀନା କୃଷକ କନ୍ୟା ସୁନାକୁ ଡାକି ଶିଶୁଟିକୁ ଲାଳନ କରାଇଲା, ଆଉ ଏ କଥା ଅପ୍ରକାଶ ରଖିବାକୁ ତାକୁ ଯଥେଷ୍ଟ ଉପଢୌକନ ଦେଲା । ସୁନା ଅବଶ୍ୟ ବିଶ୍ୱାସଘାତକତା କଲା ନାହିଁ; କିନ୍ତୁ ଶିଶୁଟି ନିଜେ ନିଜର ପରିଚୟ ଦେଲା । ତାହାର କ୍ରନ୍ଦନ ରୋଳ ଚତୁର୍ଦ୍ଦିଗ ମଥିତ କରି ତୋଳିଲା । ବୁଦ୍ଧିର ସକଳ ଚେଷ୍ଟା ବ୍ୟର୍ଥ-ହେଲା । ଅବଶେଷରେ ଦିନେ ରାଜା ଚନ୍ଦ୍ରକାନ୍ତ ଶୁଣିଲେ; 'ମଣିମା' ଗୌରୀ ଫୁଲବାଈ କୁଆଡ଼ୁ ଗୋଟିଏ କଅଁଳା ପିଲା ପାଇ ପାଳୁଛନ୍ତି, ଦାରୋଗା ସେଥିପାଇଁ ତଦାରଖ କରିବାକୁ ଆସିଛନ୍ତି ।'

ଚନ୍ଦ୍ରକାନ୍ତ ଏଥିରେ ଅନେକମାନ ବିସ୍ମିତ କିମ୍ବା ବିଚଳିତ ହେଲେ ନାହିଁ; ଅଥବା ଏ ସମ୍ପର୍କରେ ଆଉ କିଛି ଅନୁସନ୍ଧାନ କଲେ ନାହିଁ । କେବଳ ଧୀର ଗମ୍ଭୀର ସ୍ୱରରେ କହିଲେ, 'ଆଚ୍ଛା, ମୋ ସହିତ ଦେଖା କରିବାକୁ ଦାରୋଗା ବାବୁଙ୍କୁ ଖବର ଦିଅ ।' ଦାରୋଗା ଆସିଲେ । ଚନ୍ଦ୍ରକାନ୍ତଙ୍କ ସହିତ କଥାବାର୍ତ୍ତା ହେଲା । ତା'ପରେ ଦାରୋଗା ଗୌରୀକୁ ଶିଶୁର ଲାଳନ ସମ୍ବନ୍ଧରେ କେତେ ଉପଦେଶ ଦେବାକୁ ବାହାରିଲେ । ସେ କାଳର ଦାରୋଗା ସେ ।

Digitized by PPRACHIN, SOA

ଇଂରେଜଶାସନତନ୍ତ୍ର ସେ ପର୍ଯ୍ୟନ୍ତ ଏ ଦେଶରେ ସୁଦୃଢ଼ ହୋଇ ନାହିଁ । ଦାରୋଗାର ଅର୍ଥ ସେତେବେଳେ ଜଣେ ସାମାନ୍ୟ ଶିକ୍ଷିତ କର୍ମଚାରୀ । ରାଜା ଜମିଦାରମାନଙ୍କ ପ୍ରତି ସେତେବେଳେ ଏହି କର୍ମଚାରୀମାନଙ୍କର ଯଥେଷ୍ଟ ଖାତିର । ସୁତରାଂ, ଦାରୋଗା ବାବୁ ଯେତେବେଳେ ଏହି ଶିଶୁ ଜନ୍ମର ବୃତ୍ତାନ୍ତ ତଦନ୍ତ କରିବାରେ ଅଗ୍ରସର ନ ହୋଇ ଶିଶୁ ପାଳନର ଉପଦେଷ୍ଟା ହୋଇ ବାହାରିଲେ; ସେତେବେଳେ ଗାଁର ଲୋକେ ବିସ୍ମିତ ହେଲେ ନାହିଁ । ଦାରୋଗା ଆସୁଥିବାର ଶୁଣିପାରି ଗୌରୀ ରାସ୍ତାପାଖକୁ ଯାଇ ଦାରୋଗାଙ୍କୁ ପରିଷ୍କାର ଜବାବ ଦେଲା, 'ଖବରଦାର, ଏ ହତା କେହି ମାଡ଼ି ପାରିବ ନାହିଁ ।' ଦାରୋଗା ବାବୁ ମୁରୁକି ହସି କହିଲେ, 'ନାହିଁ ମାଉସି, ତୁମ ହତା କେହି ଡେଇଁବାକୁ ଯାଉ ନାହିଁ ଯେ ସେ ଯେ ପିଲାଟିକୁ ପାଇଛ—'ଗୌରୀ ତାଙ୍କୁ ଆଉ ଅଧିକ କହିବାକୁ ଦେଲା ନାହିଁ— ''କୋଉ ପିଲା ରେ, ମୋ ଘରେ ଦେଖିବ ଆସ—କୋଉଠି ପିଲାଟାଏ ଅଛି । ମୋର ତ କୋଡ଼ିଏ ବର୍ଷ ଗଲାଣି ଏମିତି ଏକୁଟିଆରେ । ମୋ ଘରେ ଆଜ ପିଲା କୁଆଡ଼ୁ ଆସିବ ? ଯୋଗୀ ଘରେ ଡିଙ୍କି । ନାହିଁ, ଏ ଗାଁର ପଞ୍ଚାଏ ସଢ଼ଆନାସିଆ ଗୋଟାଏ ମେଣ୍ଟ ବାନ୍ଧିଛନ୍ତି ନା ।'

ଦାରୋଗା ବୁଢ଼ୀର ଅଙ୍ଗଭଙ୍ଗୀରେ ନ ହସି ରହି ପାରିଲେ ନାହିଁ । ବୁଝାଇ ସେ ପୁଣି ପଚାରିଲେ, 'ନାହିଁ ମାଉସି, ସେ ଲୋକ-ଗୁଡ଼ାଙ୍କ କଥା ତମେ ଶୁଣ କାହିଁକି ? ମୁଁ କଣ କହୁଥିଲି କି, ଦୁଇଦିନ ତଳେ ଯେଉଁ କଅଁଳା ପୁଅଟିକୁ,—ବୁଢ଼ୀର ମସ୍ତିଷ୍କ ଉତ୍ତେଜିତ ହୋଇ ଉଠିଲା, ଫେର୍ ସେହି ପୁଅ, କୋଉଟି, କି ପୁଅ, ଅଛି ମ ! ମୋର ତ ବୟସ ଏମିତି ଗଲାଣି, ବାବୁ । ଆଜ ପୁଅ କାହୁଁ

Digitized by PPRACHIN, SOA

ଯାଇବ !' ବୃଦ୍ଧାର କଣ୍ଠ ଆର୍ଦ୍ର ହୋଇ ଆସିଲା, ତାର ଚକ୍ଷୁ ସଜଳ ହୋଇ ଉଠିଲା । ସେ ଆଉ କଛି କହି ପାରିଲା ନାହିଁ । ଦାରୋଗା ବାବୁ ନିରୁପାୟ ହୋଇ ଲେଉଟି ଆସିଲେ ।

ରାଧା, ସେବତୀ, ମାଳତୀ ଗାଁ'ଆ ଝିଅମାନେ ବୁଢ଼ୀର ଅବସର ଅଭାବ ଦେଖି ଏଣିକି ଅଳ୍ପ ସମୟ ପାଇଁ ଆସିବାକୁ ଲଗିଲେ । ବୃଦ୍ଧା ଅତି ଅଳ୍ପ ଲୋକଙ୍କ ସାମନାକୁ ଶିଶୁଟିକୁ ଆଣେ । ଅଧିକାଂଶ ସମୟ ତାକୁ ଲୁକ୍‌କାୟିତ ରଖିଥାଏ । କେବଳ ତା'ର ଲାଳନକର୍ତ୍ତ୍ରୀ କୃଷକ ଲଳନା ସୁନା ଦୈନିକ ଚାରି ପାଞ୍ଚ ଥର ଆସି ଶିଶୁଟିକୁ ସ୍ତନ ଦେଇଯାଏ । ସେତେବେଳେ ମଧ୍ୟ ଶିଶୁର ମୁଖ ବ୍ୟତୀତ ଅନ୍ୟ ସମସ୍ତ ଅଙ୍ଗ ଆବୃତ ଥାଏ, ଗୌରୀ ସେ ସମ୍ବନ୍ଧରେ ସବୁବେଳେ ସାବଧାନ; ତଥାପି ଶିଶୁର ସୌନ୍ଦର୍ଯ୍ୟ ସୁନାର ଦୃଷ୍ଟିକୁ ଏଡ଼ିପାରେ ନାହିଁ । ଏଡ଼େ ସୁନ୍ଦର ପିଲା—ରାଜାଘରେ ଜନ୍ମ ହୋଇ ନ ଥିବ !

ଏ ସମ୍ବାଦ ରାଣୀଙ୍କ ଉଆସରେ ମଧ୍ୟ ପ୍ରବେଶକଲା । ସେ ରାଜାଙ୍କୁ ଏକାନ୍ତରେ ପଚାରିଲେ, 'ଶୁଣୁଚ ଗୌରୀ ଯେଉଁ ପୁଅଟିକୁ ପାଇଚ, ସେ କୁଆଡ଼େ ଭାରି ସୁନ୍ଦର'—ଚନ୍ଦ୍ରକାନ୍ତ ସ୍ୱଭାବସୁଲଭ ଗାମ୍ଭୀର୍ଯ୍ୟର ସହିତ 'ହୁଁ' ଟିଏ କରି ତୁନି ରହିଲେ । ରାଣୀଙ୍କର ବନ୍ଧ୍ୟା-ଜୀବନରେ ଆଶାର କ୍ଷୀଣ ଆଲୋକରେଖା ଦେଖାଦେଲା । ସେ ଆଗ୍ରହରେ ଆଉରି ପଚାରିଲେ, 'ଆଚ୍ଛା, ଆମ ନଅରକୁ ପିଲାଟିକୁ ଆଣିଲେ ହୁଅନ୍ତା ନାହିଁ ? ଅନାଥ ପିଲାଟିଏ' । ଚନ୍ଦ୍ରକାନ୍ତ ରାଣୀଙ୍କର ବେଦନାର ସ୍ପନ୍ଦନଟି ଅନୁଭବ କଲେ । ମୃଦୁ ହସି ଉତ୍ତର କଲେ, 'ଗୌରୀର ସ୍ୱଭାବ ତୁମେ କଣ ଜାଣ ନାହିଁ ? ନଅରକୁ ତାକୁ ଆଣିବା ପାଇଁ କେତେ ଚେଷ୍ଟା କରିଛି ।' କହି ପଠାଇଲା, "ନା, ରାଜନଅରରେ ମୋର ଆଉ କି ସୁଖ ଅଛି ।

Digitized by PPRACHIN, SOA

ଏଣିକ ରାଜନଅର ଯେ କୁଡ଼ିଆ ଘର ସେ ।” ରାଣୀ କହିଲେ;
‘ଆଚ୍ଛା, ଏବେ ଆଉଥରେ ମୋ ପାଇଁ ଟିକଏ ଚେଷ୍ଟା କର ।’

‘ନା, ମୁଁ ଗୌରୀର ପ୍ରକୃତି ଜାଣେ । ମୋ ଚେଷ୍ଟାରେ କିଛି ଫଳ ହେବ ନାହିଁ; ବରଂ ତୁମେ ଚେଷ୍ଟା କର ।’ ରାଣୀ—‘ହଉ, ତେବେ’ କହି ନୀରବ ହେଲେ । ପରଦିନ ରାଣୀଙ୍କର ଦାସୀ ଦୂତି ଆସି ଗୌରୀକୁ କହିଲା, ‘ଅପା, ମା ମଣିମା ପୁଅଟିକୁ ଟିକଏ ଦେଖିବା ପାଇଁ ଖବର ଦେଇଛନ୍ତି ।’

ଗୌରୀର ମନ ବିରକ୍ତିରେ ତିକ୍ତ ହୋଇ ଉଠିଲା । ‘ତମେ ସବୁ କଣ ମତେ ଏଠି ରହି ଦେବ ନାହିଁ କି ଲୋ । ପୁଅ ପୁଅ ବୋଲି ଗଡ଼ ଗୋଟାକର ଲୋକ ମତେ ଦିନ ରାତି ବସେଇ ଉଠେଇ ଦେଉ ନାହାନ୍ତି । ଖାଲି ମିଛ, ଖାଲି ମିଛ—କୋଉଠି ପୁଅ ଅଛି, ଦେଖିବା ଗୁଲଲୁ ।’ ମୁହଁରେ ସବୁ କହେ, କିନ୍ତୁ ଘର ଭିତରକୁ ସେ କାହାରିକୁ ନିଏ ନାହିଁ । ଦୂତି ସହଜରେ ଛାଡ଼ିବା ପାତ୍ର ନୁହେ । କହିଲା, ‘କାହିଁକି ବା ଅପା, ପୁଅ ପୁଅ ବୋଲି ତ କେତେ ବର୍ଷ ହେଲା କହି ହଉଥିଲ—ସତ କି ମିଛ କିଏ ଜାଣେ । ଏବେ ସତେ ପୁଅଟିଏ ପାଇ ଏତେ ଲୁଚୁଉଚ କାହିଁକି ମ ।’ ଗୌରୀ ଦନ୍ତହୀନ ଓଷ୍ଠରେ ହସି ଦେଇ କହିଲା, ଖାଲି ମିଛ ଲୋ ଦୂତି, ସବୁ ମିଛ, ସବୁ ମିଛ ।’ ‘କୋଉକଥା ମିଛ ମ ।’ ‘ସବୁ ମିଛ, ସବୁ ମିଛ—ଯା, ମୋ ମା ପରା; ମା-ମଣିମାଙ୍କୁ ବୁଝେଇ କହିଦେବୁ ।’

କିନ୍ତୁ ପୁଅ ସ୍ୱୟଂ ନିଜର ଅମ୍ଳ ପରିଚୟ ଦେଲେ । ଗୌରୀ କୁଟୀର ଭିତରରୁ ଶୁଣାଗଲା—କ୍ୱାଁ—କ୍ୱାଁ । ଗୌରୀ ଚମକି ପଡ଼ିଲା । ଦୂତି ହସିଦେଇ କହିଲା, ‘ହେଇ ପରା—ଏ କିଏ କାନ୍ଦୁଚି ।’ ଗୌରୀ ରାଗରେ ଜଳିଉଠିଲା, କିଏ କାନ୍ଦୁଚି ? ତୋ ମୁହଁରେ

Digitized by PPRACHIN, SOA

ନାଆଁ ବଢ଼ୁଚ । ଘର, ମୋ ଦୁଆରୁ ।' ଦୁଷ୍ଟ ବତ୍ସଙ୍କୁ ଫେରିବାକୁ ବାଟ ଦିଶିଲା ନାହିଁ ।

ଓପରଓଳି ମାଳଣୀ ଆସି ପଚାରିଲା, 'ମାଉସି, ମା-ମଣିମା କୁଆଡ଼େ କହି ପଠାଇଥିଲେ, ତମେ ଟିକିଏ ପୁଅକୁ ଦେଖେଇଲ ନାହିଁ ? ପୁଅ କଥା ଶୁଣି ଗୌରୀର ମନ ତିକ୍ତ ହୋଇ ଉଠିଅଛି । 'କାହିଁକି ସବୁବେଳେ ପୁଅ ପୁଅ ଲଗେଇଚ କିଲୋ ମୋ ସାଥିରେ । ମୁଁ ଏଥର ସଫା ସଫା କହି ଦଉଚି, ହଁ — ମୋ ଦୁଆର ଏଣିକି କେହି ମାଡ଼ିବ ନାହିଁ ।'

ରାଣୀଙ୍କଠାରୁ ସବୁ ଶୁଣିସାରି ଚନ୍ଦ୍ରକାନ୍ତ କହିଲେ, 'ଦେଖିଲ ତ, ମୁଁ କଣ କହୁଥିଲି, ଗୌରୀକୁ ତମେ କେହି ବୁଝି ନାହଁ ।' ରାଣୀ କିଛିକ୍ଷଣ ନୀରବ ରହି କହିଲେ, 'କଣ ହେଲା, ସେ ଏମିତି କି ଲୋକଟାଏ ଯେ ଆମ କଥା ରଖିଲା ନାହିଁ ।' ରାଣୀଙ୍କର ଏ ବୃଥା ଅଭିମାନରେ ଚନ୍ଦ୍ରକାନ୍ତ ମୃଦୁ ହସି କହିଲେ, 'ରାଗ କରିବାର ଏଥିରେ କିଛି ନାହିଁ । ତୁମ କଥାକୁ ସେ କଦାପି ଅମାନ୍ୟ କରି ନାହିଁ । ବୋଧହୁଏ ପିଲାଟି ତାକୁ କୋଟିନିଧି ପରି ଲାଗୁଚି । ବାହାରକୁ ସେ ତାକୁ ଆଣିବାକୁ ଚାହେଁ ନାହିଁ ।' ଗୌରୀର ବ୍ୟର୍ଥ ଜୀବନର କରୁଣ ଇତିହାସ, ତାର ପରିବାର ଏବଂ ପୁନ ପରି-କଳ୍ପନା ରାଜା କମ୍ବା ରାଣୀ କାହାରିକୁ ଅଗୋଚର ନୁହେଁ । ରାଣୀ ଆଉ କିଛି ନ କହି ମୌନ ରହିଲେ ।

ଗଡ଼ର ସ୍ତ୍ରୀ ପୁରୁଷ କେହି ଏହି ଶିଶୁ-ଜନ୍ମର ରହସ୍ୟ ବୁଝି ପାରିଲେ ନାହିଁ । ସ୍ୱୟଂ ରାଜାଙ୍କର ସାଧନା-ଉଦ୍ୟାନରେ ଏ ଘଟନା । ପୁଣି ସନ୍ଧ୍ୟାକାଳ—ରାଜା ତ ନିଜେ ଉପାସନା ପାଇଁ ସାଧନା ମନ୍ଦିରରେ ଉପସ୍ଥିତ ଥିବେ । ସେ ଉଦ୍ୟାନରେ ପ୍ରବେଶ

Digitized by PPRACHIN, SOA

କରିବା ଯେ କାହାର ପକ୍ଷରେ ନିଷିଦ୍ଧ । ସେଠାରେ ଏପରି କାର୍ଯ୍ୟ କରିବାକୁ କାହାର ସାହସ ହେଲା । ନା, ନିଜେ ରାଜା ଏଥିରେ ସମ୍ପୃକ୍ତ ? ରାଜା ଚନ୍ଦ୍ରକାନ୍ତ । ତାଙ୍କ ଉପରେ ସନ୍ଦେହ ଆରୋପ । ନା, ନା, ଏପରି ଚିନ୍ତା କରିବା ଯେ ଅପରାଧ । ହୋଇପାରେ— କେହି ହତଭାଗିନୀ ନିଜକୁ ରାଜଦଣ୍ଡ ପୁଣି ଲୋକନିନ୍ଦାରୁ ରକ୍ଷା କରିବା ପାଇଁ ରାଜୋଦ୍ୟାନରେ ଏ କର୍ମ କରିଅଛି । ରାଜା ଯେ ଏ ଘଟଣାର ଅନୁସନ୍ଧାନ ପ୍ରତି ଅତ୍ୟନ୍ତ ବୀତସ୍ପୃହ, ତାହା ତାଙ୍କର ସ୍ୱଭାବସୁଲଭ ଗୁଣ; ତଥାପି ଦୋଷୀ ପ୍ରତି ତ ଦଣ୍ଡବିଧାନ ଅଛି ।

କର୍ମଚାରୀମାନଙ୍କଠାରୁ ଏହାର କୈଫିୟତ ଶୁଣାଗଲା, ଦୋଷୀ ସାଧନା ଉଦ୍ୟାନରେ ଏ କର୍ମ କରିବା ଦ୍ୱାରା ରାଜାଙ୍କର ଶରଣାଗତ ହୋଇଛି; ତେଣୁ ମହାରାଜ ତାକୁ କ୍ଷମା କରିଛନ୍ତି । ସେତେବେଳେ ଆଇନର ପ୍ରାବଲ୍ୟ ଓ କଠୋରତା କେବଳ ରାଜା ଜମିଦାରମାନଙ୍କଠାରେ ନ୍ୟସ୍ତ ଥିଲା । ଗୋପନଗର୍ଭ ଓ ଶିଶୁ-ଜନ୍ମକୁ ଲୋକେ ବିଶେଷ ଭାବରେ ସାମାଜିକ ବା ନୈତିକ ପାପ ବୋଲି ଜ୍ଞାନ କରୁଥିଲେ । ତାହାଲାଗି ଆଇନର ବନ୍ଧନ କଠିନ ନ ଥିଲା । ଏହି ଶିଶୁ-ଜନ୍ମର ରହସ୍ୟ ଭେଦ ପାଇଁ ରାଜକର୍ମଚାରୀ-ମାନଙ୍କର କୌଣସି ଚେଷ୍ଟା ଦେଖା ନ ଯିବାରୁ ପୁରୁଷ ଲୋକେ ତାକୁ କ୍ରମେ ଭୁଲିଗଲେ; କିନ୍ତୁ ନାରୀମହଲରେ ସେ ଆଲୋଚନା ନାନା ଆକାର ଧାରଣ କଲା; ତଥାପି ଶିଶୁର ମାତା କିମ୍ବା ପିତା ସମ୍ବନ୍ଧରେ କେତେ ଗୋଟି ନିର୍ଦ୍ଦୋଷ ବ୍ୟକ୍ତିଙ୍କ ଉପରେ ଦୋଷାରୋପ ବ୍ୟତୀତ ସେମାନଙ୍କର ବୁଦ୍ଧି ଅଧିକଦୂର ଅଗ୍ରସର ହୋଇ ପାରିଲାନାହିଁ, ତେବେ ସେଥିପାଇଁ ଆଲୋଚନା ସଭାରେ ସୁନା ଦୂତୀକୁ କହିଲା, 'ତମେ ଯାହା କହ ଅପା, ସେମିତି ପିଲାର ରୂପ

Digitized by PPRACHIN, SOA

ମୁଁ ଏ ରାଇଜଯାକର ଦେଖି ନାହିଁ । ଆଖି କଣ, ନାକ କଣ, କାନ କଣ—ସେ ପୁଅ ରାଜକନାରେ ନୁହେଁ, ଦେବକନାରେ ଜନ୍ମ ହୋଇଚ ।' ଦୂଷ୍ଟ ସୁନାର ଏପରି ସ୍ୱାଧୀନ ମତକୁ ଦବେଇ ଦେବାକୁ ଯାଇ କହେ, 'ଆମେ ଚଷା କ ଜାଣନ୍ତ ପଶାର କଥା' ନ ପାଇଲେ ବୋଲନ୍ତ ଦଶ । ତୁ କୁଆଡ଼ୁ ସେ କଥା ଜାଣିବୁ ? ଜାରଜ ଟକା ଛୁଆଗୁଡ଼ାକ ସେମିତି ସୁନ୍ଦର ହୁଅନ୍ତ, ବୁଝିଲୁ ? ଏ ସବୁ ବ୍ୟାଖ୍ୟା ନ ଶୁଣି ଦୂଷ୍ଟକୁ ତାର ଜାତିର ନାମଟା ପଚାରିବାକୁ ସୁନାର ବଡ଼ ଆଗ୍ରହ ଜାତ ହେଉଥିଲା; କନ୍ତୁ ରାଜ-ଉଆସର ଲୋକ । କାହିଁକି ତାକୁ ବେଆଡ଼ା କରି କହିବ ସେ ?

ରାଣୀ ଦିନେ ସୁନାକୁ ତାକ ଶିଶୁଟିର ରୂପ ବିଷୟରେ ସବୁ ଶୁଣିଲେ । ସୁନା କହିଲା, 'ସେ ପିଲା ଯେମିତି ହୋଇଚ ମଣିମା, ମୋ ରାଣିଆକୁ ପରି ମୁଁ ତାକୁ ଦେଖି ପାସୋରି ପକେଇଚ । ଖ ଉଚିଆ କଣ କମ ? ଖାଇବ ବୋଲି ପରି ରାକ୍ଷସ । ମୋତେ ଲାଗେ ଯେମିତି ମୋ ଦହି ଗୋଟାକ ଅବା ଦୁହିଁ ନେଉଚ୍ଛି ।'

ରାଣୀ ହସିଲେ—ବନ୍ଧ୍ୟାଜୀବନର କରୁଣ ହାସ୍ୟ ! ପଚାରିଲେ, 'ତୁ କେତେ ଥର ଖୋଇବାକୁ ଯାଉ ?'

'ଥର କଣ ମଣିମା, ତାକୁ ତ ଦିନ ରାତି ଧରି ବସିଥିଲେ ସେ ମୁହଁ କାଢ଼ିବ ନାହିଁ । ଆଉ ମୋର ବି କେମିତି ହୋଇଚ ମଣିମା, ତାକୁ ପିଆଉଁଚ୍ଛେ ଭୋକ କଲେ ମୋର ଇଆଉଁଚ୍ଛେ କ୍ଷୀର ଝ ରୁଚ । କଣ କରିବ, ମା ଛେଉଣ୍ଡ ପିଲଟି ତ ।' ରାଣୀଙ୍କର ସୁପ୍ତ ମାତୃଅନ୍ତର ସୁନାର କଥାରେ ଅଙ୍କୁରିତ ହୋଇ ଉଠିଲା । ତାଙ୍କର ଅଜାତ ସନ୍ତାନ ଲାଗି ବକ୍ଷ ପୁଲକିତ ହୋଇ ଉଠିଲା । ରାଜାଙ୍କୁ କହିଲେ, 'ଗୌଣ୍ଡ ତ ପିଲାଟିକୁ ଆଣି ଦେଖାଇଲା ନାହିଁ । ଆଚ୍ଛା,

Digitized by PPRACHIN, SOA

ଭଲ କଥା । ମୁଁ ନିଜେ ତା' ଘରକୁ ଯାଇ ଦେଖି ଆସିବି ।' ରାଜା ଚନ୍ଦ୍ରକାନ୍ତ ଦୁଇ ମୁହୂର୍ତ୍ତ ରାଣୀଙ୍କ ପ୍ରତି ଏକଦୃଷ୍ଟିରେ ଚାହିଁଲେ । ସେ ଦୃଷ୍ଟିରେ କେବଳ ଗୋଟିଏ କରୁଣ କାତରତା ! ରାଣୀଙ୍କର ଆଶଙ୍କା ଜନ୍ମିଲା । ପଚାରିଲେ, 'କଣ ଯିବ ନାହିଁ ?'

ତାଙ୍କର ଆଗ୍ରହର ଆତିଶଯ୍ୟ ଦେଖି ଚନ୍ଦ୍ରକାନ୍ତଙ୍କର ଅଧର ପ୍ରାନ୍ତରେ ଟିକିଏ ହାସ୍ୟ ଦେଖା ଦେଲା । ସେଥିରେ କିନ୍ତୁ ବକ୍ରତା ନାହିଁ, ଚାଞ୍ଚଲ୍ୟ ନାହିଁ, ଧ୍ୟାନର ଆନନ୍ଦ ଭରି ସେ ହାସ୍ୟ ସମାହିତ । ଧୀରେ ଧୀରେ ସେ ଉତ୍ତର କଲେ, "ହଁ, ନ ଯିବାର କଣ ଅଛି ?"

'ଏତେ ଭାଗ୍ୟ ! ଏତେ ଭାଗ୍ୟ ଏ କୁଡ଼ିଆଖଣ୍ଡ ପୂଣି କରିଥିଲା ।' କହି ଗୌରୀ ସସବ୍ୟସ୍ତରେ ରାଣୀଙ୍କୁ ଗୃହ ମଧ୍ୟକୁ ନେଇଗଲା । ଯଥାର୍ଥରେ ଶିଶୁଟିର ରୂପ ଦେଖି ରାଣୀ ମୁଗ୍ଧ ହୋଇଗଲେ ଏବଂ ସଙ୍ଗେ ସଙ୍ଗେ ତାକୁ କୋଳରେ ନେବାକୁ ଆଗ୍ରହ ପ୍ରକାଶ କଲେ । ତାର ପ୍ରତି ଅବୟବରେ କର ସଞ୍ଚାଳନ କଲେ । ତାର ଚିବୁକ, ତାର ଅଧର, ତାର ନାସିକା ନିରୀକ୍ଷଣ କଲେ—ନିଖୁଣ ତାର ପ୍ରତି ଅବୟବ ! କିନ୍ତୁ ହଠାତ୍ କାହିଁକି ରାଣୀ ଚମକି ପଡ଼ିଲେ । ପରିଜନମାନଙ୍କ ମଧ୍ୟରୁ କିଏ ଲକ୍ଷ୍ୟ କଲା କି ନାହିଁ । ବୃଦ୍ଧା କହିଲା—'ମହିମା, କେତେ ବଡ଼ ହେଲାଣି, ମୁଣ୍ଡୋଇ—।' ରାଣୀ ସେଥିରେ କର୍ଣ୍ଣପାତ ନ କରି ଗୌରୀକୁ କହିଲେ—'ଆଚ୍ଛା, ପିଲାଟି ଏଇଠାରେ ଥାଉ; କିନ୍ତୁ ମଝିରେ ମଝିରେ 'ମୁଁ ଟିକିଏ ଆସି ଦେଖି ଯାଉଥିବି ।' ରାଣୀଙ୍କର ଅତ୍ୟଧିକ ଆଗ୍ରହଟା ବୃଦ୍ଧା ପକ୍ଷରେ ବଡ଼ ଅବାନ୍ତର, ବଡ଼ ଅସହ୍ୟ ବୋଧ ହେଲା । ସେ କହିଲା—'କାହିଁକି ମହିମା, ଏ ରାଜପୁରରେ କଣ ପିଲା ମିଳୁ ନାହାନ୍ତି କି ? କାଲି ବୋଲି କାଲି ତ

ପୁଞ୍ଜାଏ ପିଲା ପୋଷିବାକୁ ମିଳିବେ ।' ରାଣୀ ଦୃଷ୍ଟିକୁ ଇଙ୍ଗିତରେ ବନ୍ଦ କରିଦେଲେ ଏବଂ ଗୌରୀକୁ ପଚାରିଲେ – "କଣ ଆସିଲେ କିଛି ଅସୁବିଧା ହେବ ?' ଗୌରୀ ପ୍ରବୀଣା ଦାସୀ । ମୁଣ୍ଡ ନୁଆଁଇ କହିଲା, 'ମୁଁ ଏତେ ବଡ଼ କଥା ତୁଣ୍ଡକୁ ଆଣିବି ? ଏ କୁଡ଼ିଆରେ ମୋର ମଣିମାଙ୍କର ପାଦଧୂଳି ପଡ଼ିବ ।'

ପରିଜନବେଷ୍ଟିତା ହୋଇ ରାଣୀ ଉଆସକୁ ଫେରିଲେ । ଅନ୍ଧକାର ରାତି । ନିବିଡ଼ ଅନ୍ଧକାର ମଧ୍ୟରେ ତାଙ୍କର ଚକ୍ଷୁପଥରେ ଶିଶୁର ସେହି ଶୁଭ୍ର ସୁଠାମ ରୂପଟି ଭାସି ଉଠିଲା । ନିଦ୍ରାରେ ମଧ୍ୟ ସେହି ଶିଶୁଟିର ସ୍ୱପ୍ନ ଦେଖିଲେ । ନିରାଟ ଅନ୍ଧକାର ମଧ୍ୟରେ ଆଲୋକ ବିକୀରଣ କରି ସେ ଯେପରି ଧାଇଁ ଆସି ତାଙ୍କୁ ଡାକୁଛି, 'ମା' ! 'ମା' !

ପରଦିନ ଚନ୍ଦ୍ରକାନ୍ତ ରାଣୀଙ୍କ ମୁଖରୁ ଶୁଣିଲେ, 'ପିଲାଟିର ସବୁ ଖର୍ଚ୍ଚ ନିଅଗରୁ ଯୋଗାଇଲେ ହୁଅନ୍ତା ନାହିଁ ? ଅନାଥଟିଏ !' ରାଜା 'ଆଚ୍ଛା, ବେଶ୍' କହି ନୀରବ ହେଲେ; କିନ୍ତୁ ରାଜଉଆସରୁ ଶିଶୁଟିର ଆହାର ବିହାର ପାଇଁ ଏତେଦୂର ଅନୁଗ୍ରହଟାକୁ ନିଗ୍ରହ ଜ୍ଞାନ କଲା ଗୌରୀ । କିଏ ଜାଣେ, ଦିନେ ଶିଶୁର ମମତା ଗୌରୀଠାରୁ ଊଣା ହୋଇ ଯାଇପାରେ ! ରାଜା ମଧ୍ୟ ରାଣୀଙ୍କୁ କହି ଦେଇଛନ୍ତି, 'ସବୁ କର; କିନ୍ତୁ ଗୌରୀକୁ ଅସନ୍ତୁଷ୍ଟ କରିବା ଆମର ଉଚିତ ନୁହେଁ । ସେ ଯେତିକି ସାହାଯ୍ୟ ଚାହେଁ, ସେତିକି ପାଉ, ତା'ଠାରୁ ଆଉ ବେଶି ଦେବା ଆମର କି ଦରକାର ।'

ପଞ୍ଚମ ପରିଚ୍ଛେଦ

ସୁନନ୍ଦା ! ତାର ଜୀବନ ନାଟ୍ୟ ଆରମ୍ଭରେ ହିଁ ଶେଷ ହୋଇ-ଯାଇଛି । ଜୀବନର ରଙ୍ଗମଞ୍ଚରେ ଅବତରଣ କରିବା ପୂର୍ବରୁ ସେ ନଟୀର ବେଶ ପରିତ୍ୟାଗ କରିଅଛି । ନବମ ବର୍ଷବୟସରୁ ତାର ଚିତ ମରଣ ପଥରେ ନିର୍ଦ୍ଦିଷ୍ଟ ହୋଇ ସାରିଅଛି । ସେତେବେଳେ ସେ କେବଳ ଖେଳ ଜାଣିଥିଲା । ଗୃହ ଜାଣି ନ ଥିଲା । ଜୀବନର ଦୀର୍ଘ ଦୁର୍ଗମପଥ ଅତିକ୍ରମ କରିବ ବୋଲି କେବେ ତାର କଳ୍ପନାକୁ ସ୍ପର୍ଶ କରି ନ ଥିଲା ।

ସୁନନ୍ଦା, ରୂପସୀ ସୁନନ୍ଦା—ଏହି ତାର ଜୀବନର ପରିଣତି ? ସଂସାର ଅନଭିଜ୍ଞା, କ୍ରୀଡ଼ାରତା, ଚଞ୍ଚଳା ବାଳିକାକୁ ହଠାତ୍ ନିର୍ବୋଧ ଦୃଷ୍ଟିରେ ସ୍ଥିର ହୋଇ···ଦଣ୍ଡାୟମାନ ହେବାକୁ ହେଲା । କିଛି-କ୍ଷଣ ପାଇଁ କ୍ରୀଡ଼ା ବନ୍ଦ ହେଲା । କ୍ରୀଡ଼ାସାଥୀ ଉତ୍ସୁକ ବାଳକ-ବାଳିକାବୃନ୍ଦ ସୁନନ୍ଦାର ନବାଭରଣ କର୍ମ ଚତୁଷ୍ପାର୍ଶ୍ୱରେ ରୁଣ୍ଡହୋଇ ଦେଖିବାକୁ ଲାଗିଲେ । ସୁନନ୍ଦାର ମୂର୍ତ୍ତି ଦେବୀ ପ୍ରତିମା ସମ ନୀରବରେ ଉଭା ରହିଲା । ଜନନୀ ଭୂତଳେ ଲୋଟି ପଡ଼ିଲେ, ପିତାର ଚକ୍ଷୁ ଅନ୍ଧ ହୋଇଗଲା । ନା, ସୁନନ୍ଦାକୁ ଯେ ଏ ରୂପରେ ଦେଖିବ ନାହିଁ, କିନ୍ତୁ ସୁନନ୍ଦା ଦେବୀପ୍ରତିମା ସମ ଉଭା ରହିଲା । ସେ ଓଷ୍ଠରୁ ପଦେ ହେଲେ ବାକ୍ୟୋଚ୍ଚାରଣ ହେଲା ନାହିଁ, ସେ ଚକ୍ଷୁରେ ଜଳବିନ୍ଦୁ

Digitized by PPRACHIN, SOA

ଦେଖାଗଲା ନାହିଁ । ସୁନନ୍ଦା ପ୍ରସ୍ତରମୂର୍ତ୍ତି ପରି ଅଚଳ ସ୍ଥାଣୁ । ତାର ଅଙ୍ଗଚାଳନ ହେଲା ନାହିଁ ।

ବାକ୍ୟ ସ୍ଫୁରଣ ହେଲା ନାହିଁ, ଅପରାଧୀ ସୈନିକ ନିରସ୍ତ୍ର ହେବା ସମୟରେ ଯେପରି ଉଭା ହୁଏ, ଏହା ଠିକ୍ ସେହିପରି ! ପ୍ରତି କାର୍ତ୍ତିକରେ, ପ୍ରତି ଏକାଦଶୀରେ ଜନନୀ ସୁନନ୍ଦା ସହିତ ହବିଷ୍ୟ କରନ୍ତି । ପ୍ରତି କାର୍ତ୍ତିକ, ପ୍ରତି ଏକାଦଶୀରେ ତାଙ୍କ ଚକ୍ଷୁରେ ଜଳ ଧରେ ନାହିଁ । ସୁନନ୍ଦାର ବୈଧବ୍ୟ ଦିନରୁ ସେ ମଧ୍ୟ ଆମିଷ ତ୍ୟାଗ କରି ଅଛନ୍ତି । ସୁନନ୍ଦା ସମସ୍ତ ବିଧାନ ନିଷ୍ଠାର ସହିତ ପାଳନ କରେ; କିନ୍ତୁ ସେହିପରି ଅଚଳ, ସ୍ଥାଣୁ ! ନବମ ବର୍ଷୀୟା ବାଳିକା, କିଣ ବୁଝିଲା ସେ, ସେହି ଜାଣେ । ସେହି ଯେ ପ୍ରଥମ କ୍ରୀଡ଼ାସ୍ଥଳରେ ଜୀବନର ଗତିପଥ ତାର ହଠାତ୍ ଶେଷ ହୋଇ-ଗଲା; ସେହିଠାରେ ଯେଉଁ ତପସ୍ୱିନୀର ଧ୍ୟାନମୂର୍ତ୍ତିରେ ଉଭା-ହୋଇ ସେ ନିରାଭରଣା ହେଲା, ସେ ମୂର୍ତ୍ତି ସୁନନ୍ଦାର ସମସ୍ତ ଜୀବନ-ବ୍ୟାପୀ ବିଶ୍ୱର ପ୍ରତି ଆଘାତ, ପ୍ରତି କଳ୍ପନା ସମକ୍ଷରେ ସେହିପରି ନୀରବରେ ଉଭାହୋଇ ରହିଲା ।

ସୁନନ୍ଦା ! ତପସ୍ୱିନୀ ସୁନନ୍ଦା । ପିତୃ ବିୟୋଗ, ମାତୃ ବିୟୋଗ, କେତେ ରୂପ-ମୁଗ୍ଧଙ୍କର ପ୍ରଲୋଭନ, ବିପୁଳ ସମ୍ପତ୍ତିର ପରିଚାଳନା ଭାର, ସକଳ ସମକ୍ଷରେ ସେହି ଅଭଙ୍ଗୁର ମୂର୍ତ୍ତି । ତାର ସ୍ୱର୍ଣ୍ଣକାନ୍ତି-ନିଭ ସୂକ୍ଷ୍ମ ଅଙ୍ଗଯଷ୍ଟିର ପ୍ରତି ଅବୟବରେ ତପସ୍ୟାର ଶୁଚିତା ।

ବୟସ ତାର ଯୌବନ ପାର ହୋଇ ଯାଇଅଛି । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ଆଜୀବନ ତପସ୍ୟାର ମୂର୍ତ୍ତିଟି ସୁସ୍ପଷ୍ଟହୋଇ ଉଠି-ଅଛି । ନାରୀତ୍ୱର ଲାଳିତ୍ୟ ସହିତ ପୁରୁଷର ଦୃଢ଼ତା ମିଶି ଚରିତ୍ର ଗଠିତ । ରାଜପୁରୋହିତ କନ୍ୟା ସେ । ରାଜ୍ୟରେ ସେମାନଙ୍କ

Digitized by PPRACHIN, SOA

ପରିବାରର ଗୋଟାଏ ଆଭିଜାତ୍ୟ ଅଛି, ସମ୍ଭ୍ରମ ଅଛି । ସୁନନ୍ଦା ଶୈଶବରେ ପିତାଙ୍କ ସହିତ ବହୁବାର ରାଜନବରକୁ ଯାଇଅଛି । ବୟସରେ ପ୍ରଭେଦ ଥିଲେହେଁ ରାଜା ଚନ୍ଦ୍ରକାନ୍ତଙ୍କ ସହିତ ତାର ଶୈଶବରୁ ପରିଚୟ ଜନ୍ମିଥିଲା । ପିତା ରାଜନବରର ଦେବମନ୍ଦିରରେ ମନ୍ତ୍ର ଉଚ୍ଚାରଣ କରୁଥିଲାବେଳେ ସୁନନ୍ଦା ବାଳକ ଚନ୍ଦ୍ରକାନ୍ତଙ୍କର ପଠନାଗାରରେ ପ୍ରବେଶ କରି ତାଙ୍କ ବିଦ୍ୟା ବୁଦ୍ଧିର ପରିଚୟ ପାଇ ଅବାକ୍ ହୁଏ । ଚନ୍ଦ୍ରକାନ୍ତ ଏହି ବାଳିକାର ବୁଦ୍ଧି ଓ କଥାର ଧାରିରେ ମୋହିତ ହୋଇ ପଡ଼ନ୍ତି ।

ତା'ର ଏକାକୀ ଜୀବନ ତାକୁ ଅଳ୍ପ ବୟସରୁ ନାନା କ୍ଷେତ୍ରରେ କାର୍ଯ୍ୟ କରିବାକୁ ସୁଯୋଗ ଦାନ କରିଥିଲା । ସେ ଏକ-ଦିଗରେ କାବ୍ୟ ପୁରାଣ ଓ ବୈଷ୍ଣବ ଗ୍ରନ୍ଥାବଳୀ ଆଦିରେ ଯେପରି ବ୍ୟୁତ୍ପତ୍ତି ଲାଭ କରିଥିଲା ସେହିପରି ଅପର ଦିଗରେ ଜ୍ୟୋତିଷ ଓ ଆୟୁର୍ବେଦ ମଧ୍ୟ କେତେକାଂଶରେ ଚର୍ଚ୍ଚା କରିଥିଲା । ପ୍ରସୂତିଚର୍ଯ୍ୟା ଓ ଶିଶୁପାଳନ ବିଷୟରେ ତାର ବିଶେଷ ଭାବରେ ଅଭିଜ୍ଞତା ଥିବା ସମସ୍ତ ରାଜ୍ୟରେ ଖ୍ୟାତି ଥିଲା । ସେଥିପାଇଁ ରାଜ୍ୟର ଦୂର ଗ୍ରାମସ୍ଥିତ ଧନାଢ଼୍ୟ ଲୋକମାନେ ମଧ୍ୟ ଆବଶ୍ୟକ ସମୟରେ ଯାନାଦି ପଠାଇ ତାକୁ ନେଇ ଯାଉଥିଲେ । ସେ ଏକ କପର୍ଦ୍ଦକ ଗ୍ରହଣ ନ କରି ଚିକିତ୍ସା କରୁଥିଲା । ତଦୁପରି ତାର ସୌଜନ୍ୟ ଓ ଚରିତ୍ରର ଖ୍ୟାତିରେ ସମସ୍ତେ ତାକୁ ଆଦର କରନ୍ତି ।

ଗୌରୀର ନବଲବ୍ଧ ସନ୍ତାନକୁ ଦେଖିବାଲାଗି ଏହି କାରଣରୁ ସୁନନ୍ଦାକୁ ଆହ୍ୱାନ ଆସିଲା । ଗଡ଼ ମଧ୍ୟରେ ସୁନନ୍ଦାର ଗତିବିଧି ଅତ୍ୟନ୍ତ ସ୍ୱାଧୀନ ଥିଲା । ତାହାର ପ୍ରଥମ କାରଣ ଏହି ଗଡ଼ହିଁ ତାର ଜନ୍ମସ୍ଥାନ, ଦ୍ୱିତୀୟତଃ ଅତି ଅଳ୍ପ ବୟସରେ ବୈଧବ୍ୟ ଗ୍ରହଣ

Digitized by PPRACHIN, SOA

କରି ତାର ଅଙ୍ଗକୁ ଲୋକଲୋଚନରୁ ଲୁକ୍କାୟିତ ରଖିବାର ଆବଶ୍ୟକ ହୋଇ ନାହିଁ ଏବଂ ଭୂମିଷ୍ଠତଃ ଚନ୍ଦ୍ରଶାଳାସ୍ତରେ ବ୍ୟସ୍ତିତି ଥିବାରୁ ସମସ୍ତ ଅସମୟରେ ତାକୁ କେତେ ଗୃହସ୍ଥଙ୍କ ଦ୍ୱାରସ୍ଥ ହେବାକୁ ହୋଇଥାଏ ।

କିନ୍ତୁ ଗୌରୀ ଯେତେବେଳେ ଅକସ୍ମାତ୍ ସୁନନ୍ଦା ଗୃହରେ ପ୍ରବେଶ କଲା ସେତେବେଳେ ମଧ୍ୟାହ୍ନ । ସୁନନ୍ଦା ପଟ୍ଟବସ୍ତ୍ର ପରିଧାନ କରି ପୂଜାର ସାମଗ୍ରୀ ନେଇ ବସିବାକୁ ଯାଉଥିଲା । ଗୌରୀକୁ ଗୃହ ମଧ୍ୟରେ ପ୍ରବେଶ କରିବାର ଦେଖି ହଠାତ୍ କଣ ମନେ କରି ଦଣ୍ଡାୟମାନ ହେଲା । ଗୌରୀ କହିଲା, 'ମା, ଟିକିଏ ମୋ ଘରକୁ ଆସିବାକୁ ହେବ । ଦୁଇମାସର ଗୋଟିଏ ପିଲାଟିର ହଗା ହେଉଚି ।' ସୁନନ୍ଦା ବାକ୍ୟୋଚ୍ଚାରଣ କଲା ନାହିଁ । ପୂଜାବଳି ଯଥା ସ୍ଥାନରେ ପଡ଼ି ରହିଲା । କହିଲା, 'ଆଚ୍ଛା, ଚାଲ ।' ଗୌରୀ ବ୍ୟଗ୍ରହୋଇ କହିଲା, 'କଣ ଏହିପରି ?' ହଁ, 'ଆଗେ ଦେଖି ଆସେ, ତା'ପରେ ପୂଜାରେ ବସିବି ।' ତା'ର ସଦ୍ୟସ୍ନାତ ଅଙ୍ଗ ଶୁଭ୍ର ପଟ୍ଟବସ୍ତ୍ରରେ ଆବୃତ ହୋଇ କାଶବସନରେ ଶୁଭ୍ରତା ଉପରେ କୁଜ୍ଝଟିର ଆବରଣ ପରି ଗୋଟାଏ ଶୁଦ୍ଧ କମନୀୟତାରେ ଉଦ୍ଭାସିତ ହୋଇ ଉଠୁଥିଲା । ସେ କ୍ଷିପ୍ର ପଦକ୍ଷେପରେ ଗୌରୀର ଗୃହାଭିମୁଖରେ ଚାଲିଲା ।

ଗୌରୀର ଗୃହ ମଧ୍ୟରେ ପ୍ରବେଶ କରି ସେ ଶିଶୁଟିକୁ କୋଳକୁ ନେଲା । ତାର ରୋଗର ଇତିହାସ ଗୌରୀ ନିକଟରୁ ବୁଝିଲା ଓ ଔଷଧ ବ୍ୟବସ୍ଥା ଦେଲା । ଗୌରୀ ସୁନନ୍ଦାର ବ୍ୟବହାରରେ ଗୋଟାଏ କିଛି ବୈଶିଷ୍ଟ୍ୟ ଦେଖିଲା । ଅପର ରମଣୀମାନଙ୍କ ପରି ଶିଶୁ ଦେଖିବା ଲାଗି ସୁନନ୍ଦାର କୌତୂହଳ ନାହିଁ, ଆଗ୍ରହାତିଶଯ୍ୟ ନାହିଁ । ଗୌରୀ କହିଲା, 'ମା, ଏକୋଡିଆ ଘରଟା କାହାକୁ

Digitized by PPRACHIN, SOA

ଡାକବାକୁ ହାକବାକୁ ଗଲେ ପିଲାଟି ଏକୁଟିଆ ପଡ଼ି ରହେ । କଣ କରିବ ମା ! ଏ ଖଣ୍ଡ ଦେଶରେ କାହାର ପାଖରେ ଗୁଡ଼ି ଯିବାକୁ ତ ସାହସ ହୁଏ ନାହିଁ । ସେଥିପାଇଁ ତ ଏବେ ଆଉ ପୋଖରୀ-ଘାଟକୁ ଗାଧୋଇ ଯାଏ ନାହିଁ, ଏଇ ଦୁଆରେ କୂଅରୁ କାଢ଼ି ଲୋଟାଏ ପାଣି ତାଳ ହେଇପଡ଼େ । ଏଇ ତ ଘଡ଼ିଏ ହେଲା 'ଲଣ୍ଡା' ଯେମିତି ଟିକଏ ଶୋଇ ପଡ଼ିଲା, ତମ ଦୁଆରକୁ ବାହାରିଲି, ବାଟଯାକ ମନ ଯେଉଁ ଛଟପଟ ହେଇଚି, କଣ କହିବି ।'

ସୁନନ୍ଦା ଏହି ସ୍ନେହର କାଙ୍ଗାଳିନୀ ବୃଦ୍ଧା ପ୍ରତି କିଛିକ୍ଷଣ ଚାହିଁ ବେଦନା ମିଶ୍ରିତ କରୁଣ ହାସ୍ୟ ଟିକଏ ହସିଲା । ସେ କିନ୍ତୁ ଅତି କ୍ଷଣିକ, ଆଷାଢ଼ର କୃଷ୍ଣମେଘ ଅବକାଶରେ ସୂର୍ଯ୍ୟର ସ୍ୱର୍ଣ୍ଣରଶ୍ମି ପରି ଅତି କରୁଣ, ଅତି ମୃଦୁ । ଚକ୍ଷୁ ତାର ସଜଳ ହୋଇ ଉଠିଲା, ଶିଶିରସ୍ନାତ ପ୍ରଭାତ ଅପରାଜିତା ପରି । ପରକ୍ଷଣରେ ସେ କହିଲା, 'ଆଚ୍ଛା, ମୁଁ ଏଣିକି ମଝିରେ ମଝିରେ ଆସିବି । ତୁମେ ତାକୁ ଗୁଡ଼ି-କରି କାହିଁ ଯିବା ଦରକାର ନାହିଁ ।' ଗୌରୀ ସୁନନ୍ଦାର ଚିବୁକ ଧରି ପକାଇ କହିଲା, 'ସତେ ମୋ ମା ? ହଁ, ହଁ, ନଇଲେ କି ନରୋତ୍ତମ ଆପଣଙ୍କ ଝିଅ ହୋଇ ଜନ୍ମ ହୋଇଥାନ୍ତା । ଆହା କି ସୁନ୍ଦର ମଣିଷ ସବୁ କୁଆଡ଼େ ଗଲେଣି । ଏହି ବାଟେ ନିତି ରଜା ନଅରକୁ ଯିବେ, ନିତି "ଗୌରୀ କିମିତି ଅଛୁ" ବୋଲି ପଦେ ହେଲେ ପଚାରି ଯିବେ ।''

Digitized by PPRACHIN, SOA

ଷଷ୍ଠ ପରିଚ୍ଛେଦ

'ସତ କଥା,' ପିଲାଟିକୁ ଦେଖିଲେ ମତେ ବଡ଼ ଭଲ ଲାଗୁଚି, ଖାଲି ଗୌଣ୍ଯ ଯୋଗରୁ, ନ ହେଲେ—

ଚନ୍ଦ୍ରକାନ୍ତ ହସି ହସି କହିଲେ, ପିଲାଟାକୁ ଉଆସକୁ ନେଇ ଆସନ୍ତ, ନା ?'

ରାଣୀ ଉତ୍ତର କଲେ, 'ନାହିଁ, ପରିହାସ ନୁହେ । ସେ ପିଲାଟିକୁ ଦେଖିଲେ ମୋର ତା' ଜନ୍ମ କଥା, ତାର ବାପ ମାଙ୍କ କଥା ଆଦୌ ମନକୁ ତ ଆସୁ ନାହିଁ । ଆହା, କୋଉ ମାର ଗୃହ ଘଟେଇବ, ଏଡ଼େ ସୁନ୍ଦର ପୁଅକୁ !'

ଚନ୍ଦ୍ରକାନ୍ତଙ୍କର ମୁଖ ଗମ୍ଭୀର ହୋଇ ଆସିଲା । ଧୀରେ ଧୀରେ କହିଲେ, 'ହଁ' ମା ପକ୍ଷରେ ଏହା ସ୍ୱାଭାବିକ ନୁହେ; କିନ୍ତୁ ମନୁଷ୍ୟ ଜୀବନ ଯେ ପଦେ ପଦେ ଅସ୍ୱାଭାବିକ । ମନୁଷ୍ୟ ଯେତେବେଳେ ଅପରାଧ କରେ, ପାପ କରେ ବୋଲି ଆମେ କହୁଁ, ତାର ସମସ୍ତ ଜୀବନ ଆଲୋଚନା କଲେ ତାରି ଦୃଷ୍ଟିରେ ସଂସାରକୁ ଦେଖି-ପାରିଲେ ମନେ ହୁଏ—ହଁ, ସେହି ଅପରାଧ ସେହି ପାପ ଆମକୁ ହୁଏତ ଅପରାଧୀର ସ୍ଥାନରେ ଥିଲେ କରିବାକୁ ହୋଇଥାନ୍ତା । ଯେଉଁମାନଙ୍କୁ ଆମ୍ଭେମାନେ ପୁଣ୍ୟାତ୍ମା, ମହାପୁରୁଷ ବୋଲି କହୁଁ, ଅବସ୍ଥା ବିଶେଷରେ ପଡ଼ି ସେହିମାନେ ହୁଏତ ଚୋର, ତସ୍କର,

Digitized by PPRACHIN, SOA

ବ୍ୟଭିଚାରୀ, ନରହନ୍ତା ହୋଇପାରନ୍ତି । ଆଉ ଅତି ପାପାତ୍ମା ମଧ୍ୟ ପୁଣ୍ୟାତ୍ମା ହୋଇପାରେ ।

'ଆଚ୍ଛା, ଆମର ସାଧନା-ଉଦ୍ୟାନରେ ଏତେ ବଡ କଥାଟା ଘଟିଗଲା, ସେ ବିଷୟରେ ତ କିଛି ତତ୍ତ୍ୱ ନେଲ ନାହିଁ ।' ରାଜା ଏ ପ୍ରଶ୍ନରେ ଟିକିଏ କ୍ଷୁବ୍ଧ ହେଲେ । କହିଲେ, 'କି ତତ୍ତ୍ୱ ନିଅନ୍ତି କହ । ପ୍ରମାଣ ତ କିଛି ନ ଥିଲା ।' ରାଣୀ ଅନ୍ୟ କଥାର ଉତ୍ଥାପନ କଲେ, 'ସେ ପିଲାଟିର ମା'-ମନ କଣ କିଛି ହେଉ ନ ଥିବ ?'

'ସେ କଥା ତା'ର ମା ହିଁ ଜାଣିବ ।'

କିନ୍ତୁ ରାଣୀ ଯେ ଏହି ଅଜ୍ଞାତଜନ୍ମା ଶିଶୁଟିକୁ ଏତେ ସ୍ନେହ କରନ୍ତି ତାହାର କାରଣ ଜାଣିବାକୁ ଚନ୍ଦ୍ରକାନ୍ତଙ୍କର ଆଗ୍ରହ ଜନ୍ମେ । ପଚାରନ୍ତି, 'ଆଚ୍ଛା, ଏ ପିଲାଟିର ବାପ କିଏ, ମା କିଏ କିଛି ଜଣା ନାହିଁ, କାହିଁକି ତୁମେ ତା' ପ୍ରତି ଏତେ ଆକୃଷ୍ଟ, ମୁଁ ତ କିଛି ବୁଝି ପାରୁ ନାହିଁ ?' ରାଣୀ ଚନ୍ଦ୍ରକାନ୍ତଙ୍କୁ ଜିଜ୍ଞାସୁ ଦୃଷ୍ଟିରେ ଚାହିଁ ରହନ୍ତି । ଅର୍ଥ, ପ୍ରଶ୍ନଟା ଏତିକରେ ଶେଷ ହେଲା ନା ଆଉ କିଛି ଅଛି ! ଚନ୍ଦ୍ରକାନ୍ତଙ୍କର ଉତ୍ସୁକ ଦୃଷ୍ଟି କ୍ଷଣକରେ ମିଳାଇ ଯାଏ । ତାଙ୍କର ସ୍ୱାଭାବିକ ଗାମ୍ଭୀର୍ଯ୍ୟ ମୁଖମଣ୍ଡଳକୁ ପୂର୍ବବତ୍ ଆଚ୍ଛନ୍ନ କରେ ।

ରାଜାଙ୍କୁ ନୀରବ ଦେଖି ରାଣୀ କିଛିକ୍ଷଣ ପରେ ପୁନଶ୍ଚ କହିଲେ—

ପିଲାଟିର ଏକୋଇଶାକୁ ଖବର ଦେଲି, ଭଲ ଭାବରେ କର, ଆମ ଭିଆସରୁ ସବୁ ଜିନିଷ ଯୋଗେଇ ଦିଆଯିବ । ବୁଢ଼ୀ କଣ ସେଥିରେ ମଙ୍ଗିଲା ? କହିଲା, "ନାହିଁ, ନାହିଁ, ଏତେ ଆଡମ୍ବର କରି କଣ ହେବ । ତାକୁ ଖାଲି କଲ୍ୟାଣ କର, ସେ ଜୀଅନ୍ତା

Digitized by PPRACHIN, SOA

ହେଉ । ଫେଣାଏ କଦଳୀରେ ତ ସତ୍ୟନାରାୟଣ ପୂଜା ହୋଇ ଯିବ—ଏତେ ସିଧିକୁ ମୋର ପାରିବ କିଏ ।"

ଚନ୍ଦ୍ରକାନ୍ତ ମୃଦୁ ହସି କହିଲେ, 'ଭଲ କଥା, ବୁଢ଼ୀର ଯାହା ଇଚ୍ଛା ତାହା କରୁ—କିନ୍ତୁ ତୁମର ଆଗ୍ରହ ତ ଗୌଣଠାରୁ କିଛି କମ ନୁହେଁ ।' ରାଣୀ ଟିକିଏ ଲଜ୍ଜିତା ହେଲେ, ତତ୍ପରେ ନିଜକୁ ସମ୍ବରଣ କରି କହିଲେ, 'କହିଲ ପରା ତୁମେ ସେ ପିଲାଟିକୁ ଦେଖି ନାହିଁ ବୋଲି ଏପରି କହୁଚ । ଆଜି ତା' ପରେ ଛେଉଣ୍ଡି ପିଲାଟିଏ, ତୁମ ମନ କଣ ହୁଅନ୍ତା ନାହିଁ, ଦେବାକୁ ? ତୁମେ ତ ପୁଣି ମନଇଚ୍ଛା ଯାହାକୁ ତାହାକୁ ଦାନ ଧର୍ମ କରୁଚ । ନିତି ନିତି ଦଶଶ, ତିରିଶ ଅତିଥି ଅତିଥିଶାଳାରେ ଭୋଜନ କରି ଯାଉଚନ୍ତି । ମୁଁ ଆଜି ଅଧିକ କଣ କରୁଥିଲି ? ପିଲାଟିର ଏକୋଇଶାରେ ଏମିତି କଣ ଗୁଡ଼ାଏ ଖର୍ଚ୍ଚ ହୋଇଯାନ୍ତା ଯେ ?'

ଚନ୍ଦ୍ରକାନ୍ତ ରାଣୀଙ୍କର ଅଭିମାନ ବୁଝିପାରି କହିଲେ, 'ତୁମ ଦେବା କଥା ମୁଁ ତ କହୁ ନାହିଁ, ବରଂ ସେଥିପାଇଁ ମୋତେ ବଡ଼ ଭଲ ଲାଗୁଛି ! ଆମେ ଦାନ କରୁଁ, ଧର୍ମ କରୁ; କିନ୍ତୁ ସେଥିରେ ଯଦି ଆମର ପାଇବାର ଆଶା ଥାଏ, ତାହାହେଲେ ଆମେ ସେଠାରେ ଦୀନ କାଙ୍ଗାଳ, ସେଠାରେ ଆମେ ଦାନ କରୁନାହିଁ, ଭିକ୍ଷା କରୁଁ । ଏହି ଅନାଥ ଶିଶୁଟି ପ୍ରତି ତୁମର ଦାନ—ରାଣି ! କାଙ୍ଗାଳର ଦାନ ନୁହେଁ, ତାହା ରାଜରାଣୀର ଦାନ ।

ରାଣୀଙ୍କର କଣ୍ଠ ଆର୍ଦ୍ର ହୋଇ ଆସିଲା । ସେ ଆଉ ଅଧିକ କିଛି କହି ପାରିଲେ ନାହିଁ । ଚନ୍ଦ୍ରକାନ୍ତଙ୍କର ଏପରି ଭାଷା ଓ ଭାବରେ ରାଣୀଙ୍କର ସର୍ବାଙ୍ଗରେ ଅପୂର୍ବ ପୁଲକ ସଞ୍ଚାରିତ ହେଲା । ସମସ୍ତ କଥା ବୁଝିବା ଅବଶ୍ୟ ତାଙ୍କ ପକ୍ଷରେ କଷ୍ଟକର । କାରଣ ସେ

Digitized by PPRACHIN, SOA

ଉତ୍ତମରୂପେ ଶିକ୍ଷିତା ନୁହନ୍ତି; କିନ୍ତୁ ରାଜାଙ୍କର କଥାର ଛନ୍ଦଟି, ଭାଷାର ଭଙ୍ଗିମାଟି ତାଙ୍କୁ ଏକାବେଳେ ମୁଗ୍ଧ କରିଦେଲା । ତାଙ୍କର ବାକ୍ୟସ୍ଫୁରଣ ହେଲା ନାହିଁ । କେବଳ ଚନ୍ଦ୍ରକାନ୍ତଙ୍କର ଗୌରବର୍ଣ୍ଣ ମୁଖମଣ୍ଡଳ ପ୍ରତି ସେ ନିର୍ନିମେଷ ଦୃଷ୍ଟିରେ ଚାହିଁ ରହିଲେ ।

ଚନ୍ଦ୍ରକାନ୍ତଙ୍କର ରାଜପରିଷଦକୁ ଯିବାର ସମୟ ହୋଇଗଲା । ସେ ଆଉ ବିଳମ୍ବ ନ କରି ପ୍ରସ୍ଥାନ କଲେ । କ୍ଷୁଦ୍ର ରାଜପରିଷଦଟି—ପାତ୍ର, ମନ୍ତ୍ରୀ, ବ୍ରାହ୍ମଣ, ପଣ୍ଡିତ ପ୍ରଭୃତି ଗଡ଼ର ସାତ ଆଠ ଜଣ ମୁଖ୍ୟ ଲୋକଙ୍କୁ ନେଇ ଏ ପରିଷଦଟି ଗଠିତ । ଏଥିରେ ଧର୍ମଚର୍ଚ୍ଚା, ଜ୍ଞାନଚର୍ଚ୍ଚା ଓ ରାଜ୍ୟଲୋକଙ୍କର ଆପତ୍ତି ଅଭିଯୋଗ ଆଦି ବିଚାର କରାଯାଏ । ସେତେବେଳେ ଗ୍ରାମ ପଞ୍ଚାୟତ ଓ ଜମିଦାର କଚେରି ଆଦିରେ ପ୍ରଜା-ସାଧାରଣଙ୍କର ମାଲିମୋକଦ୍ଦମା ଆଦି ନିଷ୍ପତ୍ତି କରା ଯାଉଥିଲା । ଗ୍ରାମ୍ୟ ସମୃଦ୍ଧିକୁ ଶୋଷଣ କରି ଜିଲ୍ଲା ସହରଗୁଡ଼ିକ କେନ୍ଦ୍ରୀଭୂତ ଶାସନର ଗର୍ବରେ ଗର୍ବିତ ହୋଇ ଏପରି ଉଗ୍ରମସ୍ତକ ଉତ୍ତୋଳନ କରି ନ ଥିଲା ।

ନବୀନଚନ୍ଦ୍ର ନଦୀଆର ଜଣେ ବିଶିଷ୍ଟ ପଣ୍ଡିତ । ଜଗନ୍ନାଥ-କ୍ଷେତ୍ରକୁ ଯାତ୍ରା କରୁଥିଲେ । ଚନ୍ଦ୍ରକାନ୍ତଙ୍କର ଖ୍ୟାତି ନଦୀଆ ବୈଷ୍ଣବ ପଣ୍ଡିତମଣ୍ଡଳୀରେ ବିସ୍ତାର ଲାଭ କରିଥିଲା । କାରଣ ଏଥିପୂର୍ବେ ଜଗନ୍ନାଥଯାତ୍ରୀ ବିଶିଷ୍ଟ ବୈଷ୍ଣବମାନେ ଚନ୍ଦ୍ରକାନ୍ତଙ୍କର ଆତିଥ୍ୟ ଗ୍ରହଣ କରିଥାନ୍ତି । ନବୀନଚନ୍ଦ୍ର ରାଜାଙ୍କର ଖ୍ୟାତି ଶ୍ରବଣ କରି ତାଙ୍କର ଆତିଥ୍ୟ ଗ୍ରହଣ କରି ଅଛନ୍ତି । ଦୁଇଦିନ ବିଶ୍ରାମ ନେଇ କାଲି ପ୍ରତ୍ୟୁଷରୁ ପୁନର୍ବାର ଯାତ୍ରା ଆରମ୍ଭ କରିବେ ।

ନବୀନଚନ୍ଦ୍ର 'ଅହେତୁକୀ ପ୍ରୀତି' ସମ୍ବନ୍ଧରେ ବ୍ୟାଖ୍ୟାନ ଆରମ୍ଭ କଲେ । ସମସ୍ତ ଜଗତଟା ପ୍ରୀତି ଉପରେ ହିଁ ପ୍ରତିଷ୍ଠିତ ।

Digitized by PPRACHIN, SOA

ଯେଉଁଠାରେ ପ୍ରୀତିର ଅଭାବ ସେଠାରେ ମନୁଷ୍ୟ ମନୁଷ୍ୟ, ଭାଇ ଭାଇ ମଧ୍ୟରେ ବିରୋଧ, ପିଶାଚର ତାଣ୍ଡବ ଲୀଳା । ଏ ପ୍ରୀତିର ଶ୍ରେଷ୍ଠ ପରାକାଷ୍ଠା ଦେଖାଗଲା । ଚିରନ୍ତନ ପୁରୁଷ ଶ୍ରୀକୃଷ୍ଣ ଓ ଚିରନ୍ତନୀ ନାରୀ ରାଧାଙ୍କଠାରେ । ଏହି ସନାତନ ପୁରୁଷ ଓ ପ୍ରକୃତି ସମସ୍ତ ବିଶ୍ୱକୁ ସୃଷ୍ଟି କରେ,—ସୃଷ୍ଟିର ଆନନ୍ଦରେ ଏ ପ୍ରୀତି ଉଦ୍‌ଭାସିତ । ଶ୍ରୀକୃଷ୍ଣ ଓ ଶ୍ରୀରାଧା—ଏକ ବୃନ୍ତର ଦୁଇଟି ପୁଷ୍ପ । ଏକ ବିହୁନେ ଅନ୍ୟର ପରିସ୍ଥିତି ନାହିଁ । କୃଷ୍ଣ କହିଲେ ରାଧାର ଚିନ୍ତା ଆସି ସ୍ୱତଃ ଉପସ୍ଥିତ ହୁଏ । ରାଧା କହିଲେ କୃଷ୍ଣର ଚିନ୍ତା ମଧ୍ୟ ସେହିପରି । ନିଖିଳରସ ମୃତ ମୂର୍ତ୍ତି ଭଗବାନଙ୍କର ହ୍ଲାଦିନୀ ଶକ୍ତି ପ୍ରେମମୟୀ ରାଧା ପ୍ରେମରସ ଅନୁଭବ ପାଇଁ ପୃଥକ୍ ଦେହ ଗ୍ରହଣ କରିଥିଲେ; କିନ୍ତୁ ଉଭୟେ ଐକ୍ୟ ଲଭ କଲେ ନଦୀୟାର ଚନ୍ଦ୍ର ଚୈତନ୍ୟଙ୍କ ମଧ୍ୟରେ । ସେଠାରେ ରାଧା ଯେ କୃଷ୍ଣ ସେ, କୃଷ୍ଣ ଯେ ରାଧା ସେ; କିନ୍ତୁ ଜଗତର ଶ୍ରେଷ୍ଠତମ ଗ୍ରନ୍ଥ ଶ୍ରୀମଦ୍‌ଭଗବଦ୍‌ଗୀତା ଯେଉଁଠାରେ କୁହାଯାଇଅଛି ସେଠାରେ କୃଷ୍ଣଙ୍କ ପାଖରେ ରାଧା ନାହାନ୍ତି—ଅର୍ଜୁନ—ସେଠାରେ କୁଞ୍ଜବନ ନାହିଁ—କୁରୁକ୍ଷେତ୍ର । ଧର୍ମରସିକ ନବୀନଚନ୍ଦ୍ର ସ୍ଥଗିତ ହେଲେ । ରାଜା ଦେଖିଲେ ସଭାପଣ୍ଡିତ ମାଧବାଚାର୍ଯ୍ୟ ଦଣ୍ଡାୟମାନ ହୋଇ ତେଜସ୍ୱିନୀ ଭାଷାରେ ଉପରୋକ୍ତମତେ ବକ୍ତବ୍ୟ ଆରମ୍ଭ କରିଛନ୍ତି । ଚନ୍ଦ୍ରକାନ୍ତ ନିଜେ ପରମ ବୈଷ୍ଣବ ହେଲେହେଁ ରାଜ ପରିଷଦରେ ସକଳ ମତାବଲମ୍ବିମାନଙ୍କୁ ସମାନ ଅଧିକାର ଦେଇଥିବାରୁ ଗୌରବ ଅର୍ଜନ କରିଅଛନ୍ତି ।

Digitized by PPRACHIN, SOA

ସପ୍ତମ ପରିଚ୍ଛେଦ

ସୁନନ୍ଦା ଗୌରୀ ସମକ୍ଷରେ ଯେପରି ଅଙ୍ଗୀକାର କରିଥିଲା, ତାହା ସମ୍ପୂର୍ଣ୍ଣରୂପେ ରକ୍ଷାକଲା । ଦିନେ, ଦୁଇ ଦିନ ଅନ୍ତର ଆସି ଶିଶୁଟିକୁ ଦେଖି ଯିବାକୁ ଲଗିଲା । ତାକୁ କେଉଁ ସମୟରେ କେତେ ପରିମାଣରେ ଦୁଗ୍ଧ ପାନ କରାଇବାକୁ ହେବ, କେତେଥର ଜଳ ଦେବାକୁ ହେବ, କେତେ ସମୟ କାହାରେ ରଖିବାକୁ ହେବ, ଇତ୍ୟାଦି ବିଷୟ ସୁନନ୍ଦା ବିଶଦରୂପେ ଗୌରୀକୁ ବୁଝାଇ ଦିଏ । ଗୌରୀ ଏକାଗ୍ରଚିତ୍ତରେ ସମସ୍ତ ଶୁଣି ଶିଶୁଟିକୁ ପାଳନ କରେ । ଅନାଥ ଶିଶୁଟି ଏହିରୂପେ ନିଜର ଗର୍ଭଧାରିଣୀର ବାତ୍ସଲ୍ୟ ସ୍ନେହରୁ ବଞ୍ଚିତ ହୋଇ ଚାରିଗୋଟି ମାତାର ସ୍ନେହ ଲାଭ କଲା । ପ୍ରଥମେ ଗୌରୀ, ଦ୍ୱିତୀୟ କୃଷକ କନ୍ୟା ସୁନା, ତୃତୀୟରେ ସୁନନ୍ଦା ଓ ଚତୁର୍ଥରେ ସ୍ୱୟଂ ରାଣୀ ।

ଗୌରୀର ଶ୍ରବଣ ଶକ୍ତି ଏ ମଧ୍ୟରେ ଦ୍ୱିଗୁଣିତ ହୋଇ ଉଠିଅଛି । ସ୍ନାନ, ଆହାର ସବୁ ସମୟରେ ବୃଦ୍ଧାର କର୍ଣ୍ଣ-ଦ୍ୱୟ ଶିଶୁର କ୍ରନ୍ଦନ ପ୍ରତି ସଜାଗ ହୋଇଥାଏ । କେତେବେଳେ ଅର୍ଦ୍ଧସ୍ନାନ, କେତେବେଳେ ଅର୍ଦ୍ଧଭୋଜନ—ଠିକ୍ ସେହି ସମୟରେ ଗୃହ ମଧ୍ୟରୁ ଚିତ୍କାର ଆସିବ—କାଁ । ଗୌରୀ ଯେ ଅବସ୍ଥାରେ ଥାଉ —ଆର୍ଦ୍ରବସନରେ ଅଥବା ଅର୍ଦ୍ଧଭୋଜନରେ—ସଙ୍ଗେ ସଙ୍ଗେ

Digitized by PPRACHIN, SOA

ଉଠିଯାଇ ଶିଶୁର କର୍ଣ୍ଣମୂଳରେ ବାରମ୍ବାର ସେହିପରି ସ୍ୱର ଅନୁକରଣ କରି କହେ, 'କାଁ, କାଁ, କାଁ,- ।' ତତ୍ପରେ ସ୍ନେହ ମିଶ୍ରିତ କ୍ରୋଧଦୃଷ୍ଟିରେ ତାର ମୁଖକୁ ଚାହିଁ ଅନୁଯୋଗ କରେ, ଏଁ, ଏଁ, ସବୁବେଳେ ଖାଲି କାଁ, କାଁ; ମତେ ଗାଧୋଇ ଦବନି, କି ଖୋଇଦବନି । ଏଁ, ଫେର୍ କାନ୍ଦୁଚି, ସତେ ମତେ ହୋଷି ପକେଇବୁ କି ?' କିନ୍ତୁ ଯେଉଁଦିନ ଡାଏଧୋଇବାବେଳେ କିମ୍ବା ଆହାର ସମୟରେ କ୍ରନ୍ଦନ ଶୁଣା ନ ଯାଏ ସେତେବେଳେ ଉଠିଯାଇ ତାକୁ ଶାନ୍ତଭାବରେ ଶୋଇଥିବାର ଦେଖି ଆସେ । ସେ କାନ୍ଦିବାକୁ ଯେପରି ଗୌରୀ ଅପେକ୍ଷା କରି ବସେ—'ଏଁ, ପିଲାଟା ତ ମୋର କାହିଁ ସ୍ୱର ଦେ ନାହିଁ ।' ସେ ନ କାନ୍ଦୁଥିଲେ ମଧ୍ୟ ଗୌରୀକୁ ତାର କ୍ରନ୍ଦନ ଶୁଣାଯାଏ । ଦୂର ପଡ଼ୋଶୀ ଗୃହକୁ କାର୍ଯ୍ୟବଶତଃ ଯାଇଥିଲେ ହଠାତ୍ ଚମକିପଡ଼ି କହେ, 'ଆରେଲୋ ମୋ ପିଲାଟା କାନ୍ଦିଲାଣିଲେ, ଆଉ ବସି ପାରିବି ନାହିଁ ।'

ଶିଶୁଟିର ପାର୍ଶ୍ୱ ପରିବର୍ତ୍ତନ, ଶଯ୍ୟାରୁ ତାର ପ୍ରଥମ ଉତ୍ଥାନ, ଦଣ୍ଡାୟମାନ, ଚଳନ ଆଦି ପ୍ରକ୍ରିୟାଟି ଗୌରୀ ନିକଟରେ ଗୋଟାଏ ଗୋଟାଏ ବିରାଟ ଆବିଷ୍କ୍ରିୟାର ଆନନ୍ଦ ଦାନ କରେ । ନିଜେ ଦେଖେ, ସୁନନ୍ଦାକୁ ଡାକିଆଣେ, ରାଣୀଙ୍କୁ ଖବର ଦିଏ— ଆସ ଦେଖିବ, କିମିତି ବସିଲାଣି, ଠିଆ ହେଲାଣି, ଚାଲିଲାଣି ! ସବୁ, ସବୁ, ପୁଣି ତାର କଥା—ମା, ପା, ତା, ଖା, ଆଦି କେତେ-ଗୋଟି ଅକ୍ଷର ଉଚ୍ଚାରଣ କରି ସେ ଶିଖିଲାଣି । କିନ୍ତୁ ଏଇ ଦୁଇ ଚାରି ଅକ୍ଷର ଶିଖି ସେ ଯେତେ ଗଳ୍ପ କରେ ସମସ୍ତ ବର୍ଣ୍ଣମାଳା ଶିକ୍ଷା କରି ମଧ୍ୟ ସେତେ ଗଳ୍ପ କେହି କରିପାରେ ନାହିଁ । ଗୌରୀ କହେ, ପାଗଳାଟାଏ ହେବ—ଯାହା ମନ ତାହା କହିଯାଉଛି । ଚାରିଟା ଦାନ୍ତ ଉଠିଚି ବୋଲି ମତେ କଣ ଆଉ ମଣିଷ ଗଣେ

Digitized by PPRACHIN, SOA

ଗଣୁଛି ? ମୋ ପାକୁଆ ପାଟିଟାରେ ହାତ ପୂରାଇ ଦାନ୍ତ କେଉଁଠି ଅଛି ବୋଲି ଖୋଜେ । କହେ, କାଲି ସକାଳେ ତ ତୁ ମୋର ପରି ପାକୁଆ ହୋଇଥିଲୁ ! ଆଜି ଏତେ ଗୁଡ଼ାଏ ! ପୁଣି ଯେଉଁ ଦାଢ଼ୁଆ ଦାନ୍ତ ସେ ପାଇଚି । ସୁନନ୍ଦା କହେ 'ଏତେବେଳେ ମାଉସୀ, ଟିକିଏ ସାବଧାନ ଥିବ ! ଏହି ସମୟରେ ପିଲାଏ ଯାହା ଇଚ୍ଛା ତାହା ପାଟିରେ ପୂରାଇ ଦିଅନ୍ତି ।'

'ସେ କଥା ମତେ ଆଉ କହନା, ମତେ ଏବେ ସବୁ ଜଣାଣି ସେ ଟୋକା ! ଯେ ଦିନ କାହିଁକି ଟିକିଏ ବାଡ଼ିକି ଆସିଛି — ଦଣ୍ଡେ ହେଇଚି କି ନାହିଁ, ଫେରିଲାବେଳକୁ ଦେଖେ ବଟାଭିତରୁ ଗୋଟାଏ ପାନ କାଢ଼ି ସେଥିରେ ମେଞ୍ଚାଏ ଚୂନ ବୋଳି ଦାନ୍ତାଇଚି ପାଟିଭିତରକୁ ନେବାକୁ । ମୋ ଆଖି ତ ଖୋସି ହୋଇଗଲା । ଜଣ ସେତିକି, ମୁଁ ଯେମିତି ବସି ପଇବା କାଟିବି, ହଳଦୀ ବାଟିବି ସେ ସେମିତି କରିବ । କଣ ସେତିକି ଲୋ ମା ?—କଞ୍ଚା ପଇବା ହଳଦୀ ବେସର ଯାହା ପାଇଲା, ସାଙ୍ଗେ ସାଙ୍ଗେ ମୁଠାଏ ଧରି ପାଟିରେ ପୂରେଇ ଦବ । ବୁଢ଼ୀ ମଣିଷ କେତେ ଜଗିବ, କହିଲ ?'

ରାଧା ଆସି ପଚାରେ, 'ଅପା, ବ୍ରାହ୍ମଣସାହି ଆପଣଙ୍କ ଝିଅ ତ ଜଣେ ସବୁବେଳେ ଦୌଡ଼ୁଛନ୍ତି । ପୁଅ ଭଲ ଅଛନ୍ତି ?' ଗୌରୀ କହେ, 'ନାହିଁ ଲୋ, ଆପଣଙ୍କର ଝିଅଟି ମଣିଷ ବଡ଼ ଭଲ କି ନା । ଦିନେ ଲଣ୍ଡାର ମୋର ହଗା ହଉଥିଲା ଯେ, ତାଙ୍କୁ ଟିକିଏ ଡାକିବାକୁ ଯାଇଥିଲି । ଏକୁଟିଆ ମଣିଷ ତ, ଲଣ୍ଡାକୁ ଛାଡ଼ି କାହିଁ ଯାଇପାରେ ନାହିଁ । ସେଥିପାଇଁ ସେ ମନକୁ ଦି ଦିନେ ଘରି ଦିନେ ଆସି ଦେଖିଯାନ୍ତି ପରା ! ବଡ଼ ଆଚ୍ଛା ମଣିଷ ।'

ରାଧା କହେ, 'ହଁ, ଆଚ୍ଛା ମଣିଷ । ଆଉ ପୁଣି ଏମିତି ଉପାୟ ସବୁ ଜାଣନ୍ତି ଲୋ ଅପା ! ମୋ ମୋତିକୁ କଫ ଲସମ ହୋଇଥିଲା

Digitized by PPRACHIN, SOA

ସେ ଖାଇ ପାରିଲା ନାହିଁ କି ଶୋଇ ପାରିଲା ନାହିଁ । ବ ପାନ ଔଷଧ ତ,—ଯୋଡ଼ଏ ପାନ ଔଷଧରେ ଉଠି ବସିଲା ।

'କଣ ଖାଲି ହାତରେ ଆସିବେ କଲେ ରାଧା । ଲଣ୍ଡା ପାଇଁ ଫଳଟାଏ, ମୂଳଟାଏ ହାତରେ ଧରି ଆସିଥିବେ । ଏ ଟୋକା କଣ ତାକୁ ଛୁଇଁବ । ମନ ହେଲେ ତ ଟିକଏ ମୁହଁରେ ଦେଲା, ନଇଲେ ଏଣିକି ତେଣିକି ଫିଙ୍ଗିଲା ।'

ସତେ ଲୋ ଅପା, ମୋତ ପାଇଁ ତ ସେମିତି କାନ ଭିତରେ କଦଳୀଟାଏ ପିଜୁଳିଟାଏ ଯେନି କରି ଆଣନ୍ତି !

ଏହି ସମୟରେ 'ମା, ମାଆ, ଡାକ ଘର ଭିତରୁ ଲଣ୍ଡାବାବୁ ଚାଲି ଆସନ୍ତି । ପାଦ ଦୁଇଟି ଏପର୍ଯ୍ୟନ୍ତ ଚାଲିବାରେ ଅଭ୍ୟସ୍ତ ହୋଇ ନାହିଁ । ଅସମାନ ଭାବରେ ଏଣେ ତେଣେ ପଡ଼ିଯାଉଛ । ଅଙ୍ଗପ୍ରତ୍ୟଙ୍ଗ ଉପରେ ପୂର୍ଣ୍ଣ ଅଧିକାର ଆସି ନାହିଁ । ତଥାପି ଦୁଷ୍ଟାମିର ସୀମା ନାହିଁ । କବ୍ରାରୁ ଉଠି ଗୌରୀର ପୂଜା କୋଥଳିଟି ଫିଟାଇ ସେଥିମଧ୍ୟରୁ ବୁଢ଼ୀର ଜପାମାଳିଟି ଗଳାରେ ଲମ୍ବାଇ ଏବଂ ଅନ୍ୟ ପୂଜା ସରଞ୍ଜାମଗୁଡ଼ିକ ଇତସ୍ତତଃ କରି ଲଣ୍ଡାବାବୁ ନିଜ ବୁଦ୍ଧିମତ୍ତାର ତାରିଫ୍ କରିବାପାଇଁ ଗଳାର ମାଳିଟାକୁ ଦେଖାଇ ଡାକି ଡାକି ଆସନ୍ତି 'ମା, ମା, ଏ ଏ ।'

'ଆଉ ହବନି ଲୋ, ହଇରେ ହଇରେ ଟୋକା, ମୋ ଜପାମୁଣି କୁଆଡ଼ୁ ପାଇଲୁ ?' ବୁଢ଼ୀ କୁଟୀରର ଦ୍ୱାର୍‌ବନ୍ଧ ପର୍ଯ୍ୟନ୍ତ ଯାଇ ଗୃହ ମଧ୍ୟକୁ ଦୃଷ୍ଟି ପକାଇ ଡାକେ, 'ହଇରେ ଏ କଣ କଲୁ ! ଦେଖି ଯା ଲୋ ରାଧା, ପୂଜାଙ୍କ କାରତ । ତସ୍ପରେ ଗଳାମାଳିଟିକୁ ଧରି ଅନୁନୟ କରି, ଦେ ବାପା—ମୋ ବାପପରି ତୁ !' କିନ୍ତୁ 'ବାପା'ଙ୍କର ହୃଦୟ କୌଣସି କାକୁତିରେ ତରଳ ହୁଏ ନାହିଁ ।

ତଥାପି ଏହି ବୁଢ଼ୀ ଧାର୍ଗିଟି ପ୍ରତି ଲଣ୍ଡାବାବୁଙ୍କର ଅପାର ଅନୁକମ୍ପା ଥିଲା । ଗୌରୀ ଯେତେବେଳେ ତାହାର କ୍ଷୁଦ୍ର ଶୁକ୍ଳକେଶ–

Digitized by PPRACHIN, SOA

ଗୁଡ଼ିକ ପ୍ରସାଧନ କରେ, ସେତେବେଳେ ଲଣ୍ଡ୍ରାବାବୁ ବଳ ପ୍ରୟୋଗପୂର୍ବକ ବୃଦ୍ଧାର ପଶ୍ଚାଦ୍ଭାଗରେ ଉପସ୍ଥିତ ହୋଇ ଏବଂ ନିଜର ସମସ୍ତ ଅଙ୍ଗଭାର ତାର ପୃଷ୍ଠରେ ଅର୍ପଣ କରି ନିବିଷ୍ଟ ଚିତ୍ତରେ ଏହି କର୍ମଟି ସମ୍ପାଦନ କରନ୍ତି ଏବଂ ମଧ୍ୟେ ମଧ୍ୟେ ପ୍ରସାଧନ ହେତୁ ଗୌରୀର ମୁଖ କପରି ସୁନ୍ଦର ହୋଇଛି ଦେଖିବା ଲାଗି ତାର ସ୍କନ୍ଧ ଅବକାଶରେ ସ୍ୱୀୟ ସ୍କନ୍ଧକୁ ବଢ଼ାଇଦେଇ ଲଜ୍ଜାହୀନ ସମ ବୃଦ୍ଧାର ମୁଖକୁ ନିରୀକ୍ଷଣ କରନ୍ତି । ଗୌରୀ ସ୍ୱୀୟ ପଳିତ ଗଣ୍ଡକୁ ବାବୁଙ୍କ ମୁଖକୁ ବଢ଼ାଇ ଦେଇ କେବେ ଅଧରର ସ୍ପର୍ଶ, କେବେ ପୁଣି ଦଶନର ଦଂଶନ ମଧ୍ୟ ଲାଭ କରେ ।

ଲଣ୍ଡ୍ରାବାବୁଙ୍କର ମୁଖରୁ 'ଝିଅ' ବୋଲି ବାହାରିବା ମାତ୍ରେ ଏହି ବୃଦ୍ଧାଶିଶୁଟି ସକଳ କର୍ମ ତ୍ୟାଗକରି 'ଯାଉଛି ବାପା, ଯାଉଛି ବାପା' କହି ଜରାଗ୍ରସ୍ତ ଦୁର୍ବଳ ଶରୀରଟିକୁ ଯଥାଶୀଘ୍ର ଉପସ୍ଥିତ କରାଏ ।

ଲଣ୍ଡ୍ରାବାବୁ ଜଗତରେ ତା'ର 'ଝିଅ' ବ୍ୟତୀତ ଦ୍ୱିତୀୟ କାହାରିକୁ ଜାଣେ ନାହିଁ । ତାହାର କାରଣ ଅବଶ୍ୟ ନିଜେ ଗୌରୀ; କିନ୍ତୁ ସୁନନ୍ଦା ଦିନେ ଦିନେ କାହିଁକି କେଜାଣି ଗୌରୀ ନ ଥିବା ସମୟରେ ଏବଂ ଲଣ୍ଡ୍ରାବାବୁ ଏକାକୀ ଦ୍ୱାରରେ ଖେଳୁଥିବା ବେଳେ ପହଞ୍ଚି ଯାଏ । ବାବୁ ଏକାଗ୍ରଚିତ୍ତରେ ଧୂଳିରେ ଘର ଓ କାଉଁରିଆରେ କାଣ୍ଡ କରି ଖେଳୁଥାଏ । ମୁଖ ଫେରାଇ ଦେଖେ ଏହି ଘର୍ଦ୍ଧକାୟା ରମଣୀଟି କେତେବେଳୁ ଆସି ଏକ-ଦୃଷ୍ଟିରେ ତା'ପ୍ରତି ଚାହିଁ ରହିଅଛି । କିଛିକ୍ଷଣ ଏହି ଅପରିଚିତା ରମଣୀକୁ ଚାହିଁ ସେ ଧୂଳି ମୁଠିଏ ଧରି ତାର ମୁଖକୁ ଲକ୍ଷ୍ୟ କରି ପକାଏ ଏବଂ ତାର ଲକ୍ଷ୍ୟ ନିର୍ଭୁଲ ହେବାର ଦେଖି ତାଳି ମାରି

Digitized by PPRACHIN, SOA

ହସି ଉଠେ । ସୁନନ୍ଦା ମୁହଁ ଫେରାଇ ଧୀରେ ଧୀରେ ଗୁଲି ଆସେ । ଆଉ କେବେ ଦୁଇଟି ପାଚିଲା ପିଜୁଳି କମ୍ବା ଆମ୍ବଟିଏ ନେଇ ସେ ପିଲାଟି ହାତରେ ଦିଏ । ସେ କାହିଁରେ ଦଶନ ଆଘାତ କରେ, କାହାକୁ ଆକାଶକୁ, ଆଉ କାହାକୁ ସୁନନ୍ଦାର ଉପରକୁ କ୍ଷେପଣ କରେ । ସୁନନ୍ଦା କରୁଣ ଦୃଷ୍ଟିରେ ଗୁହିଁ କହେ, 'ଘାର ଦୁଷ୍ଟ !' ସେ ରାଗରେ ଫୁଲିଯାଏ ଏବଂ ଅଙ୍ଗୁଳି ଦେଖାଇ କହେ, 'ଚୁପ !'

———

Digitized by PPRACHIN, SOA

ଅଷ୍ଟମ ପରିଚ୍ଛେଦ

ଗୌରୀ ଏବଂ ତା'ର ପୋଷ୍ୟ ଶିଶୁଟିର ଗତିପଥ ଦୁଇ ବିପରୀତ ଦିଗରେ । ଜଣେ ଗ୍ଳାନି ବିଳୟ ପଥରେ, ଆଉ ଜଣକର ମୁଖ ବୃଦ୍ଧି ଦିଗକୁ । ଅବଶ୍ୟ ଗୋଟିଏ ବିଷୟରେ ଦୁହିଁଙ୍କର ସାମ୍ୟ ଥାଇ ପାରେ—ଗତିର ବେଗ ପ୍ରାୟ ସମାନ ହୋଇପାରେ ; ନଚେତ୍ ଜଣଙ୍କର ଦୃଷ୍ଟି ଜୀବନ ଉପରେ ହେଲେ, ଅନ୍ୟର ଦୃଷ୍ଟି ମୃତ୍ୟୁ ଉପରେ । ତଥାପି ମୃତ୍ୟୁଯାତ୍ରୀଟି ଜୀବନଯାତ୍ରୀର ସାହଚର୍ଯ୍ୟ ପାଇ କହୁଚି, 'ଜୀବନ ପଥର ପଥିକ ! ମୁଁ ତୋହରି ମଧ୍ୟରେ ଆପଣାକୁ ଫେରି ପାଇଛି । ତୁହି ମୋର ଜୀବନ ! ସେଥିପାଇଁ ମୃତ୍ୟୁ ଆଜି ମୋ ନିକଟରେ ନିରର୍ଥକ । ମୁଁ ଆଜି ମୃତ୍ୟୁମୁଖୀ ନୁହେଁ, ଜୀବନ ! ଜୀବନ । ଚିରନ୍ତନ ଜୀବନ । ତୋହରି ମଧ୍ୟରେ—ତୋହରି ମଧ୍ୟରେ ମୋର ପୁନର୍ଜନ୍ମ ଲାଭ ହୋଇଅଛି ।'

କିନ୍ତୁ ଅପର ସମକ୍ଷରେ ଜୀବନର ସୀମାହୀନ କ୍ଷେତ୍ର ବିସ୍ତୃତ । ନିତ୍ୟ ନବ ନବ ରଙ୍ଗରେ ତାର ଦୃଷ୍ଟି ରଞ୍ଜିତ । ସେ ଏହି ମୃତ୍ୟୁଯାତ୍ରୀର କାକୁତି ଶୁଣିପାରେ ନାହିଁ । ପଛକୁ ଫେରି ଚାହିଁବାର ଅବସର ତାର ନାହିଁ । ଊର୍ଦ୍ଧ୍ୱମୁଖ ହୋଇ ସେ ଦ୍ରୁତଗତିରେ ଧାବମାନ । ଜୀବନର ଅସଂଖ୍ୟ ପ୍ରଲୋଭନ ତାର ଦୃଷ୍ଟି ସମକ୍ଷରେ ନୃତ୍ୟ କରୁଅଛି । ଗୋଟି ଗୋଟି କରି ସେ ଧରିବାକୁ ଧାଉଁଛି; କିନ୍ତୁ ପ୍ରତ୍ୟେକଟି ମରିଚିକାବତ୍ ଦୂରକୁ ଅପସାରିତ ହେଉଛି ।

Digitized by PPRACHIN, SOA

ଖୃଷ୍ଟଶାଳୀ ଅବଧାନେ ଆସି ହଠନେ ଗୌଖୀଙ୍କୁ କହିଲେ, 'ତମେ ବୁଝି ପାରୁ ନାହିଁ ମାଉସି, ଏଇ ଦିନୁ ଚଟ୍ଟାଳୀରେ ନ ଦେଲେ, ଆଉ କେଇଟା ବର୍ଷରେ ପିଲାଟା ଏମିତି ଦୁଷ୍ଟ ହୋଇପଡ଼ିବ ଯେ ତେଣିକି ଆଉ ସମ୍ଭାଳିବା ଦୁଷ୍କର ହୋଇ ଉଠିବ ।'

'ହେଲେ ହେଲା ମୋ ପୁଅ ଦୁଷ୍ଟ ହେଲା କି ଯାହା ହେଲା, ଆଉ ଲୋକଙ୍କର କଣ ଗଲା । ତାକୁ ଏବେ ନେଇ ଚଟ୍ଟାଳୀରେ ବସେଇବ—କାହିଁ ଲୋ । କାଲି ସକାଳେ ଏ ଅଜାତିଆ ଛୁଆ-ଗୁଡ଼ାକ କଏ କେତେ ଅନା କରି ତାକୁ କହିବେ ।'

'ମାଉସୀ, ତମେ ସେ ସବୁ କିଛି ଚିନ୍ତା କର ନାହିଁ, ମୁଁ ସେ ସବୁ ପାଇଁକି ଅଛି । ପାଠ ପଢ଼ନ୍ତି ପିଲାଏ ଭଲ ହେବାକୁ ନା ମନ୍ଦ ହେବାକୁ । କଏ କଣ କହିବାକୁ ଉରୁଚ, ମାଉସି ? ଆମେ ସବୁ କଣ ଖାଲି ବଳଦ ବସିଚୁ । ତୁମେ ବୁଢ଼ୀ ମଣିଷ, ହନଗ୍ରାନ୍ତ ପିଲାଟିକୁ କେତେ ଜଗି ବସିଥିବ ମାଉସୀ !' ମାଉସି କଥାଟା ଉପରେ ଅବଧାନେ ଅତ୍ୟଧିକ ଆଘାତ କରିବାକୁ ଲାଗିଲେ ।

ଗୌଖୀ ଦେଖିଲା ଅବଧାନ କିଛି ଖରାପ କଥା କହୁନାହିଁ । ଲୋକଟି ମଧ୍ୟ ଯେ ଭଲ ତାହା ଗୌଖୀର ପୂର୍ବରୁ ଧାରଣା ଥିଲା । କାରଣ କେତେ ଥର ସେ ନିଜର ପିଦାଳକୁ ପଦ ଦେବାପାଇଁ ଅବଧାନଠାରୁ ସ୍ୱାସ୍ଥ୍ୟବଡ଼ କଲମ ମାଗି ଆଣିଚି । କେଉଁଥର ତ ଅବଧାନଟି ନାହିଁ କରି ନାହିଁ । ଆଜି ମଧ୍ୟ ଯେଉଁ ସବୁ କଥା ସେ କହୁଚି, ତାହା ତ କିଛି ମନ୍ଦ ନୁହେଁ । ଗୌଖୀ କିଛିକ୍ଷଣ ଇତସ୍ତତଃ ଭାବିସାରି କହିଲେ, 'ହଉ ଅବଧାନେ, ପଠାଇବା ନ ପଠାଇବା କଥା ମୁଁ କାଲି କହିବି ।'

ଗୌଖୀ ଭାବିଲା, ଅବଧାନ ଯାହା କହିଚି ଠିକ୍ କଥା । ଲକ୍ଷ୍ମୀ କ୍ରମେ ଯେପରି ଦୁଷ୍ଟ ହୋଇ ଉଠୁଚି ଏବଂ ସେଥି ସଙ୍ଗେ ବୁଦ୍ଧିର

Digitized by PPRACHIN, SOA

ଶକ୍ତି ଯେ ପରି କ୍ରମ ଜଗତରେ ହ୍ରାସ ଲାଭ କରୁଚି ସେଥିରେ ତାକୁ ଗୃହାଳୀରେ ଦେଲେ ଲାଭ ଛଡ଼ା କ୍ଷତି ନାହିଁ ।

ଲଣ୍ଡାବାବୁ ଗୃହାଳୀକୁ ଗଲେ । ସେ ଅବଶ୍ୟ ଏତେ ସହଜରେ ନୁହେଁ । ପ୍ରତିଦିନ ସକାଳେ ଅବଧାନେ ଡାକ ଆସିବେ, ଲଣ୍ଡାବାବୁ ନିଜେ ମଧ୍ୟ ଗୌରୀ ହାତରୁ କିଛି ଗୋଟିଏ ଲାଞ୍ଚ ପାଇବେ, ତେବେ ଯାଇଁ ଗୃହାଳୀକୁ ଯିବାକୁ ଉଦ୍ୟତ ହେବେ । ଯେଉଁଦିନ ଇଚ୍ଛା ନାହିଁ ସେଦିନ ସମସ୍ତ ଜଗତ୍ ଚୂର୍ଣ୍ଣ ହେଲେ ମଧ୍ୟ ତାଙ୍କୁ ତାର ସଙ୍କଳ୍ପରୁ ତଳେ ହେଲେ ଟଳାଇ ପାରିବ ନାହିଁ । ଅବଧାନେ ତାଙ୍କର ସମସ୍ତ ଉପଢୌକନ ବିନିମୟରେ ଏପରି ଗୋଟିଏ ଦୁଷ୍ଟଶିରୋମଣିକୁ ଚଟଶାଳୀ ମଧ୍ୟକୁ ଆଣି ବିପଦ ଗଣିଲେ । ଶିକ୍ଷକ ତାʼ ପ୍ରତି ଟିକିଏ ଅମନୋଯୋଗୀ ହେଲେହେଁ ସହାଧ୍ୟାୟୀମାନଙ୍କ ମଧ୍ୟରୁ ନାନା ଆପତ୍ତି ଶୁଣାଯାଏ କିମ୍ବା କୌଣସି କାରଣରୁ ଶିକ୍ଷକ କିଛି ସମୟ ପାଇଁ ଚଟଶାଳୀରୁ ଅନୁପସ୍ଥିତ ହେଲେ ଫେରିଲା-ବେଳକୁ ଲଣ୍ଡାବାବୁ ନାମରେ ସହସ୍ର ନାଲିଶ । କାହା ଖଡ଼ି ଛଡ଼ାଇ ନେଇ ଅନ୍ୟ ଉପରକୁ ନିକ୍ଷେପ କରିଅଛି, କାହାର ନାକକୁ ଟାଣି ଭୂମିରେ ଲଗାଇଛି, କାହାଉପରେ ଘୋଡ଼ା ଚଢ଼ା ଯାଇଛି ଇତ୍ୟାଦି ଇତ୍ୟାଦି ।

ଦିନେ ଦିନେ ଏହିରୂପେ କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ଲଣ୍ଡାବାବୁର ଦୃଷ୍ଟିରେ ପଡ଼ିଯାଏ ଚଟଶାଳୀ ଗୃହର ବାତାୟନ ପାର୍ଶ୍ୱରେ କ୍ଷୀଣସୂତ୍ର ପରି ଲମ୍ବମାନ ସେହି ରମଣୀ ମୂର୍ତ୍ତିଟି । ସୁନନ୍ଦାର ଆୟତ ଚକ୍ଷୁରେ କାତର କାରୁଣ୍ୟ । ଆର୍ଦ୍ର କଣ୍ଠରେ କହେ, ‘କିରେ କାହିଁକି ପିଲାଙ୍କୁ ମାରୁଚୁ ?’ ଅବୋଧ ବାଳକ ଆଶ୍ଚର୍ଯ୍ୟ ଓ ଅବାକ୍ ହୋଇ ରମଣୀ ମୁଖକୁ ଚାହେଁ ଏବଂ ରାଗରେ ଯତ୍ନରେ, ‘ତୁ କିଏ ?’ ସୁନନ୍ଦାର ଚକ୍ଷୁ ଛଳ ଛଳ ହୋଇ ଆସେ,

Digitized by PPRACHIN, SOA

କହେ, 'ଛି, ପିଲଙ୍କୁ ମାରନ୍ତ ?' ଲଣ୍ଡାବାବୁ ହାତ ଉଠାଇ କହେ, 'ଯା !'

ସହଧ୍ୟାୟୀ ବାଳକମାନେ ତା' ହାତରୁ ଶାସ୍ତି ପାଇ ନାନା ଅଦ୍ଭୁତ ଗଳ୍ପର ଉଦ୍‌ଭାବନ କରି ତାକୁ କହନ୍ତି । ତାର କୁଆଡ଼େ ବାପ ନାହିଁ କମ୍ବା ମା ନାହିଁ । ଦସ୍ୟୁମାନଙ୍କ ନଈରେ ଗୋଟିଏ ହାଣ୍ଡି ଭିତରେ ପୂରାଇ ତାକୁ କଏ ଭସାଇ ଦେଇଥିଲା । ଗୌରୀ ତାକୁ ଗୋଟାଇ ପାଇ ପୋଷିଛି, ଇତ୍ୟାଦି ଇତ୍ୟାଦି ।

ଅଭିମାନରେ ସେ ଆସି ଗୌରୀକୁ ପଚାରେ, 'ତୁ ମୋର ମା ନୋହୁଁ ?' ବୃଦ୍ଧାର ପାଦଦେଶରୁ ମସ୍ତକର କେଶାଗ୍ର ପର୍ଯ୍ୟନ୍ତ ସମସ୍ତ ଅଙ୍ଗ କ୍ରୋଧ ଓ ଗ୍ଲାନିରେ କମ୍ପିତ ହୋଇ ଉଠେ । 'ଗୁଖିଲ୍ଲୁ, ଗୁଖିଲ୍ଲୁ, କୋଉ ବାଘର ପୁଅ ଏକଥା କହୁଛି ।' ବାପର ପୁଅଠାରୁ ଅବଧାନଙ୍କ ପର୍ଯ୍ୟନ୍ତ କେହି ଗୌରୀ ନିକଟରୁ ନିସ୍ତାର ପାନ୍ତି ନାହିଁ ।

ଶୀତକ୍ଳିଷ୍ଟ ଜୀର୍ଣ୍ଣ ଧରଣୀ ବସନ୍ତାଗମରେ ନବ ଜନ୍ମ ଲାଭ କରିଅଛି । ମଳୟ ସ୍ପର୍ଶରେ ତରୁଲତାର ଶୁଷ୍କପତ୍ର ସ୍ଖଳିତ ହୋଇ ନବପଲ୍ଲବ ଉଦ୍‌ଗତ ହୋଇଛି । ଗୌରୀର ଜୀର୍ଣ୍ଣ ଅଙ୍ଗ ମଧ୍ୟ ଏହିପରି ଦିନେ ଭୂପୃଷ୍ଠରୁ ଅଦୃଶ୍ୟ ହୋଇଗଲା । ସେଦିନ ମଧ୍ୟ ବସନ୍ତପଞ୍ଚମୀ—ଲଣ୍ଡାବାବୁର ଜନ୍ମତିଥି । ଗୌରୀ ଆଉ ଶଯ୍ୟାତ୍ୟାଗ କଲା ନାହିଁ । ପ୍ରଭାତରୁ ଉଠି ଜନ୍ମଦିନର ଆୟୋଜନ କଲା ନାହିଁ । ସମସ୍ତେ ବୁଝିଲେ ଗୌରୀ ସମ୍ପୂର୍ଣ୍ଣ ଅଶକ୍ତ, ନ ହେଲେ ଶଯ୍ୟାଗତ ହୁଅନ୍ତା ନାହିଁ ।

କିଛି ସମୟ ପରେ ସେ କଥା କହିଲା, ଅତି କ୍ଷୀଣ, ଅତି ଅସ୍ପଷ୍ଟ ।—'ବାବୁ ? ବାବୁ କାହିଁ ।' ସେବକଟି ଯାଇ ବାଳକକୁ ବୃଦ୍ଧାର ସମକ୍ଷକୁ ଘେନି ଆସିଲା । ଗୌରୀ ସେହିପରି ଅସ୍ପଷ୍ଟ ମୃଦୁ-ଭାଷାରେ କହିଲା, 'ବାବୁରେ ତୋର ମା—ନା, ନା, ତୋର ମା

କେହି ନାହିଁ—ମୁହିଁ ତୋର ମା, ତୁ ମୋର ବାବା ।’ ସପ୍ତମ ବର୍ଷୀୟ ଶିଶୁ ସେ କଥାର ଅର୍ଥ କିଛି ବୁଝି ପାରିଲା ନାହିଁ । ପୁନଶ୍ଚ କ୍ରୀଡ଼ାକ୍ଷେତ୍ରକୁ ଦୌଡ଼ିଲା । ଗୌରୀ ଚକ୍ଷୁ ମୁଦିଲା । ସେହି ବସନ୍ତ-ପଞ୍ଚମୀରେ ମଧୁର ସନ୍ଧ୍ୟା । ସେହି କୋମଳ ଜ୍ୟୋତ୍ସ୍ନା—ଅଶ୍ୱତ୍ଥ ମୂଳରୁ କ୍ଷୀଣ କ୍ରନ୍ଦନର ସ୍ୱର—ପଦ୍ମପତ୍ର ଉପରେ ସତେଜ କମଳ ସମ ଶିଶୁଟି । ଗୌରୀର ସର୍ବାଙ୍ଗରେ ପୁଲକ ସଞ୍ଚାରିତ ହେଲା । ହସ୍ତ ତାର ବକ୍ଷ ଉପରେ ନ୍ୟସ୍ତ ହେଲା । କବିରାଜ କହିଲେ, କଫ ଅଛି ନା, ଗଳାରେ କଷ୍ଟ ହେଉଛି । ଗୌରୀ ଆଉ ଚକ୍ଷୁ ଖୋଲିଲା ନାହିଁ । ତା’ ମୁଖରୁ ଆଉ ପଦେ କଥା ବାହାରିଲା ନାହିଁ । ସ୍ୱୟଂ ରାଣୀ ଏବଂ ରାଧା, ସେବତୀ, ସୁନନ୍ଦା ପ୍ରଭୃତି ଗଡ଼ର ରମଣୀଗଣ ଗୌରୀର ସେବାରେ ବ୍ୟାପୃତ ଥାନ୍ତି । ଟିକିଏ ଚକ୍ଷୁ ଖୋଲିଗଲା, ଓଷ୍ଠ ଖୋଲିଗଲା । ବାସ୍ ! ସମସ୍ତ ଶେଷ !

ସପ୍ତମ ବର୍ଷୀୟ ଶିଶୁ ଦେଖିଲା ତାର ବାସସ୍ଥାନ ସେହି କୁଟୀର ମଧ୍ୟରୁ ଅନ୍ତରିତ ହୋଇ ରାଜନବରରେ ନିହିତ । ଗୌରୀର ଅକସ୍ମାତ୍ ଅନ୍ତର୍ଦ୍ଧାନ ହେବାଟା ତା’ ପକ୍ଷରେ କିମ୍ଭୂତ ମନେ ହେଲା । ଗୌରୀ ବ୍ୟତୀତ ଜଗତରେ ଆଉ କେହି ଜଣେ ନାହିଁ, ଯାହା ସହିତ ସେ ଟିକିଏ ଘନିଷ୍ଠ ସମ୍ପର୍କରେ ଆସି ପାରିଅଛି । ରାଜନବରର ଦାସ ଦାସୀଙ୍କ ମଧ୍ୟରୁ ସେ ଜଣେ କାହାରିକି ଦେଖିଲା ନାହିଁ, ଯାହାଠାରେ ସେ ବିଶ୍ୱାସ ସ୍ଥାପନ କରି ଦୁଇପଦ କଥା କହିବ । ସମସ୍ତେ ନିଜ ନିଜ କର୍ମରେ ବ୍ୟସ୍ତ । ଅଥଚ ଗୌରୀ ! ଯେ ରାଜାର ସମ୍ମାନ, ରାଜାର ସେବାଲାଭ କରି ଆସିଅଛି, ତାହାର ଅକସ୍ମାତ୍ ଭାଗ୍ୟଚ୍ୟୁତି ହେଲେ ଯାହା, ଲକ୍ଷ୍ମୀବାବୁ ଦଶା ବର୍ତ୍ତମାନ ତାହାହିଁ । ଏପରି ଅକାରଣ ଦାରିଦ୍ର୍ୟ ତା ପକ୍ଷରେ ଅସହ୍ୟ ହୋଇ ପଡ଼େ, ସେ ‘ଝିଅ’ ‘ଝିଅ’ ବୋଲି କ୍ରନ୍ଦନ କରି ଉଠେ ।

Digitized by PPRACHIN, SOA

ନବମ ପରିଚ୍ଛେଦ

ମାଘ ପୂର୍ଣ୍ଣିମା ! ନବାଗତ ବସନ୍ତର ହିଲ୍ଲୋଳ ! ସମସ୍ତ ସାଧନା ଉଦ୍ୟାନ ନିବିଷ୍ଟଚିତ୍ତରେ ଜ୍ୟୋତ୍ସ୍ନାରସ ପାନ କରୁଛି । କୋଟରଗତ ପକ୍ଷୀର କାକଳି ନୀରବ ହୋଇଛି । କେବଳ ମଧ୍ୟେ ମଧ୍ୟେ ସେମାନଙ୍କ ପକ୍ଷର ଶବ୍ଦ ନିର୍ଜନତାକୁ ମୁଖର କରି ଦେଉଛି । ଉଦ୍ୟାନ ବାଟିକାର ଦ୍ୱାରଦେଶରେ ଗୋଟିଏ ଶ୍ୱାନ ଏକାନ୍ତ ଆନୁଗତ୍ୟ ସ୍ୱୀକାର କରି ଶୟନ କରିଛି । ସମସ୍ତ ବିଶ୍ୱପ୍ରକୃତି ଆଲୋକ ସଙ୍ଗରେ ଜାଗ୍ରତ ହୁଏ ଓ ଆଲୋକ ସହିତ ନିଦ୍ରାଯାଏ । ଆଜି କେବଳ ପୂର୍ଣ୍ଣିମାର ଆଲୋକରେ ଗୋଟିଏ କାକର ଭ୍ରମ ଜାତ ହୋଇଛି, ସେ ଦିବସ କଳ୍ପନା ପ୍ରତ୍ୟୁଷ ଭ୍ରମ କରି ମଧ୍ୟେ ମଧ୍ୟେ 'କା' 'କା' ଚିତ୍କାର କରି ଉଠୁଛି । ଉଦ୍ୟାନ ବାଟିକାର ଚତୁଃ-ପାର୍ଶ୍ୱରେ ନୃତ୍ୟଶୀଳ ଜ୍ୟୋତ୍ସ୍ନା ଗୋଟିଏ ଅଗସ୍ତି ବୃକ୍ଷର ସୂକ୍ଷ୍ମ ଛାୟା ଉଦ୍ୟାନ ଗୃହର ଶୁଭ୍ର କାନ୍ଥ ଉପରେ ଛବି ପରି ଅଙ୍କିତ ହୋଇଅଛି । ଗୃହ ମଧ୍ୟରେ ଦୀପାଲୋକ—ସମସ୍ତ ଗୃହମୟ ଧୂପ ଏବଂ ପୁଷ୍ପ ଗନ୍ଧରେ ପରିପୂର୍ଣ୍ଣ । ରାଜା ଚନ୍ଦ୍ରକାନ୍ତ ନିଶ୍ଚଳ ଆସନରେ ଭାଗବତ ପାଠ କରୁଅଛନ୍ତି । ଗୃହର ଦ୍ୱାର ଅର୍ଦ୍ଧମୁକ୍ତ—ପ୍ରଦୀପଟିକୁ ବସନ୍ତ ବାୟୁରୁ ରକ୍ଷା କରିବା ଲାଗି ।

ଗୃହର ଦ୍ୱାର ଧୀରେ ଧୀରେ ମୁକ୍ତ ହେଲା । ଦୀପା ଲୋକଟି ମଳୟ ସ୍ପର୍ଶରେ ନୃତ୍ୟ କରି ଉଠିଲା । ଚନ୍ଦ୍ରକାନ୍ତ ପ୍ରଥମେ ଦୀପାଲୋକ

Digitized by PPRACHIN, SOA

ଉପରେ ଦ୍ୱାରଦେଶକୁ ଦୃଷ୍ଟିପାତ କଲେ । ଦ୍ୱାରଦେଶରେ ଗୋଟିଏ ରମଣୀମୂର୍ତ୍ତି ପ୍ରସ୍ତର ପ୍ରତିମା ପରି ଦଣ୍ଡାୟମାନ ।

ଚନ୍ଦ୍ରକାନ୍ତହିଁ ପ୍ରଥମେ କଥା କହିଲେ, 'ଭିତରକୁ ଆସ ।' ସୁନନ୍ଦା ଅନ୍ୟ ଏକ ଆସନରେ ଉପବେଶନ କରି ପଚାରିଲା, 'କିପରି ଅଛ ?'

'ଭଲ ଅଛି, କେବଳ ମଝିରେ ମଝିରେ 'ଝିଅ' 'ଝିଅ' ଡାକ କାନ୍ଦୁଚ । ଗୌରୀର ବାତ୍ସଲ୍ୟ ତାକୁ ଅତ୍ୟନ୍ତ ସ୍ନେହକାଙ୍କ୍ଷୀ କରି ଦେଇଛି କିନା !' 'ହଁ, ଗୌରୀର ସ୍ନେହ ଅତ୍ୟନ୍ତ ସ୍ୱାର୍ଥପର' ତାହାର କାରଣ 'ବିଚାରୀର ଜୀବନ ବଡ଼ କରୁଣ ଥିଲା ।' 'ଅବଶ୍ୟ ତଦପେକ୍ଷା କରୁଣ ଜୀବନ ଜଗତରେ ଅଛି ।' କଥା କହିସାରି ସୁନନ୍ଦା ଚନ୍ଦ୍ରକାନ୍ତଙ୍କ ପ୍ରତି ଚାହିଁ ମୃଦୁ ମୃଦୁ ହସିଲା ।

ଚନ୍ଦ୍ରକାନ୍ତ ଭାଗବତର ପୃଷ୍ଠାକୁ ଚାହିଁ କହିଲେ, 'ଗୌରୀର ଜୀବନ କରୁଣ; କିନ୍ତୁ ସେ କାରୁଣ୍ୟକୁ ବହନ କରିବାର ଶକ୍ତି ତା'ଠାରେ ନ ଥିଲା । ମଧ୍ୟ ପଥରେ ଭାଙ୍ଗି ପଡ଼ିଲା—ତାର ପୂର୍ବ ଓ ପରିବାରର କାଳ୍ପନିକ କାହାଣୀ ଶୁଣିଚ ତ ? ସେ କିଣ ? କାରୁଣ୍ୟର ଗୋଟାଏ ଆତ୍ମପ୍ରକାଶ । ସେଥିପାଇଁ ମୁଁ ଗୌରୀକୁ ଶ୍ରଦ୍ଧା କରେ; କିନ୍ତୁ ଯାହାର ଜୀବନ କରୁଣତର ଅଥଚ ଯେ ପ୍ରଶାନ୍ତ ଚିତ୍ତରେ ଜୀବନର ସମସ୍ତ ବିପଦର ସମ୍ମୁଖୀନ ହୋଇ ପାରିଅଛି ତାକୁ ମୁଁ ଭକ୍ତି କରେ ।'

'ଗୌରୀର ମୃତ୍ୟୁ ପରେ ମୁଁ ତାକୁ ନିଜେ ନେଇ ପାଳନ କରିବି ବୋଲି ଇଚ୍ଛା କରିଥିଲି; କିନ୍ତୁ ଦେଖିଲି ଯେଉଁଠାରେ ରାଜାର ଅଧିକାର, ସେଠାରେ ମୁଁ ମଧ୍ୟସ୍ଥଳରେ ପ୍ରବେଶ କରିବା ଲୋକ ଦୃଷ୍ଟିରେ ସମୁଚିତ ହେବ ନାହିଁ ।

Digitized by PPRACHIN, SOA

'ଦରକାର ନାହିଁ । ଇଚ୍ଛା କଲେ ତୁମେ ଉଆସକୁ ଯାଇ ଯେ କୌଣସି ସମୟରେ ଦେଖି ଆସିବ ।'

'ଉଆସ ଭିତରକୁ ?'

'କାହିଁ, ଉଆସ ଭିତରକୁ ଯିବା ପାଇଁ ତୁମକୁ ତ କେବେ ମନା କରାଯାଇ ନାହିଁ । ବିଶେଷତଃ ଆୟୁର୍ବେଦ ବିଦ୍ୟାପୀଠ ଯେତେ-ଦିନ ତୁମ ହାତରେ ଅଛି ।' ଚନ୍ଦ୍ରକାନ୍ତ ସୁନନ୍ଦାକୁ ଚାହିଁ ହସିଲେ । ସୁନନ୍ଦା କହିଲେ, 'ଗୌରୀର ସ୍ମୃତି ସତ୍ତ୍ୱେ ଆମେ ତା' ନିକଟରେ କୃତଜ୍ଞ ।'

'ହଜାରବାର କହିଲେ ମଧ୍ୟ ସେ କୃତଜ୍ଞତାର ଜ୍ଞାପନ ହେବ ନାହିଁ ।'

ଦିବସ ଭ୍ରମରେ କୁଆଟି ଦୁଇଥର 'କା' 'କା' ଡାକ ଦେଲା ।

ସୁନନ୍ଦା କହିଲେ, 'ଏ ସମୟରେ କୁଆ ଡାକ ଶୁଣି ଆଜି ସେଦିନ କଥା ମନେ ପଡ଼େ ।'

'କେଉଁ ଦିନ !'

'ସେହି ଶ୍ରୀପଞ୍ଚମୀ ରାତି ।'

'କୁଆଟିଏ କେଉଁଠାରେ ଥିଲା ?'

'ଶୁଣି ନାହଁ ? ସେହି ଅଶ୍ୱତ୍ଥ ଉପରେ ।'

'ନା ମତେ, ସେତେବେଳେ ସମସ୍ତ ବିଶ୍ୱ କୁହେଳିକାପୂର୍ଣ୍ଣ ବୋଧ ହେଉଥିଲା ।'

'ମୁଁ କିନ୍ତୁ ସେହି ବୃକ୍ଷଗୁଳ୍ମରେ ଠିଆ ହୋଇଥାଏ । ଗୌରୀ ମତେ ଦେଖିପାରି ନାହିଁ । କେବଳ ଯେତେବେଳେ ଚାଲି ଆସିଲା ସେ ସ୍ଥିର ହୋଇ ଚାରିଆଡ଼କୁ ଚାହିଁଲା ।'

ରାଜା କହିଲେ, 'ଓଃ, ସେ ରାତିଟି ଜୀବନରେ ଭୁଲିବାର ବସ୍ତୁ ନୁହେଁ । ଯାହାକୁ ଲୋକେ ସବୁଠାରୁ ବେଶି ଭୁଲିଯିବା

Digitized by PPRACHIN, SOA

ପାଇଁ ଚେଷ୍ଟା କରନ୍ତୁ, ତାହାକୁହିଁ ଭୁଲ ପାରନ୍ତ ନାହିଁ !' ସୁନନ୍ଦା ହସିଲା । ରାଜା ତର୍କ କଲେ ନାହିଁ, କେବଳ ବିନମ୍ର ସ୍ୱରରେ କହିଲେ, 'ନା, ଭୁଲ କଥା ସୁନନ୍ଦା !' କିଛିକ୍ଷଣ ପରେ ସେ ପୁନଶ୍ଚ କହିଲେ, 'ଜୀବନଟା କେଡ଼େ ବିଚିତ୍ର, କେଡ଼େ ଅଦ୍ଭୁତ, ସୁନନ୍ଦା !'

'ହଁ, ମନୁଷ୍ୟ ଯାହା କଳ୍ପନା କରି ନ ଥାଏ ତାହାହିଁ ତା' ଜୀବନରେ ଘଟେ ।' 'ଠିକ୍ କଥା, ସେତିକି କେବଳ ନୁହେଁ, ଯାହା କଳ୍ପନା କରିଥାଏ, ତାହା ଘଟେ ନାହିଁ ।'

'ତୁମେ ଏପରି କଣ କଳ୍ପନା କରିଥିଲ, ଘଟିନାହିଁ ?'

ଚନ୍ଦ୍ରକାନ୍ତ ହସି ଉତ୍ତର କଲେ, 'କଳ୍ପନା କଣ ଚିରକାଳ ଜୀବିତ ଥାଏ, ସୁନନ୍ଦା ! କଳ୍ପନାର କାଳ ଯେ ଅତୀତ, ବହୁ ଦୂରରେ । ଆଜି ମୁଁ ଯେ ଜୀବନର ଅର୍ଦ୍ଧଶତାବ୍ଦୀ ପଥ ଅତିକ୍ରମ କରି ଆସିଅଛି । ସମସ୍ତ ଜୀବନଟା କେବଳ ଗୋଟାଏ ବାସ୍ତବ କୌତୁକ ବ୍ୟତୀତ ଆଉ କିଛି ବୋଲି ମୁଁ ବୁଝି ପାରୁ ନାହିଁ ।'

'ଏଇଠାରେହିଁ ତୁମ ସହିତ ମୋର ପ୍ରଭେଦ । ଜୀବନଟାକୁ ମୁଁ କୌଣସି ଦିନ କୁହେଳିକା ଜ୍ଞାନ କରିପାରିଲି ନାହିଁ । ଏହା ମୋ ନିକଟରେ ଗୋଟିଏ ବିରାଟ ମୂର୍ତ୍ତିମନ୍ତ ସତ୍ୟ—ଏହାର ପ୍ରତ୍ୟେକ ଆଘାତ, ପ୍ରତ୍ୟେକ ବ୍ୟଥା, ଏହାର ସମସ୍ତ ଲାଭ, ସମସ୍ତ କ୍ଷତି ଏହାର ସାର୍ଥକତା, ଏହାର ବ୍ୟର୍ଥତା—କୌଣସି ଗୋଟିକୁ ମୁଁ ଦିନେ ହେଲେ କୌତୁକ ବୋଲି ବୁଝିଲି ନାହିଁ । ମୋ ନିକଟରେ ଏ ସମସ୍ତ ନିରାଟ ବାସ୍ତବ । ଏହାକୁ ଫାଙ୍କି ଦେବାର ଅର୍ଥ ନିଜକୁ ଫାଙ୍କି ଦେବା—ବଞ୍ଚନା, ପ୍ରବଞ୍ଚନା, ଆତ୍ମ ପ୍ରବଞ୍ଚନା'; ସୁନନ୍ଦା ଯିବାକୁ ଉଦ୍ୟତ ହେଲା ।

Digitized by PPRACHIN, SOA

କାକ ପୁନର୍ବାର ଡାକଲା, 'କା', 'କା' । ସୁନନ୍ଦା ଦ୍ୱାର ନିକଟରେ ଚନ୍ଦ୍ରକାନ୍ତଙ୍କୁ ଫେରି ଚାହିଁ କହିଲା—'ଶୁଣ, ଶୁଣ ଏ କଣ ସେହି କୁଆଟି ?'

ଉଦ୍ୟାନ ବାଟିକାରୁ ଫେରି ରାଜା ନବରରେ ପ୍ରବେଶ କଲେ । ଦୂତୀ ଆସି ସମ୍ବାଦ ଦେଲା, ରାଣୀଙ୍କ ଦେହ ଭଲ ନାହିଁ । ରାଜା ସଙ୍ଗେ ସଙ୍ଗେ ଯାଇ ଦେଖିଲେ ରାଣୀଙ୍କର ଦେହ ଉତ୍ତପ୍ତ । ପରଦିନ ଅକସ୍ମାତ୍ ରାଣୀଙ୍କ ଶରୀର ଅସୁସ୍ଥ ହୋଇ ପଡ଼ିଥିବାର ଗଡ଼ମୟ ଚହଳ ପଡ଼ିଗଲା । ରାଜା ବିମର୍ଷ ହୋଇ ବସିଲେ । କବିରାଜମାନଙ୍କର ଚେଷ୍ଟା ବିଫଳ ହେଲା । ରାଜନବରର ପ୍ରତି ଲୋକମୁଖରେ ମୃତ୍ୟୁର ବିଷାଦ ବର୍ତ୍ତିକା ଆଚ୍ଛାଦିତ । ମଧ୍ୟାହ୍ନରେ ରାଣୀଙ୍କୁ ଏକାନ୍ତରେ ଲଭି କରି ଚନ୍ଦ୍ରକାନ୍ତ ପଚାରିଲେ, 'ଦେହ କିପରି ଲାଗୁଛି ?'

ରାଣୀ ମୃଦୁ ହସି କହିଲେ, 'ଦେହ ଯେପରି ଲାଗୁ ମୁଁ ଖୁସି ଅଛି ।'

ରାଜା ଜିଜ୍ଞାସୁ ଦୃଷ୍ଟିରେ ଚାହିଁ ରହିଲେ । ରାଣୀ କହିଲେ, 'ମୁଁ ତ ତୁମକୁ ଅନେକ ଆଗରୁ କହିଥିଲି—ବିଧବା ହେବା ମୋ ଭାଗ୍ୟରେ ନାହିଁ ।' ବିଜୟୀର ଆନନ୍ଦ ରାଣୀଙ୍କ କପାଳରେ ଉଦ୍ଭାସିତ । କିଛିକ୍ଷଣ ପରେ ସେ ପୁଣି କହିଲେ—

'ତେବେ ଗୋଟିଏ କଥା, ତୁମକୁ ମୁଁ ଜୀବନରେ ସୁଖୀ କରି ପାରିଲି ନାହିଁ ।' ଚନ୍ଦ୍ରକାନ୍ତଙ୍କର କଣ୍ଠ ଆର୍ଦ୍ର ହୋଇ ଆସିଲା । ସେ ନିଜକୁ ସଂଯତ କରି ଧୀରେ ଧୀରେ କହିଲେ—

'ସୁଖୀ ? କେଉଁ ସୁଖ ମୋର ଅଭାବ ଥିଲା ? ମୋର ସମସ୍ତ ଜୀବନ ଯେ ତୁମରି ସ୍ପର୍ଶରେ ମଧୁମୟ ହୋଇଅଛି, ରାଣୀ ! କିନ୍ତୁ

Digitized by PPRACHIN, SOA

ବାର୍ଦ୍ଧକ୍ୟରେ ତୁମଠାରେ ମୁଁ ଯେଉଁ ଅପରାଧ କରିଅଛି, ତାର ଯେ କ୍ଷମା ନାହିଁ ।'

ରାଣୀ ସେହି ରୋଗ ଯନ୍ତ୍ରଣା ଉପରେ ତାଙ୍କର ସ୍ୱଭାବସୁଲଭ ସରଳ ହାସ୍ୟରେ ଗୃହମଧ୍ୟ ଆଲୋକିତ କରିଦେଲେ ଏବଂ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଗୁହିଁ କହିଲେ—'ହଁ, ସବୁ ଜାଣିଛି ମୁଁ । ତୁମେ ତାକୁ ଅପରାଧ କହ, ସେଥିରେ ମୋର ଯେ କି ଅପାର ଆନନ୍ଦ ଜାତ ହୋଇଛି—'

ରାଜା ବିସ୍ମିତ ହୋଇ ପଚାରିଲେ – 'ସବୁ ଜାଣ ତୁମେ ?'

ରାଣୀଙ୍କ ମୁଖରେ ସେହି ସ୍ମିତ ହାସ୍ୟଟିକ ଯେପରି ଅଙ୍କିତ ହୋଇ ରହିଚ ।

'ହଁ, ସବୁ ଜାଣେ, ପ୍ରଥମେ ଯେତେବେଳେ ଗୌରୀ ଘରେ ତାକୁ ଦେଖିଲି, ହଠାତ୍ ଚମକି ପଡ଼ିଲି । ତା' ଆଖି, ନାକ, ଓଠ, ସବୁ ଯେ ତୁମରି !'

ରାଜା ଅପରାଧୀ ପରି ମସ୍ତକ ତଳକୁ କରି ରହିଲେ । ରାଣୀ ପୁନର୍ବାର କହିଲେ—'ଏଣିରେ ଦୁଃଖ କରିବାର ତ କିଛି ନାହିଁ ମୋର; ବରଂ ଆନନ୍ଦ କରିବାର କଥା । ତୁମର ଯେ ସନ୍ତାନ, ସେ ମୋର ନ ହୋଇ ଆଉ କାହାର କହ ?'

ରାଜା ପୂର୍ବପରି ମସ୍ତକ ଅବନତ କରି କହିଲେ; 'ତୁମେ ଏତେ ଉଚ୍ଚ, ଏତେ ଉଦାର; ରାଣୀ ! 'ଏହି ମହୀୟସୀ ନାରୀର ପଦଦେଶରେ ଲୁଣ୍ଠିତ ହୋଇ ପଡ଼ିବାକୁ ଚନ୍ଦ୍ରକାନ୍ତଙ୍କର ଇଚ୍ଛା ହେଲା ।

ଚନ୍ଦ୍ରକାନ୍ତ ଉତ୍ତର ଦେଲେ ନାହିଁ । ଏହି ଉଦାର ହୃଦୟା ନାରୀ ସହିତ ସେ ଯେଉଁ ସହଜ ଭାବରେ ଜୀବନକୁ ଅତିବାହିତ କରି ଆସି ଅଛନ୍ତି; ସେହି କଥା ବାରମ୍ବାର ତାଙ୍କର ଭାବନାପଥରେ ଉଦିତ

Digitized by PPRACHIN, SOA

ହେଲା । ରାଣୀ ପଚାଶ ପାର ହୋଇଛନ୍ତି, ଆଉ ତାଙ୍କର ବୟସ ଷାଠିଏ ! ବିବାହ ! ସେ ତ ଦୁଇ ଦିନର ଘଟଣା ପରି ମନେ ହୁଏ । ଦୁଃଖ ସୁଖ ସାଫଲ୍ୟ ବ୍ୟର୍ଥତା ମଧ୍ୟରେ ଦୁଇଟି ଯାତ୍ରୀ ଏକ ସାଙ୍ଗରେ ପଥ ଅତିକ୍ରମ କରି ଆସିଅଛନ୍ତି । ଜୀବନରେ କେତେ ଜ୍ୟୋତ୍ସ୍ନାର ପ୍ଲାବନ, କେତେ ଶ୍ରାବଣର ଅନ୍ଧକାର, କେତେ ମଳୟ, କେତେ ଝଞ୍ଜା ଉଭୟେ ବକ୍ଷ ପାତି ଆନନ୍ଦରେ ବରଣ କରି ନେଇ ଅଛନ୍ତି । ଆଜ ହଠାତ୍ ପଥ ମଧ୍ୟରେ ଦୁଇ ମଧ୍ୟରୁ ଜଣେ କେବଳ ସ୍ଥିର ହୋଇଗଲା । ଅପର ଯାତ୍ରୀଟିକୁ ବାକି ପଥ ଏକାକୀ ଅତିକ୍ରମ କରିବାକୁ ହେବ । ଚନ୍ଦ୍ରକାନ୍ତଙ୍କର ଚକ୍ଷୁରୁ ଦୁଇ ବିନ୍ଦୁ ଅଶ୍ରୁ ଅଲକ୍ଷ୍ୟରେ ଗଡ଼ି ପଡ଼ିଲା ।

ତାହା ରାଣୀଙ୍କର ଦୃଷ୍ଟିକୁ ଏଡ଼ି ପାରିଲା ନାହିଁ । ଚନ୍ଦ୍ରକାନ୍ତଙ୍କ ଚକ୍ଷୁରେ ଜଳ ଦେଖିବା ରାଣୀଙ୍କ ସ୍ମରଣରେ ଦୁଇ ଚାରି ଥରରୁ ବେଶି ନୁହେଁ । ତାଙ୍କର ଚକ୍ଷୁ ମଧ୍ୟ ସଜଳ ହୋଇ ଉଠିଲା । ଚନ୍ଦ୍ରକାନ୍ତଙ୍କ ହସ୍ତରେ ସ୍ୱୀୟ ହସ୍ତଟିକୁ ରଖି ଦେଇ କହିଲେ—

'ଏ କଣ, ତୁମେ କାନ୍ଦୁଛ !' ରାଜା ମୁଖ ଉତ୍ତୋଳନ କରି ରାଣୀଙ୍କ ପ୍ରତି ଚାହିଁଲେ । ଏହି ଜରା ଏବଂ ରୋଗ କ୍ଳିଷ୍ଟ ରମଣୀର ପାଣ୍ଡୁର ମୁଖ ପଶ୍ଚାତରେ ତ୍ରିଂଶ ବର୍ଷ ପୂର୍ବର ଯୌବନଶ୍ରୀ ଚନ୍ଦ୍ରକାନ୍ତଙ୍କର ଚକ୍ଷୁ ସମକ୍ଷରେ ଭାସିଉଠିଲା । ଏହି ପଳିତ ଚର୍ମ ତଳରେ ଯୌବନର ବିଦ୍ୟୁତ୍‌କାନ୍ତି ନିମଜ୍ଜିତ, ଏହି ପକ୍ୱକେଶ ନିମ୍ନରେ ବିବାହ କାଳର ନୀଳଚିକୁରର ଶୋଭା-ସମାଧି ଲାଭ କରିଅଛି । ଚନ୍ଦ୍ରକାନ୍ତଙ୍କର ଆଉ କଥା ନ ଥିଲା, କହିବା ପାଇଁ । ସେ ରାଣୀଙ୍କର ମୁଖ ପ୍ରତି ଏକ ଦୃଷ୍ଟିରେ ନିରୀକ୍ଷଣ କରି ତ୍ରିଂଶ ବର୍ଷ ତଳର ରୂପ ଏହି ରୁଗ୍ଣ ଅଙ୍ଗରେ ଲୁପ୍ତାବତ୍ ମିଳାଇ ଯାଇଥିବାର ଦେଖୁଥିଲେ ।

Digitized by PPRACHIN, SOA

ଲାଗୁଥିଲେ ଶିଶୁ ଯେପରି ନୂତନ କ୍ରୀଡ଼ନକ ଲାଭ କଲେ ଦୁଇ ଦିନରେ ତାକୁ ପୁରାତନ କରିଦିଏ— ତାକୁ ଭାଙ୍ଗିବା ଅଥବା ମଳିନ କରିବା ପାଇଁ ଶିଶୁ ମଧ୍ୟରେ ଗୋଟାଏ ଧ୍ୱଂସର ଚେଷ୍ଟା ବରାବର ଦେଖାଯାଏ; କାଳ ସେହିପରି ମାନବ ଅଙ୍ଗକୁ ନେଇ କ୍ରୀଡ଼ା କରେ..। ଦୁଇଦିନ ! କେବଳ ଦୁଇଟା ଦିନରେ ତାର କପୋଳରୁ ରକ୍ତ ନିଷ୍କାସିତ କରିଦିଏ, ତାର ଅଧରର ହାସ୍ୟ ମଳିନ କରେ, ତାର ଚକ୍ଷୁର ଦୀପ୍ତି ହରଣ କରେ । ରାଣୀଙ୍କର ସମସ୍ତ ରୂପ ସେହିପରି ଧୀରେ ଧୀରେ ହରଣ କରି ଶେଷରେ ତାଙ୍କର ବିଳାସ-ଲାଳିତ ଅଙ୍ଗଟିକୁ ନିର୍ଦ୍ଦୟ ଭାବରେ ଅଗ୍ନିଯୋଗ୍ୟ କରିଦେଇ ଗଲା । ଦାସୀ ପରିଜନ-ମାନଙ୍କର ଅକ୍ଲାନ୍ତ ଚେଷ୍ଟା ଓ ରାଣୀଙ୍କର ଆଯୌବନ ସାଧନାର ବସ୍ତୁ ମୁକ୍ତାଗଡ଼ ରାଜ୍ୟକୁ ଅତିକ୍ରମ କରି ଯେଉଁ ରୂପରେ ଖ୍ୟାତି ଦୂର ସ୍ଥାନମାନଙ୍କରେ ପ୍ରଚରିତ ହୋଇଥିଲା, ସେହି କୋମଳ କମନୀୟ ଅଙ୍ଗଟିକୁ ତ୍ୟାଜ୍ୟ ଅସ୍ପୃଶ୍ୟ କରିଦେଇ ରାଣୀ ଚାଲିଗଲେ । ଚନ୍ଦ୍ରକାନ୍ତଙ୍କର ସମସ୍ତ ଶକ୍ତି ସେଠାରେ ପରାଜିତ ହେଲା । ସେ ଅଙ୍ଗକୁ ନିଷ୍କାସନ ଓ ଦଗ୍ଧ କରିବା ବ୍ୟତୀତ ଅନ୍ୟ ଗତି ରହିଲା ନାହିଁ ।

———

Digitized by PPRACHIN, SOA

ଦଶମ ପରିଚ୍ଛେଦ

ଲକ୍ଷ୍ମୀବାବୁର ଦୌରାତ୍ମ୍ୟ କ୍ରମେ ଅସହ୍ୟ ହୋଇ ଉଠିଲା । ଗଡ଼ମଯ୍ୟ ସମସ୍ତ ଲୋକ ଏହା ଅନୁଭବ କଲେ । ଚନ୍ଦ୍ରକାନ୍ତ ଜଣେ ଭଲ ପଣ୍ଡିତ ନବରରେ ରଖାଇ ତାର ଶିକ୍ଷାର ବିଧାନ କଲେ; କିନ୍ତୁ ଲକ୍ଷ୍ମୀକୁ ଧରି ରଖିବା କ୍ରମେ କଠିନ ହୋଇ ପଡ଼ିଲା । ପଣ୍ଡିତଙ୍କ ନିକଟରେ ବସି ଯାହା ସେ ଶିକ୍ଷା କରେ ଓ ଯାହା ପରୀକ୍ଷା ଦିଏ, ସେଥିରେ ସେ ବିସ୍ମିତ ହୁଅନ୍ତି । ଏତେ ବଡ଼ ମେଧାବୀ ଛାତ୍ର ସେ ତାଙ୍କର ଶିକ୍ଷକତା କରିବା ଦିନୁଁ ଦେଖି ନାହାନ୍ତି ।

ପ୍ରଥମେ ପ୍ରଥମେ ତାର ସମସ୍ତ ଦୌରାତ୍ମ୍ୟକୁ ରାଜା ବାଳକ-ସୁଲଭ ଚପଳତା ବୋଲି ଜ୍ଞାନ କରୁଥିଲେ; କିନ୍ତୁ ଯେତେବେଳେ ଦେଖିଲେ ଯେ ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ତାର ଉତ୍ପାତ ମଧ୍ୟ ବଢ଼ିବାକୁ ଲଗିଲା, ସେତେବେଳେ ସେ ନିରୁପାୟ ହୋଇ ଚିନ୍ତା କଲେ । ଲକ୍ଷ୍ମୀବାବୁ ନବରରେ ଯେତେ ସମୟ ରହେ, ବାହାରେ ରହେ ତା'ଠାରୁ ଅନେକ ବେଶି; କିନ୍ତୁ ନବରକୁ ସେ ଫେରିବା ପୂର୍ବରୁ ତିନି ଚିକିଟା ନାଲିଶ ତା ବିରୁଦ୍ଧରେ କରାଯାଇଥାଏ । କାହାକୁ ମାରି ଖୁଣ କରିଛି, କାହାର କନ୍ୟା ଦେହରୁ ଗହଣା କାଢି ନେଇ ପାଣିରେ ଫିଙ୍ଗିଛି, କାହାର ଗର୍ଭିଣୀ ଗାଈଟି ପାଞ୍ଚାଡ଼ରେ ସମସ୍ତ ମଧ୍ୟାହ୍ନ ଧାଇଁ ଧାଇଁ ଅସମୟରେ ତାକୁ ପ୍ରସବ କରାଇଛି ।

Digitized by PPRACHIN, SOA

କେବେ ହୁଏତ କୌଣସି ଦାସୀର ଅଞ୍ଚଳ ଧରି ସେ ତାକୁ ଅର୍ଦ୍ଧ ଉଲଙ୍ଗ ଅବସ୍ଥାରେ କୌଣସି ଅସମ୍ଭବ ବସ୍ତୁ ଦେବା ଲାଗି ଅଳି କରେ । ଦାସୀଟି ଲଜ୍ଜାରେ ଜଡ଼ସଡ଼ ହୋଇ ବକ୍ଷରେ ହସ୍ତ ରଖି ଅଞ୍ଚଳ ଟାଣେ । ଏହି ସମୟରେ ସୁନନ୍ଦା ଆସି ଉପସ୍ଥ ହୋଇଯାଏ । ବାଳକର ହସ୍ତ ଶିଥିଳ ହୁଏ, ସେ ଅଞ୍ଚଳ ଗୁଡ଼ କାତର ଦୃଷ୍ଟିରେ ଏହି ଉଗ୍ରମୂର୍ତ୍ତି ରମଣୀକୁ ଚାହିଁ ରହେ । ତାର ମନେ ହୁଏ, ଏହି ରମଣୀର ଚକ୍ଷୁ ଦୁଇଟି ତାର ପ୍ରତି ଅଙ୍ଗର ଶିରା ପ୍ରଶିରା ତନ୍ନ ତନ୍ନ କରି ଗଣୁଚି, ତାର ପ୍ରତି କର୍ମ ପ୍ରତି ଚିନ୍ତା ତୀବ୍ରଦୃଷ୍ଟିରେ ପର୍ଯ୍ୟବେକ୍ଷଣ କରୁଚି । ଦ୍ୱାଦଶବର୍ଷୀୟ ବାଳକର ଭାଲଦେଶରେ ଘର୍ମ ବିନ୍ଦୁ ଦେଖାଦିଏ ।

ତଥାପି ତା ଉଚ୍ଛୃଙ୍ଖଳତା ବନ୍ଦ ହୁଏନାହିଁ । ତାର ଭାବନା, ତାର ଚିନ୍ତାର ଧାରା କୌଣସି କର୍ମକୁ ଅକର୍ମ ଜ୍ଞାନ କରେନାହିଁ; ଅପକର୍ମ ଜ୍ଞାନ କରିବା ତ ଦୂରର କଥା ।

ଆଜ ରଜ—ରାଜ୍ୟର ପୁରପଲ୍ଲୀରେ ଘରେ ଘରେ ଏ ଉତ୍ସବ ପାଳିତ । ସମସ୍ତ କର୍ମ ରହିତ ହୁଏ । ବିଶ୍ରାମର କାଳ । ଦୀନ ଦରିଦ୍ରଠାରୁ ରାଜା ମହାରାଜା ପର୍ଯ୍ୟନ୍ତ ସମସ୍ତଙ୍କର ଛୁଟି । ପୁରୁଷ ଭୂମି ଖନନ କରିବନାହିଁ । ନାରୀ ଭୂମିକୁ ସ୍ପର୍ଶ କରିବନାହିଁ, ତୃଣ ପର୍ଯ୍ୟନ୍ତ ଛେଦନ କରିବନାହିଁ । ପୃଥିବୀ ରଜସ୍ୱଳା । ଏହି ସମୟରୁହିଁ ଧରଣୀର ଯୌବନ ଆସେ । ତାର ସକଳ ଅଙ୍ଗରେ ନବ ଅଙ୍କୁର ରୂପେ ଲୋମ ଉଦ୍‌ଗତ ହୁଏ । ପ୍ରଥମ ବୃଷ୍ଟିର ମାଟିଗନ୍ଧ ଜଗତକୁ ମତୁଆଳ କରେ । ଚତୁର୍ଦ୍ଦିଗରେ ଛୁଟିର ଆନନ୍ଦ, କ୍ରୀଡ଼ା—ଶିଶୁଠାରୁ ବୃଦ୍ଧ, କିଶୋରୀଠାରୁ ପ୍ରୌଢ଼ା ପର୍ଯ୍ୟନ୍ତ ।

ଲକ୍ଷ୍ମୀବାବୁ ମଧ୍ୟାହ୍ନ ବିହାରରେ ବାହାରିଛନ୍ତି—ଏହି ଆଦିମ ଧରଣୀର ନବୀନ ପାନ୍ଥ । ଆକାଶରେ ଉତ୍ତାପ ନାହିଁ, ଶୁଭ୍ର ମେଘରେ

Digitized by PPRACHIN, SOA

ତାହା ଆଛନ୍ତି । ସଙ୍ଗୀମାନଙ୍କ ସହ ସେ କ୍ରୀଡ଼ା ଉଦ୍ଦେଶ୍ୟରେ ବାହାରିଅଛୁ । ଯେନାସାହିଟି ବ୍ରାହ୍ମଣ ଶାସନ ନିକଟରେ, ନବର-ଠାରୁ କିଛିବାଟ ଦୂର । ଯେନାମାନେ ପୁରାତନ ରାଜବଂଶୀ ବୋଲି ଗର୍ବ କରନ୍ତି, ଅବଶ୍ୟ ବର୍ତ୍ତମାନ ରାଜାଙ୍କ ସହିତ ସେମାନଙ୍କର ସମ୍ପର୍କ ଖୋଜି ବସିଲେ, ଗୋଟାଏ ଭୂମୂଳ ଇତିହାସର ଆବିଷ୍କ୍ରିୟା ହେବ । ବର୍ତ୍ତମାନ ରାଜାଙ୍କର ଦର୍ଶନ ପାଇଲେ, ଏମାନେ ସାଷ୍ଟାଙ୍ଗ ଭୂମିଷ୍ଠ ହୁଅନ୍ତି । ଦଶହରା ଆଦି ପର୍ବରେ ଛୁରୀ ଓ ଲଠି ଖେଳର କୌଶଳ ପ୍ରଦର୍ଶନ କରନ୍ତି । ଏହିମାନଙ୍କ ମଧ୍ୟରୁ କେତେଗୋଟି ଯୁବକଙ୍କ ସହିତ ଲଣ୍ଡାବାବୁଙ୍କର ସଦ୍ଭାବ ଜନ୍ମିଛି । ଏହି ଯୁବକମାନଙ୍କ ମଧ୍ୟରୁ କେତେକ ଦାସୀ ପୁତ୍ର ମଧ୍ୟ ଅଛନ୍ତି ।

ଧନ ଏବଂ ସମ୍ଭ୍ରମରେ ଯେନାସାହିର ମଙ୍ଗରାଜମାନେ ନିଷ୍ପ୍ରଭ ହୋଇ ପଡ଼ିଥିଲେହେଁ, ଏହି ପୁରାଣ ପଦ୍ଧତିକୁ ପୂର୍ଣ୍ଣରୂପେ ରକ୍ଷାକରି-ଯାଇ ଅଛନ୍ତି । ପ୍ରତି ଗୃହରେ ଦୁଇଟି ଗୋଟିଏ ଦାସୀ ପୁତ୍ର-କନ୍ୟା-ଭୂଷିତା ହୋଇ ଗୃହସ୍ୱାମୀଙ୍କର ଆନନ୍ଦ ବର୍ଦ୍ଧନ କରନ୍ତି । ଦାସୀ ହୋଇ ସେମାନେ ନାଗରିକ ସମସ୍ତ ପୂର୍ଣ୍ଣ ଅଧିକାରରୁ ବଞ୍ଚିତା । ଗୃହ ମଧ୍ୟରେ ସେମାନଙ୍କର ସ୍ଥାନ ଗୃହିଣୀର ବହୁ ନିମ୍ନରେ । ସେମାନଙ୍କର ସନ୍ତାନ ଗୃହିଣୀ ସନ୍ତାନର ଅନୁଚର; ଆଜି ମଧ୍ୟ ଏ ପ୍ରଥା ସମ୍ଭ୍ରାନ୍ତ ଉତ୍କଳୀୟଙ୍କ ଘରେ ସସମ୍ମାନରେ ଅନୁସୃତ । ଏହି ଦାସୀପୁତ୍ର ସାଧାରଣତଃ ଜନନୀ ଜଠରରୁ ହିଁ ଚରିତ୍ର ସମ୍ବନ୍ଧରେ ଦେଉଳିଆ ହୋଇ ପଡ଼ନ୍ତି । ନୈତିକତାର ପକ୍ଷାଘାତରେ ପ୍ରାୟ ସମସ୍ତେ ରୁଗ୍ଣ । ଗୃହସ୍ୱାମୀଙ୍କର ନିଜ ପତ୍ନୀର ସନ୍ତାନମାନଙ୍କୁ ଏହିମାନେ ହିଁ ବିପଥ-ଗାମୀ ଓ ଭ୍ରଷ୍ଟାଚାରୀ କରନ୍ତି ଏବଂ ପ୍ରତି ଗୃହକୁ କାମୁକତାର ନୃତ୍ୟ-ମନ୍ଦିର କରି ତୋଳନ୍ତି । ଲଣ୍ଡାବାବୁ ଏହିମାନଙ୍କର ସଙ୍ଗ ଲାଭ କରି ଜୀବନକୁ ଅତି ସୁଖର ସାମଗ୍ରୀ ରୂପେ ଉପଭୋଗ କରେ ।

Digitized by PPRACHIN, SOA

ସେଦିନ ରଜ—ସେନାସାହିର କଣେଶୋଇ, ବୃଦ୍ଧା ସମସ୍ତେ ହାସ୍ୟ ଗୀତ ଓ କ୍ରୀଡ଼ୋନ୍ମତ୍ତ । କେବଳ ସାରବର ମଙ୍ଗରାଜଙ୍କର କନ୍ୟା ଶୋଭା ତାର ଶ୍ରେଷ୍ଠ ସାଇଟିକୁ ନେଇ ପୋଖରୀ କୂଳର ଗୋଟିଏ ବଟଶାଖା ଉପରେ ବସି କ୍ରୀଡ଼ା କରୁଛି । ବଟଶାଖାଟି ଦୋଳି ଆକାରରେ ପୁଷ୍କରିଣୀର ସ୍ୱଚ୍ଛ ଜଳ ଉପରେ ଝୁଲି ପଡ଼ିଛି ଏବଂ ସଙ୍ଗରେ ଗୋଟିଏ ବୃହତ୍ ଜାମୁଗଛ ଆକାଶକୁ ମସ୍ତକ ଉତ୍ତୋଳନ କରିଅଛି । ତାର ଶାଖା ପ୍ରଶାଖା ପକ୍ୱ ଫଳରେ ଭରି ରହିଛି । ଶୋଭା ବଟଶାଖା ଉପରେ ଜାମୁକୋଳି ତୋଳି ଶ୍ରେଷ୍ଠ ସାଇଟି ପାଇଁ ଭୂତଳକୁ ନିକ୍ଷେପ କରୁଛି ଏବଂ ନିଜେ ମଧ୍ୟ ମୁଖରେ ଦେଉଅଛି । ମଧ୍ୟେ ମଧ୍ୟେ କୋଳିଗୁଡ଼ିକ ପୁଷ୍କରିଣୀର ତଟ-ଦେଶରୁ ଗଡ଼ି ଚଡ଼ି ଜଳରେ ନିପତିତ ହେଉଛି । ତାର ଶ୍ରେଷ୍ଠ ସାଇଟି ସେମାନଙ୍କର ପଶ୍ଚାଦ୍ଧାବନ କରି ହତାଶ ହୋଇ ପଡ଼ୁଛି । ଶୋଭା ସେଥିରେ ଉଚ୍ଚ ହାସ୍ୟ କରି ଉଠୁଛି ।

ଶୋଭା ସୁନ୍ଦରୀ—କୁଙ୍କୁମ ପରି ତାର ଦେହର ରଙ୍ଗଟି । ସଦ୍ୟ ପୁଷ୍ପିତ ତା'ର ଯୌବନ ସମସ୍ତ ଅବୟବରେ ଢଳ ଢଳ ହେଉଛି ।

ଲଣ୍ଡାବାବୁ ପୁଷ୍କରିଣୀର ବିପରୀତ ପାର୍ଶ୍ୱରେ ସ୍ନାନଗଲା-ବେଳେ କଣେଶୋଇର ସେହି ଖଳ ଖଳ ଉଚ୍ଚହାସ୍ୟ ପୁଣି ଧ୍ୱନିତ ହୋଇ ସେହି ଦିଗକୁ ଚାହିଁଲା । ଆଜି ଘନ ଅନାବୃତ ଶୋଭାର ସୁଗୋଲ୍ ସୁଠାମ ପଦ ଦୁଇଟି ବଟ ଶାଖାରୁ ଜଳ ଉପରକୁ ଝୁଲି ପଡ଼ିଛି । ଲଣ୍ଡାବାବୁ ଶୋଭାକୁ ଚିହ୍ନେ—ସେ ତାର ଗ୍ରୀଷ୍ମଶାଳୀର ବାଲ୍ୟ ସାଥୀ, ବର୍ଷେ କମ୍ବା ଦୁଇବର୍ଷ ବଡ଼ ହେବ । ବିପରୀତ ପାର୍ଶ୍ୱରୁ ଶୋଭାକୁ ସେ ଡାକିଲା, 'ଶୋଭା, କୋଳି ଦେବୁ ?'

Digitized by PPRACHIN, SOA

ଉତ୍ତର ହେଲା, 'ନେ" ଏବଂ ସଙ୍ଗେ ସଙ୍ଗେ ଠବ ଠବ ଶବ୍ଦରେ ଗୁରୁ ପାଞ୍ଚଟା କୋଳି ପୁଷ୍କରଣୀ ଗର୍ଭରେ ନିପତିତ ହେଲା । ଶୋଭା ଅଟ୍ଟହାସ୍ୟ କରି ଉଠିଲା । ଲଣ୍ଡାବାବୁ ପଥ ଭାଙ୍ଗି ଶୋଭାଙ୍କ ନିକଟକୁ ଅଗ୍ରସର ହେଲା । ବୃକ୍ଷ ନିମ୍ନକୁ ଆସି ଶୋଭାର ସମସ୍ତ ରୂପଟି ତାର ଦୃଷ୍ଟିଗୋଚର ହେଲା । ଅଳ୍ପଦିନ ମଧ୍ୟରେ ଶୋଭା ରୂପରେ ଏପରି ବିଚିତ୍ର ପରିବର୍ତ୍ତନ ସେ କଳ୍ପନା କରି ନ ଥିଲା— ତା' ଅଙ୍ଗର ପ୍ରତି ଲୋମକୂପ ଆଜି ଯେପରି କଥା କହି ଉଠୁଛି । ଚିନ୍ତାହୀନ ତାର ମୁଖମଣ୍ଡଳ – ଚନ୍ଦ୍ରକୁ ରାହୁ ପରି ସୁଦୀର୍ଘ କେଶଗୁଚ୍ଛ ପୃଷ୍ଠ ଆଚ୍ଛାଦନ କରି ଲମ୍ବିମାନ । ଜାମୁକୋଳି ନୀଳ ରଙ୍ଗରେ ଅଧର ତାର ରଞ୍ଜିତ । ଶୋଭା ଗୋଟିଏ ଜାମୁକୋଳି ଲଣ୍ଡାବାବୁର ମୁଖକୁ ଲକ୍ଷ୍ୟକରି ନିକ୍ଷେପ କଲା ଏବଂ କୋଳିଟି ତାର ଗଣ୍ଡଦେଶରେ ଗୋଟିଏ ନୀଳଚିହ୍ନ ଅଙ୍କିତ କରି ଭୂତଳରେ ପଡ଼ିଲା ।

ଲଣ୍ଡାବାବୁ ମୁହୂର୍ତ୍ତେ ଚିନ୍ତା ନ କରି ଏକ ଲମ୍ଫରେ ବୃକ୍ଷ ଶାଖା ଉପରେ ଉଠି ଶୋଭା ନିକଟରେ ବସିଲା ଏବଂ ବିନା ପ୍ରଶ୍ନରେ ଶୋଭାର ପୃଷ୍ଠଦେଶ ବେଷ୍ଟନ କଲା—ତାର ଆର୍ଦ୍ର କେଶ ସ୍ପର୍ଶରେ କିଶୋରର ସମସ୍ତ ଅଙ୍ଗ ରୋମାଞ୍ଚିତ ହୋଇଉଠିଲା ।

Digitized by PPRACHIN, SOA

ଏକାଦଶ ପରିଚ୍ଛେଦ

'ଏହା ମୋର ଆତ୍ମଲିପି । ମୋର ଅଶୀତିତମ ବର୍ଷ ବୟସର-ସ୍ୱୀକାରୋକ୍ତି । ଜୀବନର ଏହି ସୁଦୀର୍ଘ ପଥ ଭ୍ରମଣ କରି ଶୁଣିଲି ଅନେକ, ଦେଖିଲି ଅନେକ । ଅନେକ ରସ ଆସ୍ୱାଦନ, ଅନେକ ସ୍ପର୍ଶ ଅନୁଭବ କଲି—ଅର୍ଜନ କଲି ଯଥେଷ୍ଟ ଖ୍ୟାତି ସମ୍ମାନ; କିନ୍ତୁ ହାୟ ! ବୁଝିଲି ଅତି ଅଳ୍ପ । ଲାଭ କଲି, ଦାନ କଲି; କିନ୍ତୁ ହେଲି ନିଜେ କଣ ? ସମସ୍ତ ଐଶ୍ୱର୍ଯ୍ୟ ପରିବେଷ୍ଟିତ ହୋଇ ଧର୍ମ, ଅର୍ଥ, କାମ, ଯାହା କିଛି ଅଭିଳଷିତ, ସବୁ ଲାଭ କଲି; କିନ୍ତୁ ଅନ୍ତରର ଶୂନ୍ୟତା ଯେ ପୂର୍ଣ୍ଣ ହେଲାନାହିଁ,—ଜୀବନର ଅଖଣ୍ଡ ଦୀନତାର ହ୍ରାସ ହେଲାନାହିଁ !

ଜୀବନ ! ଆଜି ଏହି ଦୀର୍ଘପଥ ପାର ହୋଇ ଦେଖୁଛି, ସେ ଗୋଟାଏ ବିରାଟ ରହସ୍ୟରେ ଆଚ୍ଛନ୍ନ । ସେ କେବଳ ଯନ୍ତ୍ରବତ୍ ଅପର ଏକ ନିର୍ଦ୍ଦେଶରେ ପରିଚାଳିତ । ମନୁଷ୍ୟର ବୁଦ୍ଧି ବିବେକ ତା' ନିକଟରେ ଲଜ୍ଜିତ, ପରାହତ । ମନେ ପଡ଼େ ଦିନ ଥିଲା, ଯେତେବେଳେ ଭାବୁଥିଲି, ଜୀବନର ଗତି ନିଜକୁ ସ୍ଥିର କରିବାକୁ ହେବ । ଦୈବୀଶକ୍ତି ଉପରେ ନିର୍ଭର କରିବା ଦୁର୍ବଳତା, ମୂଢ଼ତା ; କିନ୍ତୁ କାହିଁ ହେଲି ନାହିଁ ତ ! ଷଷ୍ଠିତମ ବର୍ଷ ବୟସର ଜରା ଅଙ୍ଗରେ ଏପରି କର୍ମ କଲି, ଯାହା ମୋର ପ୍ରିୟ ପ୍ରଜାବୃନ୍ଦ ଓ ଜନ-

Digitized by PPRACHIN, SOA

ସାଧାରଣଙ୍କଠାରୁ ଗୋପନ ରଖିବାକୁ ହେଲା । ରାଜାର ଆସନରୁ ଓହ୍ଲାଇ ଆସି ଅପରାଧୀର ସ୍ଥାନରେ ଦଣ୍ଡାୟମାନ ହେବାକୁ ସେଦିନ ଦିନୁଁ ବହୁବାର ଅଭିଳାଷ ଜନ୍ମିଲା; କିନ୍ତୁ ସେ ଘଟଣାକୁ ନିଜ ଦୃଷ୍ଟିରୁ ଅପରାଧ ଜ୍ଞାନକରି ପାରିଲି ନାହିଁ, ଅନ୍ୟ ବିଚାରପତିର ଦୃଷ୍ଟିରେ ଯଦି ବା ଦଣ୍ଡନୀୟ ହୋଇଥାନ୍ତା । ବିଚାର ଆସନରେ ବସିବା କାଳରେ ମୋର ଏହି ସନ୍ଦେହ ବାରମ୍ବାର ଜାତ ହୋଇଅଛି—ଯେ ଦୋଷୀ ସାବ୍ୟସ୍ତ ହେଲା, ତାହାର ସ୍ଥାନରେ ଥିଲେ ମୁଁ ନିଜକୁ ଦୋଷୀ ନା ନିର୍ଦ୍ଦୋଷ ବୋଲି ଜ୍ଞାନ କରନ୍ତି । ସେଥିପାଇଁ ମନୁଷ୍ୟ ମନୁଷ୍ୟର ବିଚାର କରିବା ପରିହାସକର ବ୍ୟାପାର ଜଗତରେ ଆଉ ଦ୍ୱିତୀୟ ନାହିଁ ବୋଲି ମୋର ଧାରଣା ।

ତାହାହେଲେ ଏ ଅର୍ଥହୀନ ଶାସନ ଓ ଅସତ୍ୟ ରାଜସିଂହାସନର ମୂଳୋଚ୍ଛେଦ ନ କଲି କାହିଁକି ? କାରଣ, ଦେଖିଲି ରାଜା ଯେ କେବଳ ଇଚ୍ଛା କରେ ଜନସାଧାରଣକୁ ଶାସନାଧୀନ ରଖି ଦୋଷୀକୁ ଦଣ୍ଡ ଓ ନିର୍ଦ୍ଦୋଷକୁ ପୁରସ୍କାର ଦାନ କରିବ ତାହା ନୁହେଁ, ପ୍ରଜାସାଧାରଣ ମଧ୍ୟ ନିଜକୁ ଅପରକୁ ଶାସନାଧୀନରେ ରଖି ସୁଖ ଶାନ୍ତିରେ ବାସ କରିବାକୁ ଇଚ୍ଛାକରେ । ଏହି କାରଣରୁ ହିଁ ରାଜା ଏବଂ ପ୍ରଜାର ଉତ୍ପତ୍ତି ।

କିନ୍ତୁ ରାଜା ଯଦି ଦୋଷ କରେ, ଅପରାଧ କରେ, ତାହାର ବିଚାରକ କିଏ ? ତାହାର ବିଚାରକ ଜଗତର ସିଂହାସନରେ ଯେଉଁ ରାଜାର ରାଜା ସମସ୍ତ ବିଶ୍ୱବ୍ରହ୍ମାଣ୍ଡକୁ ପରିଚାଳିତ କରେ । ଏ ଜୀବନରେ ଯଦି ଅପରାଧ କରିଥାଏଁ, ତାହାହେଲେ ସେ ରାଜାର ସମକ୍ଷରେ ମତେ ଅବଶ୍ୟ ଜବାବ ଦେବାକୁ ହେବ; କିନ୍ତୁ ତତ୍-

Digitized by PPRACHIN, SOA

ପୂର୍ବରୁ ମୁଁ ଯେଉଁ ପ୍ରଜାସାଧାରଣଙ୍କର ବିଗ୍ଭରକ ହୋଇ ବସିଥିଲି, ସେହିମାନଙ୍କ ନିକଟରେ ସବୁ ପ୍ରକାଶ କରିବା ଆବଶ୍ୟକ ହୋଇ ପଡ଼ିଅଛି । ମୁଁ ଜାଣେ ମୋର ପ୍ରିୟ ପ୍ରଜାବୃନ୍ଦ ଏ କର୍ମ ମୋର ଯେତେ ବଡ଼ ତ୍ରୁଟି ବୋଲି ବିବେଚିତ ହେଲେହେଁ କ୍ଷମା ଦାନ କରିବେ ।

ସେ ବହୁବର୍ଷ ପୂର୍ବର କଥା । ମୋର ପ୍ରଥମ ଯୌବନ କାଳ । ଅବିବାହିତ ଜୀବନ । ନାରୀର ଆକର୍ଷଣ ସେ ପର୍ଯ୍ୟନ୍ତ ଏ ହୃଦୟ ଅନୁଭବ କରି ନ ଥିଲା । ପ୍ରଥମେ ଗୋଟିଏ ବାଳିକା ଉପରେ ଦୃଷ୍ଟି ପତିତ ହେଲା । ବାଳିକାଟି ସମ୍ଭ୍ରାନ୍ତବଂଶୀୟା, ମୋର ପାଠା-ଗାରରେ ତାର ସାକ୍ଷାତ୍ । ଅତ୍ୟନ୍ତ ଶିଶୁ । ଦୁହିଁଙ୍କ ମଧ୍ୟରେ ବୟସର ବ୍ୟବଧାନ ଅନେକ ବେଶି; ତଥାପି ସେହି ବାଳିକାର ରୂପରେ କି ଗୋଟାଏ ଅମୀୟ ଶୁଚିତା ନିହିତ ଥିଲା ଯାହା ମୋର ସମସ୍ତ ଅନ୍ତରକୁ ଅକସ୍ମାତ୍ ସୁରଭିତ କରିଦେଲା । ବାଲ୍ୟ ଜୀବନରୁହିଁ ମୋର ଧର୍ମ ପ୍ରତି ଦୃଷ୍ଟି ଥିଲା । ପୂଜା, ଦାନ, ସଂଯମ, ସଦାଚାର ଆଦି ସ୍ୱର୍ଗୀୟ ପିତାଙ୍କ ଯତ୍ନରୁହିଁ ଶୈଶବରୁ ଶିକ୍ଷା କରିଥିଲି । ସକଳ ନିୟମ ମଧ୍ୟରେ ଆବଦ୍ଧ ରହି ମଧ୍ୟ ଯେତେବେଳେ ଏହି ବାଳିକାକୁ ଦେଖେଁ ମୋର ସମସ୍ତ ଶିକ୍ଷା ଦୀକ୍ଷା ଅତି ତୁଚ୍ଛ, ଅତି ନଗଣ୍ୟ ମନେ ହୁଏ । ତାର ହାସ୍ୟଟିକି, କଥା ପଦେ ସମସ୍ତ ଜଗତ ବିନିମୟରେ ମଧ୍ୟ ଅମୂଲ୍ୟ ବୋଧ କରେଁ ।

କିନ୍ତୁ ତାକୁ ଲାଭ କରିବା ମୋ ପକ୍ଷରେ ଅସମ୍ଭବ ଥିଲା । ମୁଁ ବିବାହିତ ହେଲି, ସେ ମଧ୍ୟ । ବାଳିକା ତାର ଚକ୍ଷୁରେ ତାର ଅଧରରେ ଏ ପ୍ରାଣରେ ଯେଉଁ ପୂତ ବୃଭୁକ୍ଷାଟିକି ଆଣି ଦେଇଥିଲା, ତାହା ଲାଭ ନ କରି ସମସ୍ତ ଚିତ୍ତ କିଛିକାଳ ପାଇଁ ଉଦାସ

Digitized by PPRACHIN, SOA

ଅବସନ୍ନ ହୋଇ ପଡ଼ିଲି; କିନ୍ତୁ ଜୀବନର ସହଚରୀ ରୂପରେ ଯାହାଙ୍କୁ ଲାଭ କଲି ତାଙ୍କର ନିଷ୍ଠା ଓ ସେବା ମୋର ସମସ୍ତ ଦେହ ମନ ଭୁଲାଇ ରଖିଲା । ଦେବ ! ତୁମେ ଆଜ ସ୍ୱର୍ଗରେ—ଏ ଜୀବନର କୌଣସି ତ୍ରୁଟି, କୌଣସି ପାପ ତୁମଠାରୁ ଗୋପନ ରଖିନାହିଁ । କିନ୍ତୁ କାହିଁ ? ସମସ୍ତ ଶୁଣି ମଧ୍ୟ ଦିନେ ହେଲେ ତ ସେ ସହଜ ହାସ୍ୟଟିକ ତୁମ ମୁଖରୁ ନିଭିଲା ନାହିଁ । ଦିନେ ହେଲେ ତ ସେ ମୁଖକୁ ବୃଥା ଅଭିମାନର ମଳିନତା କଳୁଷିତ କଲା ନାହିଁ !

ମୋର ବିବାହର ଅଳ୍ପ କେତେ ବର୍ଷ ପରେ ଶୁଣିଲି, ସେହି ମୋର ଜୀବନର ପ୍ରଥମ ପ୍ରେୟସୀଟି ସ୍ୱାମୀକୁ ଲାଭକରିବା ପୂର୍ବରୁ ବୈଧବ୍ୟ ଲାଭ କରିଅଛି । କିଛିକ୍ଷଣ ପାଇଁ ସେ ଆଘାତ ଅନ୍ତରକୁ ମଥିତ କଲା; ତାର ବିଧବାର ରୂପଟି ଚକ୍ଷୁ ସମକ୍ଷରେ ଅଂଧାରହ ଭାସି ଉଠିଲା; କିନ୍ତୁ ରାଣୀଙ୍କର ଯତ୍ନ ଓ ରାଜକାର୍ଯ୍ୟ ଅନ୍ତରର ଏ ଦୌର୍ବଲ୍ୟକୁ ଅବରୁଦ୍ଧ କରି ରଖିଲା ।

ସନ୍ତାନହୀନତାର ବେଦନା ଉଭୟ ସ୍ତ୍ରୀ ପୁରୁଷଙ୍କର ଅନ୍ତରମୟ ଛିନ୍ନ କରିଦେଲା । ଏ ଯେପରି ଆମ୍ଭମାନଙ୍କ ଦାମ୍ପତ୍ୟ ଜୀବନର ଶ୍ରେଷ୍ଠତମ ତ୍ରୁଟି ଓ ପାପ । ଉଭୟେ ଯେପରି ପରସ୍ପରଠାରେ ଅପରାଧୀ । ଯେତେବେଳେ ସାକ୍ଷାତ୍ ହୁଏ, କେହି ଏ ବିଷୟ ଉତ୍ଥାପନ କରିପାରେ ନାହିଁ । ଶେଷରେ ଅବସ୍ଥା ଏପରି ହୋଇ ପଡ଼ିଲା, ଏକ ଅପରର ସମକ୍ଷକୁ ବାହାରିବା ପାଇଁ ଲଜ୍ଜା ଓ ଭୟ ଜାତ ହେଲା ।

ରାଜ୍ୟର ସମସ୍ତେ ଓ ସ୍ୱୟଂ ରାଣୀ ମଧ୍ୟ ଏକକାଳରେ ଇଚ୍ଛା କଲେ, ମୁଁ ପୋଷ୍ୟପୁତ୍ର କରେ କିମ୍ବା ପୁନର୍ବିବାହ କରେ ।

Digitized by PPRACHIN, SOA

ଦୁଇଟିଯାକ ପ୍ରସ୍ତାବ ଅସ୍ୱାଭାବିକ ବୋଧ ହେଲା; କୌଣସିଟିରେ ସମ୍ମତ ହୋଇ ପାରିଲିନାହିଁ ।

କିନ୍ତୁ ଜୀବନର ଗତି ଯେ ଏପରି ବିଚିତ୍ର ଭାବରେ ଫେରି ପାରେ ତାହା କଳ୍ପନା କରିବା ମଧ୍ୟ ମୋ ପକ୍ଷରେ କୌଣସି ଦିନ ସମ୍ଭବ ହେଲାନାହିଁ । ହାୟ୍, କଳ୍ପନାଠାରୁ ସତ୍ୟ ଯେ ଆହୁରି ଅଦ୍ଭୁତ, ଏହା କିଏ ଜାଣେ ?

ସେତେବେଳେ ମୋର ଆଭ୍ୟନ୍ତରୀଣ ଜୀବନରେ ଏକ ଆସୁରି ସଂଗ୍ରାମ ଚାଲୁଥାଏ । ନିଜର ଭବିଷ୍ୟତ୍ ଓ ରାଜ୍ୟର ଭବିଷ୍ୟତ୍ ଚିନ୍ତା କରି କରି କୌଣସି ବିଷୟରେ କିନାରା କରିପାରେ ନାହିଁ । ଅପ୍ର-କାଶିତ ଗୋଟାଏ ମର୍ମନ୍ତୁଦ ବେଦନା ସମସ୍ତ ଅନ୍ତରଟାକୁ ଛିନ୍ନ କରି ରଖିଥାଏ ।

ଏହି ସମୟରେ ହଠାତ୍ ଦିନେ ସାକ୍ଷାତ ହେଲା ମୋର ସେହି ପ୍ରଥମ ପ୍ରେୟସୀ ସହିତ । ସେ ସମସ୍ତ ଜୀବନ ବ୍ରହ୍ମଚାରିଣୀର କଠୋର ନିୟମ ପାଳନ କରି ଆଜି ପ୍ରୌଢ଼ା । ପୌଷର ଚଞ୍ଚଳ ସନ୍ଧ୍ୟା ସମସ୍ତ ସାଧନା ଉଦ୍ୟାନକୁ ଧୂସର କରି ଦେଇଛି । ସନ୍ଧ୍ୟାହ୍ନିକ ସମାପ୍ତ କରି ମୁଁ ଉଦ୍ୟାନଗୃହ ଅଭିମୁଖରେ ଯାତ୍ରା କରୁଛି; ଅପର ପାର୍ଶ୍ୱରେ ହଠାତ୍ ଦେଖିଲି, ସେହି ଅନିନ୍ଦ୍ୟ ଚକ୍ଷୁ ଦୁଇଟିର ବିଭା । ଷଷ୍ଟିତମ ବର୍ଷୀୟ ଜରା ଅଙ୍ଗ କ୍ଷଣକରେ କୁସୁମିତ ହୋଇ ଉଠିଲା । ପୌଷର ଶୀତବାୟୁ ଫାଲ୍‌ଗୁନ ମଳୟରେ ପରିଣତ ହେଲା । ଜଡ଼ିକ୍ଲିଷ୍ଟ ସାଧନାଉଦ୍ୟାନ ଯୌବନର ଗୁଞ୍ଜନ ଲାଭକଲା ।

ଜୀବନରେ ପତ୍ନୀ ବ୍ୟତୀତ ଅପର ରମଣୀକୁ ଲକ୍ଷ୍ୟ କରିନାହିଁ । ନାରୀ ଜାତିକୁ ମାତୃଜାତି ରୂପେ ସମସ୍ତ ଯୌବନ ଦେଖି ଆସିଲି ।

Digitized by PPRACHIN, SOA

ଏ ରମଣୀକୁ ତ ସେପରି ଦେଖିବାର ସାଧନା କରିପାରିଲି ନାହିଁ । ନିଜ ଜୀବନକୁ ବିଶ୍ଳେଷଣ କରି ଯେତେବେଳେ ଦେଖେଁ ସେତେବେଳେ ଏ ଘଟନାଟି ଏପରି ଅଦ୍ଭୁତ ହୋଇପଡ଼େ ଯେ ନିଜକୁ ଆଶ୍ୱସ୍ତ କରିବା ମୋ ପକ୍ଷରେ ଦୁରୂହ ହୋଇ ଉଠେ । ମୋର ଜପ, ତପ, ଦାନ, ଧ୍ୟାନ, ମୋର ବୁଦ୍ଧି, ବିବେଚନା, ବିବେକ କେହି ମୋତେ ଏଥିରୁ ଉଦ୍ଧାର କରି ପାରିଲେ ନାହିଁ; ବରଂ ସାହାଯ୍ୟ କଲେ ସମସ୍ତେ । ପ୍ରିୟ ପ୍ରଜାବୃନ୍ଦ ! ତୁମ୍ଭମାନଙ୍କର ରାଜା ଚନ୍ଦ୍ରକାନ୍ତ, ଯେ ଦୁଃଖ ବିପଦ ସମକ୍ଷରେ ଅଚଳ ପରି ଦଣ୍ଡାୟମାନ ରହିଛି, ଜୀବନର ସକଳ ବୈକଲ୍ୟ ନିକଟରେ କାଷ୍ଠ କଠୋର ହୋଇଅଛି, ସେ ସ୍ୱପ୍ନରେ ନୁହେଁ, ସୁସ୍ପଷ୍ଟ ଜାଗରଣରେ ତାର ସମସ୍ତ ଅଧ୍ୟୟନ ଆରାଧନା, ସମସ୍ତ ବିବେକ ବୁଦ୍ଧି ଯେନି ଏଠାରେ ନମ୍ର ହେଲା, ଆତ୍ମସମର୍ପଣ କଲା ।

ତତ୍ପରେ ଏହି ପ୍ରେମବୃକ୍ଷର ଅଙ୍କୁର ଜାତ ହେଲା । ଧାଈର ସମସ୍ତ କାର୍ଯ୍ୟ ସ୍ୱହସ୍ତରେ ସମ୍ପାଦନ କଲି । ଗୌରୀ ସ୍ନାନ କାଳରେ ଅଶ୍ୱତ୍ଥ ମୂଳରେ ଶିଶୁଟିକୁ ଶୟନ କରାଇ ଦେଲୁ । ଏହା ଆଜ ବିଂଶ ବର୍ଷ ପୂର୍ବର ଉପାଖ୍ୟାନ । ସମସ୍ତେ ଜାଣନ୍ତି ଏହି ବାଳକ ଆଜ ଲଣ୍ଡାବାବୁ ନାମରେ ରାଜ୍ୟ ମଧ୍ୟରେ ପରିଚିତ । ନ୍ୟାୟତଃ ସେହି ବାଳକ ମୋର ସନ୍ତାନ, ସେହି ମୋର ଜୀବନବ୍ୟାପୀ ସଂଗ୍ରାମର ମୂର୍ତ୍ତିମାନ୍ ବିଜୟ,—ଆହତ ପ୍ରାଣର ଶାନ୍ତିବାରି, ସେହି ତାର ଜନନୀର ସମସ୍ତ ଜୀବନର ପୁଞ୍ଜୀଭୂତ ପ୍ରାଣବନ୍ତ ଅଶ୍ରୁ । ମୋର ଶେଷବାୟୁ ବହିଯିବା ପରେ ଏ ରାଜଗାଦିରେ ତାହାର ହିଁ ପୂର୍ଣ୍ଣ ଅଧିକାର ।

ଏ ବାଳକକୁ ତାର ଜନ୍ମ ଏବଂ ତାର ଲାଳନର ଦୋଷହିଁ ଆଜ ଏପରି ଦୁଃଖାବହରୂପେ ଅସଚ୍ଚରିତ୍ର କରି ଦେଇଅଛି ।

Digitized by PPRACHIN, SOA

ତଥାପି ମୋର ବିଶ୍ୱାସ, ପ୍ରଜାଗଣ, ତୁମ୍ଭେମାନେ ଦିନେ ତାର ଚରିତ୍ରରେ ସନ୍ତୁଷ୍ଟ ହେବ । ସେ ଯେଉଁ ଜନନୀର ଗର୍ଭରୁ ଜାତ ହୋଇଛି, ସେଥିରେ ସେ କଦାପି ଆଜୀବନ ଚରିତ୍ରହୀନ ହୋଇ ରହିପାରେ ନାହିଁ । ଏହି ଶିଶୁର ଜନନୀର ନାମୋଲ୍ଲେଖ ଏଠାରେ କଲି ନାହିଁ । କରିବାର ଆବଶ୍ୟକ ନାହିଁ । ସମୟ ଆସିଲେ ଦିନେ ସମସ୍ତ ପ୍ରକାଶିତ ହେବ ।'

"ଏହି ମୋର ଜୀବନର ଜ୍ଞାତବ୍ୟ ଆଖ୍ୟାୟିକା । ମୋର ମୃତ୍ୟୁ ପୂର୍ବରୁ ଏହାର ପାଠ ନିଷିଦ୍ଧ । ମୋର ଶ୍ରାଦ୍ଧକ୍ରିୟା ଲଣ୍ଡା-ବାବୁ ଦ୍ୱାରହିଁ ସମାହିତ ହେବ । ଗୌରୀର ଲଳିତ ଲଣ୍ଡାବାବୁ ମୋର ମୃତ୍ୟୁପରଠାରୁ ରାଜା ଶୁଭ୍ରକାନ୍ତ ପଟ୍ଟଦେବ ନାମରେ ଅଭିହିତ ହେବେ, ଆମ୍ଭମାନଙ୍କର ବଂଶପରମ୍ପରା ବିଧି ଅନୁସାରେ ।

ଏ ଘଟନାକୁ କେହି ଆଦର୍ଶ ବୋଲି ଗ୍ରହଣ ନ କରନ୍ତୁ । ମାନବଜୀବନର କେବଳ ଏକ ଅତିରିକ୍ତ ସହଜ ପ୍ରକାଶ ରୂପେ ଏହା ଗୃହୀତ ହେଉ, ଏହାହିଁ ମୋର ଆନ୍ତରିକ କାମନା" । ଇତି ।

ଆଷାଢ଼ ୯ ଦିନ
୧୨୫୦ ସାଲ

ଶ୍ରୀ ଚନ୍ଦ୍ରକାନ୍ତ ପଟ୍ଟଦେବ

Digitized by PPRACHIN, SOA

ଦ୍ୱାଦଶ ପରିଚ୍ଛେଦ

ଏହି ସ୍ୱୀକାରୋକ୍ତି ଖଣ୍ଡି ଲଣ୍ଡାବାବୁ ପାଠ କରିସାରି କକ୍ଷର ଚତୁର୍ଦ୍ଦିଗକୁ ଦୃଷ୍ଟି ନିକ୍ଷେପ କଲେ । ସମସ୍ତ ଗୃହ ସମସ୍ତ ଜଗତ୍ ଯେପରି ମୁହୂର୍ତ୍ତକ ମଧ୍ୟରେ ମିଥ୍ୟା ହୋଇଗଲା—ଆଉ ସେ ନିଜେ ! ସେ ନିଜେ କିଏ ? ସତ୍ୟ ନା ମିଥ୍ୟା ? ଗୌରୀ ! ସେ ତାଙ୍କର କେହି ନୁହେଁ; କିନ୍ତୁ କି ଅହେତୁକୀ ସ୍ନେହ ତାର ! ରାଜା ! ସ୍ୱୟଂ ଚନ୍ଦ୍ରକାନ୍ତ ତାଙ୍କର ପିତା ! ଆଉ ଜନନୀ ?—ଜନନୀ ତାର କିଏ ତେବେ ? ଏହି କୃଷାଣ କନ୍ୟା ସୁନା ? ନା, ନା, ସେ ତ କେବଳ ଧାତ୍ରୀରୂପେ ଦୁଗ୍ଧ ଦାନ କରିଛି । ଆଉ କିଏ ତେବେ ? ଚପଳମତି ଯୁବକର ମସ୍ତିଷ୍କ ଘୂର୍ଣ୍ଣିତ ହେଲା । ସେ ନିଜେ ଅଛି କି ନାହିଁ ? ଏ ଚିନ୍ତା ତାକୁ ବହୁଦିନ ଯାଏଁ ଆଚ୍ଛନ୍ନ କରି ରଖିଲା । ଯେଉଁ ଲଣ୍ଡାବାବୁ କାଲି 'ରାଜପଥରେ ଦାସୀପୁତ୍ର ପରି ଭ୍ରମଣ କରୁଥିଲା, ଆଜି ସେ ଶୁଭ୍ରକାନ୍ତ ପଟ୍ଟଦେବ ନାମରେ ମୁକ୍ତାଗଡ଼ ରାଜ୍ୟର ଅଧୀଶ୍ୱର ! କିଏ 'ଲଣ୍ଡାବାବୁ' କିଏ ପୁଣି 'ଶୁଭକାନ୍ତ' ? ଏ ପ୍ରହେଳିକା ଭେଦ କରିବା ତା' ପକ୍ଷରେ ଅତୀବ ଦୁଃସାଧ୍ୟ । କାଲି 'ଲଣ୍ଡାବାବୁ' ଆଜି 'ଶୁଭକାନ୍ତ' ପରଦିନ ପୁଣି କିଏ ହେବ, କିଏ ଜାଣେ !

ଶୁଭକାନ୍ତ ଏହି ଆକସ୍ମିକ ଘଟଣା ଓ ହଠାତ୍ ଏତେ ବଡ଼ ରାଜ୍ୟଭାର ଯେପରି ନିର୍ବିକାର ଚିତ୍ତରେ ବହନ କଲେ, ସେଥିରୁ

Digitized by PPRACHIN, SOA

ବୁଝାଗଲା ତାଙ୍କର ମସ୍ତକ ଏହି ରାଜମୁକୁଟ ପରିଧାନ କରିବାକୁ ବହୁ ପୂର୍ବରୁ ପ୍ରସ୍ତୁତ ଥିଲା ଏବଂ ରାଜଦଣ୍ଡ ଧାରଣା କରିବା ତାଙ୍କ ହସ୍ତପକ୍ଷରେ ଆଶ୍ଚର୍ଯ୍ୟ ବିଷୟ ନୁହେଁ । ଜୀବନକୁ ଅତି ସହଜ ଅଗଭୀର ରୂପେ ଭାବିବା କିମ୍ବା ଗଭୀର କରି ଗ୍ରହଣ କରିବା, ଏ ସମସ୍ତ କେବଳ ମନୁଷ୍ୟ ହାତରେ । ଯେ ଗଭୀର ଭାବରେ ନିଏ, ସେ ଆନ୍ତରିକ କ୍ଳେଶ ପାଏ, ଯେ ସହଜରୂପେ ନିଏ, ତା' ପକ୍ଷରେ ସମସ୍ତ ସହଜ । ଶୁଭକାନ୍ତ ସହଜ ଭାବରେହିଁ ଗ୍ରହଣ କରିଅଛନ୍ତି । ନଇଁକି ସେ, ସମସ୍ତ ପୃଥିବୀର ଶାସନଭାର ନେବାକୁ ସେ ପଶ୍ଚାତ୍ପଦ ହେବେ ନାହିଁ; ଅବଶ୍ୟ ତାହା ସୁଚାରୁରୂପେ ପରିଚାଳନା କରିବା ବିଷୟରେ କୌଣସି ଚୁକ୍ତି ଲେଖି ନ ଦେଇ ।

ସେତେବେଳେ ଇଷ୍ଟ-ଇଣ୍ଡିଆ-କମ୍ପାନୀର ଯୁଗ । ପଶ୍ଚାତ୍ୟ ସଭ୍ୟତାର ମୋହ ରାଜା ଜମିଦାରଙ୍କୁ ପୂର୍ଣ୍ଣରୂପେ ଗ୍ରାସ କରି ନ ଥିଲେହେଁ, ସେମାନଙ୍କ ମଧ୍ୟରୁ ଅଳ୍ପ କେତେକ ଅଗ୍ରଦୂତରୂପେ ଏ ସଭ୍ୟତାକୁ ଅନୁକରଣ କରିବାକୁ ଶିଖିଲେ । ଯୁବକ ଶୁଭକାନ୍ତ ସମସ୍ତ ସୁଯୋଗ ଲାଭ କରି କାହିଁକି ତାହା ପ୍ରତ୍ୟାଖ୍ୟାନ କରିବେ ? ଦୁଇ ତିନି ବର୍ଷ ପରେ ସେ ମନ୍ତ୍ରୀଙ୍କଠାରୁ ରାଜ୍ୟର ସମସ୍ତ ଭାର ଗୋଟି ଗୋଟି ବୁଝିନେଇ ଅତ୍ୟନ୍ତ ଦକ୍ଷତାର ସହିତ ରାଜକାର୍ଯ୍ୟ ପରିଚାଳନା କରିବାକୁ ଲାଗିଲେ; କିନ୍ତୁ ପାଶ୍ଚାତ୍ୟ ସଭ୍ୟତାର ସାମାନ୍ୟ ସ୍ୱାଦ ଲାଭ କରିବା ପାଇଁ ତାଙ୍କୁ ବ୍ୟୟ ବହନ କରିବାକୁ ପଡ଼ିଲା । ରାଜାର ବ୍ୟୟବାହୁଲ୍ୟ ପ୍ରଜାମାନଙ୍କ ଉପରେ ନ୍ୟସ୍ତ ହେଲା । ରାଜାର ପାପ କର୍ମର ପରିପୁଷ୍ଟି ପାଇଁ ଖର୍ଚ୍ଚ ଯୋଗାଇଲେ ଦେଶର ପ୍ରଜାସାଧାରଣ । ଶୁଭକାନ୍ତଙ୍କର ସେଥି ପ୍ରତି ଦୃଷ୍ଟି ନାହିଁ । ସେ ଜଳକର, ଜାଲକର, ନାଚକର, ମାଛକର,

Digitized by PPRACHIN, SOA

ଆଦି ନାନା ନବ କର ସୃଷ୍ଟି ଆରମ୍ଭ କରିଦେଲେ । ଚନ୍ଦ୍ରକାନ୍ତଙ୍କର 'ସେବକ' ନାମଧେୟ ଅଶ୍ୱଟି ବୃଦ୍ଧ ଅକର୍ମଣ୍ୟ ହୋଇ ପଡ଼ିବାରୁ ରାଜକୃପାରୁ ତା' ପ୍ରତି ଯୁଦ୍ଧ ମରଣ ମଞ୍ଜୁର ହେଲା, ଅର୍ଥାତ୍ ଅଶ୍ୱଟି ଗୁଳି ଖାଇ ପ୍ରାଣତ୍ୟାଗ କଲା ଏବଂ ତା' ସ୍ଥଳରେ ଦୁଇଟା ଖଙ୍କାୟ ବିଦେଶୀ ଘୋଟକ କ୍ରୟ କରାଗଲା । ରାଜଗୃହର ସରଞ୍ଜାମର ମଧ୍ୟ କେତେକ ପରିମାଣରେ ଉନ୍ନତି କରାଗଲା; କିନ୍ତୁ ରାଜାଙ୍କର ବିଦ୍ୟା, ବୁଦ୍ଧି, ବିଚାର ଆଦି କ୍ଷେତ୍ରରେ କୌଣସି ଉନ୍ନତିର ସମ୍ଭାବନା ଦେଖାଗଲାନାହିଁ । ଶୁଭକାନ୍ତଙ୍କର ରାଜ୍ୟଶାସନ ଇଚ୍ଛାଧୀନ । ସେ ଯେ ତାଙ୍କର କର୍ତ୍ତବ୍ୟ ଏବଂ ନ୍ୟାୟତଃ ଓ ଧର୍ମତଃ ସମସ୍ତ ରାଜ୍ୟର ସୁଖ ଦୁଃଖ ପାଇଁ ସେ ସ୍ୱୟଂ ଦାୟୀ, ଏହା ସ୍ୱୀକାର କରିବା ତ ଦୂରର କଥା, ଚିନ୍ତା କରିବା ମଧ୍ୟ ରାଜୋଚିତ ନୁହେଁ ବୋଲି ଜ୍ଞାନ କଲେ । ରାଜକୋଷ ଚିରଦିନ ଶୂନ୍ୟ ରହିଲା । ରାଜାର ବ୍ୟୟ ପାଇଁ ଅର୍ଥ ହେଲା ଅନଟନ ।

କର-ପୀଡ଼ାରେ ପ୍ରଜାପୁଞ୍ଜ ଅସ୍ଥିର ହୋଇ ଉଠିଲେ । ରାଜାର କତେଗୁଡ଼ି ଦୁଷ୍ଟ ସମ୍ଭ୍ରାନ୍ତ ଉକାୟତମାନଙ୍କର ଲୀଳାସ୍ଥଳୀ ହୋଇ-ପଡ଼ିଲା । ଚନ୍ଦ୍ରକାନ୍ତ ଯେଉଁଠାରେ କେବଳ ସଦୁପଦେଶ ଦେଇ ଦୁଇ ବିବାଦୀଦଳଙ୍କୁ ବିଦାୟ କରୁଥିଲେ, ଶୁଭକାନ୍ତ ସେଠାରେ ଜରିମାନା ଆଦାୟର ବ୍ୟବସ୍ଥା କରିଦେଲେ । ରାଜାର ଚରିତ୍ର, ରାଜାର ଜୀବନ ସହିତ ପ୍ରଜାପୁଞ୍ଜଙ୍କର ଜୀବନ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ । ରାଜା ଅସଦାଚାରୀ, ଅମିତବ୍ୟୟୀ, ରକ୍ତଶୋଷୀ ହେଲେ, ସେ ଦେବତାର ଆସନରୁ ଓହ୍ଲାଇ ସଇତାନର ଗାଦି ଆରୋହଣ କରେ । ସେଠାରେ ରାଜା ସହିତ ପ୍ରଜାର ସ୍ନେହ ନାହିଁ, ମମତା ନାହିଁ, ଅନୁକମ୍ପା ନାହିଁ । ରାଜାର ଦୁଃଖରେ ପ୍ରଜାର ଦୁଃଖ

Digitized by PPRACHIN, SOA

ଜନ୍ମିବା ଦୂରରେ ଥାଉ ଈର୍ଷାଜନକ ଆନନ୍ଦ ଜନ୍ମେ, ପ୍ରଜା ଦୁଃଖରେ ରାଜାର ଆସନ ଟଳେ ନାହିଁ । ଉଭୟ ମଧ୍ୟରେ ବିରୋଧ ସେହିଠାରେ, ସମସ୍ତ ସମ୍ପର୍କ ସେଠାରେ ବ୍ୟବସାୟାତ୍ମିକ । ସେଠାରେ ରାଜାକୁ ପ୍ରଜା ଦେବତା ଜ୍ଞାନ କରେନାହିଁ । ପ୍ରଜା ପାଇଁ ରାଜା ଧର୍ମପତ୍ନୀକୁ ବିସର୍ଜନ କରେନାହିଁ, ସେଠାରେ ମାନବ ନ ଥାଇ ଦାନବ—ଦାନବକୁ ଶାସନ କରେ—ନବୀନ ନଶ୍ୱରତାର ରାଜତ୍ୱ !

ରାଜା ଯେତେବେଳେ ସବଳ ବୋଲି ନିଜ ଆସନର ମର୍ଯ୍ୟାଦା ହାନି କରେ, ନ୍ୟାୟର ନାମ ଗ୍ରହଣ କରି ରାଜ୍ୟରେ ଡକାୟତି ଆରମ୍ଭ କରେ, ସେତେବେଳେ ପ୍ରଜାସାଧାରଣ ମଧ୍ୟରେ ଯେଉଁମାନେ ବାକ୍ୟରେ, କର୍ମରେ ଏହି ଡକାୟତିର ସମର୍ଥନ କରନ୍ତି, ସେହି ପର-ରକ୍ତଶୋଷୀ ଧନଲିପ୍ସୁମାନଙ୍କର ହିଁ ଆଦର ବଢ଼େ । ରାଜସମ୍ମାନ ସେହିମାନଙ୍କ ପାଇଁ ନିର୍ଦ୍ଦିଷ୍ଟ । ରାଜଦ୍ୱାରରେ ପ୍ରତିପତ୍ତି ସେହିମାନଙ୍କର ହିଁ ନ୍ୟାଯ୍ୟ ପ୍ରାପ୍ୟ ।

ସାଧୁ ସଚ୍ଚରିତ୍ର ପଣ୍ଡିତ, ଧର୍ମାତ୍ମା ପ୍ରଭୃତି ଯେଉଁମାନେ ଚନ୍ଦ୍ରକାନ୍ତଙ୍କର ନାମ ଶୁଣି ଦୂରସ୍ଥାନମାନଙ୍କରୁ ଆସି ନଗରରେ ଆତିଥ୍ୟ ଗ୍ରହଣ କରୁଥିଲେ, ସେମାନେ ଦୂରରେ ରହିଲେ । ରାଜ-ଦରବାର କେବଳ ପାପର ରଙ୍ଗମଞ୍ଚରୂପେ ଘୃଣ୍ୟ ହୋଇ ଉଠିଲା । ସଂକୀର୍ତ୍ତନ, ଭାଗବତପାଠ, ଧର୍ମାଲୋଚନା ଆଦି ଅନାବଶ୍ୟକ ହୋଇ ପଡ଼ିଲା । ରାଜନୀତିରୁ ଏ ସମସ୍ତ ସମ୍ପୂର୍ଣ୍ଣ ପୃଥକ୍ ବୋଲି ଶୁଭକାନ୍ତ ବିବେଚନା କଲେ ।

ଏଥିପୂର୍ବେ ମୁକ୍ତାଗଡ଼ ସିଂହାସନକୁ ଯେତେ ରାଜା ଆସିଥିଲେ, କର ଆଦାୟକୁ ଏପରି କଠୋର ଭାବରେ କେହି ଦେଖୁ ନ

Digitized by PPRACHIN, SOA

ଥିଲେ । କୌଣସି କାରଣରୁ ଶସ୍ୟହାନି ଘଟିଲେ ଏବଂ ପ୍ରଜାପୁଞ୍ଜ ଅଭାବରେ ପଡ଼ିଥିବାର ରାଜା ଜାଣି ପାରିଲେ, କରଦାନରୁ ସେମାନଙ୍କୁ କ୍ଷାନ୍ତ ମିଳୁଥିଲା; କାରଣ ପ୍ରଜାଙ୍କ ପରି ରାଜାଙ୍କର ଅଭାବ ମଧ୍ୟ ଥିଲା ଅତି ଅଳ୍ପ । ଜଣେ ରାଜା ଏବଂ ଜଣେ ସାଧାରଣ ପ୍ରଜାର ଆହାର ବିହାର ମଧ୍ୟରେ ଆକାଶ ପାତାଳ ପ୍ରଭେଦ ନ ଥିଲା । ରାଜା ବିଳାସିତାର ଚୂଡ଼ାରେ ଆହରଣ କରି ମନ ଖୁସି ଅର୍ଥବ୍ୟୟ କରିବ; ଅଥଚ ପ୍ରଜା ଅନାହାରି, ରୋଗରେ ମୃତ୍ୟୁ ଆଶ୍ରୟ କରିବ, ଏ ଘଟଣା ଅତି ସହଜ ବା ସ୍ୱାଭାବିକ ହୋଇ ପଡ଼ି ନ ଥିଲା ।

କିନ୍ତୁ ଶୁଭକାନ୍ତଙ୍କର ଶାସନମାନଙ୍କରେ ପରିବର୍ତ୍ତନ ଆସିଲା ବହୁତ । ସେ ପ୍ରାଚୀନ ଗୈରିଗା ଚପନର ରାଜକୋଷକୁ ରୁଚି-ବିରୁଦ୍ଧ ଜ୍ଞାନ କରି, ସାହେବୀ ପ୍ୟାଣ୍ଟ ଓ ହ୍ୟାଟ୍ ପିନ୍ଧିବାକୁ ଶିଖିଲେ । ବୃନ୍ଦାବନ ନନ୍ଦଆର ରଞ୍ଜିତଅଙ୍ଗ ନାମାବଳୀଆବୃତ ରୁଚିଶୂନ୍ୟ ବୈଷ୍ଣବମାନଙ୍କର ସ୍ଥାନରେ ଦରିଆପାରିର ଶୁଭ୍ରଚର୍ମାବୃତ ସାହେବ-ମାନେ ରାଜଦ୍ୱାରର ଆତିଥ୍ୟ ଗ୍ରହଣ କଲେ । ସେମାନଙ୍କ ମଧ୍ୟରୁ କାହାର ଉଦ୍ଦେଶ୍ୟ ଧୌଳି ଖଣ୍ଡଗିରିର ଐତିହାସିକ ତତ୍ତ୍ୱ ଗବେଷଣା କରିବା, ଆଉ କିଏ କମ୍ପାନୀର କର୍ମଗୁଣ୍ଡ—ରାଜ-କାର୍ଯ୍ୟରେ ଅଥବା ଶିକାର ଉଦ୍ଦେଶ୍ୟରେ କଟକରୁ ଆସିଥିବ । ଶୁଭକାନ୍ତ ଏମାନଙ୍କ ନିକଟରେ ଅତ୍ୟନ୍ତ ସୁଦକ୍ଷ ଓ ସୁଯୋଗ୍ୟ ଶାସକରୂପେ ଖ୍ୟାତି ଅର୍ଜ୍ଜନ କଲେ । ଅବଶ୍ୟ ରାଜାଙ୍କର ଏ ଖ୍ୟାତି କ୍ରୟ ପାଇଁ ପ୍ରଜାସାଧାରଣଙ୍କୁ ଅନେକ ଦାମ ଦେବାକୁ ପଡ଼ୁଥିଲା ।

ଚନ୍ଦ୍ରକାନ୍ତଙ୍କ ସମୟରେ ରାଜନବରକୁ ଓ ରାଜଦର୍ଶନ ପାଇଁ ପ୍ରଜାମାନଙ୍କର ଯେପରି ଅବାଧ ଗତି ଥିଲା, ଶୁଭକାନ୍ତଙ୍କ ରାଜତ୍ୱରେ ସେ ରୀତିର ମୂଳୋତ୍ପାଟନ କରାଗଲା । ପ୍ରଜାଗଣ ମଧ୍ୟ ସର୍ବଦା

Digitized by PPRACHIN, SOA

ସ୍ୱସ୍ତ କାତର ହୋଇ ରହିଲେ । ଅତ୍ୟନ୍ତ ଆବଶ୍ୟକ ନ ହେଲେ କେହି ରାଜଦର୍ଶନପ୍ରାର୍ଥୀ ହେଉ ନ ଥିଲେ । ପ୍ରାର୍ଥୀ ହେଲେ ମଧ୍ୟ ରାଜଦର୍ଶନ ବଡ଼ ଦୁର୍ଲ୍ଲଭ ବସ୍ତୁ ହୋଇ ପଡ଼ିଲା । ଯାହା କିଛି ଆପତ୍ତି ଅଭିଯୋଗ ସମସ୍ତ ଅମଲା ତହସିଲଦାରଙ୍କଠାରେ କରାଯାଉଥିଲା ଏବଂ ଅଭିଯୋଗକାରୀର ଦରଖାସ୍ତ ରାଜ ସମୀପକୁ ଆସିଲାବେଳକୁ ଅମଲାମାନଙ୍କର ପାଉଣା ଦେବାରେ ଏବଂ ସେମାନଙ୍କଠାରୁ ତାଡ଼ନା ସହିବାରେ ଅଭିଯୋକ୍ତାର ଅଭିଯୋଗ ତୁଳନାରେ ଦୁଃଖର ମାତ୍ରା ଚତୁର୍ଗୁଣ ବଢ଼ି ଯାଉଥିଲା । ଗ୍ରାମେ ଗ୍ରାମେ ଗୃହଲକ୍ଷ୍ମୀର ଓ ଜାଲଲକ୍ଷ୍ମୀରମାନଙ୍କର ସୃଷ୍ଟି ହେଲା । ମୋକଦ୍ଦମା ଜୟ କରିବାରେ ସେହିମାନେ ହିଁ ଧୁରୀଣ ହୋଇ ଉଠିଲେ । ଦୁର୍ବଳ ଦରିଦ୍ରର ରୁଦ୍ଧଗୃହ ମଧ୍ୟରେ ରୋଦନ କରିବା ବ୍ୟତୀତ ଅନ୍ୟ ଉପାୟ ନ ଥିଲା । ପ୍ରଜାମାନଙ୍କଠାରୁ କର ଆଦାୟ ପାଇଁ ମୁସଲମାନ ଓ ହିନ୍ଦୁସ୍ଥାନୀ ପିଆଦା ରଖାଗଲେ ।

ରାଜ୍ୟର ବାହାରେ ଯେପରି ଶାସନ ସଂସ୍କାର ପ୍ରବର୍ତ୍ତିତ ହେଲା, ରାଜନବର ମଧ୍ୟ ସେହିରୂପେ ସଂସ୍କୃତ ହେଲା । ନୂତନ ନୂତନ ଦାସ ଦାସୀ ନିଯୁକ୍ତ ହେଲେ, ପ୍ରତ୍ୟେକଙ୍କ ମଧ୍ୟରେ ପୃଥକ୍ କାର୍ଯ୍ୟଭାର ନ୍ୟସ୍ତ କରାଗଲା । ଗୃହର ସରଞ୍ଜାମରେ କାଚର ସୁନ୍ଦର ସୁନ୍ଦର ଝାଡ଼, ଦର୍ପଣ ପ୍ରଭୃତିର ପ୍ରବର୍ତ୍ତନ ହେଲା । ଚନ୍ଦ୍ରକାନ୍ତଙ୍କର ଶୟନକକ୍ଷ ନୂତନ ରାଜାଙ୍କର ଅଭିରୁଚି ଯୋଗ୍ୟ ନ ହେବାରୁ ଦ୍ୱିତଳରେ ଗୋଟିଏ ସୁରୁଚି କକ୍ଷ ନିର୍ମିତ ହେଲା । ମୁକ୍ତାଗଡ଼ର ରାଜପ୍ରାସାଦ ଦ୍ୱିତଳ ହେବାର ଏହି ପ୍ରଥମ । ଏହା ଅବଶ୍ୟ ଅଳ୍ପକାଳ ପାଇଁ । ସମସ୍ତ ରାଜନବର ଏପରି ପ୍ରାଚୀନ ହୋଇ ପଡ଼ିଥିଲା ଯେ କେବଳ ସଂସ୍କାରଦ୍ୱାରା ତାର

Digitized by PPRACHIN, SOA

କୌଣସି ଉନ୍ନତ ସମ୍ଭବ ନୁହେଁ । ସେଥିପାଇଁ ଦୂରସ୍ଥାନମାନଙ୍କରୁ ସୁଦକ୍ଷ କାରିଗର ଅଣାଯାଇ ଚନ୍ଦ୍ରକାନ୍ତଙ୍କର ସାଧନା-ଉଦ୍ୟାନରେ ନୂତନ ରାଜହର୍ମ୍ୟ ନିର୍ମିତ ହେଲା । ପ୍ରଜାମାନଙ୍କ ମଧ୍ୟରୁ ସକଳ ଧନିକ ଲୋକେ ରାଜାଙ୍କର କାର୍ଯ୍ୟ ଦେଖି ପ୍ରଶଂସା କଲେ । ଚିରମୂକ ପ୍ରଜାମାନଙ୍କର ସ୍ୱୀୟ ଦୁଃଖ ଓ ଦାରିଦ୍ର୍ୟକୁ ରାଜ୍ୟଲପି ଜ୍ଞାନ କରିବା ବ୍ୟତୀତ ଆଉ କିଛି ଭରସା ନ ଥିଲା । କ୍ରମେ ରାଜାଙ୍କ ସହିତ ପ୍ରଜାମାନଙ୍କର ସମସ୍ତ ସ୍ନେହ ସମ୍ବନ୍ଧ ତୁଟିଲା । ରାଜାଙ୍କର ନାମ ସ୍ମରଣ କଲେ ହିଁ ସେମାନଙ୍କୁ ନିଜ ଅର୍ଥ ଆଧାରର ଗୁରୁତ୍ୱ ଦେଖିବାକୁ ପଡ଼ୁଥିଲା । କୌଣସି ରାଜ କର୍ମଚାରୀ ଗ୍ରାମକୁ ଯିବା ଅଥବା କୌଣସି ପ୍ରଜା ରାଜକଚେରୀକୁ ଆସିବା ପ୍ରଜା ପକ୍ଷରେ ସମାନ । ରାଜକର୍ମଚାରୀଙ୍କର ସମସ୍ତ ବ୍ୟୟ ପ୍ରଜାକୁହିଁ ବହନ କରିବାକୁ ହେଉଥିଲା । ପ୍ରଜାର ଗୃହ ଶୂନ୍ୟ କରି, ଉଦର ଶୂନ୍ୟ କରି ମୁକ୍ତାଗଡ଼ର କର୍ମଚାରୀମାନେ ବଳବର୍ଦ୍ଧ ପରି ଚର୍ବିଯୁକ୍ତ ହୋଇ ଉଠିଲେ ।

ମୃଦଙ୍ଗ କରତାଳର ସଂକୀର୍ତ୍ତନ ପରିବର୍ତ୍ତରେ ତବଲା ଏସ୍-ରାଜର ପ୍ରବର୍ତ୍ତନ ହେଲା । ଦୂର ସହରମାନଙ୍କରୁ ଶିକ୍ଷକ ଶିକ୍ଷୟିତ୍ରୀ ଅଣାଯାଇ ନବରର ନବୀନା ଫୁଲବାଈମାନଙ୍କୁ ସଙ୍ଗୀତ ଶିକ୍ଷା ଦିଆଗଲା । ରାଜାଙ୍କର ଶୟନ, ଶଯ୍ୟାତ୍ୟାଗ ପ୍ରଭୃତି ସମୟରେ ନବର ମଧ୍ୟରେ ଏସ୍‌ରାଜ ଧ୍ୱନି ଝଙ୍କୃତ ହୋଇ ଉଠେ । ନିଶୀଥ ରାତ୍ରୀରେ ଏହି ଧ୍ୱନି କୁଟୀରବାସୀ ପ୍ରଜାମାନଙ୍କର କର୍ଣ୍ଣଗୋଚର ହୁଏ । ରାଜାଙ୍କର ପହୁଡ଼ର ସମୟ ବୋଲି ସେମାନେ ବୁଝି ପାରନ୍ତି ।

ପ୍ରତ୍ୟୁଷରୁ ଶୁଭକାନ୍ତ ଅଶ୍ୱପୃଷ୍ଠରେ ନଗର ପରିଭ୍ରମଣ କରନ୍ତି । ଗଡ଼ର ସୁଦକ୍ଷ ଯୁବକମାନେ ଏହି ସମୟକୁ ଜାଣି ପାରି

Digitized by PPRACHIN, SOA

ଗୃହ ମଧ୍ୟରେ ଆବଦ୍ଧ ରହନ୍ତି । ପୁରୁଷମାନଙ୍କର ମଧ୍ୟ ରାଜଦୃଷ୍ଟିରେ ପଡ଼ିବା ପାଇଁ ସବୁବେଳେ ଆତଙ୍କ । ରାଜା ବଡ଼ େହାଇଛନ୍ତି ବୋଲି ଜାଣିଲେହିଁ ଚତୁର୍ଦ୍ଦିଗ ଶୁଣ.ନବତ୍ ଖ୍ଡ଼ସଙ୍କୁଳ । ଚନ୍ଦ୍ରକାନ୍ତ ପ୍ରତି ପ୍ରଜାସାଧାରଣଙ୍କର ଶ୍ରଦ୍ଧା ଓ ଭକ୍ତି ବର୍ତ୍ତମାନ ଭୟ ଓ ଆତଙ୍କରେ ପରିବର୍ତ୍ତିତ ହେଲା ।

ଶୁଭକାନ୍ତଙ୍କର ବିବାହ ମହା ସମାରୋହରେ ସମାହିତ ହୋଇଅଛି । ରୋଶନ, ପତାକା, ବାଦ୍ୟ, ପୁଷ୍ପଝାଡ଼, ନୃତ୍ୟ ସଙ୍ଗୀତ, ସବାରି, ପାଲିଙ୍କି, ହସ୍ତୀ, ଘୋଟକ ପ୍ରଭୃତିର ସେ ଏକ ବିରାଟ ଆୟୋଜନ । ଅବଶ୍ୟ ପ୍ରଜାପୁଞ୍ଜ ସେଥିରେ ପରିଶ୍ରମ କଲେ ଯଥେଷ୍ଟ; କିନ୍ତୁ ସେମାନଙ୍କ ପାଇଁ ସାଧାରଣ ଆହାରର ବନ୍ଦୋବସ୍ତ ମଧ୍ୟ ଭଲରୂପେ କରାଯାଇ ନ ଥିଲା । ଅନେକ ଫେରିଲେ ଅନାହାରରେ, ଆଉ କେବଳ ଅମଲା ଓ ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କର ଭୋଜନର ଆୟୋଜନ ପ୍ରତି ସନ୍ତୁଷ୍ଟିନୟନରେ ଗୃହିଁ ରହିଲେ । ଶୁଭକାନ୍ତ ଯାହାଙ୍କୁ ପତ୍ନୀରୂପେ ଲାଭ କଲେ, ତାଙ୍କର ଅଞ୍ଚଳାଗ୍ର ହୁଏତ କାହାର ଦୃଷ୍ଟିରେ ପଡ଼ିଲା, ଆଉ କାହା ନିକଟରେ ସେ ସମ୍ପୂର୍ଣ୍ଣ ରହସ୍ୟମୟ ବସ୍ତୁ; କିନ୍ତୁ ଏତିକିରେହିଁ ରାଜ୍ୟମୟ ରାଷ୍ଟ୍ର ହୋଇଗଲା, ରାଣୀ ସ୍ୱର୍ଗର ଅପ୍ସରା । ଅବଶ୍ୟ ଏ ସମ୍ବାଦ ଯେଉଁମାନେ ଅଞ୍ଚଳାଗ୍ର ଦେଖିଲେ ସେମାନଙ୍କ ଅପେକ୍ଷା ଆଦୌ ଦେଖି ନ ଥିବା ଲୋକେହିଁ ବେଶି ପ୍ରଚାର କରିଦେଲେ । ସବୁଠାରୁ ବେଶି ପ୍ରଚାର କଲେ ଯେଉଁମାନେ ବିବାହର ରୋଶନ ପର୍ଯ୍ୟନ୍ତ ଦେଖି ନାହାନ୍ତି ।

ଯଥାର୍ଥରେ ରାଣୀଙ୍କର ସୌନ୍ଦର୍ଯ୍ୟ ତତ୍କାଳୀନ ଉତ୍କଳୀୟ ରାଜଉଆସମାନଙ୍କରେ ଅତୁଳନୀୟ ଥିଲା । ତୁଷାରଶୁଭ୍ର ତାଙ୍କର ଅଙ୍ଗର ଶୋଭା ଦର୍ଶନ କଲେ ଶୁଭକାନ୍ତଙ୍କର ଭ୍ରମ ଜାତହୁଏ—

Digitized by PPRACHIN, SOA

ସେ ନିଜେ ସ୍ୱର୍ଗରେ ଅଛନ୍ତି ନା ମର୍ତ୍ତ୍ୟରେ ! ରାଣୀଙ୍କର ଅପରୂପ ରୂପଲାବଣ୍ୟ ସର୍ବଦା ତାଙ୍କ ଅନ୍ତରରେ ଅଙ୍କିତ ହୋଇ ରହିଲା ! ଦିବସ ନିଶି ପ୍ରତିକ୍ଷଣ ସେ ରୂପକୁ ଦେଖିଲେ ମଧ୍ୟ ତୃପ୍ତି ହେଲା ନାହିଁ । ଦଶନର ହାସ୍ୟ, ଅଧରର ରଙ୍ଗିମା, କପୋଳର କାନ୍ତି, ଚକ୍ଷୁର ଗତି ! ଶୁଭକାନ୍ତ ସମସ୍ତ ବିଶ୍ୱବିସ୍ମୃତ ହେଲେ । ରାଜ-କାର୍ଯ୍ୟରେ କ୍ରମାଗତ ବେଶିକ୍ଷଣ ନ ବସି ମଝେ ମଝେ ଅନ୍ତଃପୁରକୁ ଯାଇ ରାଣୀଙ୍କର ମୁଖ ଦର୍ଶନ କରି ଆସିବା ତାଙ୍କର ସକଳ କର୍ତ୍ତବ୍ୟ ମଧ୍ୟରେ ଶ୍ରେଷ୍ଠତମ ହୋଇ ପଡ଼ିଲା ।

ରାଣୀଙ୍କର କେବଳ ରୂପ ନ ଥିଲା । ରୂପର ଦାବୀ ମଧ୍ୟ ଯଥେଷ୍ଟ ଥିଲା । ସେ ଅଧିକତର ଧନାଢ଼୍ୟ ରାଜକନ୍ୟା । ନିଜର ଭାଇମାନଙ୍କର ଏବଂ ନିଜ ଗୃହ ଆଡ଼ମ୍ବର ଯାହା, ତାହା ସେ ଚତୁର୍ଗୁଣ ବ୍ୟାଖ୍ୟାନ କରନ୍ତି । ଶୁଭକାନ୍ତ ଏପରି ସୁନ୍ଦରୀ ରମଣୀକୁ ଲାଭ କରିବା ନିଜର ପରମ ସୌଭାଗ୍ୟ ବୋଲି ଜ୍ଞାନ କରନ୍ତି; କିନ୍ତୁ ସେତିକରେ ତ ଏ ଅପୂର୍ବ ସୌନ୍ଦର୍ଯ୍ୟ ଉପାସନାର ପରିସମାପ୍ତି ହୋଇ ନ ପାରେ ! ରାଜନଗରକୁ ବଡ଼ ବଡ଼ ଜହ୍ଵରି ଓ ମାନ୍ଦ୍ରାଜ, ବନାରସ ପ୍ରଭୃତି ପ୍ରସିଦ୍ଧ ସ୍ଥାନମାନଙ୍କରୁ ବସ୍ତ୍ର ବ୍ୟବସାୟୀମାନଙ୍କର ଗତାୟାତ ହେବାକୁ ଲାଗିଲା ଏବଂ ରାଜକୋଷ ମଧ୍ୟ ଶୂନ୍ୟ ହେବାକୁ ବସିଲା । ଶୁଭକାନ୍ତଙ୍କର ସେ ଦିଗକୁ ଭ୍ରୂକ୍ଷେପ ନାହିଁ । ରାଣୀ-ସ୍ୱୟଂ ସହଜରେ ଏବଂ ସ୍ୱଚ୍ଛନ୍ଦରେ ନିଜର ଯେଉଁ ସବୁ କର୍ମ ସମ୍ପାଦନ କରିପାରନ୍ତେ, ସେଥିପାଇଁ ପାଞ୍ଚଗୋଟି ଫୁଲବିବିଙ୍କର ଆବଶ୍ୟକ ହେଲା । ଏସ୍‌ରାଜ ଓ ନୃତ୍ୟ ଗୀତର ଧ୍ୱନିରେ ନିପୀଡ଼ିତ ପ୍ରଜାର ରୋଦନ ଶ୍ରୁତିଗୋଚର ହେଲାନାହିଁ । ଶୁଭକାନ୍ତ ସେ ରୋଦନ ପ୍ରତି ବଧିର । ରୂପର ମନ୍ଦିରରେ ସେ ମୁଗ୍ଧ ।

Digitized by PPRACHIN, SOA

ତ୍ରୟୋଦଶ ପରିଚ୍ଛେଦ

ରାଜା ଚନ୍ଦ୍ରକାନ୍ତଙ୍କର ସ୍ୱହସ୍ତରୋପିତ କେତେ ପୁଷ୍ପବୃକ୍ଷର ମୂଳଚ୍ଛେଦ କରାଗଲା । ନୂତନ ପ୍ରାସାଦ ନିର୍ମିତ ହେବା ପାଇଁ ସାଧନା ଉଦ୍ୟାନରେ ସ୍ଥାନ ପରିଷ୍କୃତ ହେଲା । ରାଜା ସ୍ୱୟଂ ଉପସ୍ଥିତ ରହି କେଉଁଠାରୁ କିପରି ସ୍ଥାନ ପରିଷ୍କାର କରିବାକୁ ହେବ, ଆଦେଶ ଦେଉଥାନ୍ତି । ପ୍ରାଚୀନ ନବରରେ ବାସ କରିବା ରାଣୀଙ୍କର ଅଭିରୁଚି ନୁହେଁ । ନୂତନ ପ୍ରାସାଦ ନିର୍ମାଣ କରିବାକୁ ହିଁ ହେବ ।

ଦୁଇଶତ ବେଗାରି ଅହର୍ନିଶ କାର୍ଯ୍ୟରେ ଲାଗିଅଛନ୍ତି । ଗୋଟିଏ ଗୋଟିଏ ଗ୍ରାମର ଲୋକ ଏକ ସପ୍ତାହ କରି ବିନା ପାରିଶ୍ରମିକରେ କାର୍ଯ୍ୟ କରିବେ । ଚନ୍ଦ୍ରକାନ୍ତଙ୍କ ସମୟରେ ମଧ୍ୟ ଏହି ବେଗାରି ପ୍ରଥା ରାଜକାର୍ଯ୍ୟରେ ପ୍ରଚଳିତ ଥିଲା । ଆଜି ମଧ୍ୟ ନାନାସ୍ଥାନରେ ଅଛି; କିନ୍ତୁ ଚନ୍ଦ୍ରକାନ୍ତଙ୍କ ରାଜତ୍ୱକାଳରେ ବେଗାରିମାନଙ୍କୁ ରାଜନବରରୁ ଖୋରାକ ମିଳୁଥିଲା । ଆଉ ମଧ୍ୟ ବେଗାରି ଖଟି ସେମାନେ ଦୁର୍ଭିକ୍ଷ କାଳର ସମୟରେ ବହୁ ପରିମାଣରେ ରାଜସ୍ୱରୁ ମୁକ୍ତିଲାଭ କରୁଥିଲେ । ୧୮୦୬-୭-୯ ଓ ୩୬ ସାଲମାନଙ୍କରେ ଉତ୍କଳରେ ଯେଉଁ ସବୁ ଦୁର୍ଭିକ୍ଷ ପଡ଼ିଥିଲା, ପ୍ରଜାମାନେ ପୂର୍ବ ରାଜତ୍ୱରେ ରାଜସ୍ୱରୁ ଅନେକ ଅଂଶରେ କ୍ଷାନ୍ତି ପାଇଥିଲେ । ସେ ସମୟରେ ଉତ୍କଳର ଅନାଦାୟ ରାଜସ୍ୱର ସଂଖ୍ୟା ଛଅଟି ଅଙ୍କ

Digitized by PPRACHIN, SOA

ଅତିକ୍ରମ କରି ଯାଉଥିଲା । ବର୍ତ୍ତମାନ ରାଜକାର୍ଯ୍ୟ ଅପେକ୍ଷା ଏହି ପ୍ରାସାଦ ନିର୍ମାଣର ଭାବନା ତାଙ୍କ ଚିତ୍ତକୁ ଅଧିକାଂଶ ସମୟ ଆବୃତ କରି ରଖିଲା ।

ଏ କର୍ମର ଭାର ଦିଆ ଯାଇଅଛି ଗ୍ରାମୁକରଣ ବଳରାମ ପଟ୍ଟନାୟକଙ୍କ ହାତରେ । ବଳରାମ ବାବୁ ଚନ୍ଦ୍ରକାନ୍ତଙ୍କ ସମୟରେ ସେପରି ପ୍ରତିପତ୍ତି ଲାଭ କରି ପାରି ନ ଥିଲେ । ସେତେବେଳେ ତାଙ୍କର ବୟସ ମଧ୍ୟ ଅଳ୍ପ । ଚନ୍ଦ୍ରକାନ୍ତଙ୍କ ପ୍ରତି ତାଙ୍କର ସବୁବେଳେ ଗୋଟାଏ ଭୟ ଥିଲା; କିନ୍ତୁ ଶୁଭକାନ୍ତ ହଠାତ୍ ଏହି ପ୍ରତିଭାଶାଳୀ ପୁରୁଷଙ୍କୁ ଆବିଷ୍କାର କରି ଶାସନଭାର ଗ୍ରହଣ କରିବା ଆରମ୍ଭରେ ହିଁ ନିଜ ବିଚକ୍ଷଣତାର ପରିଚୟ ଦେଲେ ।

ବଳରାମ ବାବୁ ପ୍ରାସାଦ ନିର୍ମାଣ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରୁଛନ୍ତି । ମିସ୍ତ୍ରୀମାନଙ୍କ ଉପରେ ମଧ୍ୟେ ମଧ୍ୟେ ତାଡ଼ନା ବର୍ଷଣ କରୁଛନ୍ତି । ଦୁଇଶତ ବେଗାରି ମୁଖ ନ ଫିଟାଇ ନୀରବରେ ସବୁ ଆଦେଶ ପାଳନ କରୁଅଛନ୍ତି । ଦୁଇଶତ ସଜୀବ ଯନ୍ତ୍ର ।

ରାଜା ଶୁଭକାନ୍ତ କାର୍ଯ୍ୟ ଦେଖିବା ଲାଗି ଉପସ୍ଥିତ । ବଳରାମ ବାବୁ ଭୂମିଷ୍ଠ ପ୍ରଣାମ କରି କହିଲେ, 'ଶ୍ରୀହଜୁର ମଣିମାଙ୍କ ସବାରି ବିଜେ ହେବ ବୋଲି ଜାଣି ନ ଥିଲି, ଏଠାରେ କୁରୁଚି—'

'ଆଚ୍ଛା, ଆଚ୍ଛା, ଆଗେ ବୁଲି ବୁଲି ଦେଖିବା—କେତେଦୂର କାମ ହେଲାଣି' କହି ଶୁଭକାନ୍ତ ଧୀରେ ଧୀରେ ପ୍ରତ୍ୟେକ ପାର୍ଶ୍ୱ ପର୍ଯ୍ୟବେକ୍ଷଣ କରିବାକୁ ଲାଗିଲେ । ଏକ ପାର୍ଶ୍ୱକୁ ଯାଇ ସେ କହିଲେ, 'ଏଇ ଦେଖ ବଳରାମ, ଏଠାରେ କେଡ଼େ ଭୁଲଟାଏ କରିଚ !' ,

ରାଜାଙ୍କର ଉଦ୍ଦେଶ୍ୟ ବୁଝିବା ପାଇଁ ବଳରାମବାବୁ ସନ୍ତ୍ରସ୍ତରେ ନିଜ ଗ୍ରୀବାଟିକୁ ଏତେଦୂର ଦୀର୍ଘ କରି ଆଣିଲେ ଯେ ଠିକ୍ ଏ

Digitized by PPRACHIN, SOA

ଅସାବଧାନ ହୋଇଥିଲେ ପଶ୍ଚାତରୁ ରାଜମସ୍ତକ ସହିତ ତାଙ୍କ ମସ୍ତକର ସଂଘର୍ଷ ହୋଇଥାନ୍ତା, କାତର ହୋଇ ସେ ଗ୍ରୀବାଟିକୁ ସଙ୍କୁଚିତ କରି ଆଣିଲେ ଏବଂ ରାଜାଙ୍କର ଏ ମନ୍ତବ୍ୟର କୌଣସି ଅର୍ଥ ବୁଝି ନ ଥିଲେହେଁ ଉତ୍ତର କଲେ, 'ଆଜ୍ଞା ମଣିମା, ଭାରି ଭୁଲ ହୋଇପଡ଼ିଛି—ଶ୍ରୀହଜୁରଙ୍କ ବଚନ—ଭୃତ୍ୟ ପ୍ରତି ଦୟା ନ କଲେ'—ବଳରାମଙ୍କୁ ତାଙ୍କର କି ଭୁଲ ହୋଇଛି କିଛି ସମ୍ବାଦ ନ ଦେଇ ଶୁଭକାନ୍ତ ଯଦି ତାଙ୍କର ଶିରଚ୍ଛେଦ ପାଇଁ ଉଦ୍ୟତ ହୋଇଥାନ୍ତେ, ତେବେ ସେ ଆହ୍ଲାଦର ସହିତ ନୀରବରେ ମସ୍ତକଟି ପ୍ରଦାନ କରିଥାନ୍ତେ; କିନ୍ତୁ ଶୁଭକାନ୍ତ ତାହା ନ କରି କହିଲେ, 'ଦେଖ ଏଇ ଚମ୍ପାଗଛଟା—'

'ଆଜ୍ଞା !'

'କେତେ ଦିନୁ ମୁଁ କହିଲଣି କଟାଇ ଦେବାକୁ —'

'ଆଜ୍ଞା—ଶ୍ରୀହଜୁରଙ୍କ ବଚନ—'

'କିନ୍ତୁ ଦେଖ ଆଜି ସୁଦ୍ଧା'

'ଆଜ୍ଞା'

'ଏତିକି କାମ ତୁମଦ୍ୱାରା ହୋଇପାରିଲା ନାହିଁ ?'

'ଆଜ୍ଞା ମଣିମା—ଶ୍ରୀହଜୁରଙ୍କ ବଚନ'—ବଳରାମ ରାଜାଙ୍କ ସମକ୍ଷରେ କୌଣସି କାଳେ ଗୋଟିଏ ସମ୍ପୂର୍ଣ୍ଣ ବାକ୍ୟ କହି ନାହାନ୍ତି । ନିମ୍ନସ୍ଥ କର୍ମଚାରୀମାନଙ୍କ ମୁଖରୁ ସମାପିକା କ୍ରିୟା ବହିର୍ଗତ ହେବା ରାଜାଙ୍କ ପକ୍ଷରେ ସମ୍ମାନସୂଚକ ନୁହେଁ ବୋଲି ତାଙ୍କର ଧାରଣା । ଶୁଭକାନ୍ତ ପଚାରିଲେ—

'କଣ ? କାହିଁକି ଏତେଦିନ ଏହା କରାଯାଇ ନାହିଁ ? ତୁମକୁ ତ ହୁକୁମ ଥିଲା ।'

Digitized by PPRACHIN, SOA

ଆଜ୍ଞା ମଣିମା—ଶ୍ରୀହଜୁରଙ୍କ ଅମୂଲ୍ୟ ବଚନ—ଖାଲି ମନ୍ତ୍ରୀ।'

'କଣ, ମନ୍ତ୍ରୀ ମନାକଲେ ?'

ବଳରାମ ଶିଷ୍ଟ ବାଳକଟି ପରି ନତମସ୍ତକରେ ଦଣ୍ଡାୟମାନ ରହିଲେ । ରାଜା କିଛିକ୍ଷଣ ପରେ କହିଲେ, 'ଆଚ୍ଛା, ଲୋକ ଡାକ—ଏହିକ୍ଷଣି ଆମ ଆଗରେ କଥା ଯିବ ।'

'ଆଜ୍ଞା ମଣିମା—ଶ୍ରୀହଜୁରଙ୍କ ଦାସାନୁଦାସ—'

'ତମେ ଡାକିଆଣ ଲୋକଙ୍କୁ ।'

'ଆଜ୍ଞା ମଣିମା, ବଳରାମ ପରମ ଆପ୍ୟାୟିତ ହୋଇ ଏ କର୍ମଟି ସଙ୍ଗେ ସଙ୍ଗେ ସମାଧାନ କରି ଦେବାର ଆୟୋଜନ କଲେ ।'

ଶୁଭକାନ୍ତଙ୍କର ଶ୍ରଦ୍ଧା ସ୍ନେହ କାହା ପ୍ରତି ? କେବଳ ରାଣୀ—ରାଣୀଙ୍କ ବ୍ୟକ୍ତିତ୍ୱ ବିଶିଷ୍ଟ କେହି ଜଗତରେ ନାହିଁ । ଥରେ ତାଙ୍କ ପ୍ରତି ଦୃଷ୍ଟି ପକାଇ ଦେଲେ, ଶୁଭକାନ୍ତଙ୍କର ସମସ୍ତ ପ୍ରାଣ ଚନ୍ଦନ ସ୍ନିଗ୍ଧ ହୋଇ ପଡ଼େ । ରାଣୀଙ୍କର ନାମ ଶବ୍ଦ, ତାଙ୍କର ଗନ୍ଧ, ତାଙ୍କର ବସନ, ତାଙ୍କର ଭୂଷଣ, ତାଙ୍କର ହାସ୍ୟ ସବୁବେଳେ ଶବ୍ଦ । ସେ ପ୍ରାସାଦ ମଧ୍ୟରେ ପ୍ରବେଶ କରିବାଦିନୁ ସମସ୍ତ ଅନ୍ତଃପୁରକୁ ଶବ୍ଦିତ କରି ଦେଇଛନ୍ତି । ଶୁଭକାନ୍ତଙ୍କର ଅସ୍ଥି ମଜ୍ଜା ସେ ରୂପରେ ସଚେତନ ହୋଇ ଉଠିଅଛି ।

ଶୁଭକାନ୍ତ ନିକଟରେ ଦୟାର ପାତ୍ର କେତେ ଜଣ ? ବଳରାମଙ୍କୁ ସେ ଦୟା କରନ୍ତି ନାହିଁ, କୃପା କରନ୍ତି । ଦୟା କରନ୍ତି ଗୋଟିଏ ମନୁଷ୍ୟଙ୍କୁ—ସେ କୃଷକ ରମଣୀ ସୁନା—ତାଙ୍କର ଶୈଶବର ସ୍ତନ୍ୟଦାତ୍ରୀ । ସେ ଯେତେବେଳେ ତାର ରୁଗ୍ଣ ସନ୍ତାନଟିକୁ କୋଳରେ ଧରି ନବର ମଧ୍ୟକୁ ଆସେ ଏବଂ ଶୁଭକାନ୍ତଙ୍କୁ ଦେଖି କହେ, 'ମଣିମା ଏବେ ଆଉ କଣ ପଚାରୁଛନ୍ତି କି ?'

Digitized by PPRACHIN, SOA

ଏହି ଦରିଦ୍ରା ରମଣୀଟି ପାଇଁ ରାଜାଙ୍କର କାହିଁକି ଗୋଟାଏ ସ୍ୱତଃ ଅନୁକମ୍ପା ଜନ୍ମେ । ସୁନାର ସ୍ୱାମୀ ଦାରିଦ୍ର୍ୟବଶତଃ ଅଧିକାଂଶ ଦିନ ବିଦେଶରେ ଥାଏ । ସ୍ୱାମୀ ଅନୁପସ୍ଥିତିରେ ସୁନା ଗୃହରେ ଏକାକିନୀ ! ସ୍ୱାମୀର ଏପରି କିଛି ସମ୍ପତ୍ତି ନାହିଁ ଯାହା ସୁନା ଏବଂ ତାର ପୁତ୍ର କନ୍ୟା ଦୁଇଟିଙ୍କର ଆହାର ପକ୍ଷରେ ଯଥେଷ୍ଟ ହେବ । ଅଗତ୍ୟା ତାକୁ ପିତୃଗୃହରେ ରହିବାକୁ ହୁଏ; କିନ୍ତୁ ପିତୃଗୃହର ଅବସ୍ଥା ମଧ୍ୟ ସ୍ୱଚ୍ଛଳ ନୁହେଁ । ବୃଦ୍ଧ ପିତାଟି ଓ ଜ୍ୟେଷ୍ଠ ଭାଇଟି ବ୍ୟତୀତ ଘରେ ତାର ଆଉ କେହି ନାହିଁ । ଜ୍ୟେଷ୍ଠ ଭାଇର ଜନ୍ମଦିନୁଁ ସେ ଜନନୀକୁ ହରାଇଛି । ସୁନାର ପ୍ରଥମ ମୃତଶିଶୁଟିର ଦୁଗ୍ଧ ଶୁଭକାନ୍ତ ପାନ କରିଛନ୍ତି । ସୁନାକୁ ଦେଖିଲେ ରାଜାଙ୍କର ସେ ସବୁ କଥା ସ୍ମରଣ ହୋଇଯାଏ । ମୁହୂର୍ତ୍ତରେ ସେ ନିଜର ସୃଷ୍ଟି ଏବଂ ସ୍ଥିତିକୁ ମିଥ୍ୟା ବୋଲି ଜ୍ଞାନ କରନ୍ତି । ପରମୁହୂର୍ତ୍ତରେ ସୁନା ପ୍ରତି ତାଙ୍କ କଠୋର ପ୍ରାଣରେ କରୁଣାର ଉଦ୍ରେକ ହୁଏ; ନଚେତ୍ ସେ ହୃଦୟ ଲୌହପରି କଠିନ—ଦୁର୍ଭେଦ୍ୟ । ସେଠାରେ ସ୍ୱାମୀଶୂନ୍ୟାର ଗୁହାରି, ପୁତ୍ରହୀନତାର ଚିତ୍କାର, ରୁଗ୍ଣର ବିଳାପ ବାଜିଲେ ଧୂଳିସମ ଚୂର୍ଣ୍ଣ ହୋଇ ମିଳାଇ ଯାଏ । ମୂଲ୍ୟ ତାର ଆକାଶଠାରୁ ଅଧିକ ଲଘୁ ।

ଶୁଭକାନ୍ତଙ୍କର ସ୍ମୃତିପଥରେ ସବୁଠାରୁ ଉଚ୍ଚସ୍ଥାନ କିଏ ଲାଭ କରିଛି ? ସେ କେବଳ ଗୌରୀ । ତାଙ୍କ ସମକ୍ଷରେ ବାତ୍ସଲ୍ୟର ଏତେ ବଡ଼ କରୁଣ ଛବି ଗୌରୀ ବ୍ୟତୀତ ଆଉ କେହି ଧରି ନାହିଁ । ଗୌରୀର ଚିନ୍ତା ତାଙ୍କ ଅନ୍ତରକୁ ରସାପ୍ଲୁତ କରିଦିଏ ।

ଜଗତରେ ଶୁଭକାନ୍ତ ଭୟ କରନ୍ତି କାହାକୁ ? କେହି ନୁହେଁ । କେବଳ ସାମାନ୍ୟ ପରିମାଣରେ ବ୍ରାହ୍ମଣୀ ସୁନନ୍ଦାକୁ । ସେ ତାଙ୍କର

Digitized by PPRACHIN, SOA

ବାଲ୍ୟ ଶିକ୍ଷୟିତ୍ରୀ । ବର୍ତ୍ତମାନ ତା’ ସହିତ ଘରର କୌଣସି ସମ୍ପର୍କ ନାହିଁ; କିନ୍ତୁ ସୁନନ୍ଦା ଶୁଭକାନ୍ତଙ୍କର ବାଲ୍ୟବୟସରୁହିଁ ଗୋଟାଏ ଅଧିକାର ଅକ୍ଷୁଣ୍ଣ ରଖି ଆସିଅଛି, ଯାହାର ଅବାଧ ହେବା ତାଙ୍କ ପକ୍ଷରେ ଦୁଃସାଧ । ସୁନନ୍ଦା ପୂର୍ବପରି ସମୟ ସମୟରେ ଘର-ନବରରେ ଉପସ୍ଥିତ ହୁଏ । ଶୁଭକାନ୍ତ ତାହା ବାରଣ କରି ପାରନ୍ତି ନାହିଁ; କିନ୍ତୁ ସୁନନ୍ଦା ଆସିବାର ଶୁଣିଲେହିଁ ତା’ର ସମ୍ମୁଖକୁ ଆସନ୍ତି ନାହିଁ । ଦିନେ ଅକସ୍ମାତ୍ ନବର ମଧ୍ୟରେ ଦ୍ରୁତ-ପଦରେ ଚାଲି ଆସୁ ଆସୁ ସୁନନ୍ଦା ସମକ୍ଷରେ ପଡ଼ିଗଲେ । ସୁନନ୍ଦା ଆଗରୁ କଥାଟା ଭାବି ରଖିଥିବା ପରି କହିଲା, ‘ଏ କଣ, ରାଜ୍ୟ ଚାଳନାରେ ଲୋକେ ତ ସନ୍ତୁଷ୍ଟ ନୁହନ୍ତି ?’ ଶୁଭକାନ୍ତ ସୁନନ୍ଦାକୁ ନ ଦେଖିଲା ପରି ଏବଂ କିଛି ନ ଶୁଣିଲା ପରି ଦ୍ରୁତ ପଦକ୍ଷେପରେ ପଥ ଅତିକ୍ରମ କରି ଚାଲିଗଲେ । ସୁନନ୍ଦାକୁ କାହିଁକି ଭୟ କରନ୍ତି ସେ ନିଜେ ବୁଝି ପାରନ୍ତି ନାହିଁ—ତାଙ୍କର ଜନ୍ମବୃତ୍ତାନ୍ତ ପରି ଏହା ମଧ୍ୟ ରହସ୍ୟମୟ । ସୁନନ୍ଦାର ସେହି ଏକରୂପ—କାଚପରି ସେ ସ୍ୱଚ୍ଛ, ଅଥଚ ସେହିପରି ଅଭେଦ୍ୟ, ଅନମ୍ର—ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଯିବ, କିନ୍ତୁ ନତ ହେବନାହିଁ ।

ସୁନନ୍ଦା ଶୁଭକାନ୍ତ ପକ୍ଷରେ ଏକ ରହସ୍ୟମୟ ବସ୍ତୁ । ତାକୁ ଭେଦ କରିବାର ପଥ ନାହିଁ । ସେ ‘ଯେତେବେଳେ ଚିନ୍ତା କରିବାକୁ ବସନ୍ତି, ସେତେବେଳେ ସମସ୍ତ ବିଶ୍ୱ ତାଙ୍କ ପକ୍ଷରେ ରହସ୍ୟମୟ ହୋଇ ଉଠେ; କିନ୍ତୁ ମୃତ୍ୟୁ, ଜରା, ବ୍ୟାଧି ସମସ୍ତ ଦୁର୍ଭେଦ୍ୟ ପ୍ରହେଳିକା । ଶୁଭକାନ୍ତଙ୍କର ଭକ୍ତିର ପାତ୍ର କିଏ ? କାହାପାଖରେ ସେ ତାଙ୍କର ଜୀବନର ଅର୍ଘ୍ୟ ଟେକି ଧରନ୍ତି ? କାହାଠାରେ ଅନ୍ତରର କାକୁତି ନିବେଦନ କରନ୍ତି ? କେଉଁ ଦେବତା, କେଉଁ ମାନବ ? କେହି ନାହିଁ—ସମସ୍ତ ଶୂନ୍ୟ, ସମସ୍ତ ପ୍ରହେଳିକା । ଗୌରୀର ମୃତ୍ୟୁ

Digitized by PPRACHIN, SOA

ବିବସଠାରୁ ସେ ଆଦର କାହାକୁ କହନ୍ତି, ଯତ୍ନ କଣ, ସବୁ ଭୁଲି ଯାଇଛନ୍ତି । ମନୁଷ୍ୟ ପ୍ରତି ଶ୍ରଦ୍ଧା କରିବାର, ଭକ୍ତି କରିବାର କଣ ହେତୁ ଅଛି, ସେ ବୁଝନ୍ତି ନାହିଁ । ଦେବତା ତାଙ୍କ ନିକଟରେ ଅର୍ଥହୀନ । ଏହି ଅଦୃଶ୍ୟ ସନ୍ଦେହାତ୍ମକ ବସ୍ତୁଟିକୁ ଯେନ ସମଗ୍ର-ମାନବଜାତି ଅକାରଣ ମୂଢ଼ତାର ଅଭିନୟ କାହିଁକି କରେ, କାହିଁକି ଏତେ ବୃଥା ଚିତ୍କାର, ଏତେ ଉପାସନା ଆରାଧନା— କାହିଁକି ଏତେ କାୟକ୍ଳେଶ । ସେ ବସ୍ତୁର ଭାବନାରୁ ଦୂରରେ ରହି ଶୁଭକାନ୍ତଙ୍କର ଅଭାବ କଣ ? ତାଙ୍କର ଯୌବନ, ତାଙ୍କ ଐଶ୍ୱର୍ଯ୍ୟ, ତାଙ୍କର ଚିନ୍ତା । ଏହା ବ୍ୟତୀତ ଜଗତରେ ସତ୍ୟ ଆଉ କାହାକୁ କହନ୍ତି । ଏ ସମସ୍ତ ଥିଲେ ଦେବତାର ଆବଶ୍ୟକ ଆଉ କଣ । ···

ମାନବସମାଜ—ପ୍ରଜାପୁଞ୍ଜ ? ତାହା ସହିତ ଶୁଭକାନ୍ତଙ୍କର କି ସମ୍ବନ୍ଧ ? ସେ କେବଳ ଶାସକ ଓ ଶାସିତର ସମ୍ବନ୍ଧ । ମାନବ-ସମାଜ ଶୁଭକାନ୍ତ ସମକ୍ଷରେ ଗୋଟାଏ ଅପରାଧୀର ସମଷ୍ଟି ମାତ୍ର । ସେ କେବଳ ଶାସନର ଯୋଗ୍ୟ, ଶୋଷଣର ସାମଗ୍ରୀ । ତାକୁ ସମ୍ପୂର୍ଣ୍ଣରୂପେ କରାୟତ୍ତ କରିବାକୁ ହେଲେ, ସବୁ ଦିଗରୁ ତାକୁ ନିଷ୍ପେଷିତ ଦୁର୍ବଳ କରି ରଖିବାକୁ ହେବ । ସବଳର ବୃଦ୍ଧି ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ଦୁର୍ବଳର ସୃଷ୍ଟି । ସେଥିପାଇଁ ପ୍ରଜାପୁଞ୍ଜ ତାଙ୍କ ନିକଟରେ ପ୍ରାଣହୀନ ମୂକ ବସ୍ତୁ—ତାର ଦୁଃଖ ସୁଖର ଅନୁଭୂତି ନାହିଁ, ଅଶ୍ରୁ ହାସ୍ୟର ପ୍ରଭେଦ ନାହିଁ ।

———

Digitized by PPRACHIN, SOA

ଚତୁର୍ଦ୍ଦଶ ପରିଚ୍ଛେଦ

ବର୍ଷ ବର୍ଷ ବିତିଗଲା । ନୂତନ ପ୍ରାସାଦର ନିର୍ମାଣ କର୍ମ ସମାପ୍ତ ହେଲା ନାହିଁ । ଦୁଇଶତ ପୁରୁଷ, ନାରୀ ଦିବସ ନିଶି କାର୍ଯ୍ୟରେ ବ୍ୟପୃତ । ପ୍ରାସାଦଟି ଥରକୁ ଥର ନିର୍ମିତ ହେଉଅଛି, ପୁଣି ରାଜାଙ୍କର ଅଥବା ରାଣୀଙ୍କର ଅଭିରୁଚି ନ ହେବାରୁ ସଂଶୋଧନ କରା ଯାଉଅଛି । ବାରମ୍ବାର ସଂଶୋଧନ ହେଲେହେଁ ତାହାର ପରିସମାପ୍ତି ହେଲାନାହିଁ । ରାଜ୍ୟମୟ ଲୋକ ଧନୀ, ନିର୍ଦ୍ଧନ ବ୍ୟସ୍ତ କାତର । ପ୍ରତି ଗ୍ରାମରେ ଏହି ପ୍ରାସାଦ ନିର୍ମାଣର ଆଲୋଚନା । ପ୍ରତ୍ୟେକ ପ୍ରଜା ନିଜର ସମସ୍ତ କାର୍ଯ୍ୟ ବନ୍ଦ ରଖି ଏହି ପ୍ରାସାଦ ନିର୍ମାଣରେ ବ୍ୟାପୃତ । ଏ କର୍ମର ଅନ୍ତ ନାହିଁ—ଅନନ୍ତକାଳ ପାଇଁ ଏହା ଚାଲିବ । କେତେ କାଳ, କେତେ ଯୁଗ କିଏ ଜାଣେ ! ପୁରୁଷାନୁକ୍ରମେ ପ୍ରଜାର ଶୋଣିତରେ ଗଠିତ ହେବ । ପିତାର ମୃତ୍ୟୁ ପରେ ସନ୍ତାନ ତାର ସ୍ଥାନ ଅଧିକାର କରିବ; କିନ୍ତୁ ରାଜପ୍ରାସାଦର ନିର୍ମାଣ ଶେଷ ହେବନାହିଁ ।

ରାଜ୍ୟମୟ ଆତଙ୍କ ଜନ୍ମିଲା । ସ୍ତ୍ରୀ, ପୁରୁଷ, ବାଳକ, ବୃଦ୍ଧ କାହାରି ନିସ୍ତାର ନାହିଁ । ବର୍ଷ ବର୍ଷ ଧରି ପ୍ରଜାର ରକ୍ତ ଶୁଷ୍କ ହେଲା;—ଶୀତ, ବର୍ଷା, ତପନ ! ପ୍ରକାଣ୍ଡ ପ୍ରସ୍ତରଖଣ୍ଡରେ ବହି ଶତ ଶତ ମେରୁଦଣ୍ଡ ବଙ୍କା ହେଲା, ଶତ ଶତ ପିଞ୍ଜର ଅସ୍ଥି ଚୂର୍ଣ୍ଣ ହେଲା ।

Digitized by PPRACHIN, SOA

କେତେ ମାନବର ଚର୍ମ ଅକାଳରେ ଲୋଳିତ ହେଲା; କିନ୍ତୁ ପ୍ରାସାଦ ନିର୍ମାଣର ଶେଷ ନାହିଁ !

ରାଜକୋଷ ଶୂନ୍ୟ ହେଲା, ପ୍ରଜାର ଗୃହସଂସାର ଅଭାବରୁ ଭଗ୍ନ ହେଲା, ଯତ୍ନ ଅଭାବରୁ କୃଷିକ୍ଷେତ୍ର ନଷ୍ଟ ହେଲା, ବଳରାମଙ୍କ ଭଣ୍ଡାର ପୂର୍ଣ୍ଣ ହେଲା; କିନ୍ତୁ ପ୍ରାସାଦ ନିର୍ମାଣ ଶେଷ ହେଲାନାହିଁ !!

ସାଧନା-ଉଦ୍ୟାନ ବୃକ୍ଷହୀନ । ମନୁଷ୍ୟ ପଦକ୍ଷେପରେ ଅପଥରେ ପଥ ହେଲା । ପ୍ରଜା ଉପରେ ନୂତନ ନୂତନ କରଭାର ନ୍ୟସ୍ତ ହେଲା । କର ଆଦାୟର ନବ ନବ ପ୍ରଣାଳୀ ସୃଷ୍ଟି ହେଲା; କିନ୍ତୁ ପ୍ରାସାଦ ନିର୍ମାଣ ଶେଷ ହେଲାନାହିଁ ।

ରାଜା ଅନୁଚର ଗ୍ରାମେ ଗ୍ରାମେ ବୁଲିବାକୁ ଲାଗିଲେ । ଯେ ପରିଷ୍କାର ଲୁଗା ପିନ୍ଧିଛି, ଯାହା ଦ୍ୱାରରେ କବାଟ ଅଛି ତାକୁ ଅର୍ଥ ଦେବାପାଇଁ ଜୁଲମ କଲେ । ଉଚ୍ଛିଷ୍ଟ ପତ୍ରରେ ଜଳ ଢାଳି ତହିଁରେ ଘୃତାଂଶ ଲାଗିଥିବାର ଦେଖିଲେ ସେ ପତ୍ରରେ ଆହାର କରିଥିବା ଲୋକଙ୍କୁ ରାଜଦ୍ୱାରକୁ ଆଣିଲେ । ଦୈବଦୁର୍ବିପାକରୁ ଯେଉଁ ପ୍ରଜାର ଦେହ ପୁଷ୍ଟ ହୋଇ ପଡ଼ିଛି, ତାର ମଧ୍ୟ ରାଜଦ୍ୱାରକୁ ତଲବ ହେଲା । ଏ ସମସ୍ତ ଧନ ଥିବାର ଲକ୍ଷଣ । ସେମାନେ ହିଁ ପ୍ରଥମ ରାଜସ୍ୱ ଆଦାୟ ଦେବେ ! ପ୍ରଜାର ସମସ୍ତ ଅଭାବ ଅଭିଯୋଗ ପ୍ରତି ରାଜା ବଧିର ହୋଇ ବସି ରହିଲେ । ଅର୍ଥ ! ଅର୍ଥ ! ରାଜକୋଷରେ ଆଜି ଅର୍ଥର ଆବଶ୍ୟକ ହୋଇଅଛି । ରାଜନବର ନିର୍ମିତ ହେବ, ରାଣୀଙ୍କର ପ୍ରସାଧନ କର୍ମରେ ବାଧା ଘଟିବ ନାହିଁ । ରାଜପରିଷଦରେ ବସି ପ୍ରଜାପୁଞ୍ଜର ଆପତ୍ତି ଅଭିଯୋଗ ଶୁଣିବା ପାଇଁ ରାଜାଙ୍କର ସମୟ ଅଭାବ ହେଲା । ପ୍ରତିକ୍ଷଣରେ ରାଣୀଙ୍କର ତାଗିଦ ମୁହୂର୍ତ୍ତେ ଅନ୍ତଃପୁରରୁ ଅନ୍ତରହେଲେ ରାଣୀଙ୍କର ଆହ୍ୱାନ ଆସେ । କ୍ଷତି କଣ !

Digitized by PPRACHIN, SOA

ପ୍ରଜାର ବିଚାର ଓ ଦଣ୍ଡ ପାଇଁ ବଳରାମଙ୍କ ପରି ଧୂର୍ତ୍ତ ବ୍ୟକ୍ତି ଅଛନ୍ତି । ଶୁଭକାନ୍ତଙ୍କର ସେ ସମ୍ପର୍କରେ ଚିନ୍ତା କରି ଲାଭ କଣ ? ବଳରାମଙ୍କର ହସ୍ତରେ ହିଁ ରାଜ୍ୟର ସମସ୍ତ ଭାର ନ୍ୟସ୍ତ ହେଲା । ଧନ ଆଦାୟ ପାଇଁ ପ୍ରଜା ଉପରେ ସମସ୍ତ ଦଣ୍ଡ ପ୍ରୟୋଗ ବଳରାମଙ୍କ ନିର୍ଦ୍ଦେଶମତେ ସମ୍ପନ୍ନ ହେଲା ।

ବହୁଦିନ ପରେ ନବୀନ ଚରିଷଦବର୍ଗଙ୍କୁ ନେଇ ରାଜା ଆଜି ସିଂହାସନରେ ଆସୀନ । ପାର୍ଶ୍ୱଦେଶରେ ବଳରାମ ରାଜ୍ୟର ଶିରସ୍ତା ଧରି ବସିଛନ୍ତି ଏବଂ ଧୃତ ହୋଇ ଆସିଥିବା ପ୍ରଜାମାନଙ୍କ ପ୍ରତି ଦଣ୍ଡାଦେଶ ଦେଉଛନ୍ତି । ସିରସ୍ତାର ପୃଷ୍ଠା ଓଲଟାଇ ବଳରାମ ଜଣ ଜଣ କରି ପ୍ରଜାର ନାମୋଚ୍ଚାରଣ କରୁଛନ୍ତି । କଟୁଆଳ ତାକୁ ଆଣି ଉପସ୍ଥିତ କରାଉଛି ।

'ରାମ ବରାଳ ।' କଟୁଆଳ ଆଣି ରାମ ବରାଳକୁ ହାଜର କଲା ଏବଂ ଉକ୍ତ ନାମଧେୟ ଜୀବଟି ଭୂମି ଉପରେ ନିର୍ଜୀବବତ୍ ପଡ଼ି ରହିଲା । ଯେପରି ଗୋଟାଏ କାତର କୀଟ । ବଳରାମ କହିବାକୁ ଲାଗିଲେ—

'ଆଚ୍ଛା, ଆଚ୍ଛା ବହୁତ ହୋଇଛି । ରାମ ବରାଳ, ତୋ ଉପରେ ଚାରିବର୍ଷର ଖଜଣା ବାକି ପଚିଶ ଟଙ୍କା—ସବୁ ଏହିକ୍ଷଣି ଦେବାକୁ ହେବ ।

ରାମ ବରାଳ ପୁନଶ୍ଚ ଭୂମିରେ ଲୁଣ୍ଠିତ ହେଲା । 'ହଜୁର ବାପ ମା, ମୋ ଘର ଦରଣ୍ଡିଲେ ପାହୁଲଟାଏ ମିଳିବ ନାହିଁ ।'

'କଣ କହୁଛୁ, ଏହିକ୍ଷଣି ଦେବୁ କି ନାହିଁ ।' ରାମ ବରାଳ ଭୂମିରୁ ମୁଖ ଉତ୍ତୋଳନ ନ କରି କହିଲା, 'ମହିମା ଧର୍ମାବତାର, ରଖିଲେ ରଖ, ମାରିଲେ ମାର – ଘର ଦରଣ୍ଡିଲେ—'

Digitized by PPRACHIN, SOA

ବଳରାମ ଡାକ ଦେଲେ, 'ଆରେ କିଏ ଅଛୁ ରେ'—ତାଙ୍କର ମୁଖରୁ ହିଁ ଜାତ ହେଲାପରେ ସଙ୍ଗେ ସଙ୍ଗେ ଦୁଇଟା କୃଷ୍ଣକାୟ ପୁରୁଷ ଭୂତଳରେ ମସ୍ତକ ସ୍ପର୍ଶ କରି ଦଣ୍ଡାୟମାନ ହେଲେ । ବଳରାମ ଆଦେଶ ଦେଲେ, 'ଏ ଲୋକଟାର ନଖ ଭିତରେ ଛୁଞ୍ଚି ଫୋଡ଼ିଦିଅ, ଆଉ ସେ ଟଙ୍କା ଦେବା କଥା ନ କହିବା ଯାଏ ଛାଡ଼ ନାହିଁ ।' ବଳରାମଙ୍କଦ୍ୱାରା ପ୍ରଜାମାନଙ୍କ ଉପରେ ଏରୂପ ଦଣ୍ଡ ବିହିତ ହେଉଥିବାର ଶୁଭକାନ୍ତ ପୂର୍ବରୁ ଶୁଣିଅଛନ୍ତି; କିନ୍ତୁ ନିଜ ସମକ୍ଷରେ ଏହା ଘଟିଥିବାର ସେ ଦେଖି ନାହାନ୍ତି । ମଧ୍ୟସ୍ଥଳରେ ସେ ବଳରାମଙ୍କୁ କହିଲେ, 'ଏ ସବୁ ଉପାୟରେ କିଛି ଫଳ ହୁଏ କି, ବଳରାମ ?'

'ଆହା, ଶ୍ରୀମୁଖର କି ଅମୂଲ୍ୟ ବଚନ ! ଫଳକଥା ପଚାରୁଛନ୍ତି ମହିମା ? ଆଜି ତ ସ୍ୱୟଂ ବିରାଜମାନ କରିଛନ୍ତି । ଦେଖନ୍ତୁ ! ଶହଶହ ଜାଗାରେ ଏହା ଦ୍ୱାରା ଫଳ ଫଳିଛି ମହିମା' । ଶୁଭକାନ୍ତ ଅନିଚ୍ଛା-ସତ୍ତ୍ୱେ ଯେପରି ଟିକିଏ ହସିଲେ । ପରେ କହିବାକୁ ଯାଉଥିଲେ, 'କିନ୍ତୁ—' ମାତ୍ର ବଳରାମ ଶିରସ୍ତାକୁ ଗୃହାଁ କହିଲେ—

'ହରି ସାନ୍ତ୍ରା, ତୁଠା ଉପରେ ପାଞ୍ଚ କିସ୍ତିର ରାଜସ୍ୱ ବାକି—ନବେ ଟଙ୍କା—'

ହରି ସାନ୍ତ୍ରା ଖତ ଅନୁସାରେ ଭୂତଳରେ ପଡ଼ି ତାର କୃଷି ନଷ୍ଟ ଓ ଗୃହଦାହ ପ୍ରଭୃତି କାରଣ ଦର୍ଶାଇବାକୁ ଲାଗିଲା । ବଳରାମ ଆଦେଶ ଦେଲେ—ତାର ବୃଦ୍ଧାଙ୍ଗୁଳିରେ ତୈଳାକ୍ତ ବସ୍ତ୍ରାବୃତ କରି ଅଗ୍ନି ସଂଯୋଗ କର । ହରି ସାନ୍ତ୍ରାର ସମସ୍ତ ଅଙ୍ଗ କମ୍ପିତ ହୋଇ ଉଠିଲା; କିନ୍ତୁ ନିରୁପାୟ ! କେଉଁଠାରୁ ଅର୍ଥ ଆଣିବ ! ରାଜାଙ୍କର ମୁଖ କାହିଁକି ଅକସ୍ମାତ୍ ଗମ୍ଭୀର ହୋଇ ଆସିଲା । ହୋଇ-

Digitized by PPRACHIN, SOA

ପାରେ—ବଳରାମର ଲୋକ-ଚରିତ୍ର ଉପରେ ଅଧିକ ଅଭଜ୍ଞତା ଅଛି । ତଥାପି—ତଥାପି—ବଡ଼ କଠୋର । ବଡ଼—ଅ-ମା-ନୁ-ଷି-କ !

ପାଇକ ଦୁଇଜଣ ରାମ ବତ୍ରାଳକୁ ଧରି ଆଣିଲେ । ତାର ଦୁଇଟି ହସ୍ତ ରକ୍ତାକ୍ତ । ଯନ୍ତ୍ରଣାରେ ସେ ତା'ର ଚିତ୍କାର କରୁଛି ! ତଥାପି ସେ ରାଜସ୍ୱ ଦେବାକୁ ଅକ୍ଷମ, ଆଂଶିକ କର ଦେବାକୁ ମଧ୍ଯ ସେ ଅସ୍ୱୀକାର କଲା । ଶୁଭକାନ୍ତ ନୀରବରେ ବସି ରହିଲେ । ଇସ୍ ! ଏ ଲୋକଗୁଡ଼ାକ କଣ ! ଏତେ ଉପାୟରେ ମଧ୍ଯ ଦେବାକୁ ନାରାଜ ! ଏତେ କାଯ୍ଯକ୍ଳେଶରେ ! ବିରକ୍ତି ଓ ଘୃଣାରେ ରାଜାଙ୍କର ମନ ତିକ୍ତ ହୋଇ ଉଠିଲା । ବଳରାମ ଅଗ୍ନିଶର୍ମା ହୋଇ କହି ଉଠିଲେ, 'ଆରେ ତା' ଦେହରେ ବହୁତ ଚର୍ବି ହୋଇ ଯାଇଛି ।" 'ଶୃଙ୍ଖଳି ଘେନିଆସ ।' ସଙ୍ଗେ ସଙ୍ଗେ ଲୌହ ପରି କଠିନ ଦୁଇଟା ଦଣ୍ଡ ଆନୀତ ହେଲା । ରାମ ବତ୍ରାଳକୁ ଊର୍ଦ୍ଧ୍ୱମୁଖରେ ଶାୟିତ କରି ଏହି ଦଣ୍ଡ ଦୁଇଟାକୁ ତାର ବକ୍ଷ ଉପରେ ଲମ୍ବାଇ ଦୁଇ ଦିଗରୁ ସେହି ପାଇକ ଦୁଇଟା ଚାପ ଦେବାକୁ ଲାଗିଲେ । ଏ ସବୁ ଦଣ୍ଡ ମରହଟ୍ଟାମାନଙ୍କର ଉଦ୍ଭାବିତ । ଉତ୍କଳର କେହି କେହି ରାଜପୁରୁଷ ସ୍ୱୀୟ ବୁଦ୍ଧିମତ୍ତାର ପ୍ରଦର୍ଶନ ପାଇଁ ଏ ସବୁକୁ ଅନୁକରଣ କରୁଥିଲେ । ତାର ପିଞ୍ଜର ଅସ୍ଥି କଟ କଟ ଶବ୍ଦ କରି ଉଠିଲା ଏବଂ ତାର ତୀବ୍ର ଚିତ୍କାରରେ ରାଜନବର ଆତଙ୍କିତ ହୋଇ ପଡ଼ିଲା ।

କିନ୍ତୁ ହଠାତ୍ କାହିଁକି ଶୁଭକାନ୍ତ ଆସନ ତ୍ୟାଗ କରି ଦଣ୍ଡାୟମାନ ହେଲେ । ମନ୍ତ୍ରଚାଳିତବତ୍ ସମସ୍ତ ପରିଷଦ ଦଣ୍ଡାୟମାନ ହେଲେ । ବଳରାମ ଏହି କୌତୁକଟାର ମଧ୍ଯସ୍ଥଳରେ ଏପରି ବ୍ୟାଘାତର କାରଣ ବୁଝି ନ ପାରି ଚତୁର୍ଦ୍ଦିଗକୁ ଚାହିଁଲେ ।

Digitized by PPRACHIN, SOA

ଏ କିଏ ? ସୁନନ୍ଦା ! ରାଜ ସଭାରେ ! ସେ ସ୍ଥିର ଭାବରେ ଉଭା ହୋଇ ସମସ୍ତ ସଭାକୁ ଏକ ଦୃଷ୍ଟିରେ ଚାହିଁ ରହିଛି । ସେ ମୁଖରେ କ୍ରୋଧ ନାହିଁ, ଈର୍ଷା ନାହିଁ, ଦୁଃଖ ନାହିଁ—କେବଳ ବୈରାଗ୍ୟର ଗୋଟାଏ ନୈସର୍ଗିକ ନିର୍ଲିପ୍ତତା ସମସ୍ତ ମୁଖମଣ୍ଡଳରେ ଦେଦୀପ୍ୟ-ମାନ । ସୁନନ୍ଦା ଅବିଚଳିତ ଭାବରେ ଦଣ୍ଡିତ ବ୍ୟକ୍ତି ପ୍ରତି ଦୃଷ୍ଟି ନିକ୍ଷେପ କରି କହିଲା, 'ବଳରାମ, ଏ ଲୋକଟିର ସମସ୍ତ ଦୋଷ ପାଇଁ ମୁଁ ଦାୟୀ, ତାକୁ ମୁକ୍ତି ଦିଅ । ଆଉ ଦେଖ, ଏଥିଦୂର କାର୍ଯ୍ୟିକଦଣ୍ଡ ଯେଉଁଠାରେ ବିଧାନ କରିବ, ସେଠାରେ ମନେ ରଖିବ ସୁନନ୍ଦା ବ୍ରାହ୍ମଣୀ, ତାର ସମସ୍ତ ସମ୍ପତ୍ତି ଏହି ଦଣ୍ଡିତମାନଙ୍କ ପାଇଁ ସଞ୍ଚୟ କରି ରଖିଅଛି ।'

ଶୁଭକାନ୍ତ ସମକ୍ଷରେ ଏପରି ବ୍ୟବହାର କରିବାର ସାହସ ଜଗତରେ ଦ୍ୱିତୀୟ ଆଉ କାହାରି ନାହିଁ । ସଭାସଦ୍‌ବୃନ୍ଦ ଅବାକ୍ ହୋଇ ଏହି ଦେବୀପ୍ରତିମାକୁ ଚାହିଁଲେ । ରାଜା ନିରୁପାୟ । ରାମ ବରାଳ ମୁକ୍ତି ଲାଭ କରି ମା' ମା' ବୋଲି କ୍ରନ୍ଦନ କରି ଉଠିଲା । ସୁନନ୍ଦା କାଳ ବିଳମ୍ବ ନ କରି ସେ ସ୍ଥାନ ପରିତ୍ୟାଗ କଲା ।

ବଳରାମଙ୍କ କାର୍ଯ୍ୟରେ ରାଜା ଯେପରି ନୀରବ ଥିଲେ, ସୁନନ୍ଦା-ଙ୍କର ବାଧାରେ ମଧ୍ୟ ତଦ୍ରୂପ ନିସ୍ପୃହ ରହିଲେ । କିଏ ଉଚିତ, କେଉଁ କର୍ମ ଅନୁଚିତ, କିଛି ସେ ସ୍ଥିର କରି ପାରିଲେନାହିଁ । ହଁ; ବଳରାମଙ୍କର ଦଣ୍ଡ ବଡ଼ କଠୋର; ତଥାପି ଅର୍ଥାଗମ ପୁଣି ଆବଶ୍ୟକ; ନ ହେଲେ ରାଜକାର୍ଯ୍ୟ ଚଳିବ କିପରି, ସିପାହୀଙ୍କର ବ୍ୟୟ, ଅନ୍ତ-ପୁରର ବିଳାସ ଅକ୍ଷୁଣ୍ଣ ରହିବ କିପରି ? ପ୍ରଜାମାନଙ୍କର ଅର୍ଥ ବ୍ୟତୀତ ରାଜାର ଅନ୍ୟ ସମ୍ବଳ କାହିଁ ? ତାହା ଯଦି ଅନାଦାୟ ହୁଏ, ତେବେ

Digitized by PPRACHIN, SOA

ଆଉ ଉପାୟ କଣ ? ସୁନନ୍ଦାର ଏହି ଆକସ୍ମିକ ଆବିର୍ଭାବ ଓ ରାଜ-କାର୍ଯ୍ୟରେ ବାଧା ପ୍ରଦାନକୁ ଶୁଭକାନ୍ତ ଯେପରି ସ୍ୱାଭାବିକ ଜ୍ଞାନ କଲେ, ବଳରାମଙ୍କ କାର୍ଯ୍ୟକୁ ମଧ୍ୟ ସେହିପରି ଅନ୍ୟାୟ ମନେ କଲେନାହିଁ; ତେବେ ଏ ସବୁ ନ୍ୟାୟ, ଅନ୍ୟାୟ ଓ ଉଚିତ ଅନୁଚିତର ଆବର୍ତ୍ତରେ ସେ ବହୁକ୍ଷଣ ନିଷ୍ପନ୍ଦ ରହିବାକୁହିଁ ନିରାପଦ ଜ୍ଞାନ କଲେ ।

ସମସ୍ତ ରାଜ୍ୟ ମଧ୍ୟରେ ଏକମାତ୍ର ଭରସାର ସ୍ଥଳ ସୁନନ୍ଦା । ରାଜାର ଦେୟ ଯାହାର ଅଭାବ ହୁଏ, ସେ ଆସି ସୁନନ୍ଦାର ଦ୍ୱାରସ୍ଥ ହୁଏ । ସୁନନ୍ଦାର ଏପରି ଧନ ନାହିଁ ଯହିଁରେ ରାଜ୍ୟର ସମସ୍ତ ଲୋକଙ୍କୁ ରକ୍ଷା କରି ପାରିବ; କିନ୍ତୁ ତାର ଶକ୍ତି ଅନୁସାରେ ସେ ସାହାଯ୍ୟ କରେ । କୌଣସି କୌଣସି ପ୍ରଜାର ଶୋଚନୀୟ ଅବସ୍ଥା ଦେଖି ତା' ପାଇଁ ସାକ୍ଷ୍ୟ ଦେବା ଲାଗି ରାଜାଙ୍କର ଦ୍ୱାରସ୍ଥ ହୁଏ ।

କିନ୍ତୁ ପ୍ରଜାର ଅବସ୍ଥା ପରିବର୍ତ୍ତନ ହେଲନାହିଁ । ସ୍ଥୂଳକାୟ ଲୋକ ନିଜର ଚର୍ବିକୁ ଅଭିଶାପ ଦେଇ ସୂକ୍ଷ୍ମକାୟ ହେବାକୁ ଚେଷ୍ଟା କଲ । ସୁସ୍ଥକାୟ ରୁଗ୍‌ଣ ହେଲ, ଧନୀ ଦରିଦ୍ର ହେଲ । ନାରୀ ଆଭରଣଶୂନ୍ୟା ହେଲ; କିନ୍ତୁ ରାଜନବରର ନିର୍ମାଣ ଶେଷ ହେଲ-ନାହିଁ । ବର୍ଷେ ନୁହେ, ଦୁଇ ବର୍ଷ ନୁହେ, ପାଞ୍ଚ ବର୍ଷ ନୁହେଁ, ବାର ବର୍ଷ । ୧୮୫୦ ଅବ୍ଦରେ ଶୁଭକାନ୍ତଙ୍କର ରାଜ୍ୟାଭିଷେକ ହେଲ; ୧୮୫୩ ଅବ୍ଦର ମଧ୍ୟଭାଗରେ ନୂତନ ରାଜନବରର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲ, ବର୍ତ୍ତମାନ ଊନବିଂଶ ଶତାବ୍ଦୀର ବୟସ ଚଉଷଠୀ ପାର ହୋଇ ଥିଲେହେଁ ନବର ନିର୍ମାଣ ସମାପ୍ତ ହେଲ ନାହିଁ ।

ପ୍ରଥମେ କେବଳ ପାକଶାଳା ନିର୍ମାଣ, କୂପ ଓ ପୁଷ୍କରିଣୀ ଖନନ କାର୍ଯ୍ୟରେ କେତେକ ବର୍ଷ ଅତିବାହିତ ହୋଇଗଲ ।

Digitized by PPRACHIN, SOA

ଉପୂରେ ପ୍ରାସାଦ ନିର୍ମାଣ ରାଜା ଏବଂ ରାଣୀଙ୍କ ଅଭିରୁଚି ଅନୁସାରେ ବାରମ୍ବାର ସଂସ୍କାର କରାଗଲା । ମିସ୍ତ୍ରୀମାନଙ୍କ ଅପଟୁତାରୁ ମଧ୍ୟ ଥରେ ଦୁଇଥର ଭଗ୍ନ ହେଲା । ଏହି ବାରବର୍ଷ ମଧ୍ୟରେ ଜଗତରେ କେତେ ପରିବର୍ତ୍ତନ ଘଟିଅଛି । ଶୁଭକାନ୍ତ ତିନଗୋଟି ସନ୍ତାନ ଲଭ କରି ସମସ୍ତଙ୍କୁ ହରାଇ ଅଛନ୍ତି । ଏବେଗରେ ତାଙ୍କର ଆୟୁବ୍ୟୟ ସମାନ । ରାଜକାର୍ଯ୍ୟରେ ତାଙ୍କର ବହୁ ଅଭିଜ୍ଞତା ବୃଦ୍ଧି ଲଭ କରିଅଛି । ରାଣୀଙ୍କର ସୌନ୍ଦର୍ଯ୍ୟ ବହୁ ପରିମାଣରେ ମଉଳି ପଡ଼ିଛି । ତାଙ୍କର ସେ ଖଳ ଖଳ ହାସ୍ୟ, ସେ ଛଳ ଛଳ ବୃହାଣୀ ସମସ୍ତ ନବ-ରକୁ ଯେ ଚର୍ଚ୍ଚିତ କରି ରଖିଥିଲା, ଶୁଭକାନ୍ତଙ୍କର ଚକ୍ଷୁ ସମକ୍ଷରୁ ସେ ସବୁ ଉଭେଇ ଯାଇଛି । ପ୍ରିୟ ଓ ପ୍ରେୟସୀଙ୍କର ପ୍ରେମ, ସ୍ତ୍ରୀ ଓ ପୁରୁଷର ପ୍ରେମଠାରୁ ଯେ ବହୁ ଦୂରରେ ତାହା ଶୁଭକାନ୍ତ ନିକଟରେ ସୁସ୍ପଷ୍ଟ ହୋଇଅଛି । ରାଣୀର ବର୍ତ୍ତମାନ ଯେତେ ପରିମାଣରେ ସୌନ୍ଦର୍ଯ୍ୟ ହ୍ରାସ ହେଉଛି, ତେତେ ଅଧିକ ପ୍ରସାଧାନର ସାମଗ୍ରୀ ଆବଶ୍ୟକ; କିନ୍ତୁ ରାଜକୋଷ ସେ ସକଳ ଇଚ୍ଛା ପୂରଣ କରିବାପାଇଁ ସର୍ବଦା ଦରିଦ୍ର । ରାଣୀଙ୍କର ପ୍ରସାଧନ ବ୍ୟତୀତ ଅନ୍ୟ ବ୍ୟୟ ମଧ୍ୟ ଅଧିକ ଥିଲା । ତାଙ୍କର ଭ୍ରାତା ଅତିରିକ୍ତ ମଦ୍ୟପ ହୋଇ ରାଜସ୍ୱ ଦେଇ ପାରି ନ ଥିବାରୁ ରାଜ୍ୟ ଇଂରେଜମାନଙ୍କର ଖାସ୍ ହୋଇଥିଲା ।

ଭ୍ରାତା ଓ ଭ୍ରାତୁଷ୍ପୁତ୍ରମାନଙ୍କ ସାହାଯ୍ୟରେ ରାଣୀଙ୍କ ବ୍ୟୟର ମାତ୍ରା ବୃଦ୍ଧିଲଭ କରୁଥିଲା । ଏହି ବାରବର୍ଷ ରାଜତ୍ୱରେ ଶୁଭକାନ୍ତ ଯେପରି ଶ୍ରାନ୍ତ ହୋଇ ପଡ଼ିଅଛନ୍ତି, ଏଥିମଧ୍ୟରେ ତାଙ୍କର କେତେ ଶିକ୍ଷା କେତେ ଅଶିକ୍ଷା ହୋଇ ଯାଇଅଛି । ରାଣୀ ସହିତ ସେ ପୁରୁରବା ହୋଇ ଆକାଶ ବିହାର ଓ ବନ ବିହାର କରିବାର ଯେ କଳ୍ପନା ଗଢ଼ୁଥିଲେ ତାହା ଜଳରେ ଲବଣ ପରି ମିଳାଇ

Digitized by PPRACHIN, SOA

ଯାଇଅଛି । ରାଜା ହେବାର ମୋହ ଓ ରାଜ୍ୟ ପରିଚାଳନାର ଆନନ୍ଦ ତାଙ୍କ ପକ୍ଷରେ ଆଜ ଦିଲ୍ଲୀକା ଲଡ୍‌ଡୁ ପରି—'ଯୋ ଖାୟା ସେ ପସ୍ତାୟା ।' ନବର ନିର୍ମାଣର ସ୍ପୃହା ମଧ୍ୟ ଏହି ବାର-ବର୍ଷ ପରେ ସେପରି ଜାଜ୍ଜ୍ୱଲ୍ୟ ହୋଇନାହିଁ । ବଳରାମ ନବର ନିର୍ମାଣରେ ବ୍ୟାପୃତ ରହି କହନ୍ତି, 'ବଳରାମ ନୂଆ ନଅରକୁ ସମ୍ପୂର୍ଣ୍ଣ ନ କରିବା ଯାଏ ମରିବ ନାହିଁ ।' କିନ୍ତୁ ବଳରାମ ଜାଣନ୍ତି ନାହିଁ ଯେ, ଯଦି ଦୁର୍ଭାଗ୍ୟବଶତଃ ତାଙ୍କ ଆୟୁଃକାଳ ଆହୁରି ଏକଶତ ବର୍ଷବ୍ୟାପୀ ହୁଏ, ତେବେ ସେ ନବରରେ ବାସ କରିବାକୁ ଶୁଭକାନ୍ତଙ୍କର ହୁଏତ ଅଭାବ ହୋଇପାରେ । ଶୁଭକାନ୍ତ ବର୍ତ୍ତମାନ ଯେଉଁ ଦିଗକୁ ହସ୍ତ ବଢ଼ାଉଛନ୍ତି, ସେଦିଗରେ କଠିନ କଙ୍କର, ଅଥବା କଣ୍ଟକ ।

ଏହି ବାର ବର୍ଷର ରାଜତ୍ୱ ମଧ୍ୟରେ କେତେ ଇଂରେଜ ରାଜପୁରୁଷଙ୍କୁ ନେଇ ସେ ଧଉଳି, ଖଣ୍ଡଗିରି ଦେଖାଇ ଶିକାର କରାଇଛନ୍ତି । ସାମୁଏଲ୍, କୋବରନ୍, ଟ୍ରେଭର, ସୋର ପ୍ରଭୃତି ଇଂରେଜ ପୁରୁଷମାନେ ଓଡ଼ିଶାର କମିଶନର ହୋଇ କେତେଥର ମୁକ୍ତାଗଡ଼ ରାଜାଙ୍କର ଆତିଥ୍ୟ ଗ୍ରହଣ କରିଅଛନ୍ତି । ଏହି ମଧ୍ୟରେ ଭାରତର ବଡ଼ଲାଟ ଲର୍ଡ଼ କେନିଂଙ୍କ ଶାସନକାଳରେ ସିପାହୀ-ବିଦ୍ରୋହ ହୋଇ ଯାଇଅଛି ଏବଂ ରାଣୀ ଭିକ୍ଟୋରିୟା କମ୍ପାନୀଙ୍କ ହସ୍ତରୁ ଶାସନ ଭାର ଗ୍ରହଣ କରିଅଛନ୍ତି । ଏହି ଉପ-ଲକ୍ଷରେ ମୁକ୍ତାଗଡ଼ରେ ଯେଉଁ ରୋଶନାଇ ଓ ଆନନ୍ଦ ଉତ୍ସବ କରା ଯାଇଥିଲା, ତାହା ପୁରୀ, କଟକ ପ୍ରଭୃତି ସହରର ରୋଶନାଇ ଅପେକ୍ଷା ନ୍ୟୂନ ନୁହେଁ ବୋଲି କଥିତ ଅଛି । ୧୮୫୯ ସାଲରେ କୋବରନ୍ ଓଡ଼ିଶାର କମିଶନର ଥିବା ସମୟରେ ଲେଫ୍‌ଟେନେଣ୍ଟ୍

Digitized by PPRACHIN, SOA

ଗଭର୍ଣ୍ଣର ହାଲଡ଼େ ସାହେବ ଓଡ଼ିଶା ପରିଦର୍ଶନ ପାଇଁ ଆସିଥିଲେ । ଏହି ବାରବର୍ଷ ମଧ୍ୟରେ ଇଷ୍ଟ ଇଣ୍ଡିଆ ଇରିଗେସନ୍ ଓ କେନାଲ କୋମ୍ପାନୀ ଓଡ଼ିଶାରେ ନାଳ ଓ ଜଳସେଚନର ସୁବିଧା ପାଇଁ କେନାଲ ଖନନ ଆରମ୍ଭ କରାଇଥିଲେ ଏବଂ ଯୋବରା, ନରାଜ ଓ ବିରୂପା ବନ୍ଧମାନ ସେହିମାନେହିଁ ବନ୍ଧାଇଥିଲେ । ଏହି ସମୟଟି ଓଡ଼ିଶାର ଜନ୍ମାନ୍ତର ଆରମ୍ଭ ଯୁଗ । ପ୍ରଥମେ ମିଶନ ମୁଦ୍ରାଯନ୍ତ୍ରାଳୟ ଏହି ସମୟ ମଧ୍ୟରେ ମିଶନାରିମାନଙ୍କଦ୍ୱାରା ପ୍ରତିଷ୍ଠିତ ହେଲା ଏବଂ 'ଜ୍ଞାନାରୁଣ' ଓ 'ପ୍ରବୋଧ ଚନ୍ଦ୍ରିକା' ନାମକ ପ୍ରଥମ ଦୁଇଖଣ୍ଡି ସାମୟିକ ଓଡ଼ିଆ ପତ୍ର ଭିନ୍ନ ଭିନ୍ନ ସମୟରେ ପ୍ରକାଶିତ ହେଲା ।

ଶୁଭକାନ୍ତ ସଭ୍ୟତାର ଚକ୍ର ସହିତ ପୂର୍ଣ୍ଣଯୋଗ ରଖି ଆସି ଅଛନ୍ତି । ବର୍ତ୍ତମାନ ସେ କ୍ଲାନ୍ତ । ଅବଶ୍ୟ ତାଙ୍କର ପୂର୍ବ ଉତ୍ସାହ ଆବେଗର ହ୍ରାସ ହୋଇନାହିଁ; କିନ୍ତୁ ମଧ୍ୟେ ମଧ୍ୟେ ରାଜଚକ୍ରରେ କିପରି ନିରୁତ୍ସାହଭାବ ଓ ବିଶ୍ରାମପ୍ରିୟତା ଲକ୍ଷିତ ହୁଏ । ସମସ୍ତ ଲଭ-କରି କାହିଁରେ ଯେପରି ତୃପ୍ତି ଆସେନାହିଁ । ଏ ସବୁ ଯେପରି ପୁରାତନ ହୋଇ ପଡ଼ିଅଛି । ନୂତନ କିଛି ଆବଶ୍ୟକ । ଜୀବନର ପରିସର ତାଙ୍କୁ ଅତି ସଙ୍କୀର୍ଣ୍ଣ ମନେ ହୁଏ—ସେ ଆହୁରି ବିସ୍ତୃତ କରି ନିଜକୁ ଉପଲବ୍ଧି କରିବାକୁ ଲୋଡ଼ନ୍ତି । ରାଜାଙ୍କର ଶ୍ୱାସରୁଦ୍ଧ ହୁଏ, ରିସାଙ୍କର ହାସ୍ୟକୁ ଅଧିକ ସମୟ ରୁନ୍ଧି ପାରନ୍ତିନାହିଁ । ଯଥାର୍ଥରେ ତାଙ୍କର ବିଶ୍ରାମ ଆବଶ୍ୟକ ନୁହେଁ—ମୁକ୍ତି । ସେ ଗୋଟାଏ ମୁକ୍ତି ଲୋଡ଼ନ୍ତି, ଯାହା ଏହି ଆକାଶ ପରି ବିସ୍ତୃତ—ପବନ ପରି ସ୍ୱତନ୍ତ୍ର !

Digitized by PPRACHIN, SOA

ପଞ୍ଚଦଶ ପରିଚ୍ଛେଦ

୧୮୭୫ ସାଲ । ଉତ୍କଳର ଆକାଶ ପରିଚ୍ଛନ୍ନ । ଦେଶବାସୀ ସୁଖୀ । ପୂର୍ବବର୍ଷର କୃଷି ଉତ୍କୃଷ୍ଟ ହୋଇଅଛି । ମୁକ୍ତାଗଡ଼ର ପ୍ରଜା ରାଜାଙ୍କର ଉତ୍ପୀଡ଼ିତ ହେଲେହେଁ, ଆକାଶ ସେମାନଙ୍କ ପ୍ରତି ନିର୍ଦ୍ଦୟ ହୋଇନାହିଁ । ମାନବ ସେମାନଙ୍କ ପ୍ରତି ବିମୁଖ ହେଲେହେଁ ଦେବତାର କୃପାରୁ ସେମାନେ ବଞ୍ଚିତ ହୋଇ ନାହାନ୍ତି । ମୁସଲମାନ ଓ ମରହଟ୍ଟମାନଙ୍କ ଆକ୍ରମଣ ଓ ଶାସନରେ ଉତ୍କଳର ଦୁଃଖ, ଧନକ୍ଷୟ ଓ ଶକ୍ତି ପରିମ୍ଳାନ ହେଲେହେଁ, ତାର ନୈସର୍ଗିକ ଦାନକୁ କେହି ଲୁଣ୍ଠନ କରି ପାରିନାହିଁ । ତାର ଶସ୍ୟଶ୍ୟାମଳ କ୍ଷେତ୍ର, ତାର ଚକ୍ରବାକ-କେଳିତ ମହାନଦୀ, ସ୍ୱଚ୍ଛତୋୟା ଚିଲିକା, ତାର ଚକ୍ରବାଳ ସୀମ ସିନ୍ଧୁ, ଘନଶ୍ୟାମଳାବୃତ ମାଳ୍ୟଗିରି, ମେଘାସନ, ତାର ବିହଗକୂଜିତ ଗ୍ରୀଷ୍ମ ସୁଶୀତଳ ବନାନୀ ! ସକଳ ଲୁଣ୍ଠନ ଓ ସ୍ୱେଚ୍ଛାଚାର ସହ୍ୟ କରି ତଥାପି ସେ ଏ ସକଳ ଐଶ୍ୱର୍ଯ୍ୟରେ ଭୂଷିତ ।

ଉତ୍କଳର ପବନ ସାଗର ସ୍ପର୍ଶରେ ଶାନ୍ତ ସୁଶୀତଳ । ଆକାଶ ତା'ର ତାରକାମଣ୍ଡିତ ହୋଇ ଚିଲିକାର ନୀଳ ମୁକୁରରେ ମୁଖ ଦେଖେ । ଏତେ କ୍ଳାନ୍ତ ଏତେ ରମଣୀୟ ସେ ଆକାଶ ! ପୌଷ ସନ୍ଧ୍ୟାର କାବ୍ୟତାରା କେଉଁ ଆକାଶରେ ଆଉ ଏତେ ମନୋରମ !

Digitized by PPRACHIN, SOA

କେଉଁ ଆକାଶର ଆଶ୍ୱିନ ଚନ୍ଦ୍ର ଏତେଦୂର ପ୍ରାଣସ୍ପର୍ଶୀ, କେଉଁ ଆକାଶର ଚୈତ୍ର ପ୍ରଭାତ ଏପରି କ୍ଳାନ୍ତ ଶୀତଳ ! କାହାର ପ୍ରଥମ ଆଷାଢ଼ ଏତେ ମଧୁମୟ କରୁଣ !

କିନ୍ତୁ ଅକସ୍ମାତ୍ କାହିଁକି ସେହି ଆକାଶର ଏକ ସୁଦୂର କୋଣରେ ଗୋଟାଏ କୃଷ୍ଣ ବିନ୍ଦୁ ଉଦିତ ହେଲା ! ଦୀର୍ଘ ନାହିଁ, ପ୍ରସ୍ଥ ନାହିଁ—କେବଳ ବିନ୍ଦୁଟିଏ । ସକଳ ବର୍ଣ୍ଣର ଅବସାନ ହିଁ କୃଷ୍ଣ । ଏ ସେହିପରି କୃଷ୍ଣ—ଯାହା ପରେ ଆଉ ଗାଢ଼ତର କୃଷ୍ଣର କଳ୍ପନା ଅସମ୍ଭବ । ଲକ୍ଷ କୋଟି ବର୍ଷର ଆଲୋକ ଯେ ଦର୍ଶନକରି ନାହିଁ, ଏ ସେହିପରି କୃଷ୍ଣ । ସେ ଯେପରି କେଉଁ ଏକଚକ୍ଷୁ ପିଶାଚର ଡୋଳା—ସେଥିରେ ଆନନ୍ଦ ନାହିଁ, ଅଶ୍ରୁ ନାହିଁ, କାରୁଣ୍ୟ ନାହିଁ; କେବଳ ଗୋଟାଏ ନିର୍ମମ ପିଶାଚର ଲୋଲୁପ ଦୃଷ୍ଟି—ବିଶ୍ୱ ପ୍ରଳୟ ହେଲେହେଁ ସେ ଡୋଳା ତରଳ ହୁଏ ନାହିଁ, ସହସ୍ର ରବିକରରେ ମଧ୍ୟ ତାର ଧ୍ୱଂସ ନାହିଁ । କଠୋର ଭୀତିପ୍ରଦ; ସମସ୍ତ ଜଗତକୁ ଆତ୍ମସାତ୍ କରିବାପାଇଁ ଯେପରି ତାର ଆଦିମ ବୁଭୁକ୍ଷା ।

ଶୁଭକାନ୍ତଙ୍କର ଚିନ୍ତାସିତାରେ ବ୍ୟତିକ୍ରମ ନାହିଁ । ଇଂରେଜ ରାଜପୁରୁଷମାନେ ନବାଧିକୃତ ଉତ୍କଳରେ ଶାସନ ଗ୍ରନ୍ଥି ଦୃଢ଼ କରିବାରେ ବ୍ୟାପୃତ; କିନ୍ତୁ ଦେଶ ହୃଦୟରେ ଏହି କ୍ରୂର ଦୃଷ୍ଟି ଉଦିତ ହେଲା, ସମସ୍ତ ବିଶ୍ୱକୁ ଲୁକ୍‌କାୟିତ ହୋଇ । ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ଉପଗ୍ରହ ସ୍ୱୀୟ ଆଲୋକରେ ଆଲୋକିତ, ହେରିଦୃଷ୍ଟ; କିନ୍ତୁ ତାର ସ୍ୱୀୟ ତମସାରେ ଅନ୍ଧୀକୃତ । ଯେଉଁ ଦୃଷ୍ଟିର ଜ୍ୱଳପରେ ଆକାଶରୁ ଉଲ୍କା ଖସି ପଡ଼େ, ଭୂପୃଷ୍ଠରେ ଗୁଳ୍ମ ଜାତ ହୁଏ ନାହିଁ—ଏ ସେହି ଦୃଷ୍ଟି ।

Digitized by PPRACHIN, SOA

ଅଗଷ୍ଟ ମାସ ପର୍ଯ୍ୟନ୍ତ ସେ ଦୃଷ୍ଟିର ଉତ୍ତପ ଭୂପୃଷ୍ଠରେ ଅନୁଭୂତ ହେଉନାହିଁ । କୃଷିଜାତ ଦ୍ରବ୍ୟର ମୂଲ୍ୟ ସାଧାରଣ ସମୟ ପରି ପ୍ରଚଳିତ-ହ୍ରାସ ବୃଦ୍ଧିର କୌଣସି ଚିହ୍ନ ନାହିଁ । ସେତେବେଳେ ଓଡ଼ିଶା ସହିତ ବାହାରର ବାଣିଜ୍ୟ କେବଳ ହୁକିଟୋଲା (ବନ୍ଦର) ମଧ୍ୟରେ ଚଳୁଥିଲା । ଓଡ଼ିଶାର ଜଗନ୍ନାଥ ରାସ୍ତା ନଦୀ ନାଳଦ୍ୱାରା ନାନା ସ୍ଥାନରେ କଟିଛି; ବର୍ଷାକାଳରେ ନାନାସ୍ଥାନରେ ଜଳ ଓ କର୍ଦ୍ଦମମୟ ହୋଇ ଏହା ସମ୍ପୂର୍ଣ୍ଣ ଅଗମ୍ୟ ହୋଇ ପଡ଼ୁଥିଲା । କାରଣ ସେପର୍ଯ୍ୟନ୍ତ ଏହା ପକ୍କା ହୋଇ କ୍ଷୁଦ୍ର କ୍ଷୁଦ୍ର ନଦୀ ଉପରେ ପୋଲଦ୍ୱାରା ସଂଯୁକ୍ତ ନ ଥିଲା । କେବଳ ବର୍ଷାକାଳରେ ହିଁ ତିନ ଚାରି ମାସ ପାଇଁ ମହାନଦୀ ନାବ୍ୟା ହୋଇ ପାରୁଥିଲା; ସମ୍ବଲପୁର ଗଡ଼ଜାତର ସୁବିଧା ତତ୍ପରେ ଘୋର ଅରଣ୍ୟାନୀ ମଧ୍ୟରେ ହିଁ ନିର୍ଦ୍ଦିଷ୍ଟ ଥିଲା । ଦକ୍ଷିଣରେ ଗୋପାଳପୁର ବାଟେ ଚିଲିକା ମଧ୍ୟରେ ସାମୟିକ ବାଣିଜ୍ୟ ପ୍ରଚଳିତ ଥିଲା । ଏକ କଥାରେ ଉତ୍କଳର ସକଳ ପଥ ଅବରୁଦ୍ଧ । ବାଲି, ସୁନାବା ସହିତ ବାଣିଜ୍ୟର ସମୟ ଏହା ନୁହେଁ । ଇଂରେଜ ରାଜତ୍ୱକାଳ । ମୁସଲମାନ ରାଜତ୍ୱରୁ ଆରମ୍ଭ କରି ଉତ୍କଳର ଧନ ସମ୍ପତ୍ତି କେବଳ ବିଦେଶୀମାନଙ୍କଦ୍ୱାରା ଲୁଣ୍ଠିତ ହୋଇଅଛି—ଶିଳ୍ପ ବାଣିଜ୍ୟରେ ନିୟୋଜିତ ହେବାକୁ ତାର ଅବସର ନାହିଁ ।

ସେ ସମୟରେ ଏକ ଫରାସୀ ବଣିକସଙ୍ଘ ଉତ୍କଳ ସହିତ ହୁକିଟୋଲା ବାଟେ ବାଣିଜ୍ୟ ଚଳାଇଥିଲେ ଏବଂ ଉକ୍ତ ବର୍ଷ ଅଗଷ୍ଟମାସରେ ଟଙ୍କାରେ ୩୦।୩୫ ସେର ହିସାବରେ ଚାଉଳ ରପ୍ତାନି କରିଥିଲେ । ଅବଶ୍ୟ ଏହି ସମୟର ରପ୍ତାନିର ପରିମାଣ ପୂର୍ବ ବର୍ଷମାନଙ୍କ ଅପେକ୍ଷା ଅତ୍ୟଧିକ ହୋଇ ପଡ଼ିଥିଲା ଏବଂ

Digitized by PPRACHIN, SOA

ଉତ୍କଳ କୃଷକ ମାନଙ୍କ ଚିତ୍ତରେ ଆଗାମୀ କୃଷିକୁ ବହୁ ଆଶାପ୍ରଦ ଜ୍ଞାନକରି ନିଜର ପୁଞ୍ଜୀକୃତ ଧାନ୍ୟ ବିକ୍ରୟ କରିଦେଲେ ।

୧୮୬୫ ସାଲର ବୃଷ୍ଟିର ପରିମାଣ ସାଧାରଣ ସମୟ ଅପେକ୍ଷା ସ୍ୱଳ୍ପ ବୋଲି ବୋଧହେଲା । ତଥାପି ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବୃଷ୍ଟିର ଆଗମ ଦେଖା ଯାଉଥିଲା ଏବଂ ସେପ୍ଟେମ୍ବର ତା ୬ ରିଖ ଦିନ ଶେଷଥର ପାଇଁ ପ୍ରଚୁର ବୃଷ୍ଟିପାତ ହେଲା; କିନ୍ତୁ ସେହି ମାସ ତା ୧୮ ରିଖଠାରୁ ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଗଲା । ଆକାଶ ମେଘମୁକ୍ତ ହେଲା । କୃଷକ ଊର୍ଦ୍ଧ୍ୱକୁ ଚାହିଁ ଆଶ୍ୱାନ୍ୱିତ ହୋଇ ବସି ରହିଲା । କିଏ ଜାଣିଥିଲା, ଏହି ବୃଷ୍ଟି ପରେ ଆକାଶର କରୁଣାର ଦ୍ୱାର ଭୂପୃଷ୍ଠ ପାଇଁ ରୁଦ୍ଧ ହୋଇଗଲା, ଦେଶବ୍ୟାପୀ ପ୍ରଳୟର ସୂଚନା କରି !

ଅକ୍ଟୋବର ମାସରେ ମଧ୍ୟ ଧାନ ଚାଉଳ ମୂଲ୍ୟରେ ଅଧିକ ବ୍ୟତିକ୍ରମ ଦେଖାଗଲାନାହିଁ । ଅକ୍ଟୋବର ମଧ୍ୟଭାଗ ପର୍ଯ୍ୟନ୍ତ କୃଷକ ଆକାଶକୁ ଚାହିଁ ରହିଲା । ମଧ୍ୟେ ମଧ୍ୟେ କ୍ଷୁଦ୍ର ବାଉଦ ଖଣ୍ଡ ଆକାଶରେ ଭାସିଗଲେ, ଆଶାପୂର୍ଣ୍ଣ କୃଷକ ପ୍ରାଣରେ ଆନନ୍ଦ ସଞ୍ଚାରିତ ହୁଏ । କୃଷକ-ରମଣୀ ତାର ସନ୍ତାନ ସନ୍ତତି ସମସ୍ତଙ୍କର ଏହି ଏକ ଭାବନା । ବାଳକମାନେ ମେଘ ଖୋଜିବାକୁ ସବୁବେଳେ ଊର୍ଦ୍ଧ୍ୱମୁଖ ଯୋଗୀ ପରି ଗ୍ରାମ ମଧ୍ୟରେ ବୁଲିବାକୁ ଲାଗିଲେ ଏବଂ ଅକସ୍ମାତ୍ ଖଣ୍ଡିଏ କୃଷ୍ଣମେଘ ଦର୍ଶନ କଲେ, ଆନନ୍ଦରେ ଗ୍ରାମ ମଧ୍ୟରେ ପ୍ରଚାର କରି ବୁଲିଲେ ।

କୃଷକ- ଲଳନା ଗୃହର ସମସ୍ତ ବସ୍ତୁ, ସଞ୍ଚିତ ସମସ୍ତ ଶସ୍ୟ ଦ୍ୱାରଦେଶରେ ମୁକ୍ତ କରି ରଖିଦେଲା, ଅଭିପ୍ରାୟ, 'ହେ ଇନ୍ଦ୍ର ! ହେ ବୃଷ୍ଟିର ଦେବତା ! ମୋ ଗୃହର ସମସ୍ତ ଶୀତବସ୍ତ୍ର, ସମସ୍ତ

Digitized by PPRACHIN, SOA

ସଞ୍ଚିତ ଧନ ତୁମେ ପ୍ରତି ଉତ୍ସର୍ଗ କରିଦେଲି । ଥରେ ମାତ୍ର କୃପା ବର୍ଷଣ କରି ଯାଅ ।' ନିଷ୍ଠୁର ଇନ୍ଦ୍ର ସେ ମିନତି ଶୁଣିଲେ ନାହିଁ ।

ଗ୍ରାମେ ଗ୍ରାମେ ଶିବଲିଙ୍ଗ ଶିରରେ ଜଳାଭିଷେକ କରାଗଲା । ପୁରୀ, ଭୁବନେଶ୍ୱର ପ୍ରଭୃତି କ୍ଷେତ୍ରମାନଙ୍କରେ ଶତ ଶତ ବ୍ରାହ୍ମଣ ନିମନ୍ତ୍ରିତ ହୋଇ ଇନ୍ଦ୍ରଯଜ୍ଞ ଆରମ୍ଭ କରିଦେଲେ । ସେ ସମୟରେ ପୁରୀର ରାଜା ଦିବ୍ୟସିଂହ ଦେବ ଏହି ଯଜ୍ଞାନୁଷ୍ଠାନ ପାଇଁ ରାଜକୋଷ ମୁକ୍ତ କରିଦେଲେ । ଇନ୍ଦ୍ରଦ୍ୟୁମ୍ନ, ବିନ୍ଦୁସାଗର ପ୍ରଭୃତି ତୀର୍ଥ ପୁଷ୍କରିଣୀ-ମାନଙ୍କରେ ବ୍ରାହ୍ମଣମାନେ ଗଳବସ୍ତ୍ର ଓ ବକ୍ଷ ପର୍ଯ୍ୟନ୍ତ ଜଳମଗ୍ନ ହୋଇ ସୂର୍ଯ୍ୟଙ୍କୁ ଗୃହିଁ ଜପ ଆରମ୍ଭ କଲେ । ନିଷ୍ଠୁର ଇନ୍ଦ୍ରର ଆସନ କାହିଁରେ ଟଳିଲା ନାହିଁ । ସେପ୍‌ଟେମ୍ବର ମାସ ତା୧୮ ରିଖ ଠାରୁ ସେ ବର୍ଷର ବର୍ଷଣରେ ଦୀର୍ଘ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ।

ମୁକ୍ତାଗଡ଼ ରାଜ୍ୟ ଏଥିରୁ ପୃଥକ୍ ନୁହେଁ; କିନ୍ତୁ ରାଜା ନିଜକୁ ପୃଥକ୍ ଜ୍ଞାନ କଲେ । ରାଜନବରରେ ସଙ୍ଗୀତର ଉତ୍ସ ସ୍ଥିର ହେଲା-ନାହିଁ । ରାଜପ୍ରାସାଦ ନିର୍ମାଣ ବନ୍ଦ ହେଲାନାହିଁ । ରାଣୀଙ୍କର ପ୍ରାତ୍ୟହିକ ନବ ନବ ବେଶ ପରିପାଟୀରେ କୌଣସି ବାଧା ଘଟିଲା ନାହିଁ । କେବଳ ମଧ୍ୟେ ମଧ୍ୟେ ଶୁଭକାନ୍ତଙ୍କ ଚିତ୍ତରେ ଗୋଟିଏ ଅତୃପ୍ତିର ଅବସାଦ ଜାତ ହେଲା । ସକଳ ସମ୍ଭୋଗ ମଧ୍ୟରେ ଥିଲେହେଁ ଏ ସମସ୍ତ ଅତି ପ୍ରାଚୀନ ଓ ମଳିନ ମନେ ହେଲା । କ୍ରମେ ତାଙ୍କର ସକଳ କର୍ମରେ ଗୋଟାଏ ନିର୍ମମ ଔଦାସିନ୍ୟ ଫୁଟି ଉଠିଲା । ପୂର୍ବର ତେଜସ୍ୱିତା ଓ କଠୋରତା ବହୁପରିମାଣରେ ହ୍ରାସ ଲଭିଲା । କେବଳ ଗତାନୁଗତିକ ଭାବରେ ଅଭ୍ୟାସର ବଶବର୍ତ୍ତୀ ହୋଇ ସମସ୍ତ କାର୍ଯ୍ୟ ସେ ନିଷ୍ପନ୍ନ କରିବାକୁ ଲାଗିଲେ ।

Digitized by PPRACHIN, SOA

ପ୍ରଜାବର୍ଗ ସାହସ କରି ରାଜସମୀପରେ ନିଜ ଦୁଃଖ ଉପସ୍ଥାପିତ କରି ପାରିଲେ ନାହିଁ । ରାଜା ମଧ୍ୟ ପ୍ରଜାମାନଙ୍କର କୌଣସି ଆପତ୍ତି ଶୁଣିବା ପାଇଁ ସର୍ବଦା ନିରୁତ୍ସାହ । ଅଥଚ ରାଜସ୍ୱ ଦେବାର ଶକ୍ତି ପ୍ରଜାର ପ୍ରାୟ ସମୂଳେ ନଷ୍ଟ ହୋଇଅଛି । ଆଗାମୀ କ୍ଷୁଧାର ଅବସ୍ଥା ଅନୁମାନ କରି ପ୍ରଜା ହତବୁଦ୍ଧି ହୋଇ ପଡ଼ିଅଛି । ଥରେ କୃଷିକ୍ଷେତ୍ର ଓ ଥରେ ଆକାଶକୁ ଚାହିଁଦେଇ କୃଷକର ଆତଙ୍କ ଦିନୁଦିନ ବୃଦ୍ଧିଲାଭ କଲା । ଶସ୍ୟକ୍ଷେତ୍ର ଯେପରି ଶୁଷ୍କ ହୋଇ ଆସିଲା, ପ୍ରଜାର ଅନ୍ତର ମଧ୍ୟ ସେହି ଅନୁପାତରେ ବିଶୁଷ୍କ ହେଲା ।

କଏ ଯେପରି ସକଳ ମୁଖରେ ଗୋଟାଏ ମର୍ମନ୍ତୁଦ ବିଷାଦର କାଳିମା ଲେଖି ଦେଇଅଛି, ଗୋଟାଏ ଅଶ୍ରୁହୀନ ମରଣର ବିଭୀଷିକାରେ ସକଳ ପ୍ରାଣ ଆତଙ୍କିତ ।

ତଦୁପରି ଶୁଭକାନ୍ତଙ୍କର ଅମଲାମାନେ ଗ୍ରାମେ ଗ୍ରାମେ ବୁଲି ରାଜସ୍ୱ ଆଦାୟର ତାଗିଦା କରି ବସିଲେ । ପ୍ରଜାର ଭୟ ହତାଶାରେ ପରିଣତ ହେଲା । ରାଜସ୍ୱ ଦେବାର ଅସାମର୍ଥ୍ୟ ପ୍ରତ୍ୟେକ ପ୍ରଜା ପ୍ରକାଶ କଲେ । ଶୁଭକାନ୍ତଙ୍କ ନିକଟକୁ ଏ ସମ୍ବାଦ ଆସିବା ପୂର୍ବରୁ ବଳରାମ ପ୍ରଥମେ ଶୁଣି ପାରିଲେ । ରାଜା ମହାଭାବନାରେ ପଡ଼ିଲେ । ସରକାରଙ୍କୁ ରାଜସ୍ୱ ଦେବେ କିପରି, ରାଜ୍ୟର ବ୍ୟୟ ବହନ କରିବେ କିପରି ! ନୂତନ ନବର ଯେ ଅପୂର୍ଣ୍ଣ ହୋଇ ପଡ଼ି ରହିଲା । ଅନେକ ପ୍ରଜା କେନାଲ ଖନନ ଓ ଯୋବରା, ବରୁପା ବନ୍ଧ ନିର୍ମାଣ ଲାଗି ସ୍ରୋତ ପରି କଟକ ଅଭିମୁଖରେ ଚାଲିବାକୁ ଲାଗିଲେ । ଶୁଭକାନ୍ତଙ୍କୁ ବିମର୍ଷ ଦେଖି ବଳରାମ ଆସି କହିଲେ, 'ଶ୍ରୀଚରଣଙ୍କର କଷ୍ଟିମାନ ଚିନ୍ତା କରିବାର ଆବଶ୍ୟକ ନାହିଁ, ଶ୍ରୀହଜୁରଙ୍କର ଦାସାନୁଦାସ ବଳରାମ ଥାଉଁ ଥାଉଁ'—

Digitized by PPRACHIN, SOA

ବଳରାମ ଉପରେହିଁ ରାଜ୍ୟର ସମସ୍ତ ଭାର ନ୍ୟସ୍ତ କରାଯାଇ-ଅଛି । ଲୋକଙ୍କର ଏପରି ଅବସ୍ଥା ଦେଖି ରାଜା କ୍ଳାନ୍ତର ନିଃଶ୍ୱାସ ମାରି କହିଲେ—

'କିନ୍ତୁ ଲୋକେ ଯଦି ଦେଇ ନ ପାରନ୍ତି, ବଳରାମ ?'

'ଲୋକେ ଦେବେନାହିଁ ? ଆହା ଶ୍ରୀମୁଖର କି ଅମୂଲ୍ୟ ବଚନ—ଲୋକଙ୍କ ପ୍ରତି କି ଦୟା ! ଲୋକେ ଦେବେ ନି ? ଶ୍ରୀମୁଖରୁ ସିନା ଏହା ବାହାରିଲା । ଆଉ ଜଣେ କିଏ ଏପରି କଥା କହି-ଦେବ । ବଳରାମ କେଉଁ ଲୋକକୁ ନ ଜାଣେ ! ଶୁଖିଲା କାଠରୁ ପାଣି ବାହାର କରିଦେବ । ଯେଉଁ ଲୋକେ ନାହିଁ କରୁଛନ୍ତି, ତାଙ୍କର ଘରୁ ଧନ ବାହାରିବ । କିଏ ଗାତ ଭିତରେ ପୋତିଥିବ, କାହାରି ନିଜ ଅଣ୍ଟାରେ, ମୁଣି ଭିତରେ ପଶି ବନ୍ଧା ହୋଇଥିବ । ଶ୍ରୀହଜୁର ନିଶ୍ଚିନ୍ତ ହୋଇ ବସନ୍ତୁ—ବଳରାମ ପିଣ୍ଡରେ ପ୍ରାଣ ଥାଉଁ ଥାଉଁ ଶ୍ରୀମୁଖ ପୁଣି ଶୁଖିଲା ଦିଶିବ । ଲୋକେ ଦେବେନି ? ଆହା ଶ୍ରୀମୁଖର କି ଅମୂଲ୍ୟ ବଚନ—ଲୋକଙ୍କ ପ୍ରତି କି ଦୟା ।'

ବଳରାମଙ୍କର କର ଆଦାୟ ପୀଡ଼ା କଟା ଘା'ରେ ଚୂନ ଦେଲା-ପରି ପ୍ରଜାଙ୍କୁ ଅତିଷ୍ଠ କରି ତୋଳିଲା ଏବଂ ସେ ଘା'ର ଉପଶମ ନ ହୋଇ ବରଂ ଅଧିକ ବୃଦ୍ଧି ହେଲା । ସ୍ଥାନେ ସ୍ଥାନେ ଲୋକେ ହତାଶ ହୋଇ ଏକତ୍ରିତ ହେବାକୁ ଲାଗିଲେ । ଯେଉଁମାନଙ୍କର ଯତ୍-ସାମାନ୍ୟ ରାଜସ୍ୱ ଦେବାର କ୍ଷମତା ଥିଲା, ସେମାନେ ମଧ୍ୟ ଏଥିରେ ଯୋଗ ଦେଲେ ।

Digitized by PPRACHIN, SOA

ଷୋଡ଼ଶ ପରିଚ୍ଛେଦ

'ଶ୍ରୀହଜୁର ମହିମା, ଗୃହ ପାଞ୍ଚ ଶହ ଲୋକ ନଅର ଦ୍ୱାରରେ ରୁଣ୍ଡ ହୋଇ ଦର୍ଶନ ପାଇଁ ଅଳି କରୁଛନ୍ତି ।' ଦ୍ୱାରୀ ପୁନଶ୍ଚ ଭୂମିରେ ମସ୍ତକ ଅବନତ କରି ଆଦେଶ ପାଇଁ ଦଣ୍ଡାୟମାନ ରହିଲା । ଚନ୍ଦ୍ରକାନ୍ତଙ୍କର ପ୍ରତିଷ୍ଠିତ ରାଜପରିଷଦ ନାମମାତ୍ରରେ ହିଁ ଅଛି । ନାଏବ ପଣ୍ଡିତ ଆଦି କେବଳ ନାମକୁ ପରିଷଦରେ ବସନ୍ତି; ନଚେତ୍ ବଳରାମଙ୍କଦ୍ୱାରା ସମସ୍ତ କାର୍ଯ୍ୟ ସମାହିତ ହୁଏ । ଦ୍ୱାରୀ ମୁଖରୁ ଏ ସମ୍ବାଦ ଶୁଣି ପ୍ରଥମେ ବଳରାମ ହିଁ ବୁଲିପଡ଼ି ପଚାରିଲେ, 'କଣ କଥା ?' ସେ ନିଜର ବାକ୍ୟ ପୁନରାବୃତ୍ତି କଲା । ବଳରାମ ଉତ୍ତର ଦେଲେ—

'କହି ଦେ, ମହିମାଙ୍କର ସମୟ ନାହିଁ ।'

ଦ୍ୱାରୀ ମସ୍ତକ ନତ କରି ଫେରିଗଲା; କିନ୍ତୁ ଅଳ୍ପକାଳ ପରେ ପୁଣି ଆସି କହିଲା, ହଜୁର, ସେମାନେ କହିଲେ, "ହଉ ମହିମାଙ୍କର ସମୟ ହେବା ପର୍ଯ୍ୟନ୍ତ ଆମେ ଏହିଠାରେ ରହିଁ ରହିଲୁଁ ।" ସେତେ କହିଲି, ନଅରଦୁଆରୁ ଉଠୁ ନାହାନ୍ତି ।"

ବଳରାମଙ୍କର ଚକ୍ଷୁ ରକ୍ତବର୍ଣ୍ଣ ହୋଇ ଆସିଲା । କହିଲେ, 'ଆଚ୍ଛା, ସାଙ୍ଗେ ସାଙ୍ଗେ ଯାଇ ଗଡ଼ଭିତରୁ କୋଡ଼ିଏ ପଚିଶ ଜଣ ଲଠିଆଳ ପାଇକ ଡାକି ଆଣ ତ !'

Digitized by PPRACHIN, SOA

ତୃଙ୍ଗର ଆଜ ଶୁଭକାନ୍ତଙ୍କର ଅନୁକ୍ଷଣ ଅନ୍ତଃପୁରରେ ରହିବା ପ୍ରୟୋଜନ ହୁଏନାହିଁ । ବାହାରକୁ ଆସିଲେ ସଙ୍ଗେ ସଙ୍ଗେ ରାଜାଙ୍କର ଡାଗଦା ଆସେନାହିଁ; ବିଳମ୍ବ ହେଲେ, ଅଭିମାନରେ ମୁଖ ଫେରିର ହୁଏନାହିଁ । ସେ ମଝେ ମଝେ କଚେରୀରେ ବସି ଅଧିକ କ୍ଷଣ ନୀରବ ରହି ବଳରାମଙ୍କ ବିଚାର ଓ ପରିଚାଳନାକୁ ପର୍ଯ୍ୟବେକ୍ଷଣ କରନ୍ତି । କ୍ୱଚିତ୍ ସ୍ୱୀୟ ମତ ବ୍ୟକ୍ତ କରୁଥିନ୍ତି । ନଗରଦ୍ୱାରରେ ସମବେତ ଜନତା ଉପରେ ଆଜ ବଳରାମଙ୍କର ଏ ବିଚାରକୁ ସେ ସମର୍ଥନ କଲେନାହିଁ ।

ଧୀରେ ଧୀରେ କହିଲେ, 'ଆଚ୍ଛା ବଳରାମ, ସେମାନଙ୍କୁ ଆଗ ଆସିବାକୁ ଦିଅ । କାହିଁକି ଆସିଛନ୍ତି ବୁଝିବା; ତା'ପରେ ପାଇକ-ମାନଙ୍କୁ ଖବର ଦେବା ।'

ବଳରାମଙ୍କର ସ୍ୱର ବଦଳି ଗଲା । ବକ୍ର ହାସ୍ୟ ହସି କହିଲେ, "ଆହା, ଶ୍ରୀମୁଖର କି ଅମୂଲ୍ୟ ବଚନ । କାହିଁକି ଆସିଚନ୍ତି ! ସେ କାହିଁକି ଆସି କହିବେ । ମୁଁ କହିଦେଉଚି—ଘରେ ପଇସା ନାହିଁ, ରାଜସ୍ୱ ଦେଇ ପାରିବେ ନାହିଁ । ଟେହ୍ଲାପୁଅ ହୋଇ ଶ୍ରୀଗୁମୁରେ ଅଳି କରିବାକୁ ଆସିଛନ୍ତି । ମଣିମା, ଦେଲ ଯେ, ଟେହ୍ଲା ସେ । ନ ଦେଇ କି ଟେହ୍ଲା ? ହଉ ହଉ ଶ୍ରୀଗୁମୁଙ୍କର ଇଚ୍ଛା ହେଉଚି । ଦାସାନୁଦାସ କି ଗୁରୁ । ଅରେ ଯା ଯା ଡାକିଦେ ସେମାନଙ୍କୁ ! ଖବରଦାର, କୋଡ଼ିଏ ଜଣରୁ ବେଶି ଭିତରକୁ ଆଣିବୁ ନାହିଁ; ଏତେ ଗୁଡ଼ାଏ ଲୋକ ଖାଲି କଲୁଆ ପରି ହାଉ ହାଉ କରିବେ । ଆହା, ଶ୍ରୀଗୁମୁଙ୍କର—'

ଶୁଭକାନ୍ତ ପଚାରିଲେ, 'ଖଜଣା ଦେବେନାହିଁ । କାହିଁକି ବଳରାମ !' ରାଜାଙ୍କର କଥାଗୁଡ଼ିକ ଆଜ ଅସ୍ୱାଭାବିକରୂପେ

Digitized by PPRACHIN, SOA

ଆର୍ଦ୍ର ଥିବାର ସଭାସଦ୍‌ମାନେ ବୁଝି ପାରିଲେ, ସେଥିରେ ସେମାନେ ବିସ୍ମିତ ହେଲେନାହିଁ । କାରଣ ଆଜକାଲି ତାଙ୍କର ଏହିପରି ସାମୟିକ ଭାବ ପରିବର୍ତ୍ତନ ଅନେକେ ଲକ୍ଷ୍ୟ କରିଛନ୍ତି ।

ବଳରାମ ବୁଦ୍ଧିମାନ୍ । ରାଜା ଯେ ଅନ୍ୟମନସ୍କ ହୋଇ ଆଉ କିଛି ଭାବୁଥିଲେ ଏହା ସେ ସ୍ପଷ୍ଟ ବୁଝି ପାରିଲେ । ଅନ୍ୟମାନଙ୍କ ପ୍ରତି ବିଜୟୀ ହାସ୍ୟ ହସି କହିଲେ, 'ଶୁଣି ସବୁ, ଶ୍ରୀମୁଖର ବଚନ । ଲୋକେ କାହିଁକି ଖଜଣା ଦେବେନାହିଁ, ଏ କଥାରେ କି ଉତ୍ତର ଦେବ ଦିଅ ।'

ସଭାପଣ୍ଡିତ ପଞ୍ଚପୋଷୀ ସଂଯତ ସ୍ୱରରେ ଉତ୍ତର କଲେ, 'ମହାରାଜ, ଲୋକେ ବଡ଼ ଅଭାବରେ ପଡ଼ିଛନ୍ତି ।'

ଶୁଭକାନ୍ତ ଏକଥାକୁ ବଳରାମଠାରୁ ହିଁ ଶୁଣିଲପରି କହିଲେ, 'ସତେ ବଳରାମ, ଲୋକଙ୍କର ଏତେ ଅଭାବ ?' ବଳରାମ ଉଚ୍ଚ-ହାସ୍ୟ କରି ଉଠିଲେ, ପଣ୍ଡିତ ଆପଣେ, ଖାଲି ବ୍ୟାକରଣ ମୁଖସ୍ଥ କଲେ, ସବୁ ବିଷୟରେ କଥା କୁହାଯାଏ ନାହିଁ । ରାଜନୀତି, ଲୋକ-ଚରିତ୍ର—ଏ ସବୁରେ ବ୍ୟାକରଣର ସୂତ୍ର ଲାଗେନାହିଁ ।'

ଚନ୍ଦ୍ରକାନ୍ତଙ୍କ ସମୟର ବୃଦ୍ଧ ପଣ୍ଡିତ ଲଜ୍ଜିତ ହେଲେ । ଏହିପରି ଲଜ୍ଜା ଓ ଅପମାନ ଭୟରେ ଅନ୍ୟ କେହି ରାଜସଭାରେ ବାକ୍ୟୋଚ୍ଚାରଣ କରନ୍ତି ନାହିଁ; କିନ୍ତୁ ଅନ୍ୟ ସମୟ ପରି ଶୁଭକାନ୍ତ ଏ ପରିହାସରେ ଆନନ୍ଦ ପ୍ରକାଶ କଲେନାହିଁ । ଜଗତର ଅନ୍ୟ ସମସ୍ତ ବସ୍ତୁ ପରି ବଳରାମ ମଧ୍ୟ ତାଙ୍କ ଚକ୍ଷୁରେ ଆଉ ଅତିମାନବ ପରି ବୋଧ ହୁଏନାହିଁ । ତାହାଙ୍କ ଅଧିକାର ଆଜି ଶ୍ରୀଗୁରୁଙ୍କ ପର୍ଯ୍ୟନ୍ତ ବିସ୍ତୃତ ହୋଇ ପଡ଼ିଅଛି । କେବଳ ନରାନନ୍ଦ ଭାବରେ ରାଜା ତାଙ୍କ ବାଧ୍ୟତା ସ୍ୱୀକାର କରନ୍ତି । କାରଣ ସକଳ କର୍ମରୁ ତାଙ୍କର ଉତ୍ସାହ

Digitized by PPRACHIN, SOA

ହ୍ରାସ ହୋଇ ଆସିଅଛି । ବଳରାମ ବ୍ୟକ୍ତିତ ରାଜକାର୍ଯ୍ୟ ତାଙ୍କୁ ଅଚଳ ଓ ଅସହନୀୟ ବୋଧ ହୁଏ, ସେଥିପାଇଁ ତାଙ୍କ ଉପହାସରେ ମଧ୍ୟ ବାଧ୍ୟ ହୋଇ ଟିକିଏ ହସନ୍ତି; କିନ୍ତୁ ଆଜି ଏ ଉପହାସରେ ଶୁଭକାନ୍ତଙ୍କ ମୁଖରୁ ହାସ୍ୟ ନିଃସୃତ ହେଲନାହିଁ । ରାଜା ଅନେକ ସମୟରେ ଏହିପରି ଅନ୍ୟମନସ୍କ ରହୁଥିବାର ଜାଣିଥିବାରୁ ବଳରାମ ଏଥିରେ ଆପ୍ରତିଭ ହେଲେନାହିଁ ।

ଦ୍ଵା଼ରୀ କୋଡିଏ ଚରଣଙ୍କ ସ୍ଥାନରେ ଏକଟିତରୁ ଊର୍ଦ୍ଧ୍ୱ ପ୍ରଜାଙ୍କୁ ନବର ମଧ୍ୟକୁ ଛାଡ଼ିଦେଇ ଅଙ୍କଶାସ୍ତ୍ରରେ ସ୍ୱୀୟ ବ୍ୟୁତ୍ପତ୍ତିର ପରାକାଷ୍ଠା ଦେଖାଇ ଦେଲା ।

ନବର ମଧ୍ୟରେ ପ୍ରବେଶ କରି ସମସ୍ତ ପ୍ରଜା ଭୂମିଷ୍ଠ ପ୍ରଣାମ କଲେ । କେବଳ ଗୋଟିଏ ଲୋକ ଶାଳତରୁବତ୍ ଦଣ୍ଡାୟମାନ ରହିଲା । ପ୍ରଚଣ୍ଡ ତୋଫାନ ବଳରେ ଯେପରି ଶତସଂଖ୍ୟକ ବୃକ୍ଷ ଭୂମିଶାୟୀ ହେଲା । କେବଳ ସେଥିମଧ୍ୟରୁ ଗୋଟାଏ ବୃକ୍ଷ ଅକସ୍ମାତ୍ ଆକାଶକୁ ମସ୍ତକ ଉତ୍ତୋଳନ କରି ଉଭାହେଲା । ଏହି ପୁରୁଷଟି ରାଜା, ବଳରାମ, ସଭାସଦ୍ ପ୍ରଭୃତି କାହାରି ଦୃଷ୍ଟି ଏଡ଼ି ପାରିଲା ନାହିଁ । ସେ କେବଳ ଈଷତ୍ ଗ୍ରୀବା ବକ୍ରକରି ନମସ୍କାର କଲା, ମାତ୍ର ସୂକ୍ଷ୍ମ ଉତ୍ତରୀୟ ମଧ୍ୟରୁ ଶୁଭ୍ର ଉପବୀତ ସୂତ୍ରଗୁଡ଼ିକ ବ୍ରାହ୍ମଣ ବୋଲି ତାର ପରିଚୟ ଦେଉଥିଲା । ବ୍ରାହ୍ମଣ କ୍ଷତ୍ରିୟ ସମକ୍ଷରେ ନମସ୍କାର କରିବାର ଦେଖି ପଣ୍ଡିତ ଚନ୍ଦ୍ରଯୋଷୀ ଭ୍ରୂକୁଞ୍ଚିତ କଲେ ।

ବଳରାମ ପଚାରିଲେ, 'କୁଆଡ଼ୁ ଏବୁ ଆସିଚ ?'

ସେହି ବ୍ରାହ୍ମଣ ଯୁବକ ନିଃସଙ୍କୋଚରେ ଉତ୍ତର କଲା– 'ମହାରାଜାଙ୍କ ନିକଟରେ ପଦେ ଗୁହାରି କରିବାକୁ ଆସିଚୁ ।'

Digitized by PPRACHIN, SOA

ଏକାବେଳେ ମହାରାଜାଙ୍କର ନିକଟରେ ! ଶ୍ରୀଗୁରୁଙ୍କର ଏତେ ଭୃତ୍ୟ ଥାଉଁ ଥାଉଁ—ତୁମର ଗୁହାରି ଶୁଣିବାକୁ ଯେପରି ମହାରାଜା ବସି ରହିଚନ୍ତି !'

'ମହାରାଜ, ଆପଣଙ୍କ ନିକଟରେ ହିଁ ଆମ୍ଭମାନଙ୍କର ଗୁହାରି, ଏ ସଭାର କୌଣସି ରାଜକର୍ମଚାରୀ ନିକଟରେ ନୁହେଁ ।'

ବଳରାମ ଚିତ୍କାର କରି ଉଠିଲେ, 'କି ହେ ଶ୍ରୀଗୁରୁ କହ, ଆପଣ କିଏ ? ଚପରାସି !'

ସମସ୍ତ ସଭା ଉତ୍କର୍ଣ୍ଣ ହୋଇ ଏହି କ୍ଷୀଣକାୟ ଯୁବକ ପ୍ରତି ଚାହିଁ ରହିଲେ । ଶୁଭକାନ୍ତ ବଳରାମଙ୍କ ବାକ୍ୟରେ କର୍ଣ୍ଣପାତ ନ କରି ପଚାରିଲେ; 'କି ଗୁହାରି ତୁମର ?'

'ଧନୀ ନିକଟରେ ଦରିଦ୍ର ଯେଉଁ ଗୁହାରି କରେ, ବଳବାନ୍‌ଠାରେ ଦୁର୍ବଳ ଯେଉଁ ଗୁହାରି କରେ—ଏ ସେହି ଗୁହାରି ମହାରାଜ ! ଉଦରର ଗୁହାରି; ଜୀବନର ଗୁହାରି । ଆପଣଙ୍କର ଶତ ଶତ ପ୍ରଜା କୃଷିକ୍ଷେତକୁ ଚାହିଁ ହାହାକାର କରୁଅଛନ୍ତି । ଯେଉଁମାନଙ୍କ ଧନରେ ଏ ରାଜନଗର ପ୍ରତିପୋଷିତ, ଯେଉଁମାନଙ୍କ ରକ୍ତରେ ଏ ନୂତନ ନଗର ନିର୍ମିତ ହେଉଅଛି—ସେହିମାନେ ଆଜି ଅର୍ଦ୍ଧେକ ଦିନ ଉପବାସ ରହି ଆକାଶକୁ ଚାହିଁ ବସିଛନ୍ତି । ସେମାନଙ୍କର ଉଦରାନ୍ନ ସେମାନଙ୍କର ବହୁ ଯତ୍ନ ବହୁ ଆୟାସର କୃଷିକ୍ଷେତ ବୃଷ୍ଟି ବିନା ଧ୍ୱଂସ ହୋଇଯାଉଛି । କୃଷକଗୃହିଣୀ ନିଜର ଉପବାସ ଗୋପନ ରଖି ସମସ୍ତ ଅନ୍ନ ସ୍ୱାମୀ ଓ ପୁତ୍ରକନ୍ୟାମାନଙ୍କ ମୁଖରେ ବାଢ଼ି ଦେଉଅଛି । କୃଷକ ସନ୍ତାନ ଅର୍ଦ୍ଧାହାରରେ ରୋଗାକ୍ରାନ୍ତ ହୋଇପଡୁଚି । ରାଜ୍ୟର ଭବିଷ୍ୟତ୍ ଚିନ୍ତା କରନ୍ତୁ, ମହାରାଜ ! ସମସ୍ତ ରାଜ୍ୟ ଯେବେ ଅନାହାର ରୋଗାକ୍ରାନ୍ତ ହୋଇପଡ଼େ ତେବେ ଏ

Digitized by PPRACHIN, SOA

ରାଜ୍ୟର ପରିସ୍ଥିତି କେଉଁଠାରେ ? ଯେଉଁମାନଙ୍କୁ ନେଇ ରାଜ୍ୟ, ଯେଉଁମାନଙ୍କୁ ନେଇ ଆପଣ ରାଜା, ସେମାନଙ୍କର ଯଦି ଏହି ଦଶା, ତେବେ କାହାକୁ ନେଇ ରାଜ୍ୟଶାସନ କରିବେ ? ଦୈବ ଆଜି ସେମାନଙ୍କ ପ୍ରତି ବିମୁଖ ହୋଇଛି ମହାରାଜ, ଆପଣ ମାନବ ପ୍ରାଣ ବିହି ଟିକିଏ ସଦୟ ହୁଅନ୍ତୁ ! ଆପଣ ସେମାନଙ୍କର ଧର୍ମାବତାର, ସେମାନଙ୍କର ପିତାମାତା । ଥରେ ହେଲେ ଧର୍ମାବତାରର ଆସନରେ ସେମାନଙ୍କୁ ବିଚାର କରନ୍ତୁ, ଥରେ ହେଲେ ପିତାର ସ୍ନେହରେ ସେମାନଙ୍କ ପ୍ରତି ଦୃଷ୍ଟିପାତ କରନ୍ତୁ । ନିଜର ଦୁଃଖ କହିବାକୁ ମଧ୍ୟ ସେମାନଙ୍କର ମୁଖ ନାହିଁ । ଚିରକାଳ ନିପୀଡ଼ିତ, ନିର୍ଯ୍ୟାତିତ । ପୁଣ୍ୟଶ୍ଳୋକ ରାଜା ଚନ୍ଦ୍ରକାନ୍ତଙ୍କ ସମୟରେ ବହୁ ସ୍ଥଳରେ ପ୍ରଜା ରାଜସ୍ୱ ଦେବା ପାଇଁ ଅକ୍ଷମ ହେଲେ, ଉପଯୁକ୍ତ ଅନୁସନ୍ଧାନପୂର୍ବକ ସତ୍ୟ ନିର୍ଦ୍ଧାରିତ ହୋଇ ରାଜକୋଷରୁ ସରକାରଙ୍କର କର ଦାଖଲ ହେଉଥିଲା । ପ୍ରଜାମାନଙ୍କୁ କ୍ଷାନ୍ତି ମିଳୁଥିଲା । ବର୍ତ୍ତମାନ ପ୍ରଜା-ସାଧାରଣର ମିନତି ଉପଯୁକ୍ତ ଅନୁସନ୍ଧାନ ଓ ରାଜ୍ୟରେ ରାଜସ୍ୱ କ୍ଷାନ୍ତି । ଏହି ଦୁଇଟି ଭିକ୍ଷାର ଭିକ୍ଷୁକ ହୋଇ ଶ୍ରୀଚରଣଙ୍କ ସମୀପରେ ଦଣ୍ଡାୟମାନ ହେବାର ଗୌରବ ଲଭ କରିଅଛନ୍ତି । ଦରିଦ୍ର ପ୍ରଜା-ସାଧାରଣଙ୍କର ମିନତି ଲଗି ଶ୍ରୀଚରଣଙ୍କର ରାଜଯୋଗ୍ୟ ଅବଧାନ ହେଉ !'

ରାଜା ଅନୁଚ୍ଚସ୍ୱରରେ ପଚାରିଲେ, 'କିଏ ସେ ଯୁବକ, ଜାଣ ବଳରାମ ?' ବଳରାମ ସେହିପରି ଅନୁଚ୍ଚସ୍ୱରରେ ମନ୍ତ୍ର ଜପକଲା ପରି କହିଲେ, 'ଶ୍ରୀହଜୁର ମହିମା, ସେ କଲ୍ୟାଣପୁର ରଘୁନାଥ ପଣ୍ଡିତଙ୍କ ପୁତ୍ର—ସନାତନ । ଲୋକଟା'—ଶୁଭକାନ୍ତ ଆଉ ଅଧିକ ଶୁଣିବାର ଅନିଚ୍ଛା ପ୍ରକାଶ କରି ସେହି ଯୁବକ ପ୍ରତି ଫେରି ଚାହିଁଲେ ।

Digitized by PPRACHIN, SOA

ଯୁବକ ନର୍ଭିକ ନର୍ବିକାର ଚିତ୍ତରେ ଦଣ୍ଡାୟମାନ ରହିଅଛି । ତା'ର ତୀକ୍ଷ୍ଣ ନାସା ଏବଂ ତୀବ୍ର ଉଜ୍ଜ୍ୱଳ ଦୃଷ୍ଟି ସମକ୍ଷରେ ସମସ୍ତ ରାଜସଭା ଯେପରି ମଳିନ ପଡ଼ି ଯାଇଅଛି ।

କିନ୍ତୁ ତା'ର ଭାଷାର ଔଦ୍ଧତ୍ୟ ପ୍ରଥମେ ରାଜଅନ୍ତରରେ କ୍ରୋଧ ଜାତ କଲା । ଶୁଭକାନ୍ତ ସମକ୍ଷରେ କୌଣସି ପ୍ରଜା ଏପରି ଦୃପ୍ତ ଭାଷାରେ ରାଜ୍ୟଶାସନର ସମାଲୋଚନା କରିବା ଏକାନ୍ତ ଅପ୍ରତ୍ୟାଶିତ । ଶୁଭକାନ୍ତ କ୍ରୋଧ ଦମନକରି କହିଲେ, 'କିନ୍ତୁ, ଏ ସବୁ କଥା କେବଳ ତୁମ୍ଭର, ନା ରାଜ୍ୟର ପ୍ରଜାସାଧାରଣଙ୍କର !' ଯୁବକ ପୂର୍ବପରି କହିଲା—

ପ୍ରଜାସାଧାରଣ ଏଠାରେ ଉପସ୍ଥିତ ନାହାନ୍ତି ମହାରାଜ, କିନ୍ତୁ ଯେଉଁମାନେ ଉପସ୍ଥିତ ଅଛନ୍ତି, ସେହିମାନଙ୍କର ମତ ଗ୍ରହଣ କରାଯାଉ । ଅଧୀନ ସେମାନଙ୍କର ଜଣେ ସେବକ । ସେହି-ମାନଙ୍କର ଭାଷାହିଁ ଅଧୀନ ମୁଖରୁ ନିସୃତ ହେଉଅଛି ।'

ବଳରାମ ପଚାରିଲେ; 'କି ହୋ ! ସନାତନ ଗୋସାଇଁ ଯେଉଁ ସବୁ କଥା କହିଲେ, ସେ ସବୁ କଥା ଠିକ୍ ?'

ଉପସ୍ଥିତ ଜନତା ନୀରବରେ ବସି ରହିଲା, କାହାର ମୁଖରୁ କଥା ନିସୃତ ହେଲାନାହିଁ । ବଳରାମ ପୁନଶ୍ଚ ପଚାରିଲେ, 'ସତକଥା କହ, ତୁମ୍ଭେମାନେ ନିଜ ଇଚ୍ଛାରେ ଆସିଛ, ନା ସନାତନ ଗୋସେଇଁ ଡାକି ଆଣିଛନ୍ତି । ସତ ନ କହିଲେ, କଣ ହେବ ଜାଣିଛ ତ ସବୁ ?' ଉପସ୍ଥିତ ଜନତା ଜଡ଼ବତ୍ ନୀରବ ରହିଲା, କାହାର ମୁଖରୁ ବାକ୍ୟ ସ୍ଫୁରଣ ହେଲାନାହିଁ !

ବଳରାମ ସଭାସଦ୍‌ମାନଙ୍କୁ ଲକ୍ଷ୍ୟକରି କହିଲେ, 'ଶୁଣିଲେ ତ ସମସ୍ତେ ? ସନାତନ ଗୋସେଇଁଙ୍କର ବାଲ୍ୟ ଚପଳ୍ୟ ଯାଇନାହିଁ; ଅଥଚ ରାଜସଭାରେ ଆସି ବକ୍ତୃତା କରୁଛନ୍ତି—ବ୍ୟାଘ୍ର ମୁଖରେ ଶୃଗାଳର ଆସ୍ଫାଳନ !'

Digitized by PPRACHIN, SOA

ସନାତନ ଉତ୍ତେଜିତ ହୋଇ କହି ଉଠିଲା, 'ଭୁଲ କହିଲେ ଆପଣ । ବ୍ୟାଘ୍ର ଶୃଗାଳର ସମ୍ବନ୍ଧ ପଶୁର ସମ୍ବନ୍ଧ । ରାଜା ପ୍ରଜାର ସମ୍ବନ୍ଧ ତାହା ନୁହେ । ଏଠାରେ ମନୁଷ୍ୟ ମନୁଷ୍ୟ ନିକଟରେ ନିଜର ଦାବୀ ଉପସ୍ଥାପିତ କରୁଅଛି । ଶାସିତ ଶାସକ ନିକଟରେ, ଦୁର୍ବଳ ସବଳ ନିକଟରେ—' ବଳରାମ ବାଧା ଦେଇ କହିଲେ, 'ଆଚ୍ଛା, ଆଚ୍ଛା, ବହୁତ ବକ୍ତୃତା ହୋଇଛି । ଶ୍ରୀହଜୁର ମହିମା, ଶ୍ରୀଗୁରୁଙ୍କ ନିକଟରେ ଏ ଯୁବକ ଯେଉଁ ମିଥ୍ୟାଦାବୀ ଉପସ୍ଥାପିତ କରିଅଛନ୍ତି ଏବଂ ତାଙ୍କ ଭାଷାରେ ଯେଉଁ ଔଦ୍ଧତ୍ୟ ପ୍ରକାଶ ପାଇଅଛି, ସେଥିପାଇଁ ପ୍ରଥମେ ବିଚାର ଆବଶ୍ୟକ ।'

ଏକଥା ଶୁଣି ଜନତା ମଧ୍ୟରେ ଟିକିଏ ଚାଞ୍ଚଲ୍ୟ ଦେଖାଗଲା । ସେ କିନ୍ତୁ ଅଳ୍ପକାଳ ପାଇଁ । ସନାତନ ତାର ଅନୁଗାମୀମାନଙ୍କୁ ସନ୍ତୁଷ୍ଟ ଦୃଷ୍ଟିରେ ଚାହିଁ ପଚାରିଲା, 'ମୁଁ ଜାଣେ ତୁମ୍ଭେମାନେ ଜଡ଼ । ତୁମ୍ଭମାନଙ୍କର ମୁଖ କେବଳ ଆହାର କରିବା ପାଇଁ ଉପଯୁକ୍ତ, କଥା କହିବା ପାଇଁ ନୁହେଁ । ତୁମ୍ଭମାନଙ୍କର ଦୁଃଖ ଦେଖି ପ୍ରରୋଚନା ଦେଇ ମୁଁ ଡାକି ଆଣିଅଛି, ଏକଥା ମୁଁ ସର୍ବସମକ୍ଷରେ ସ୍ୱୀକାର କରୁଛି; କିନ୍ତୁ ମୁଁ ରାଜସମୀପରେ ଯେଉଁ ପ୍ରାର୍ଥନା କରିଅଛି, ସେଥିମଧ୍ୟରୁ ଗୋଟିଏ କଥା ମିଥ୍ୟା କି ?' ଶତସଂଖ୍ୟକ ପୁରୁଷ ଥରେ ବଳରାମ ଓ ଥରେ ସନାତନଙ୍କ ପ୍ରତି ଦୃଷ୍ଟି ପକାଇ କେବଳ ଅବାକ୍ ହୋଇ ବସି ରହିଲେ । ବଳରାମ ସେମାନଙ୍କୁ କିଛି କହିବାକୁ ଅବସର ନ ଦେଇ ସନାତନକୁ କହିଲେ, 'ଜଣେ କେହି ତୁମ କଥାକୁ ସ୍ୱୀକାର କରୁ ନାହାନ୍ତି । ମହାରାଜାଙ୍କର ଆଦେଶ ତୁମେ ଏ ସଭାରେ ଆଉ ମୁହଁ ଫିଟାଇ ପାରିବନାହିଁ । ଆଉ ତୁମର ଔଦ୍ଧତ୍ୟ, ମିଥ୍ୟାଚାର ଏବଂ ଅଯଥା ରାଜଦ୍ରୋହ ଲାଗି

Digitized by PPRACHIN, SOA

ଏକ ଦିବସ ମଧ୍ୟରେ ତୁମକୁ ଏ ରାଜ୍ୟ ପରିତ୍ୟାଗ କରିବାକୁ ହେବ । ପୁନଶ୍ଚ ରାଜ ଅନୁମତି ବ୍ୟତୀରେକେ ଏ ରାଜ୍ୟର ସୀମା ମଧ୍ୟରେ ତୁମର ପ୍ରବେଶ ନିଷିଦ୍ଧ ।'

ସନାତନ ମୁଖରେ କ୍ଷଣକ ପାଇଁ ଈଷତ୍ ବିଷାଦର ଗ୍ଲାନି ଦେଖାଦେଲା । ତତ୍ପରେ ସୂର୍ଯ୍ୟମୁଖରେ କୃଷ୍ଣମେଘ ଭାସିଯିବା ପରି ପରକ୍ଷଣରେ ସେ ମୁଖ ପୂର୍ବପରି ଉଜ୍ଜ୍ୱଳ ହୋଇ ଉଠିଲା । ସେ କହିବାକୁ ଆରମ୍ଭ କଲା, 'ମହାରାଜ, ଏ ବିଚାର ଏବଂ ଏ ଦଣ୍ଡ ନତ-ମସ୍ତକରେ ବହନ କରି ନେଲି । ଏ ସମ୍ବନ୍ଧରେ ଆଉ ମୁଖ ନ ଫିଟାଇବା ପାଇଁ ଆଦେଶ ହୋଇଅଛି; କିନ୍ତୁ ଦଣ୍ଡିତର ଶେଷ ମିନତି ଅବଧାନ ହେଉ । ଆଜି ଯେଉଁ ସତ୍ୟ ଶ୍ରୀଚରଣଙ୍କ ସମକ୍ଷରେ ପ୍ରକାଶ କରିବାକୁ ପ୍ରଜାସାଧାରଣ ସାହସ କଲେନାହିଁ, ସେ ସତ୍ୟ ଅଳ୍ପ-କାଳ ମଧ୍ୟରେ ଖ୍ୟାପିତର ରୂପେ ଆତ୍ମପ୍ରକାଶ କରିବ । ତାହାର ସୂଚନା କ୍ରମେ ସୁସ୍ପଷ୍ଟ ହୋଇ ଉଠୁଅଛି । ମୁକ୍ତାଗଡ଼ ରାଜ୍ୟରୁ ନିର୍ବାସିତ ହେଲେହେଁ, ବାହାରେ ବିଶାଳ ପୃଥିବୀରେ ମୋର ସ୍ଥାନାଭାବ ଘଟିବ ନାହିଁ; କିନ୍ତୁ ମୋର ନିର୍ବାସନ ବିନିମୟରେ ରାଜା ଯଦି ପ୍ରଜାସାଧାରଣଙ୍କର ହିତ ଚିନ୍ତା କରନ୍ତି, ତେବେ ଏହି ନିର୍ବାସନ ଦଣ୍ଡକୁ ମଧ୍ୟ କଲ୍ୟାଣକର ଜ୍ଞାନ କରିବ । ସର୍ବଶେଷରେ ଏହି ମିନତି, ମହାରାଜ ! ରାଜା ପ୍ରଜା ମଧ୍ୟରେ ସମ୍ବନ୍ଧ ଦେବତ୍ୱର ସମ୍ବନ୍ଧ ହେବା ତ ଦୂରର କଥା, ଅନ୍ତତଃପକ୍ଷେ ମନୁଷ୍ୟତାର ସ୍ଥାନ ସେଥିରେ ରହୁ; ପଶୁତ୍ୱ ଏବଂ ପିଶାଚ ସମ୍ବନ୍ଧ ଦୂର ହେଉ । ରାଜା କେବଳ ପ୍ରଜାର ପ୍ରଭୁ ନୁହେଁ ମହାରାଜ, ତାହାର ଭୃତ୍ୟ ମଧ୍ୟ । ପ୍ରଜାସାଧାରଣର ଅର୍ଥରେ ଯେଉଁ ରାଜା ଓ ରାଜପରିଷଦ ପ୍ରତିପୋଷିତ, ସେ ପ୍ରଜା-ମାନଙ୍କର ମଙ୍ଗଳ ପାଇଁ ମଧ୍ୟ ରାଜାର କର୍ତ୍ତବ୍ୟ ଅଛି । ମହାରାଜ ! ଏ

Digitized by PPRACHIN, SOA

ଭାରତରେ କେତେ ରାଜା କେତେ ଆଗନ୍ତୁକ ଆସିଅଛନ୍ତି । କେତେ ରାଜାଙ୍କ ବଂଶଧରମାନଙ୍କୁ ଖୋଜିବାକୁ ଗଲେ ବର୍ତ୍ତମାନ ଏକ ଦୁରୂହ ଅନୁସନ୍ଧାନ ହୋଇ ଉଠିବ; କିନ୍ତୁ ଜଣେ ରାଜା ଏହି ଖଣ୍ଡଗିରି ଦେହରେ ଅମରଗାଥା କହି ଯାଇଛନ୍ତି, 'କତଯୂବ ମତେ ହି ମେ ସର୍ବଲୋକହିତମ୍'—ସମସ୍ତ ଜଗତର କଲ୍ୟାଣ ସାଧନ ହିଁ ମୋର ଶ୍ରେଷ୍ଠ କର୍ତ୍ତବ୍ୟ । ସେ ରାଜା ନାହାନ୍ତି, ମହାରାଜ ! ରାଜସୃଷ୍ଟି କରନ୍ତି କିଏ ? ଏହି ମନୁଷ୍ୟ, ଏହି ଲୋକସାଧାରଣ, ଏହି ସମାଜ; କିନ୍ତୁ ଯେଉଁ ରାଜାର କହିବାର ସାହସ ନାହିଁ, 'କତଯୂବ ମତେ ହି ମେ ସର୍ବଲୋକହିତମ୍' ସେ ରାଜା ନୁହେଁ, ମହାରାଜ ? ସେ ରାଜା ଏବଂ ସେ ରାଜସିଂହାସନରେ ମୁଁ ବିଶ୍ୱାସ କରେନାହିଁ । ସେହି ଦୁଇଟିରୁ ବଳି ଜଗତରେ ତୁଚ୍ଛପ୍ରାୟ ଅସମ୍ଭବ କିଛି ନାହିଁ; ଯେଉଁ ପ୍ରଜା ରାଜସୃଷ୍ଟି କରିଅଛି, ତାହାରି ହାତରେହିଁ ସେ ସୃଷ୍ଟିର ଲୟ ବିନ୍ୟସ୍ତ । ପ୍ରଜାସାଧାରଣର ମିନତି ଦୁର୍ବଳ ନୁହେ ମହାରାଜ !'

ସନାତନ ଅଧିକ ବାକ୍ୟ ବ୍ୟୟ ନ କରି ରାଜନବର ପରିତ୍ୟାଗ କଲା । ସମବେତ ଜନତା ଭୂପୃଷ୍ଠରେ ଲୁଣ୍ଠିତ ହୋଇ ରାଜନବରରୁ ନିଃସୃତ ହେଲା ।

Digitized by PPRACHIN, SOA

ସପ୍ତଦଶ ପରିଚ୍ଛେଦ

ଦରିଦ୍ର ସନ୍ତାନ ସନାତନ ମୁଖରେ କହିଲା—ରାଜାଦେଶ ଶିରୋଧାର୍ଯ୍ୟ କଲି; କିନ୍ତୁ କାର୍ଯ୍ୟରେ ସେ ରାଜାଦେଶକୁ ଯେପରି ଭ୍ରୂକ୍ଷେପ ନ କରି ଚାଲିଗଲା । ରାଜସଭାରେ ଶୁଭକାନ୍ତ ଥରେ କିମ୍ବା ଦୁଇଥର କଥା କହିଛନ୍ତି । ବାକି ସମସ୍ତ ସ୍ୱର୍ଣ୍ଣକାନ୍ତ ଯୁବକର ମୁଖର ଭାବ ଦର୍ଶନରେ ତାଙ୍କର ଦୃଷ୍ଟି ନିବଦ୍ଧ ରହିଲା । ଦଣ୍ଡାଦେଶ ଶ୍ରବଣରେ ସେ ମୁଖରେ ଆନ୍ତରିକ ଚିହ୍ନ ଦେଖାଗଲାନାହିଁ; ବରଂ ଗୋଟାଏ ବିଦ୍ରୂପର ଛାୟାପାତ ହେଲା । ସେ ଦୃଷ୍ଟିରେ କ୍ରୋଧ କିମ୍ବା ଗ୍ଳାନି ଜାତ ହେଲନାହିଁ, ଏଡ଼େ ବଡ଼ ଦଣ୍ଡାଦେଶରେ ସେ ଚକ୍ଷୁର କୋଣ ସଜଳ ହେଲନାହିଁ—ସେ ଶୁଭ୍ର ମସୃଣ କପାଳରେ ରେଖାପାତ ହେଲନାହିଁ; କିନ୍ତୁ ରାଜା ଏବଂ ଏହି ରାଜସଭା ଯେପରି ସେ ଦୃଷ୍ଟି ନିକଟରେ ଉପହାସ୍ୟ । ସମସ୍ତ ଦୃଶ୍ୟକୁ ସେ ଗୋଟାଏ ଅସମ୍ଭବ ପ୍ରହସନ ଓ ଛଳନା ଜ୍ଞାନ କରି ଗଲା ।

ଶୁଭକାନ୍ତ ଏହି ରାଜାସନରେ ବସି କେତେ ଦୋଷୀ ନିର୍ଦ୍ଦୋଷଙ୍କର ବିଚାର କରିଛନ୍ତି; କିନ୍ତୁ ରାଜସମୀପରେ ଆଜି ସୁଦ୍ଧା ଏପରି ଦୃପ୍ତଭାଷାରେ କଥା କହିବାର ସାହସ ଆଉ ତ କାହାରି ଦେଖି ନାହାନ୍ତି ! କେବଳ ବଳରାମଙ୍କ ପ୍ରସ୍ତାବ ଶ୍ରବଣ କରି ବିନା ବିଚାରରେ ବିନା ଚିନ୍ତାରେ ଏହିପରି କେତେ ଦଣ୍ଡାଦେଶ ସେ ଏଥିପୂର୍ବେ କରିଛନ୍ତି । ଆଜି ମଧ୍ୟ କ୍ରୋଧମୁଖରେ ବଳରାମଙ୍କ ପ୍ରସ୍ତାବକୁ ସମର୍ଥନ

Digitized by PPRACHIN, SOA

କଲେ; କିନ୍ତୁ ସନାତନ ବିଦାୟ ନେଇଯିବା ପରେ ଆଜ ଯେ ନାନା ଚିନ୍ତା ତାଙ୍କର ଉଦ୍ରେକ ହେଲା, ଏଥିପୂର୍ବେ କେବେହେଲେ ତ ଦଣ୍ଡାଦେଶ ଦେଇ ସେ ଚିନ୍ତିତ ହୋଇ ନାହାନ୍ତି ! ରାଜାର ଆସନରେ ବସି ନିର୍ବିକାର ଚିତ୍ତରେ ସେ ମନୁଷ୍ୟର ଯନ୍ତ୍ରଣାକୁ ଅବଲୀଳାକ୍ରମେ ଅବଲୋକନ କରିଅଛନ୍ତି । ପ୍ରଜାକୁଳ ସେ ସକଳକୁ ଭାଗ୍ୟର ଲିଖନ ଜ୍ଞାନ କରି ନିର୍ବାହ ପଶୁପରି ବହନ କରି ଆସିଅଛନ୍ତି; କିନ୍ତୁ ରାଜାକୁ ଦେବତାର ଆସନରୁ ଖସାଇ ଆଣି ସାଧାରଣ ମନୁଷ୍ୟ ରୂପରେ ତାହାର କାର୍ଯ୍ୟ ଆଲୋଚନା କରିବା ଶୁଭକାନ୍ତ ଏହି ପ୍ରଥମ ଜାଣିପାରିଲେ—ରାଜା ପ୍ରଜା ମଧ୍ୟରେ ସମ୍ବନ୍ଧ ଦେବତ୍ୱର ସମ୍ବନ୍ଧ ହେବା ତ ଦୂରର କଥା; ଅନ୍ତତଃପକ୍ଷେ ସେଥିରେ ମନୁଷ୍ୟତାର ସ୍ଥାନ ରହୁ, ପଶୁତ୍ୱ ଏବଂ ପିଶାଚ ସମ୍ବନ୍ଧ ଦୂର ହେଉ !

ସନାତନର ଏହି କେତେଗୋଟି କଥା ଅହରହ ଶୁଭକାନ୍ତଙ୍କ କର୍ଣ୍ଣରେ ବାଜିବାକୁ ଲାଗିଲା । ପ୍ରଜା ସହିତ ତାଙ୍କର ସମ୍ବନ୍ଧ କଣ ସତେ ଏହି ପଶୁତ୍ୱ ଏବଂ ପିଶାଚର ସମ୍ବନ୍ଧ ! ପ୍ରଜାବର୍ଗ କଣ ଏହି ଦୃଷ୍ଟିରେ ଏହି ପିଶାଚ ରୂପରେ ତାଙ୍କୁ ଦେଖନ୍ତି ! ଯଥାର୍ଥରେ କଣ ଅତ୍ୟନ୍ତ ଦୁଃଖ ଦୈନ୍ୟରେ ପ୍ରଜା ନିଷ୍ପେଷିତ ହେଉଅଛନ୍ତି ? ରାଜା କେବଳ ପ୍ରଜାର ପ୍ରଭୁ ନୁହେ, ତାହାର ସେବକ ମଧ୍ୟ; କେବଳ ଶାସକ ନୁହେ, ପାଳକ ମଧ୍ୟ । ଶୁଭକାନ୍ତ ସ୍ୱୀୟ ରାଜତ୍ୱକାଳରେ ନିଜକୁ କେବଳ ପ୍ରଭୁ ଜ୍ଞାନ କରି ଆସିଅଛନ୍ତି । କେବଳ ଶାସକରୂପେ ପ୍ରଜା ସମକ୍ଷରେ ଆତ୍ମପ୍ରକାଶ କରିଅଛନ୍ତି; କିନ୍ତୁ ରାଜା ଯେ ପ୍ରଜାର ସେବକ ହୋଇପାରେ ଏ କଳ୍ପନା ତ ତାଙ୍କର କୌଣସି ଦିନ ଉଦିତ ହୋଇନାହିଁ !

Digitized by PPRACHIN, SOA

ସନାତନ ପ୍ରତି ରାଜାଙ୍କର ଯେଉଁ କ୍ରୋଧ ପ୍ରଥମେ ଜାତ ହୋଇଥିଲା, ତାହା ଫେର ଆସି ନିଜ ଉପରେ ପଡ଼ିଲା । ଆପଣାକୁ ସେ ଅତ୍ୟନ୍ତ ଘୃଣା ଓ ଗ୍ଳାନିର ସହିତ ଦେଖିବାକୁ ଲାଗିଲେ । ନିଶ୍ଚିନ୍ତରେ ସେ କେତେ କେତେ ଦଣ୍ଡାଦେଶ ଦେଇଛନ୍ତି, କେତେ ଉତ୍ପୀଡ଼ନ କରିଅଛନ୍ତି, କେତେ ଅକଥନୀୟ ଅନ୍ୟାୟ, ଅଧର୍ମ; କିନ୍ତୁ ସବୁର ବଦଳରେ ସେ ପ୍ରଜାମୁଖରୁ ଶୁଣି ଆସିଛନ୍ତି, 'ହଜୁର ଧର୍ମାବତାର,' 'ହଜୁର ମା ବାପ' । ଶୁଭକାନ୍ତ ନିର୍ବୋଧ ପରି ବସି ରହିଲେ । ତାଙ୍କ ଅନ୍ତରମଧ୍ୟ ଗୋଟାଏ ପ୍ରବଳ ବୈଗୁଣ୍ୟ ଆଲୋଡ଼ିତ କରିବାକୁ ଲାଗିଲା । ରାଜା ? ଯଥାର୍ଥରେ ରାଜା ମନୁଷ୍ୟ ବ୍ୟତୀତ ଆଉ କଣ ହୋଇପାରେ ! ବାଲ୍ୟବୟସରେ ଧନେ ହେଲେ ତ ସେ କଳ୍ପନା କରି ନ ଥିଲେ, ମୁକ୍ତାଗଡ଼ ରାଜଗାଦି ଆରୋହଣ କରିବେ ! ସେଦିନ ଗୋଟିଏ ସାଧାରଣ ବାଳକ ପରି ସେ ପଥଘାଟରେ ଭ୍ରମୁଥିଲେ, ଆଜି ହୁଏତ ଗୋଟିଏ ସାଧାରଣ ପ୍ରଜା ହୋଇ ଏହିପରି ରାଜକୃପା ଭିକ୍ଷା କରୁଥାନ୍ତେ । ସନାତନ ଦରିଦ୍ର, ତାଙ୍କର ଅଧୀନସ୍ଥ ଜଣେ ସାମାନ୍ୟ ପ୍ରଜା; କିନ୍ତୁ କେଉଁ ଗୁଣରେ ସେ ଶୁଭକାନ୍ତ ଅପେକ୍ଷା ନ୍ୟୂନ ? ଶିକ୍ଷା, ଦୀକ୍ଷା, ସ୍ପଷ୍ଟବାଦିତା ଆଦି ଗୁଣରେ ସେ ତ ଶୁଭକାନ୍ତ ଅପେକ୍ଷା ବହୁ ଅଂଶରେ ବିଶିଷ୍ଟ । ଅର୍ଥ ଓ ଶକ୍ତି ବ୍ୟତୀତ ଶୁଭକାନ୍ତ ଓ ସନାତନ ମଧ୍ୟରେ ଆଉ କି ପ୍ରଭେଦ ଥାଇପାରେ ? ତେବେ କେବଳ ଅର୍ଥ ଓ କ୍ଷମତାରେ ସେ ବଡ଼ । ଶିକ୍ଷା, ଦୀକ୍ଷା, ଚରିତ୍ର କାହିଁରେ ଏହି ସନାତନଠାରୁ ସେ ବଡ଼ ନୁହନ୍ତି କିମ୍ବା ତାର ସମକକ୍ଷ ନୁହନ୍ତି ! ପୁଣି ସେହି ଅର୍ଥ କ୍ଷମତାର ଉଦ୍ଭବ କେଉଁଠାରୁ ? ସକଳ ପ୍ରଜା କାଲି ଯଦି ତାଙ୍କୁ ଅସ୍ୱୀକାର କରନ୍ତି ଯେ, ସେ ସେମାନଙ୍କର ରାଜା ନୁହନ୍ତି ! ତଥାପି ପ୍ରଜାର ଅସ୍ୱୀକାର ଯୋଗୁଁ ରାଜଶକ୍ତି ପୃଥିବୀ

Digitized by PPRACHIN, SOA

ପୃଷ୍ଠରେ କାହିଁ ମିଥ୍ୟା ହୋଇଅଛୁ କି ? ତେବେ ମଧ୍ୟ ସନାତନ କଥାରେ ବହୁ ପରିମାଣରେ ସତ୍ୟ ନିହିତ ଥିଲପରି ମନେ ହୁଏ । ସନାତନ ପ୍ରତି ଯେଉଁ ଦଣ୍ଡବିଧାନ କରି ଯାଇଅଛି, ତାହା କଣ ତେବେ ଅନ୍ୟାୟ ! ରାଜ ସମୀପରେ ରାଜକାର୍ଯ୍ୟରେ ଏପରି ସମାଲୋଚନାର ପ୍ରଶ୍ରୟ ଦେବା ତ ବଳରାମଙ୍କ କଥାରେ 'ଅରାଜକତା'; କିନ୍ତୁ ଏପରି ଦଣ୍ଡବିଧାନଦ୍ୱାରା ପ୍ରଜାସାଧାରଣର ମତ ଗତ ରାଜାଙ୍କ ପ୍ରତି ଶୁଭଦାୟୀ ହେବ କି ? ଏ ସମ୍ପର୍କରେ ଅତ୍ୟଧିକ ସଂଶୟ ଜାତ ହେଲା ।

ବର୍ତ୍ତମାନ ମଧ୍ୟ ପ୍ରଜାପୁଞ୍ଜର ଯେଉଁ ଚିନ୍ତା, ଯେଉଁ ଭାବ ସନାତନ ମୁଖରେ ମୂର୍ତ୍ତିମନ୍ତ ହୋଇଅଛି, ରାଜାସନରେ ବସି ପ୍ରଜାଠାରୁ ପୂଜା ପାଇବାର ସମୟ ତାଙ୍କର ଯେ ଅଣ୍ଟିତ ହୋଇଅଛି, ଶୁଭକାନ୍ତ ନିକଟରେ ଏ ଭାବ ସ୍ପଷ୍ଟତର ହୋଇ ଉଠିଲା । ସନାତନ ପ୍ରତି ମନେ ମନେ ତାଙ୍କର ଈର୍ଷା ଜାତ ହେଲା ।

ଶୁଭକାନ୍ତଙ୍କର ଉଚ୍ଛୃଙ୍ଖଳତା ଏହିପରି ନାନାଦିଗରୁ ବାଧା ଲାଭ କଲା । ପିତାର ଶାସନରେ ତାଙ୍କ ଜୀବନ ପ୍ରାରମ୍ଭରୁ ସଂଯତ ହୋଇ ନାହିଁ, ଜନନୀର ସ୍ନେହରେ ପରିପୁଷ୍ଟ ହୋଇନାହିଁ, ସେଥିପାଇଁ ସେ ଅସାଧାରଣରୂପେ କିଳିଷ୍ଟ ଅସଂଯତ ହୋଇ ପଡ଼ିଥିଲେ । ସୁନନ୍ଦାର କଟାକ୍ଷରେ ତାଙ୍କର ଯେ ପରିବର୍ତ୍ତନ ଆସୁଥିଲା, ସେ କେବଳ କ୍ଷଣକାଳ ପାଇଁ । କ୍ଷଣକାଳ ପାଇଁ ସେ ଏହି ଅଭିନବ ତରୁଣୀ ନାରୀ ବିଷୟରେ ଚିନ୍ତା କରନ୍ତି; କିନ୍ତୁ ପର-କ୍ଷଣରେ ପୁଣି ଯୌବନର ଉଦ୍ଦାମ ତରଙ୍ଗରେ ଭାସିଯାନ୍ତି । ତରୁଣୀଙ୍କର ରୂପ ତାଙ୍କୁ ଅହରହ ବିହ୍ୱଳ କରି ରଖେ; କିନ୍ତୁ ଯେତେବେଳେ ତରୁଣୀଙ୍କର ରୂପସମ୍ଭାର କ୍ଷୟ ପଥରେ ଚଳିବାକୁ

Digitized by PPRACHIN, SOA

ଆରମ୍ଭ କଲ, ଶୁଭକାନ୍ତଙ୍କର ଯୌବନର ବେଗ ମନ୍ଦ ହୋଇ ପଡ଼ିଲ, ସ୍ୱୀୟ ଜୀବନର ଆଦ୍ୟୋପାନ୍ତ ଚିନ୍ତା କରି ସେ କୌଣସି ସ୍ଥଳ କୂଳ ପାଇଲେ ନାହିଁ। ଜୀବନଟା ସତ୍ୟ ନା ମିଥ୍ୟା ? ଅଶ୍ରୁ ନା ହାସ୍ୟ ? ସମ୍ଭୋଗ ନା ତ୍ୟାଗ ?

ସନାତନର ଆଘାତ ଶୁଭକାନ୍ତ ଜୀବନର ଏହି ସନ୍ଧିସ୍ଥଳଟିରେ ଲଗିଲା। ଦଣ୍ଡାଦେଶ ଶ୍ରବଣ କରି ସନାତନ ଯେଉଁ ବିଦ୍ରୂପର କ୍ଷୀଣ ହାସ୍ୟଟିକ ହସିଥିଲ, ବାରମ୍ବାର ତାହା ଚକ୍ଷୁ ସମକ୍ଷରେ ଭାସିଉଠିଲା। ଦଣ୍ଡଲାଭ କରି ଲୋକ ହାସ୍ୟ କରିପାରେ, ଏହି ତାଙ୍କର ପ୍ରଥମ ଦୃଷ୍ଟିଗୋଚର ହେଲା। ଶୁଭକାନ୍ତଙ୍କର ସୁଖ ଓ ଦୁଃଖ ବିଷୟରେ ଯେଉଁ ଧାରଣା ଥିଲ, ତାହା ଏକାବେଳକେ ବଦଳି ଗଲା। ଯାହାକୁ ସେ ସୁଖ ମନେ କରୁଥିଲେ, ତାହା ବ୍ରହ୍ମସ୍ୱ-ମାନ ହେଲା କେବଳ ବ୍ୟଥା—କେବଳ ଦୁଃଖାବହ। ଆଉ ଦୁଃଖ କଣ ? ଏହି ତ ସନାତନ ଦୁଃଖ ଉପରେ ବିଜୟୀର ହାସ୍ୟ ହସି ଦେଇଗଲା। ସନାତନ ପକ୍ଷରେ ଦୁଃଖର ମୂଲ୍ୟ କଣ ? ସେ ଯେପରି ଦୁଃଖକୁହିଁ ପ୍ରକୃତ ସୁଖ ଜ୍ଞାନକରେ ! ତେବେ ଏ ରାଜନବର ନର୍ତ୍ତକୀ ଓ ଗାୟିକାମାନଙ୍କର ନୃତ୍ୟ ଓ ସ୍ୱର ଝଙ୍କାରରେ ଯେ ଆନନ୍ଦମୟ ହୋଇଉଠେ, ଏ ରାଜସମ୍ଭୋଗରେ ଚିତ୍ତ ଯେ ଉନ୍ମାଦନା ଲଭ କରେ, ସକଳ କଣ ଦୁଃଖର ଚିହ୍ନ ? ନା, ନା, ସେ କେବଳ ଦରିଦ୍ର ଦାର୍ଶନିକମାନଙ୍କର ଗୋଟାଏ ଭ୍ରମ। ସମସ୍ତ ଜଗତଟା ତ କେବଳ ସମ୍ଭୋଗ ଓ ସୁଖଲାଳସାରେ ଧାବମାନ। ଏହାକୁହିଁ ସୁଖ ଜ୍ଞାନ କରି କେତେ ରାଜା, ମହାରାଜା ଜାତ ହୋଇ ମୃତ୍ୟୁ ଲଭ କରନ୍ତି। କେତେଜଣଙ୍କର ଦୁଃଖ ବୋଲି ତାହା ବୋଧହୁଏ ? ସେତକ ନୁହେଁ, ନିଜର ସନ୍ତାନମାନଙ୍କୁ ମଧ୍ୟ ସେହି ସୁଖର ପଥିକ

Digitized by PPRACHIN, SOA

କରିବାକୁ ପ୍ରତ୍ୟେକ ପିତା ଅଭିଳାଷ କରେ । ଦୁଃଖଟା ତେବେ ସୁଖକର ହୋଇପାରେ କପରି ! ଏହି ସନାତନ ପରି କେତେଜଣ ଶକ୍ତିହୀନ ଅଦ୍ୟ-ଭକ୍ଷଙ୍କ ଜୀବନରେ ହିଁ ତାହା ଦେଖାଯାଏ । ଗୀତା ବେଦାନ୍ତର ଯେଉଁ ମୁନି ଋଷି ଏହାକୁ ସତ୍ୟ ବୋଲି ପ୍ରଚାର କରି ଯାଇଛନ୍ତି, ସେମାନଙ୍କ ଭାଗ୍ୟରେ ରାଜଗାଦି ଅବଶ୍ୟ କୌଣସି ଦିନ ପ୍ରାପ୍ତ ହୋଇ ନାହିଁ; କିନ୍ତୁ ରାମ, ଯୁଧିଷ୍ଠିର, ବୁଦ୍ଧ, ଅଶୋକ ତ ରାଜା ଥିଲେ – ରାଜ ସୁଖକୁ ଦୁଃଖ ଜ୍ଞାନ କଲେ କାହିଁକି ? କାହିଁକି ସୁଖ ସୌଭାଗ୍ୟକୁ ଅବହେଳା କରି ଦୁଃଖ ବରଣ କଲେ ? ଜଗତରେ ଏହି ଦୁଃଖ ଦୈନ୍ୟ ଯେଉଁମାନେ ଗ୍ରହଣ କରିଛନ୍ତି, ସେହିମାନେ ତ ବରେଣ୍ୟ ହୋଇ ପୂଜା ପାଉଛନ୍ତି । ତେବେ ମଧ ଭୂପୃଷ୍ଠରେ ଅସଂଖ୍ୟ ଲୋକ ବାସ କରନ୍ତି, ଯେଉଁମାନେ କୌଣସି ଦିନ ସମ୍ଭୋଗଟାକୁ ଦୁଃଖ ଜ୍ଞାନ କରୁନାହାନ୍ତି ! ଯେଉଁମାନେ ରାଜ୍ୟଜୟ, ରାଜ୍ୟଶାସନ କରୁଛନ୍ତି, ସେମାନଙ୍କର କଣ ବିଦ୍ୟାବୁଦ୍ଧି କିଛି ନାହିଁ ? କାହିଁକି ତେବେ ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ ଏତେ ଯୁଦ୍ଧ ! ଏତେ ପ୍ରତିଯୋଗିତା ! ବୁଦ୍ଧ, ଯୀଶୁ, ନାନକ, ଚୈତନ୍ୟଙ୍କ ପରେ ମଧ୍ୟ, କାହିଁକି ଏତେ ରକ୍ତପାତ, ଏତେ ସଂଘାତ ! କାହିଁକି ? ସମ୍ଭୋଗ ସମୃଦ୍ଧି ଲିପ୍ସାଯୋଗୁଁ ନା ସୁଖଟାକୁ ଦୁଃଖ ଜ୍ଞାନ କରି ? ଏହିପରି ସଂଶୟର ମହାଆବର୍ତ୍ତରେ ପଡ଼ି ଶୁଭକାନ୍ତ କିଛି ସ୍ଥିର କରିପାରିଲେନାହିଁ । ଏହି ସନ୍ଦେହବାଦ ତାଙ୍କ ପକ୍ଷରେ ଦୁଃଖ କିମ୍ବା ସୁଖ ଅପେକ୍ଷା ଅଧିକ କ୍ଳେଶକର ହେଲା । ଏ ମାନସିକ ବେଦନାରୁ ଉଦ୍ଧାର ପାଇବା ପାଇଁ ସେ ନାନାଦିଗରେ ନିଜକୁ ବ୍ୟାପୃତ ରଖିବାକୁ ଲାଗିଲେ । ପୂର୍ବେ ସମସ୍ତ ରାତି ନୃତ୍ୟ ଗୀତରେ ମଗ୍ନ ରହି 'ମଣିମାଙ୍କର ପହୁଡ଼' ହେବାକୁ ରାତି ଦ୍ୱିପହର ହୁଏ । ବର୍ତ୍ତମାନ ସକଳ ନୃତ୍ୟ ଗୀତ

Digitized by PPRACHIN, SOA

ଆମୋଦରେ ଯେପରି ସେ ଆଉ ମୁଗ୍ଧ ହୋଇ ପାରନ୍ତି ନାହିଁ । ସେଥିରେ ତାଙ୍କର ଅନ୍ତରର ବୁଭୁକ୍ଷା ତୃପ୍ତ ହୁଏ ନାହିଁ । ପ୍ରତ୍ୟୁଷରୁ ଉଠି ସେ ପ୍ରିୟତମ ଘୋଟକ ପୃଷ୍ଠରେ ଭ୍ରମଣ ଉଦ୍ଦେଶ୍ୟରେ ବାହାରନ୍ତି । ଅଧିକାଂଶ ସମୟ ଅଧ୍ୟୟନରେ ମନ ନିୟୋଗ କରନ୍ତି । ମହାପୁରୁଷମାନଙ୍କର ଜୀବନକଥା, ପୁରାଣ, ଇତିହାସ, ଧର୍ମ, ଦର୍ଶନ ଗୀତା, ବାଇବେଲ ଆଦି ଆଲୋଚନା କରନ୍ତି । ନାନା ଧର୍ମ, ନାନା ମତ । ପରସ୍ପର ମଧ୍ୟରେ କେତେ ପ୍ରଭେଦ, କେତେ ବିରୋଧ ! କିନ୍ତୁ ଏ ସକଳ ପାଠକରି ମଧ୍ୟ ରାଜଅନ୍ତରର ଉପବାସ ଉପଶମ ହୁଏ ନାହିଁ ।

ସନାତନ କହିଲା, 'ମୁଁ ରାଜା କିମ୍ବା ରାଜମୁକୁଟରେ ବିଶ୍ୱାସ କରେ ନାହିଁ । ଜଗତରେ ଏହା ଅପେକ୍ଷା ଅଧିକ ଅସମ୍ଭବ ବସ୍ତୁ ଆଉ କୃତ୍ରିମ ନାହିଁ ! ଏ କଣ ସତ କଥା ! ପୃଥିବୀର ସୃଷ୍ଟି ଆରମ୍ଭରୁ ଏ ଯେ ସବୁ ରାଜନବର ରାଜସିଂହାସନ ନିର୍ମିତ ହୋଇ ଆସିଅଛି, ଏ ସକଳ କଣ ମିଥ୍ୟା ? ଏ ଯେ ଶ୍ରେଷ୍ଠ ବଡ଼ ରାଜ୍ୟଗୁଡ଼ିକ ଭୂପୃଷ୍ଠରେ କେଉଁ ଆଦିକାଳରୁ ଜୟକେତନ ଉଡ଼ାଇ ନିଜକୁ ସ୍ପଷ୍ଟ ଜୀବନ୍ତ କରି ରଖିଅଛି, ଏହାର କଣ କିଛି ଅର୍ଥ ନାହିଁ ! ସକଳ ଦେଶରେ ଜ୍ୟେଷ୍ଠପୁତ୍ର ରାଜଗାଦି ଲାଭ କରିବ, କନିଷ୍ଠମାନେ ରାଜ୍ୟରୁ ବଞ୍ଚିତ ହୋଇ ସାଧାରଣ ପ୍ରଜାର ଆସନ ଗ୍ରହଣ କରିବେ ବୋଲି ଯେ ସନାତନ ପ୍ରଥା ରହି ଆସିଅଛି, ସେ କଣ କେବଳ ମୂଲ୍ୟହୀନ ? ଧରାବକ୍ଷରେ ଏହି ଯେ ଅସଂଖ୍ୟ ରାଜସୃଷ୍ଟି ହୋଇଅଛି, ତାହା କଣ ପ୍ରଜା କରିଅଛି ? ପ୍ରଜା ଅସ୍ୱୀକାର କଲେ ହିଁ ରାଜା ମିଥ୍ୟା ହୋଇ ଯାଇପାରେ; କିନ୍ତୁ ନିଜ ଜୀବନ ଉପରେ ଦୃଷ୍ଟି ପକାଇ ତାଙ୍କର ଏ ଭାବ ବିଚଳିତ ହୋଇ ପଡ଼େ ।

Digitized by PPRACHIN, SOA

ରାଜାର ସୃଷ୍ଟି ଅବଶ୍ୟ ଜଗତ ପକ୍ଷରେ ମଙ୍ଗଳକର ହୋଇପାରେ; କିନ୍ତୁ ରାଜା ଯେ କେବଳ ରାଜପୁତ୍ର ବ୍ୟତୀତ ଆଉ କେହି ହେବ ନାହିଁ, ଏ ବିଶ୍ୱାସଟା, ଏ ନିୟମଟା ଯେପରି ଅଭ୍ରାନ୍ତ ନୁହେଁ ପରା ! ସେ ନିଜେ କିଏ ? ରାଜପୁତ୍ର ବୋଲି ସେ ତ କୌଣସି ଦିନ ନିଜକୁ ଅନୁଭବ କରି ନାହାନ୍ତି, ରାଜପୁତ୍ର ନ ହେବାର କାରଣ ମଧ୍ୟ ତାଙ୍କ ପକ୍ଷରେ ଯଥେଷ୍ଟ ଥିଲା । ଗୌରୀ ଗୃହରେ ଯଦି ତାଙ୍କର ଚିରଦିନ ବାସ କରିବାକୁ ପଡ଼ିଥାନ୍ତା, ତେବେ ସେ ତ ଗୋଟିଏ ଦରିଦ୍ର ସାଧାରଣ ପ୍ରଜା ହୋଇ ରହିଥାନ୍ତେ ! ସବୁଠାରୁ ଅଦ୍ଭୁତ ମନେ ହେଲା, ରାଜାର ଜ୍ୟେଷ୍ଠପୁତ୍ର ହିଁ ସିଂହାସନର ଅଧୀଶ୍ୱର ହେବା ପ୍ରଥାଟି । ଅନ୍ୟ ପୁତ୍ରଗୁଡ଼ିକ ନିରାଶ ହୋଇ କ୍ଷୁଦ୍ର କ୍ଷୁଦ୍ର ଗ୍ରାମ ମଧ୍ୟରେ ବାସ କରିବେ । ଜ୍ୟେଷ୍ଠପୁତ୍ର ମହାଆଡ଼ମ୍ବରରେ ରାଜ୍ୟ ପରିଚାଳନା କରିବ । ସେମାନଙ୍କର ସନ୍ତାନ ରାଜପୁତ୍ରର ସାଜସଜ୍ଜା, ଆହାର, ବ୍ୟସନ ଦେଖି ନିଜର ଦାରିଦ୍ର୍ୟରେ ଦୁଃଖିତ ହେବେ । ସେମାନଙ୍କର ଏକମାତ୍ର ଦୋଷ ଯେ ସେମାନେ ପ୍ରଥମେ ମାତୃଗର୍ଭରୁ ଜାତ ହେଲେ ନାହିଁ ! କିନ୍ତୁ ସେଥି ସଙ୍ଗେ ସଙ୍ଗେ ରାଜାର ମଧ୍ୟ ଦୋଷ ଯେ ସେ ଏକାଧିକ ସନ୍ତାନ ଉତ୍ପନ୍ନ କରେ ! ଏ ମାତକୁ ଅନୁସରଣ କରି ପୃଥିବୀରେ କେତେ ରାଜ୍ୟ, କେତେ ରାଜା ଜନସାଧାରଣ ଊର୍ଦ୍ଧ୍ୱରେ ମସ୍ତକ ଉତ୍ତୋଳନ କରି ଉଭା ହୋଇଅଛନ୍ତି; କିନ୍ତୁ ରାଜା କିଏ ? ସେ ମଧ୍ୟ ପ୍ରଜାମାନଙ୍କମଧ୍ୟରୁ ଜଣେ ତ ! ନିଜ ମଧ୍ୟରୁ ଶକ୍ତିଶାଳୀ ବ୍ୟକ୍ତିକୁ ରାଜପଦରେ ଯେ ପ୍ରଥମେ ନିର୍ବାଚନ କରାଯାଇଥିଲା, ସେ ଜାତିବିସ୍ମର ପରି ଏହାକୁ ନିଜର ମଉରସୀ ପୈତୃକ ସମ୍ପତ୍ତି ବୋଲି ବ୍ୟବହାର କଲା । ମଠବାଡ଼ି ଦେବୋତ୍ତର ମଧ୍ୟ ଏହିପରି ପୈତୃକ ଅଧିକାରରେ ଆବଦ୍ଧ ରହିଲା । ସନାତନ ମତରେ ଏସବୁ ମନୁଷ୍ୟ ତିଆରି—ମନୁଷ୍ୟ ପୁଣି ପୁରାତନକୁ ଗଢ଼ି ନୂତନ କରିବ ।

Digitized by PPRACHIN, SOA

ହେଲା ବା ସେଥିରେ କ୍ଷତି କଣ ? ଶୁଭକାନ୍ତ ସେଥିପାଇଁ ଏତେଦୂର ବିବ୍ରତ କାହିଁକି ? ସହସ୍ର ପ୍ରଶ୍ନ ତାଙ୍କର ଚିତ୍ତପଟରେ ଉଦିତ ହୋଇ କାଳବକ୍ଷ ଜଳରେ ପଡ଼ିଲା ପରି ମିଳାଇ ଗଲା; କିନ୍ତୁ ସେ ଯେପରି ନିଜେ ଅନ୍ତର୍ଦ୍ଧାନ ହୋଇ ସମସ୍ତ ଜଳଖଣ୍ଡକୁ ନିଜର ଅଙ୍ଗରେ ରଞ୍ଜିତ କରିଦିଏ, ସେହିପରି ଏ ସକଳ ପ୍ରଶ୍ନର ମୀମାଂସା କରି ନ ପାରିଲେ ହେଁ ଏବଂ ଅସମ୍ବନ୍ଧ ଭାବରେ ସକଳ ପ୍ରଶ୍ନ କ୍ଷଣକାଳ ପାଇଁ ଶୁଭକାନ୍ତ-ଙ୍କର ଚିତ୍ତକୁ ଚଞ୍ଚଳ କରି ନିରୁଦ୍ଦେଶ୍ୟ ହେଲେ ମଧ୍ୟ ତାର ଗୁପ୍ତଛାୟା ରାଜ ଅନ୍ତରକୁ ସର୍ବଦା ଆଚ୍ଛନ୍ନ କରି ରଖିଲା ।

ରାଜପଥରେ ପୂର୍ବ ପରି ଲୋକ ଗତାୟତ କଲେ । ବିହଗ-କୂଜିତ ଶରତର ସୁକୋମଳ ପ୍ରଭାତ ଉତ୍ଫୁଲ୍ଲ ହୋଇ ଉଠିଲା । ନିଶାର୍ଦ୍ଧରେ ରାଜଶୟନ କକ୍ଷରେ ସଙ୍ଗୀତ ଧ୍ୱନି ମୁଖରିତ ହେଲା; କିନ୍ତୁ ରାଜଚିତ୍ତର ଅସ୍ୱସ୍ତି ଦୂର ହେଲାନାହିଁ । ନାନା ଚିନ୍ତାରେ ତାହା ଉଦ୍‌ବେଳିତ, କ୍ଷିପ୍ତ । ତାଙ୍କର ମନର ଅତଳ ଉପବାସ ମେଣ୍ଟେ ନାହିଁ । ସେ ଚିତ୍ତବୈଗୁଣ୍ୟର ପରିସମାପ୍ତି ନାହିଁ । ଅନ୍ଧକାର ମଧ୍ୟରେ ଦୁଇ ହସ୍ତ ଇତସ୍ତତଃ କରି ସେ ଡାକି ଉଠିଲେ, ଆଲୋକ ! ଆଲୋକ !

Digitized by PPRACHIN, SOA

ଅଷ୍ଟାଦଶ ପରିଚ୍ଛେଦ

ସନାତନ ଉଦ୍ଦୀପ୍ତ ଚକ୍ଷୁରେ ଚତୁର୍ଦ୍ଦିଗକୁ ଚାହିଁ ଚାଲିଗଲା । ସେ ଚକ୍ଷୁରୁ ଅଗ୍ନି ନିର୍ଗତ ହୋଇ ଯେପରି ସମସ୍ତ ବିଶ୍ୱକୁ ମୁହୂର୍ତ୍ତରେ ମୁଷ୍ଟିମେୟ ଧ୍ୱଂସାବଶେଷ କରିଦେବ ! ପ୍ରକାଣ୍ଡ ରାଜହର୍ମ୍ୟ ତା ନିକଟରେ ଯେପରି କଣିକା ତୁଲ୍ୟ । ସେ ସମସ୍ତ ପଥକୁ ଚଞ୍ଚଳ ପଦରେ ଅତିକ୍ରମ କରିଗଲା । ସମବେତ ଜନତା ତାର ପଶ୍ଚାତ୍‌ରେ ଧାଇଁଲେ, ଅଶ୍ୱପୃଷ୍ଠରେ ମେଷପଂକ୍ତି ପରି । ଆଶ୍ୱିନର ସ୍ନିଗ୍‌ଧଗୋଧୂଳି ତାର ସମସ୍ତ ଅଙ୍ଗରେ ଜଡ଼ିତ ହୋଇଥିଲା । ପଶ୍ଚିମାକାଶରେ ଉଜ୍ଜ୍ୱଳ ସନ୍ଧ୍ୟାତାରା ଉଦିତ ହେଲା । ସେହି ତାରାଲୋକ ସାହାଯ୍ୟରେ ସନାତନ ସମ୍ମୁଖସ୍ଥ ବଟବୃକ୍ଷ ମୂଳର ଘନୀଭୂତ ଅନ୍ଧକାର ମଧ୍ୟରେ କଣ ଦେଖି ସ୍ଥିର ହୋଇଗଲା । ତତ୍‌କ୍ଷଣାତ୍ ବଟବୃକ୍ଷ ମୂଳରୁ ଗୋଟିଏ ଭଗ୍ନପଦ କ୍ଷୀଣକାୟ ପୁରୁଷ ଓ ଜଣେ ରୁଗ୍‌ଣା ନାରୀ ବହିର୍ଗତ ହୋଇ ଉଭୟେ ବିପରୀତ ଦିଗରେ ଯାତ୍ରା କଲେ ।

ସନାତନର ଦୁଇ ଚକ୍ଷୁ ଅଗ୍ନିବର୍ଣ୍ଣ ହୋଇ ଉଠିଲା । ଗୋଧୂଳିର ତାରାଲୋକକୁ ତାହା ସ୍ପଷ୍ଟତର କରିଦେଲା । ଅଲକ୍ଷ୍ୟରେ ତାର ଓଷ୍ଠାଧରରୁ ବହିର୍ଗତ ହେଲା, 'ହତଭାଗ୍ୟ ଜାତି !' ସେହି ପୁରୁଷ ଓ ନାରୀଙ୍କ ଦିଗକୁ ଗୋଟାଏ ଦୃଷ୍ଟିରେ ସେ ଚାହିଁଲା, ଯହିଁରେ କି ମୁହୂର୍ତ୍ତକ ମଧ୍ୟରେ ସେମାନଙ୍କୁ ସେ ଭସ୍ମୀଭୂତ କରିଦେବ । ଏହି ଅବସରରେ ପୃଷ୍ଠଗାମୀ ଜନତା ତାର ନିକଟତର ହୋଇ ଆସିଲା ।

Digitized by PPRACHIN, SOA

ସେମାନଙ୍କ ମଧ୍ୟରୁ କେତେଜଣ କହିଲେ, ଆପଣ ତ ଗୋସାଇଁ ଘର ଦ୍ୱାର ଛାଡ଼ିଯିବେ, ଆମକୁ ସବୁ କାହା ହାତରେ ଦେଇ ?'

ସନାତନ ଉପସ୍ଥିତ ଜନତାକୁ ଲକ୍ଷ୍ୟ କରି ସିନ୍ଧୁ ଗମ୍ଭୀରସ୍ୱରରେ କହିଲ, "ପିଶାଚ ହାତରେ, ନାରକୀ ହାତରେ । ଯେଉଁମାନଙ୍କର ଦୁଃଖ କହିବାର ସାହସ ନାହିଁ—ଆପଣାର ମରଣ ହେବ, କିନ୍ତୁ ମୁଖ ଖୋଲିବ ନାହିଁ—ଭାଷା ଯେଉଁମାନଙ୍କର ଏତେ ନିର୍ଜୀବ, ସେମାନଙ୍କର ଗତି ଆଉ କଣ ହୋଇପାରେ ! ଭାଇମାନେ, ତୁମେ ସବୁ ପ୍ରଥମେ ମନୁଷ୍ୟ ହୁଅ, ତାହାହେଲେ ବଞ୍ଚିବା ପାଇଁ ଜଗତରେ ଦାବୀ କରିବ । ଯେଉଁଠାରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ପଶୁର ସମ୍ବନ୍ଧ, —ଜଣେ ସିଂହ, ଆଉ ଜଣେ ଶୃଗାଳ—ସେଠାରେ ଏକପକ୍ଷର ପରାଜୟ ଅଥବା ଧ୍ୱଂସ ଅବଶ୍ୟମ୍ଭାବୀ । ସେ ଧ୍ୱଂସର ସମ୍ମୁଖୀନ ତୁମ୍ଭେମାନେ, କି ସାନ୍ତ୍ୱନା ତୁମ୍ଭ ପ୍ରାଣରେ ମୁଁ ଢାଳିବି ? କି ଭାଷାରେ ତୁମର ଏଇ ମୂକ ନିର୍ବୋଧ ମୁଖରେ, ମୃତ୍ୟୁଲୋକର ଆତଙ୍କ ଚକ୍ଷୁରେ ଚେତନା ଉଦ୍ଦୀପନା ଆଣି ଦେବି ? ଆମ୍ଭମାନଙ୍କର ଏକମାତ୍ର ଭରସାର ସ୍ଥଳ ରାଜା ! ତାଙ୍କର ବ୍ୟବହାର ତ ଦେଖିଲ । ଆଉ କାହା ଦ୍ୱାରରେ ପ୍ରାର୍ଥନା କରିବା କହ ?"

ଜନତା ମଧ୍ୟରୁ ସେହି କେତେ ଜଣ କହି ଉଠିଲେ, 'ଆଉ କାହାକୁ ପ୍ରାର୍ଥନା କରିବୁଁ । ଭଗବାନଙ୍କ ଛଡ଼ା ଆଉ କାହାକୁ ?'

ସନାତନ ଭ୍ରୂକୁଞ୍ଚିତ କରି କହିଲ, 'ଭଗବାନ ! ହାୟ ହତଭାଗ୍ୟ ଜାତି ! ମନୁଷ୍ୟ ! ମନୁଷ୍ୟ ! ଭଗବାନ ହରି ହରି ବୋଲି ଯାହା ତୁମ୍ଭେମାନେ ସ୍ମରଣ କର, ତା ବଦଳରେ ଜପ କର ମନୁଷ୍ୟ ! ମନୁଷ୍ୟ ! ମନୁଷ୍ୟହିଁ ଦେବତାକୁ ଜନ୍ମ କରିଛି ।

Digitized by PPRACHIN, SOA

ବୁଦ୍ଧ, ଯୀଶୁ, କୃଷ୍ଣ, ମହମ୍ମଦ୍, ବ୍ୟାସ, ବଶିଷ୍ଠ—କଣ ଥିଲେ ସେମାନେ ? ମନୁଷ୍ୟ ! ଗୀତା, ଉପନିଷଦ୍, ବାଇବେଲ୍, କୋରାନ୍ ଆଦି ଧର୍ମ, ଦର୍ଶନ କାହାର କୀର୍ତ୍ତି ! ମନୁଷ୍ୟର ! ମନୁଷ୍ୟହିଁ ଜଗତରେ ଭଗବାନଙ୍କର ସୃଷ୍ଟି କରେ । ସେ ମନୁଷ୍ୟ ମୋର ପୂଜ୍ୟ, ମୋର ଅର୍ଘ୍ୟ, ମୋର ଦେବତା, ଦେବତାଙ୍କର ମୂର୍ତ୍ତି ଗଠିତ ହୁଏ କାହିଁରେ ଜାଣ ? ପୃଥିବୀର କଠିନତମ ବସ୍ତୁରେ । କଠିନ ଶିଳା କିମ୍ବା ଧାତୁ ସାହାଯ୍ୟରେ । କାହିଁକି ? ଯେଉଁ ଦେବତା ଏତେ ଦୟାବାନ୍,— ମୂର୍ତ୍ତି ତାଙ୍କର ଏତେ କଠିନ ହେଲା କାହିଁକି ? କାହିଁକି ନା, ମନୁଷ୍ୟ କୋମଳ ମଧୁରରୂପେ ଭଗବାନଙ୍କ ଆରାଧନା କରି ହତାଶ ହେଲା ! ସେହି ହତାଶର ମୂର୍ତ୍ତିମନ୍ତ ବିଗ୍ରହ ସେ ! ଜଗତରେ କୋମଳତାର ସୃଷ୍ଟି କିଏ କରେ ଜାଣ ! ଏହି ମନୁଷ୍ୟ; ଏହି ଯେ ମୃତ୍ୟୁର ଛାୟା ଏ ରାଜ୍ୟରେ ଆଜି ପାତ ହୋଇଅଛି, କରୁଣାମୟ ମଙ୍ଗଳ ଆଳୟ ଭଗବାନଙ୍କ ସୃଷ୍ଟିରେ ଏହା କିପରି ସମ୍ଭବ ହେଲା ? ସନ୍ତାନର ଅନାହାର ଧ୍ୱଂସ ବିଶ୍ୱପିତା କିପରି ଦୁଇ ଚକ୍ଷୁରେ ଦର୍ଶନ କରୁଛି ? ଆଜି ଏ ଦେଶରେ ଯେ ମରଣାନ୍ତକ ହାହାକାର ଉପସ୍ଥିତ ହୋଇଅଛି, ଏହି ଯେ କୃଷ୍ଣ ଦର୍ଶନ ପିଶାଚର ଅନନ୍ତ ଉପବାସ ଦୁଇ ଚକ୍ଷୁରେ ଫୁଟି ଉଠିଛି, ମୃତ୍ୟୁର ଏ ତାଣ୍ଡବଲୀଳା ମଧ୍ୟରେ ଯଦି ଦେବତ୍ୱ କିଛି ସଞ୍ଚାର ହୁଏ, ତେବେ ତାହା କାହାଦ୍ୱାରା ସମ୍ଭବ ଜାଣ ? ଏହି ମନୁଷ୍ୟ ଦ୍ୱାରା । ବୁଦ୍ଧ କହିଛନ୍ତି—'ମନୁଷ୍ୟର ସେବା କର, ତାହାହିଁ ତୁମର ନିର୍ବାଣ—' ବ୍ରହ୍ମ ବିହାର; ଖ୍ରୀଷ୍ଟ, ଦଧୀଚି ଏହି ମାନବ ସେବାରେ ପ୍ରାଣ ଉତ୍ସର୍ଗ କରି ସେବା ଧର୍ମର ପରମ ପରାକାଷ୍ଠା ଦେଖାଇ ଅଛନ୍ତି । ସକଳ ମହାମାନବର ମୁଖରେ, କର୍ମରେ ଏହି ମାନବର ସେବା ! ସମସ୍ତଙ୍କ ମୁଖରେ ମନୁଷ୍ୟ ! ମନୁଷ୍ୟ !'

Digitized by PPRACHIN, SOA

ସନ୍ନିକଟ ଗ୍ରାମ ମଧ୍ୟରୁ କାହାର କ୍ଷୀଣ କଣ୍ଠ ଶୁଣାଗଲା, 'ବା-ବା, ପାଣି—ମୁନ୍ଦଏ ।' ସନାତନର ଉତ୍ତୁଙ୍ଗ ବକ୍ତବ୍ୟ କ୍ଷଣକରେ ସ୍ଥିର ହୋଇଗଲା ! କହି ଉଠିଲା, 'ଏହି ଶୁଣ ମନୁଷ୍ୟ ଡାକୁଛି ।' ମୁଖରୁ ବାକ୍ୟ ନିଃସୃତ ନ ହେଉଣୁ ଦ୍ରୁତପଦକ୍ଷେପରେ ସେହି ଶବ୍ଦ ଅଭିମୁଖରେ ସେ ଯାତ୍ରା କଲା ।

ଗୃହର ଦ୍ୱାରଦେଶ ଅନ୍ଧକାର—ଦ୍ୱାର ଉନ୍ମୁକ୍ତ । ଅନ୍ଧକାର ମଧ୍ୟରୁ ଗୋଟିଏ କ୍ଷୀଣ କଣ୍ଠ ବାହାରି ଆସିଲା, 'ମୁନ୍ଦଏ—ପାଣି—ବାପା ! ଏକାକୀ ଗୃହଟି । ଖଣ୍ଡେ ଦୂର ଯାଇ ଅନ୍ୟ ଗୃହରୁ ଜଳ ଆଣି ସେହି ଅନ୍ଧକାର ମଧ୍ୟରେ ସନାତନ ବୃଦ୍ଧ ମୁଖରେ ଦେଲା । କାହାର ସନ୍ତାନ ରୁଗ୍‌ଣ, କା'ର ସ୍ତ୍ରୀ ମୃତ୍ୟୁ ମୁଖରେ—ଇତ୍ୟାଦି ସ୍ଥାନଗୁଡ଼ିକ ଗୋଟି ଗୋଟି କରି ଦେଖି ପଥ୍ୟର ବ୍ୟବସ୍ଥା, ଆହାରର ସନ୍ଧାନ କରି ଶେଷରେ ସେ ନିଜ ଗୃହ ମଧ୍ୟରେ ପ୍ରବେଶ କଲା । ତାର ଗମ୍ଭୀର ମୁଖ ଦେଖି ପିତା ବିସ୍ମିତ ହେଲେ । ଜନନୀ ପଚାରିଲେ, 'କରେ ବାପା, ମୁହଁ କାହିଁକି ଶୁଖିଲା ଦିଶୁଛି ।' ସ୍ୱାମୀଙ୍କୁ କହିଲେ, 'ତୁମେ ସନୁକୁ କଣ କହିଲ କି ?' ସ୍ତ୍ରୀ ଜାଣନ୍ତି ଧାର୍ମିକ ଏ ବିଷୟରେ ମଧ୍ୟ ସନାତନକୁ ଶାସନ କରିବାରୁ ବିରତ ନୁହନ୍ତି ! ପୁତ୍ର ମୁଖରେ ଅଯଥା ଚିନ୍ତାରେ ଗ୍ଲାନି ଦେଖି ସେ ମଧ୍ୟ ଦୋଷୀ ପରି ଉତ୍ତର କଲେ, 'ନାହିଁ, ମୋର ତ କିଛି ମନେ ପଡ଼ୁନାହିଁ, ପଚାରିଲ ତାକୁ ।' ଧାର୍ମିକ ଦମ୍ପତି ଅଳ୍ପକ୍ଷଣ ପରେ ଶୁଣି ପାରିଲେ, ସନାତନର ନିର୍ବାସନ ଦଣ୍ଡ । ଏକମାତ୍ର ପୁତ୍ର ସନାତନ ଓ କନ୍ୟା ଅଳକା ଏହି ଦମ୍ପତିଙ୍କର ସୁଖ ସୌଭାଗ୍ୟର ଆଧାର । ଦୀର୍ଘ ଘଟନାହୀନ ଜୀବନରେ ଏହି ଦୁଇଟି ଶିଶୁ ସେମାନଙ୍କର ସାନ୍ତ୍ୱନାର ସାମଗ୍ରୀ ହୋଇ ଅଛନ୍ତି । ନିର୍ଜ୍ଜନ ଗୃହ

Digitized by PPRACHIN, SOA

ମଧ୍ୟରେ ଏହି ଦୁହିଁଙ୍କର କଳରୋଳ ଜୀବନ୍ତ ଶୃଙ୍ଖଳା ବିସ୍ତାରଣ କରିଅଛି । ରାଜାଙ୍କର ଦଣ୍ଡାଦେଶ ଶ୍ରବଣ କରି ଧର୍ଷିତ ଦେବୀ-ଗୃହର ଦ୍ୱାର ରୁଦ୍ଧ କରି ବସି ରହିଲେ । ସନାତନର ଜନନୀ ଚୈତନ୍ୟ ହରାଇଲେ । ଅଳକାର ଦୁଇ ଚକ୍ଷୁର ଦୁଇଟା ମୋଟା ମୋଟା ଲୁହଧାର ଗଡ଼ି ପଡ଼ିଲା—ହିମାଦ୍ରି ଶିଖରର ଯୁଗ ଯୁଗ ସଞ୍ଚିତ ତୁଷାରରାଶିର ଦୁଇଟି କ୍ଷୁଦ୍ର ଝରଣା । ସନାତନର ବିଦାୟ ବେଳରେ ସେ ଶିଶୁ ପରି ତାର ମୁଖକୁ ଚାହିଁ ପଚାରିଲା, 'କେବେ ଆସିବ ?' ସନାତନ ମୃଦୁ ହସି ଉତ୍ତର କଲା, 'ରାଜା ଯେବେ ତାଙ୍କର ଆଦେଶ ପ୍ରତ୍ୟାହାର କରି ମତେ ଏ ରାଜ୍ୟକୁ ଆସିବାକୁ ଡାକିବେ ।' ସନାତନ ରାଜାଙ୍କର ଅନୁମତି କଥା କହିଲା ନାହିଁ । ଅନୁମତିର ଭିକ୍ଷୁକ ସେ ନୁହେଁ ।

ସନାତନ ଚାଲିଗଲା, ମାତା ପିତା ଭଗିନୀଙ୍କୁ ନିଃସମ୍ବଳ କରି-ଦେଇ—ପଡ଼ୋଶୀ ଗ୍ରାମବାସୀଙ୍କର ଅନୁକମ୍ପାର ଅଶ୍ରୁଜଳ ବହନ କରି । ରାଜାଦେଶ ଶିରୋଧାର୍ଯ୍ୟ କରି ଗୃହ ମଧ୍ୟରୁ ବହିର୍ଗତ ହେଲା । ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ବହୁଲୋକ ତାର ଅନୁଗାମୀ ହେଲେ । ଉତ୍‌ଫୁଲ୍ଲ ଦୃଷ୍ଟିରେ ସମସ୍ତଙ୍କଠାରୁ ସେ ବିଦାୟ ନେଇଗଲା, ସକଳ ମୁଖରୁ ଆଶାର ଦୀପ୍ତି ହରଣ କରି । ପଡ଼ୋଶୀ ଗ୍ରାମବାସୀମାନଙ୍କର ସେ ଥିଲା ଗୋଟାଏ ଭରସା ଓ ଗର୍ବର ସାମଗ୍ରୀ । ତାର ଧନ ନାହିଁ କ୍ଷମତା ନାହିଁ; ତଥାପି ତାର ବିଦାୟ ସଙ୍ଗେ ସଙ୍ଗେ ପଡ଼ୋଶୀମାନଙ୍କ ମୁଖରେ ଗୋଟାଏ ନୈରାଶ୍ୟର କାଳିମା ଘୋଟି ଆସିଲା ।

ସନାତନକୁ ବିଦାୟ ଦେଇ ଫେରିବା ପଥରେ ବଳି ପରିଡ଼ା କହିଲା, "ରାଜାଘର ବେଠି ଖଟି ଖଟି ନିଜେ ତ ମରିବା ଭାଇ,

Digitized by PPRACHIN, SOA

ପିଲାମାନଙ୍କୁ କଣ ମାରି ପକାଇବା ? ଆଠଦିନ ହେଲା ବାଧୁଆଁ ଆଣ୍ଠା ଜରରେ ପଡୁଛୁ ଯେ, ସେ ପଥ୍ୟ ଗଣ୍ଡାଏ କଣ କଲା ବୁଝିବାକୁ ମତେ ଟିକିଏ ନାହିଁ । ଆଚ୍ଛା ନୂଆ ନଅଁ ତିଆରି ହେଲା, ଆମକୁ ସବୁ ମାରିବାକୁ ।' ବାଧୁଆ ତାରି ପୁଅ ।

ଆନନ୍ଦ ଦାସ କହିଲା, 'ମୁଁ ତ ସେବ ବୋଉକୁ କହି ରଖିଚି 'ଆଉ ଚଳିବ ନାହିଁ, ଏଥର ନାଳ ଖୋଳିବା ପାଇଁ କଣ୍ଟକ ବାହାରିଲା,—ନିଜ ପେଟକୁ ଖାଇ ଆଉ ଯାହା ବଳିବ ଘରକୁ ପଠେଇବ । ନଇଲେ ତମ କର୍ମ ତମେ ଭୁଞ୍ଜିବ ।'

ହରି ପଣ୍ଡା କହିଲା, 'ମୋର ତ ଭାଇ ସେଇ ହେତା ଜମିଖଣ୍ଡ ଭରସା । ତାକୁ ଯେତେବେଳେ ଚାହିଁ ଦେଉଚି, ମୋ ହଁସା ଉଡ଼ି ଯାଉଚି ! ଏତେବେଳେ ସୁଦ୍ଧା ଇନ୍ଦ୍ର ଖାଲି ଦନ୍ତୋପା ଛିଞ୍ଚି ଦେଇଯାଉଛି କି ।'

ବଳି ପରିଡ଼ା କହିଲା, 'ଆରେ ସେ କଥା କଣ କହୁଚୁ, ଆଉ କାଲେ କିଏ ପାଣି ବୋହି ନେବ ବୋଲି ଗୁରୁଭାଇ ଏକାରାତିରେ ପୋଖରୀଟାରେ ଯେତେ ପାଣି ଥିଲା ସବୁ ଶୁଖାଇ ଦେଲୁ । ତା ଆରଦିନ ଶାମା, ନଧିଆ, ଚନ୍ଦ୍ରା ଆସି ଯେତେ ବକା ବକଲେ— କଣ ହେବ । ସବୁ ତ ଅକାରଣ ।'

ନର୍ଦ୍ଦ ଦାସ କହିଲା, 'ନାହିଁରେ ଭାଇ, ଆଉ ଗୁଡ଼ାଏ ଆଶା କରି ବସି ରହିବା ଅକାରଣ । ସତେ ଆଉ ଇନ୍ଦ୍ର ବର୍ଷିବ ବୋଲି ତମେ ଭାବଚ ? ଏ ରାଇଜରେ ମଣିଷ ହୋଇ ଆମେ ରହିବା ବୋଲି ବସୁରୁଚ ? ନାହିଁ ଚାଲ, ଚାଲ, ସେଠି କୋଉଠି ଯୋଉଠି ବନ୍ଧ, ନଦୀଜ ବନ୍ଧ, ନାଳ ଖୋଳା ହେଉଛି, ସେଇଠିକି ଚାଲ । ଆଉ କଣ ଘର ଭୂଆଣୁଣୀ ଗୁଡ଼ାଙ୍କୁ ଛତରଖାଇ କରିଦେବା ?'

ଦଳ ଦଳ ହୋଇ ଚାଷୀ ଗୃହତ୍ୟାଗ କରିବାକୁ ଲାଗିଲେ । ଦଶହରାର ଦେବାଳୟ ଘଣ୍ଟା ପୂର୍ବବର୍ଷ ପରି ଉଲ୍ଲସିତ ହୋଇ

Digitized by PPRACHIN, SOA

ବାଜିଲି ନାହିଁ । ଶରତର ନୀଳାକାଶ ନିର୍ମଳ ଦେଖାଗଲା ନାହିଁ । ଗ୍ରାମ ମଧ୍ୟରେ ପୂଜାର ଧୂପ ପୂର୍ବବତ୍ ଆଉ ଗନ୍ଧ ବିକୀରଣ କଲା ନାହିଁ । ଆକାଶ କୋଣରେ ସେହି କୃଷ୍ଣ ବିନ୍ଦୁଟା ଗୋଟାଏ ବିସ୍ଫୋଗାନ୍ତକ ବହ୍ନିଶିଖାର ଗ୍ରାସ୍ଥା ବିସ୍ତାର କରିବାକୁ ଲାଗିଲା । ଗ୍ରାମେ ଗ୍ରାମେ ବିଳାପର ଧ୍ୱନି ମୁଖରିତ ହୋଇ ଉଠିଲା ।

ଶରତ ଯାଇ ହେମନ୍ତ ଆସିଲା, କୃଷକର ଦେହ ଆବୃତ କରିବା ପାଇଁ ବସ୍ତ୍ର ନାହିଁ, ଉଦର ପୂର୍ତ୍ତି ପାଇଁ ଅନ୍ନ ନାହିଁ । ମାଲୁଦ ଯାଜପୁରରେ ସର୍ବପ୍ରଥମେ ଅନାହାର ସମସ୍ୟା ତୀବ୍ର ହୋଇ ଉଠିଲା । ଗୃହତ୍ୟାଗ କରି, ଗ୍ରାମ ତ୍ୟାଗ କରି, ଶିଶୁ, ବୃଦ୍ଧ, ଯୁବକ, ଯୁବତୀ ଭିକ୍ଷା ଉଦ୍ଦେଶ୍ୟରେ ବାହାରିଲେ । ଆଉ କେହି ସ୍ୱଚ୍ଛଳ ଆତ୍ମୀୟ ବନ୍ଧୁମାନଙ୍କ ଦ୍ୱାରରେ ଅଯାଚିତ ଆତିଥ୍ୟ ଗ୍ରହଣ କଲେ । ଏ ଅବସ୍ଥା କ୍ରମେ ସମସ୍ତ ଉତ୍କଳରେ ବ୍ୟାପ୍ତ ହୋଇ ପଡ଼ିଲା । ଅଳ୍ପ କେତେକ ସ୍ଥଳରେ ଅକ୍ଟୋବର୍ ମଧ୍ୟଭାଗ ପର୍ଯ୍ୟନ୍ତ କୃଷକ ଆକାଶକୁ ଆଶାୟୀ ହୋଇ ଚାହିଁ ରହିଲା ।

କିନ୍ତୁ ଅକ୍ଟୋବର ୨୦ ତାରିଖ୍ ସମସ୍ତ ଦେଶରେ ଅନାହାର ଘୋର ଆତଙ୍କ ଉପସ୍ଥିତ ହେଲା । ଧାନ ଚାଉଳର ବ୍ୟବସାୟ ବନ୍ଦ ହୋଇଗଲା । ବିନା ହରତାଳରେ କଟକ ସହରର ସମସ୍ତ ଦୋକାନ ପାଟ ବନ୍ଦ ହୋଇଗଲା । ମଫସଲ ଆଉ ସହରକୁ ଧାନ ଚାଉଳ ଯୋଗାଇବା ପାଇଁ ରାଜି ହେଲା ନାହିଁ । ଏ ଦେଶର ମୃତ୍ତିକା ପାଷାଣ, ଲତାଗୁଳ୍ମ, ନଦୀ ପର୍ବତ ସମସ୍ତେ ଯେପରି ହାହାକାର କରି ଉଠିଲା । ଟଙ୍କାରେ ତିନି ଚାରି ସେର ଦରରେ ଚାଉଳ ଖୋଜିଲେ ମଧ୍ୟ ଅନେକ ସମୟରେ ମିଳିଲା ନାହିଁ ।

ପୁରୀର ଅବସ୍ଥା ସବୁଠାରୁ ଅଧିକ ଭୟଙ୍କର ହୋଇ ଉଠିଲା । କୃଷକମାନଙ୍କ ପୂର୍ବରୁ ପ୍ରଥମେ ଆକ୍ରାନ୍ତ ହେଲେ ଦେଶର କାରିଗର ବ୍ୟବସାୟୀ କୁଳ—ଯେଉଁମାନଙ୍କର ଚାଷ ନାହିଁ, ଧାନ ଚାଉଳ

Digitized by PPRACHIN, SOA

ସଂସ୍ଥ କରି ଯେଉଁମାନେ ଚଳନ୍ତ — ତନ୍ତୀ, ବଣିଆ, ଗୁଡ଼ିଆ, ତେଲି, କୁମ୍ଭାର ଆଦ । ସେହିମାନେ ହିଁ ପ୍ରଥମେ ଅତିଷ୍ଠ ହୋଇ ପଡ଼ିଲେ । କୌଣସି ବ୍ୟବସାୟ ଚଳିଲା ନାହିଁ । ଆହାରର ଅଭାବ ଯେ ! ଆଉ ବ୍ୟବସାୟ କରିବ କିଏ, କାହାକୁ ଦେବ ?

ନାନା ଅଦ୍ଭୁତ ଖାଦ୍ୟର ଆବିଷ୍କ୍ରିୟା ହେଲା — ପୁରୁଣି ଶାଗ, ସାରୁପତ୍ର, ବାଉଁଶ ଧାନ, ଡିମ୍ବିରି ଫୁଲ, ଯାହା କିଛି ଗର୍ଭ ମଧ୍ୟକୁ ଯାଇପାରେ ମନୁଷ୍ୟ ତାହା ଆହାର କରିବାକୁ ଲାଗିଲା । ସ୍ୱାଦୁ ଅସ୍ୱାଦୁ, କୋମଳ, କଠିନ କ୍ରମେ ସବୁ ମାନବ ଗର୍ଭକୁ କ୍ଷେପିତ ହେଲା ।

ଆକାଶରେ ମେଘ ନାହିଁ । ନଦୀ ପୁଷ୍କରିଣୀର ଜଳ ଶୁଷ୍କ ହୋଇ ଆସିଅଛି । ଭୂପୃଷ୍ଠରେ ଘାସ ଗୁଳ୍ମ ନାହିଁ । କୃଷକର ବହୁ ଆୟାସର ଶସ୍ୟକ୍ଷେତ୍ର ଦୂରନ୍ତ ଭସ୍ମିଭୂତ ଅଙ୍ଗାରର ସ୍ତୂପ ପରି ପ୍ରତୀୟମାନ ହେଉଅଛି । ଶୀତ କଷ୍ଟରୁ ରକ୍ଷା ପାଇବାକୁ ମଧ୍ୟ ଶସ୍ୟ-କ୍ଷେତ୍ରରୁ ନଡ଼ା, କୁଟାର ଆମଦାନି ହେଲା ନାହିଁ । ଘରର ଛାତ ମରାମତି ବିନା ଭଗ୍ନପ୍ରାୟ । ଯେ ଯାହା ଖାଦ୍ୟ ଦ୍ରବ୍ୟ ସଞ୍ଚୟ କରି ରଖିଥିଲା, ଭବିଷ୍ୟତକୁ ସାବଧାନ ହୋଇ ସେ ଆଉ ତାକୁ ବାହାର କରିବାକୁ ଚାହେଁ ନାହିଁ । ଗ୍ରାମେ ଗ୍ରାମେ ତନ୍ତୀ, ପାଟରା, ବଢ଼େଇ, ଥୋଡ଼ିଆ, ଗୁଡ଼ିଆ ପ୍ରଭୃତି ଜାତିର ସ୍ତ୍ରୀ, ପୁରୁଷ, ବାଳକ, ବୃଦ୍ଧ ଧାନ୍ୟ ଅନ୍ୱେଷଣରେ ବାହାରିଲେ । ଗ୍ରାମେ ଗ୍ରାମେ ମାନବର ରକ୍ତ-ଲୋଲୁପ ପିଶାଚ-ପ୍ରକୃତି ଧନିକମାନଙ୍କର ଅଭ୍ୟୁଦୟ ହେଲା । ସ୍ୱଇଚ୍ଛାରେ ସେମାନେ ଧାନର ଭାଉ ଯେ କୌଣସି ସମୟରେ ଅଳ୍ପ ବେଶି କରିବାକୁ ଲାଗିଲେ । କାହାରି ଆପତ୍ତି ନାହିଁ; ଯାହା ଦେବ ଦିଅ । ଆମ୍ଭେମାନେ ମୂଲ୍ୟ ଦେଉନ୍ଥୁ ନାମମାତ୍ର । କେବଳ ଭିକ୍ଷା କରୁଛୁ—ପ୍ରାଣର ଭିକ୍ଷା, ବୁଭୁକ୍ଷୁର ଭିକ୍ଷା ।

Digitized by PPRACHIN, SOA

ଊନବିଂଶ ପରିଚ୍ଛେଦ

କାର୍ତ୍ତିକ ଅମାବାସ୍ୟା । ରାଜ୍ୟମୟ ସକଳ ଗୃହ ଅନ୍ଧକାର; କିନ୍ତୁ ରାଜପୁରୀରେ ଆଲୋକର ଅଭାବ ନାହିଁ । ଫାନସ୍ ଆତସବାଜୀରେ ରାଜକୋଷ ଅଳ୍ପ ବ୍ୟୟ ବହନ କରି ନାହିଁ । ପାଇକ ନାଚ କେଳା ନାଚ ଦେଖି ନଗର ଲୋକେ ଅଳ୍ପ ଆନନ୍ଦ ଅନୁଭବ କରିନାହାନ୍ତି, ଯଦି ବା ରାଜ୍ୟବ୍ୟାପୀ ଗୋଟାଏ ନୀରବ ନିରାନନ୍ଦ ଘେରି ରହିଛି ।

ଶୟନକକ୍ଷରେ ରାଜା ଶୁଭକାନ୍ତ କୋମଳ ତୂଳ ତଳ୍ପରେ ଅର୍ଦ୍ଧଶୟାନ । ଦୁଇ ପାର୍ଶ୍ୱରେ ଦୁଇ ଫୁଲବଢ଼ ତାମ୍ବୂଳାଦି ଧରି ଆସୀନ । ଗୋଟିଏ ଷୋଡ଼ଶୀ ଗାୟିକା ଏସ୍ରାଜ ଧରି ସଙ୍ଗୀତାଳାପ କରୁଛି । ଅଳ୍ପ ଦୂରରେ ଗୋଟିଏ ଶିଶୁକାଠର ବର୍ତ୍ତୁଳ ଟେବୁଲ ଉପରେ ପିତ୍ତଳନିର୍ମିତ ଗ୍ରୀସୀୟ ନାରୀର ପ୍ରତିମା ଉନ୍ନତ ବକ୍ଷରେ ନୃତ୍ୟଭଙ୍ଗୀ କରି ଦଣ୍ଡାୟମାନ । ଉପରେ ନୀଳ ରକ୍ତ ଆଦି ନାନା ବର୍ଣ୍ଣର କାଚର ଝାଡ଼ ଆଲୋକରେ ଉଜ୍ଜ୍ୱଳ ହୋଇ ଜଳୁଚି । ସଙ୍ଗୀତ ଓ ରୂପମଦିରାରେ ଶୁଭକାନ୍ତଙ୍କର ଦୁଇ ଚକ୍ଷୁ ମଦିର ହୋଇ ଉଠିଲା । ଅନ୍ତରର ଯେଉଁ ଅଶାନ୍ତି ଶାସ୍ତ୍ର ପାଠାଦିରେ ଉପଶମ ହେଲା ନାହିଁ, ରାଜା ତାକୁ ଏହିରୂପ ଗୀତ ଆମୋଦରେ ଭୁଲି ରହିବାକୁ ଚେଷ୍ଟା କରନ୍ତି । ପ୍ରାଣରେ ଯେଉଁ ଦୁର୍ବିସହ ଚିନ୍ତାର

Digitized by PPRACHIN, SOA

ଉଦ୍ରେକ ହୋଇଅଛି, କାପୁରୁଷ ପରି ତାହା ନିକଟରୁ ଏହିପରି ପଳାୟନ କରିବା ବ୍ୟତୀତ ଅନ୍ୟ କିଛି ଉପାୟ ସେ ଦେଖିପାରି ନାହାନ୍ତି । ଦୀପାବଳୀର ଆଲୋକ ଚତୁର୍ଦ୍ଦିଗରେ ନିର୍ବାପିତ । ନିଶୀଥର ତାରାଗୁଡ଼ିକ କଥା କହିବା ପରି ଉନ୍ମୁଖ ହୋଇ ଗୁହିଁ ରହିଛନ୍ତି । ମଧ୍ୟେ ମଧ୍ୟେ କେବଳ ଶ୍ୱାନ, ଶୃଗାଳର ଏବଂ ରାତ୍ରିଚର ପକ୍ଷୀର ଡେଣାର ଶବ୍ଦ ଚମକ ପ୍ରଦାନ କରୁଥିଲା ।

ସମସ୍ତ ବିଶ୍ୱ ବିଶ୍ରାମ ଯାଇଅଛି । ସିଂହଦ୍ୱାରରେ ହଠାତ୍ ଗୋଟାଏ ଚିତ୍କାର ଶୁଣାଗଲା, 'ମଣିମା !' ନିବିଡ଼ ଅନ୍ଧକାରର ଅଖଣ୍ଡ ନୀରବତାକୁ ବିଦୀର୍ଣ୍ଣ କରି ସେ ଚିତ୍କାର କରି ଉଠିଲା । ପୃଥିବୀର କଣ୍ଠ-ସ୍ଥଳରୁ ଯେପରି ସେ ନିର୍ଗତ ହୋଇ ଆସିଲା । ସମସ୍ତ ଜଗତର ପୁଞ୍ଜୀଭୂତ ଚିତ୍କାର ସେ ।

ମଣିମାଙ୍କର ସଙ୍କେତରେ କ୍ଷଣକାଳ ପାଇଁ ସଙ୍ଗୀତାଳାପ ବିଶ୍ରାମ କଲା । ମଣିମା ଡାକିଲେ 'ଦରବାନ୍' । ମୁଖରୁ କଥା ନ ବାହାରୁ ଦରବାନ୍ ଦ୍ୱାରଦେଶରେ ଉଭା ହୋଇ ଭୂମିରେ ମସ୍ତକ ସ୍ପର୍ଶ କଲା ।

'ସିଂହଦରଜାରେ ଏତେବେଳେ କିଏ ଡାକୁଛି ରେ ?' 'ହଜୁର ବନ୍ଦ କରି ଦେଉଛି' କହି ଦରବାନ୍ ଅପସରି ଗଲା । ଏହି ଅବସରରେ ଆଉଥରେ ସେହି ଡାକ ଶୁଣାଗଲା, 'ମଣିମା' ! ପୂର୍ବପରି ଗମ୍ଭୀର ଅଥଚ କରୁଣ; କିନ୍ତୁ ପୂର୍ବ ଅପେକ୍ଷା ତେଜଶୂନ୍ୟ । ସଙ୍ଗେ ସଙ୍ଗେ ଶୁଣାଗଲା ଦରବାନର ତର୍ଜ୍ଜନ, 'ଦୂର ଦୂର ପାଗଳ, ରାତି ଅଧରେ ଦରଜା ମୁହଁରେ ଆସି ପଡ଼ିଛି ।'

ଏସ୍ରାଜର ସ୍ୱରଲହରୀରେ ରାଜାଙ୍କର ସୁନିଦ୍ରା ହେଲା, ପୁଣି ପ୍ରଭାତ ସଙ୍ଗୀତରେ ନିଦ୍ରା ଭାଙ୍ଗିଲା । ପ୍ରାତଃକୃତ୍ୟ ଶେଷ କରି

Digitized by PPRACHIN, SOA

ଶୁଭକାନ୍ତ ଗଡ଼ ଭ୍ରମଣରେ ବାହାରିଲେ । ସୁଦୀର୍ଘ କୃଷ୍ଣ ଘୋଟକ ଉପରେ ମଖମଲର ଜିନ୍, ପିପିଲିର ଶ୍ରେଷ୍ଠ ଦରଜିମାନଙ୍କର ହସ୍ତ-କୌଶଳ ପ୍ରଦର୍ଶନ କରୁଛି ।

ନବରଦ୍ୱାରରେ ପ୍ରବେଶ କରି ରାଜା ଦେଖିଲେ, ଅଳ୍ପଦୂରରେ କେତେଗୋଟି ଲୋକ ରୁଣ୍ଡ ହୋଇ ପରସ୍ପର ମଧ୍ୟରେ ନାନା ତର୍କ କରୁଅଛନ୍ତି । ରାଜାଙ୍କର ଆଗମନ ଦେଖି ଲୋକଗୁଡ଼ିକ ପ୍ରଣିପାତ କରି ଦୂରକୁ ଅପସୃତ ହେଲେ । ଶୁଭକାନ୍ତ ନିକଟବର୍ତ୍ତୀ ହୋଇ ଦେଖିଲେ, ଗୋଟାଏ ଉଲଙ୍ଗ ଶବ ଉପରେ ଦୁଇ ତିନ ମାସର ମୁମୂର୍ଷୁ ଶିଶୁଟିଏ ପଡ଼ି ରହିଛି । ଶବର ଚକ୍ଷୁ ଉପରେ ପିପିଳିକା ଶ୍ରେଣୀ ଉଠିଅଛି । କଟୀଦେଶରେ ଦୁଇହସ୍ତ ପରିମିତ ଖଣ୍ଡିଏ ମଳିନ କୌପୀନ ଏ ମୃତାନ ଶରୀର ଲଜ୍ଜାବରଣ । ହସ୍ତପଦ କଙ୍କାଳସାର । ବକ୍ଷ ଦୁଗ୍ଧଶୂନ୍ୟ । ସ୍ତନର ଅର୍ଥ ଦୁଇଖଣ୍ଡି ପାତଳା ଚମଡ଼ା; କିନ୍ତୁ ଅବୋଧ ଶିଶୁ ସେହି ଚର୍ମରେ ମୁଖ ଲଗାଇଛି । କେତେଗୋଟି କଳା କଳା ଶିରା ପ୍ରଶିରା ଓ ପ୍ରକଟିତ ଅସ୍ଥି ଉପରେ ଚର୍ମର ଗୋଟିଏ ସୂକ୍ଷ୍ମ ଆବରଣ ମାତ୍ର ! ଶିଶୁଟିର ଅସ୍ଥିକଙ୍କାଳ ମାତାର ଅସ୍ଥି କଙ୍କାଳ ସହିତ ଯେପରି ମିଳାଇ ଯାଇଛି; ତଥାପି ମାତାର ଚର୍ମାବୃତ୍ତ ବକ୍ଷରୁ ସେ ମୁଖ କାଢ଼ି ନାହିଁ । ଗତ ରାତ୍ରିର ଶିଶିରପାତରେ ମାତା ପୁତ୍ର ଉଭୟଙ୍କର ଅଙ୍ଗ ଜଡ଼ିତ ।

ଏହି ମର୍ମନ୍ତୁଦ ଲୋମାଞ୍ଚକର ଦୃଶ୍ୟ ସନ୍ଦର୍ଶନରେ ଶୁଭକାନ୍ତଙ୍କ ମୁଖରୁ କିଛି କାଳ ପାଇଁ ବାକ୍ୟ ନିର୍ଗତ ହେଲା ନାହିଁ । କେତେକ କ୍ଷଣ ପରେ ପଚାରିଲେ, 'ଏ କିଏ ?'

ହାଣ୍ଡି କରଯୋଡ଼ି ଉତ୍ତର କଲା, 'ଶ୍ରୀହଜୁର ମଣିମା, କାଲି ରାତିରେ ସେ ଯେଉଁ ପାଗଳଟା ପାଟି କରୁଥିଲା ।'

Digitized by PPRACHIN, SOA

ଶୁଭକାନ୍ତଙ୍କର ସ୍ୱର ଅପ୍ରତ୍ୟାଶିତ ରୂପେ କୋମଳ ହୋଇ ଆସିଲା, 'କାହିଁକି ପାଟି କରୁଥିଲୁ ।' ମଣିମାଙ୍କର ସ୍ୱର ଏତେ ନରମ କରି ହାସ୍ତି ତା ଜୀବନରେ ଏହି ପ୍ରଥମ ଶୁଣିବାକୁ ପାଇଲା ।

ଜରଯୋଡ଼ ସେ ଉତ୍ତର କଲା, 'ମଣିମା, ନଅର ଦ୍ୱାରରେ ଏହିପରି ଦାନ୍ତ ଦେଖାଇ ପଡ଼ିଥାଏ, ଆଉ ଅଁଠା କରି ହାତକୁ ନେଇ ପାଟି ପାଖରେ ଲଗାଉଥାଏ । କିଛି ମାଗୁଥିଲା କି କଣ । ତାର ଯୋଡ଼ ଆଖି ହିଠା—'

ଶୁଭକାନ୍ତ ସଙ୍ଗେ ସଙ୍ଗେ ଶବ ନିକଟକୁ ଗଲେ । ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣକ ମୁଖରୁ ବାହାରି ପଡ଼ିଲା, 'ହଜୁର, ମଡ଼ାଟାଏ ।' ଜ୍ୱଳନ୍ତଚକ୍ଷୁରେ ତାଁ ପ୍ରତି ଚାହିଁ ରାଜା କହି ଉଠିଲେ, 'ଚୁପ୍ କର' ଏବଂ ଶୀତଳ ମାତୃବକ୍ଷରୁ ସଙ୍ଗେ ସଙ୍ଗେ ଶିଶୁଟିକୁ ତୋଳି ଆଣିଲେ । ସେହି ଚର୍ମମୟ ଶିଶୁଟିର ଶେଷ ଦୃଷ୍ଟି ଶୁଭକାନ୍ତଙ୍କ ଦୃଷ୍ଟିରେ ଯୋଗ ହେଉ ନ ହେଉ ତାର କ୍ଷୀଣ ହୃତ୍‌ପିଣ୍ଡଟି ସ୍ଥିର ହୋଇଗଲା ।

ଏହି ଚର୍ମମୟ ବସ୍ତୁଟିକୁ କିଛିକାଳ ନିରୀକ୍ଷଣ କରି ସେ ପୁନର୍ବାର ତାକୁ ମାତୃବକ୍ଷରେ ଶୁଆଇ ଦେଲେ । ଶିଶୁ ଓ ଜନନୀର ସତ୍କାର କରାଇବା ପାଇଁ ହାସ୍ତିକୁ ଆଦେଶ ଦେଇ ରାଜା ଘୋଡ଼ାକ ଉପରେ ଉଠିଲେ । ଆଜିର ଏ ଦୃଶ୍ୟଟା ଅତି ନିବିଡ଼ ଭାବରେ ରାଜଅନ୍ତଃକରଣକୁ ଆନ୍ଦୋଳିତ କଲା । ପଥରେ ଦେଖିଲେ ଦଳେ ଦଳେ କଙ୍କାଳସାର ମନୁଷ୍ୟ ଝୁଲିଅଛନ୍ତି । ଗୋଟାଏ ବଟ ବୃକ୍ଷ ମୂଳରେ କାର୍ତ୍ତିକର ଶୀତକୁ ଅବହେଳା ଦେଖାଇ ଆଉ ଦଳେ ଅନାବୃତ ଦେହରେ ପଡ଼ି ରହିଛନ୍ତି ।

ବାଳାରୁଣର କନକ ଆଭା ଶିଶିରସିକ୍ତ ଘାସ ଫୁଲରେ ଅଭିନବ ବର୍ଣ୍ଣ ବିନ୍ୟାସ କରିଅଛି । ଦୂର ବନାନୀର ପାଦଦେଶରେ

Digitized by PPRACHIN, SOA

ତୁଷାର ଶୁଭ୍ର ଉତ୍ତରୀୟ ମିଳାଇ ନାହିଁ । କ୍ଷେତ୍ରମଧ୍ୟରେ ଶୁକ୍ଳ ଗନ୍ଧିଷ ପୁଷ୍ପଗୁଡ଼ିକ ରବିକର ସ୍ପର୍ଶରେ ଅତ୍ୟନ୍ତ ଦୃପ୍ତ ହୋଇ ଉଠି ଅଛନ୍ତି । ଶୁଭକାନ୍ତଙ୍କର ଚିତ୍ତ ଆଜିର ଉଷାଭ୍ରମଣକୁ ସମ୍ଭୋଗ କରି ପାରିଲା ନାହିଁ । ଅଳ୍ପକ୍ଷଣ ପରେ ସେ ଫେରିଲେ । ନବରି ଦ୍ୱାରରେ ଦେଖିଲେ ଦ୍ୱାରୀ ରାଜାଦେଶ ପାଳନ ଲାଗି ଏକ ଶବ ସତ୍କାରର ଆୟୋଜନରେ ବ୍ୟସ୍ତ ହୋଇ ଲାଗିଛି । ଘୋଟକ ପୃଷ୍ଠରୁ ଅବତରଣ କରି ସେ ପଚାରିଲେ, 'ଏ ଲୋକଟି କିଏ ଦ୍ୱାରୀ ?'

ଦ୍ୱାରୀ ସମ୍ଭବତ ଏପରି ଚିନ୍ତା କରିବା ରାଜାଙ୍କ ପକ୍ଷରେ ଏହି ପ୍ରଥମ । ରାଜାଙ୍କର ସୌଜନ୍ୟ ଲାଭ କରି ଦ୍ୱାରୀ ଆପ୍ୟାୟିତ ହୋଇ ପଡ଼ିଅଛି । ଭୂତଳରେ ମସ୍ତକ ସ୍ପର୍ଶ କରି କହିଲା, 'ଶ୍ରୀହଜୁର ମହିମା, ସେହି ଛତରଖାଇ ସୁନା ଗୃହିଣୀଟା ସେ !' ଶୁଭକାନ୍ତ ହଠାତ୍ ଚମକି ପଡ଼ିଲେ, 'ଏଁ କେଉଁ ସୁନାରେ ! ମହିମା ଏଇ ଗଡ଼ ଭିତରେ ତା' ବାପ ଘର । ସ୍ୱାମୀ ତାର କେତେ ବର୍ଷ ବିଦେଶ କରି ରହିଲା । ସବୁଦିନପାଇ ସେ ଏଇ ଗଡ଼ରେ ରହିଥିଲା । ସ୍ୱାମୀ ଫେରିବାରୁ ଶାଶୁ ଘରକୁ ଗଲା । ହେଲେ ଏ ମହାରଗ କାଳ । କିଛି ଖାଇଁ କେତେ ଦିନ ବଞ୍ଚିଲେ । ସ୍ୱାମୀ ପୁଣି ବିଦେଶ ଗଲାରୁ ଏ ଛତର-ଖାଇଟା ଘର ଦୁଆର ଗୁଣ୍ଡ ମାଗି ବୁଲୁଥିଲା । ସେଥିରେ କଣ ଅଳ୍ପ ବିହାପ, ଘୁଷୁରି ଘୁଷୁରି ନଅର ଭିତରକୁ ପଶି ଆସୁଥିଲା ହଜୁର । ଅନୁଗତ ରାଜ୍ୟଭୃତ୍ୟର କ୍ରୋଧ ଦୃଷ୍ଟି ଏହି ପ୍ରାଣହୀନ ଶବ ଉପରେ ପଡ଼ିଲା । ଜୀବିତାବସ୍ଥାର ଅନ୍ୟାୟ ପାଇଁ ଦ୍ୱାରୀ ଯେପରି ମୃତାବସ୍ଥାରେ ମଧ୍ୟ ତା'ଠାରୁ କୈଫିୟତ୍ ଚାହେଁ ।

ସୁନା ତାଙ୍କର ଦୁଗ୍ଧଦାତ୍ରୀ । ଶୁଭକାନ୍ତ ଏକଦୃଷ୍ଟିରେ ଶବ ମୁଖକୁ ଚାହିଁ ରହିଲେ । ତାଙ୍କ ପଲକପାତ ହେଲା ନାହିଁ ।

Digitized by PPRACHIN, SOA

ସୁନା ! ହଁ, ଏହି ରୂପରେ ତାର ତ ସାଦୃଶ୍ୟ ! କିନ୍ତୁ କି ଶୋଚନୀୟ ବିକଳ ତାର ଅବୟବ ! ମୃତ୍ୟୁ ପୂର୍ବରୁ ତାର ଚେତନାଟିର ମୃତ୍ୟୁ ଯେପରି ବହୁ ଦିନରୁ ହୋଇଯାଇଛି !

ସୁନା ! ଦୁଃଖିନୀ ସୁନା ! ଜଗତରେ ସେ ଯେତେବେଳେ ପରିତ୍ୟକ୍ତ ସେତେବେଳେ ଏହି ସୁନା ତାଙ୍କୁ ବକ୍ଷରେ ଧରି ଦେହର ରକ୍ତ ତାଙ୍କ ମୁଖରେ ବାଢ଼ି ଦେଇଅଛି; କିନ୍ତୁ କୌଣସି ଦିନ ସେ ରାଜନବରରୁ କିଛି ହେଲେ ଦାବୀକରି ନାହିଁ ତ ! ଶୁଭକାନ୍ତଙ୍କର ସ୍ମରଣ ହେଲା, ଯେଉଁଦିନ ସେ ପ୍ରଥମେ ଭୂପୃଷ୍ଠକୁ ଆସିଲେ, ସେଦିନ ସମ୍ପୂର୍ଣ୍ଣ ନିରାଶ୍ରୟ, ଅନାଥ । ଆଜି ଏହି ମୃତ ଶିଶୁପରି ଜନନୀ ବକ୍ଷରେ ମୁଖ ରଖି ମରଣ ଆଶ୍ରୟ କରିବା ଲାଗି କେହି ତ ତାଙ୍କର ନ ଥିଲେ ! ସେହି ଅସହାୟ ଅବସ୍ଥାରେ ଏହି କୃଷକ ରମଣୀଟି ତାଙ୍କୁ ଅଙ୍କର ଆଶ୍ରୟ ଦେଇଥିଲା । ଏହି ଶିଶୁଟି ପରି ଦିନେ ସେ ତାର ବକ୍ଷଦେଶ ଜଡ଼ାଇ ଧରି ଦୁଗ୍ଧପାନ କରିଥିବେ । ତାଙ୍କର ବାଲ୍ୟ-ଜୀବନର ଲାଳପୂର୍ଣ୍ଣୀ ଏହି ଦୁଃଖିନୀ ନାରୀ ଶୁଭକାନ୍ତଠାରେ କେବେ କିଛି ଅଧିକାର ମାଗି ନାହିଁ ତ ! ମନେ ପଡ଼ିଲା କେତେଥର ଏହି ଘନା ରମଣୀଟି ଟୋଟିଏ ରୁଗ୍ଣ ଶିଶୁ କୋଳରେ ଧରି ନବର ମଧ୍ୟକୁ ଆସେ । ଶୁଭକାନ୍ତଙ୍କୁ ଦେଖି ମସ୍ତକର ଶତଚ୍ଛିନ୍ନ ଅବଗୁଣ୍ଠନଟି ଟାଣି କୋମଳ ଗଳାରେ କହେ, "ମତେ ଆଉ କଣ ପଚ୍ଚାରୁଛନ୍ତି ମଣିମା !" ଗୌରୀର ମୃତ୍ୟୁ ପରେ ରାଜନବରକୁ ଆସି ସେ ସମସ୍ତଙ୍କୁ ଅପରିଚିତ ଦେଖନ୍ତି । କେବଳ ଏହି ଚିର ପରିଚିତା ନାରୀ ମଧ୍ୟେ ମଧ୍ୟେ ଆସି କରୁଣ ହାସ୍ୟରେ କହେ, 'ମତେ ଆଉ କଣ ପଚ୍ଚାରୁଛନ୍ତି ମଣିମା ! ଅନ୍ୟମାନଙ୍କଠାରୁ ସେ ତାଙ୍କର ସ୍ତନ୍ୟଦାନୀ ବୋଲି ଶୁଣନ୍ତି । ସୁନାର କଥା ମୁହୂର୍ତ୍ତକ ପାଇଁ ତାଙ୍କ ପ୍ରାଣର କୋମଳତମ

Digitized by PPRACHIN, SOA

ସ୍ଥାନକୁ ସ୍ପର୍ଶ କରେ; କିନ୍ତୁ ଯୌବନର ଶୃଙ୍ଖଳରେ ସେ ତାହା ଅବଜ୍ଞା କରିଯାନ୍ତି ।

ଆଜି ସୁନାର ରୂପ ସ୍ପଷ୍ଟତର ହୋଇ ଶୁଭକାନ୍ତଙ୍କର ଚିତ୍ତ-ପଥରେ ଉଦିତ ହେଲା । ମୁଖରେ ସେହି ଦାରିଦ୍ର୍ୟର ଅକରୁଣ ଛବି—ଯେପରି ସେ ଚିରକାଳର ଭିଖାରିଣୀ ! ତାଙ୍କୁ କୋଡ଼ରେ ଧରିଚି, ସ୍ତନଦାନ କରିଚି—ଜନମୀର ଅର୍ଦ୍ଧେକ ସେବା ଦେଇଚି; କିନ୍ତୁ ମଣିମା ବ୍ୟତୀତ ବାବୁ ବୋଲି ଦିନେ ଡାକିବାକୁ ସାହସ କରିନାହିଁ—ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ! ଶେଷରେ ମଧ୍ୟ ସେହି ଭିଖାରିଣୀ ବେଶରେ ରାଜଦ୍ୱାରକୁ ଆସିଛି । ସେହି ମଣିମା ଡାକ ଡାକୁଛି; କିନ୍ତୁ ଶୁଭକାନ୍ତ ସେ ଆହ୍ୱାନ ପ୍ରତି ଅମାନୁଷିକ ଅବହେଳା ଦେଖାଇ ଅଛନ୍ତି । ରାଜା ହୋଇ ସେ ଜଗତରେ କେବଳ ଗ୍ରହଣ କରି ଅଛନ୍ତି, ଦେଇଛନ୍ତି କଣ ! ପ୍ରତିଦାନ ସ୍ୱରୂପ ଦେଇଅଛନ୍ତି ଏହି ମୁମୂର୍ଷୁ ପ୍ରାଣରେ ଶାସ୍ତି ! ତାଡ଼ନା ! ଗୌରୀର ଅହେତୁକ ସ୍ନେହ ମନେ ପଡ଼ିଲା, ତାହାର ପ୍ରତିଦାନ ଦେବାକୁ ଶୁଭକାନ୍ତର ସମୟ ନ ଥିଲା । ବାଳକ ବୟସରୁ ହିଁ ଗୌରୀ ତାଙ୍କୁ ପରିତ୍ୟାଗ କରି ଚାଲି ଯାଇଥିଲା; କିନ୍ତୁ ସୁନା ! ତାଙ୍କର ଲଳମ୍ବିନୀ—ତାହା ପାଇଁ ସେ କଣ କରିଅଛନ୍ତି ।

ଦୁଃଖିମା ସୁନାର ଡାକ ବାରମ୍ବାର ତାଙ୍କର କର୍ଣ୍ଣମୂଳରେ ବାଜିଲା, 'ଏବେ ଆଉ କଣ ପଚାରୁଛନ୍ତି ମଣିମା !' ସତ କଥା ତ ! ପଚାରିବାର ତ ଆଉ ଆବଶ୍ୟକ ହୋଇନାହିଁ ! ଆଉ ତ ସ୍ତନ ଦୁଗ୍ଧର ପ୍ରୟୋଜନ ହୋଇ ନାହିଁ !

ଏହି ଭିକାରିଣୀର ମୃତ୍ୟୁ ପାଇଁ ଶୁଭକାନ୍ତ ନିଜକୁ ହିଁ ଦାୟୀ ବୋଲି ଜ୍ଞାନ କଲେ । ହାୟ ଶୁଭକାନ୍ତ ! ଏ ତ ମୃତ୍ୟୁ ନୁହେଁ,

Digitized by PPRACHIN, SOA

ହତ୍ୟା । ଏ ହତ୍ୟାର ପାପ କାହା ଉପରେ ! ବିରାଟ ଆକାର ଧରି ସେ ପାପ ଶୁଭକାନ୍ତ ମସ୍ତକରେ ଘୂର୍ଣ୍ଣିତ ହେବାକୁ ଲାଗିଲା । ତାଙ୍କର ଅନ୍ତର ଆକୁଳ ହୋଇ ଡାକିଲା, 'ସୁନା ! ସୁନା ! ଦୁଇଦଣ୍ଡ, ଦୁଇଦଣ୍ଡ ପାଇଁ ଜୀବିତ ହୋଇ ଉଠ । ଏ ଜୀବନରେ ନେଲୁ କେବଳ, ଦେଲୁ ନାହିଁ ତ କିଛି ! ତୁ ଭିଖାରୁଣୀ ନୋହୁ ସୁନା । ଜୀବନରେ ଗୋଟିଏ ଅନାଥ ମାନବ ଶିଶୁକୁ ସ୍ତନ ଦାନ କରି ଜୀବିତ ରଖିଅଛୁ । ତୁ ଦାନ କରିଛୁ ସୁନା; ଭିଖାରିଣୀ ନୋହୁ । ତୁ ଉପବାସୀ ରହି ନିଜ ଶିଶୁଟିକୁ ବକ୍ଷରୁ କାଢି ନାହୁଁ, ଭୂତଳରେ ପଶୁ-ପକ୍ଷୀ ମୁଖରେ ତ୍ୟାଗ କରି ଅନ୍ତର୍ହିତ ହୋଇ ନାହୁଁ, ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଦେହର ରକ୍ତ ତା ମୁଖରେ ନିଗାଡ଼ି ଦେଇଅଛୁ । ଆଉ କିଏ ? ଅପରର ତ୍ୟକ୍ତ ଶିଶୁକୁ ନିଜ କୋଳକୁ ଟୋକି ନେଇଛୁ । ତୁ ଭିଖାରିଣୀ ନୋହୁ ସୁନା—ଭିଖାରୀ ମୁଁ । ଆହରଣ କଲି,ଆହାର କଲି; କିନ୍ତୁ ତୋହପରି ଦିନେ ଉପବାସୀ ରହି ଦାନ କରି ନାହିଁ ତ ! ଅନାଥ ଶିଶୁକୁ କୋଡ଼ରେ ଧରି ନାହିଁ ତ ! ! କିପରି ବୁଝିବି ସୁନା; ତୋ ପ୍ରାଣର ମହତ୍ତ୍ୱ । ଅନ୍ତରର ଦୈନ୍ୟରେ ଅହରହ ନିପୀଡ଼ିତ, ତୋ ଜୀବନର ଐଶ୍ୱର୍ଯ୍ୟ ବୁଝିବାକୁ ଶକ୍ତି ମୋର କାହିଁ ! !'

ସୁନାର ଶବ ପଛେ ପଛେ ଶୁଭକାନ୍ତ ଶ୍ମଶାନକୁ ଗଲେ । ରାଜାଙ୍କର ଏ ଭାବ ସନ୍ଦର୍ଶନ କରି ନଗରବାସୀଙ୍କର ବିସ୍ମୟର ସୀମା ରହିଲା ନାହିଁ । ଶ୍ମଶାନରୁ ଫେରି ନଗର ମଧ୍ୟରେ ପ୍ରବେଶ କଲେ । ତାଙ୍କର ଗମ୍ଭୀର ମୁଖ ଦେଖି କେହି କିଛି ପଚାରିବାକୁ ସାହସ କଲେ ନାହିଁ । ନିକଟରେ ଉଭା ହୋଇ ଚନ୍ଦା ହସିବାକୁ ଚେଷ୍ଟା କଲେ; କିନ୍ତୁ ଶୁଭକାନ୍ତ ଶୁଣୁଥିଲେ ଅନ୍ୟ ଏକ କଥା, 'ଏବେ, ଆଉ କିଏ ପଚାରୁଛନ୍ତି, ମଣିମା !......'

———

Digitized by PPRACHIN, SOA

ବିଂଶ ପରିଚ୍ଛେଦ

ସୁନା ଶୁଭକାନ୍ତ ସମକ୍ଷରେ ଗୋଟିଏ ରୂପ ପରିତ୍ୟାଗ କରି ସହସ୍ରରୂପ ଧାରଣ କଲା । ଶୁଭକାନ୍ତ ଦେଖିଲେ ଅସଂଖ୍ୟ ସୁନା ପ୍ରତ୍ୟହ ଜଗତରେ ମୃତ୍ୟୁଲାଭ କରୁଛନ୍ତି । ଗୋଟିଏ ସୁନା ପ୍ରତି ଅବହେଳା ପ୍ରଦର୍ଶନ କରି ସହସ୍ର ସୁନା ପ୍ରତି ତାଙ୍କର କର୍ତ୍ତବ୍ୟ ଉନ୍ମୁଖୀନ ହୋଇ ପଡ଼ିଲା । ସୁନା ବିଶ୍ୱରୂପ ଗ୍ରହଣ କଲା । ଜଗତର ଚିତ୍ରପଟରେ କେତେ ସୁନା ଉଦିତ ହୋଇ ଅଦୃଶ୍ୟ ହୋଇଯାଏ । ସେ ଚିତ୍କାର କେବଳ ଜଣେ ସୁନାର ନୁହେଁ—ଜଗତର ଶତକୋଟି ସୁନାର । କେତେ ସୁନାର ଜୀବନର ଚାରିଭାଗରୁ ତିନିଭାଗ କେବଳ ଅନଶନ, କେବଳ ଦୁଃଖ ଯନ୍ତ୍ରଣାରେ ବିତି ଯାଇଅଛି । କାହାରି ପାଇଁ ଦିନେ ରାଜଚିତ୍ତରେ ଅନୁଶୋଚନା ଜାଗି ନାହିଁ । କାହାରି ପାଇଁ ଦୁଇ ମୁହୂର୍ତ୍ତ ଭାବିବା ଲାଗି ଅବସର ମିଳି ନାହିଁ । ସେ ମାନବର କୋମଳ ବୃତ୍ତି ଲାଗି କୌଣସି ସାଧନା କରିନାହାନ୍ତି । ଆଜୀବନ କଠୋର ପୈଶାଚିକତା ନିକଟରେ ନତ ହୋଇ ଆସିଅଛନ୍ତି । ନିଜକୁ ଅପରଠାରୁ ଏତେ ପୃଥକ୍, ଏତେ ଦୂରବର୍ତ୍ତୀ କରି ଦେଖି ଆସି ଅଛନ୍ତି ଯେ ମନୁଷ୍ୟ ସହିତ ମନୁଷ୍ୟର ସମ୍ବନ୍ଧ ମଧ୍ୟରେ ଏହି କୋମଳତାର ସ୍ଥାନ ସେ ଅତି ନିମ୍ନରେ ନିର୍ଦ୍ଦେଶ କରିଅଛନ୍ତି । ସ୍ୱାର୍ଥ ନିକଟରେ ପରାର୍ଥକୁ ତୃଣବତ୍ ଜ୍ଞାନ କରିଅଛନ୍ତି । ସେ କେବଳ ଶାସକ ନୁହନ୍ତି,

Digitized by PPRACHIN, SOA

ଶୋଷକ ମଧ୍ୟ ।'କଚ୍ଚିଦ୍ଭବ ମତେ ହ୍ୱି ମେ ଶବ୍ଦଲୋକ ହ୍ୱିତମ୍ !' ହାୟ ଅଶୋକ ! ହାୟ 'ଦେବାନାମ୍ ପିୟ ପିୟ ଦର୍ଶୀ !' କ ମୁହୂର୍ତ୍ତରେ ଏତେ ବଡ଼ କଥା ପ୍ରଚାର କଲେ, ଏତେ ବଡ଼ ବିରାଟ ଅନ୍ତର ପ୍ରକାଶ କଲେ, । ସମସ୍ତ ଲୋକର କଲ୍ୟାଣ ସାଧନ ତୁମର କର୍ତ୍ତବ୍ୟ । ହାୟ ରାଜା ! କେଉଁ ରାଜମାନ୍ତରେ ଏ ବାକ୍ୟ ଅଛି । ହାୟ ନିର୍ବୋଧ ! ଏ ମାନ୍ତରେ କେହି କ ରାଜେଶ୍ୱର ହୋଇ ପାରେ ! କେବଳ ତୁମ ରାଜ୍ୟ ପ୍ରଜାଙ୍କର ନୁହେଁ, ମାନବସମାଜର ନୁହେଁ ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷ, ଲତା ସମସ୍ତଙ୍କ ହିତସାଧନ ତୁମର କର୍ତ୍ତବ୍ୟ । ଏ ତ ରାଜାର ଉକ୍ତି ନୁହେଁ, ସନ୍ନ୍ୟାସୀର ଉକ୍ତି । ପିତା ମାତାଙ୍କୁ ଭକ୍ତି କର, ଦାସ ଦାସୀଙ୍କୁ ଶ୍ରଦ୍ଧା କର, ପଶୁପକ୍ଷୀଙ୍କ ପ୍ରତି ଦୟା ବହନ କର, କେଉଁ ରାଜମାନ୍ତର ଏ ବାକ୍ୟ ଅନ୍ତର୍ଗତ ! ହେ ସନ୍ନ୍ୟାସିନ୍ ! ଆଜ ଜଗତର ରାଜ-ସିଂହାସନରୁ ତୁମର ଆହ୍ୱାନ ଆସିଅଛି, ଆଉଥରେ ଆପଣାକୁ ଏ ଧରାରେ ସୃଷ୍ଟି କର । ଆଉଥରେ ରାଜମୁଖରୁ ଅମର ବାକ୍ୟ ପ୍ରଚ୍ଚରିତ ହେଉ—'କଚ୍ଚିଦ୍ଭବ ମତେ ହ୍ୱି ମେ ଶବ୍ଦଲୋକ ହ୍ୱିତମ୍ ! !

ଶୁଭକାନ୍ତ ଦେଖିଲେ ସେ ଆଜନ୍ମ ଆତ୍ମସେବୀ । ନିଜ ମଧ୍ୟରେ ଚିରଦ୍ଦିନ ଆବଦ୍ଧ ରହି ତାଙ୍କର ଅନ୍ତରର ଦୈନ୍ୟ ଘନୀଭୂତ ହୋଇ ପଡ଼ିଅଛି । ଅପର ଚିନ୍ତା ତାଙ୍କ ଚିତ୍ତରେ ଉଦିତ ହୋଇ ନାହିଁ । ଏ ଜଗତରେ ସେ ଏକାକୀ ନୁହନ୍ତି । ସମସ୍ତ ଜୀବସୃଷ୍ଟିର ସେ ମଧ୍ୟ ଗୋଟାଏ ଅଙ୍ଗ । ନିଜ ମଧ୍ୟରେ ବିଶ୍ୱର ଅନୁଭବ କରିବାର ଏବଂ ବିଶ୍ୱ ମଧ୍ୟରେ ନିଜକୁ ଅନୁଭବ କରିବାର ସୁଯୋଗ ତାଙ୍କୁ ମିଳି ନାହିଁ । ସ୍ୱୀୟ ସଙ୍କୀର୍ଣ୍ଣତା ମଧ୍ୟରେ ଆବଦ୍ଧ ରହି ଅନ୍ତର ତାଙ୍କର କ୍ରମେ ହ୍ରସ୍ୱ ହୋଇ ପଡ଼ିଅଛି । ଆଜ ସନାତନର ନିର୍ବାସନ ଓ

Digitized by PPRACHIN, SOA

ସୁନାର ମୃତ୍ୟୁ ତାଙ୍କର ଏହି ସଂକୀର୍ଣ୍ଣ କୋଠରୀ ମଧ୍ୟରୁ ମୁକ୍ତିଲାଭ କରିବାର ପଥ ଦେଖାଇ ଦେଇଅଛି । ଶୁଭକାନ୍ତ ଦେଖିଲେ ଏ ପଥ ଅନାଦି, ଅନନ୍ତ; କିନ୍ତୁ ଏହାହିଁ ଯେ ଜୀବନର ଈପ୍‌ସିତ ପଥ ଜୀବନ ଆଉ କଣ ? ସେ ତ ଗୋଟାଏ ପଥ ମାତ୍ର; କିନ୍ତୁ ସେ ପଥର ସୀମା ନାହିଁ, ଅନ୍ତ ନାହିଁ । ସୃଷ୍ଟିର ପ୍ରାରମ୍ଭରୁ କେତେ ପଥିକ ସେ ପଥର ଯାତ୍ରୀ ହୋଇ ଶେଷରେ ମହାଜୀବନ ଲାଭ କରି ଅଛନ୍ତି । ପ୍ରତି ମହାମାନବ ଜୀବନରେ ଗୋଟାଏ ସତ୍ୟ ଅତି ବିରାଟ ଆକାର ଧାରଣ କରିଅଛି—ପ୍ରୟୋଜନହୀନ ସେବା ! ଯେଉଁ ଦାନରେ ପ୍ରତିଦାନର ଆଶା ନାହିଁ, ଯେଉଁ ସେବାରେ ପ୍ରତ୍ୟୁପକାର ଲାଭର ଅଭିଳାଷ ଲୁପ୍ତ ହୋଇଅଛି, ତାହାହିଁ ସେମାନଙ୍କର ଶ୍ରେଷ୍ଠତମ ସାଧନା ।

ଆଉ ଯେଉଁମାନେ ଜଗତରେ ସ୍ୱୀୟ ଜୀବନକୁ ଏକାନ୍ତ ନିଜସ୍ୱ ଜ୍ଞାନ କରି ଜଡ଼ାଇ ଧରିଅଛନ୍ତି, ସେମାନେ ଜୀବନ ଲାଭ କରି ନାହାନ୍ତି, ମରଣ ! ବଞ୍ଚିବାର ଆନନ୍ଦ ଯେ ହତଭାଗ୍ୟମାନଙ୍କ କର୍ମରେ ସ୍ଫୁର୍ତ୍ତି ନାହିଁ, ମରଣର କ୍ଲେଶରେ ଚିରକାଳ କ୍ଲିଷ୍ଟ ହୋଇ ପଡ଼ି ଅଛନ୍ତି । ଯେଉଁ ଜୀବନ ପ୍ରତି ଏତେ ମମତା, ଏତେ ମାୟା, ଯଥାର୍ଥରେ ସେ ଜୀବନକୁ ଧରି ରଖିବାର ଶକ୍ତି ଲାଭ କରି ନାହାନ୍ତି ।

ଶୁଭକାନ୍ତ ଅତୀତକୁ ଦୃଷ୍ଟି ପକାଇ ଦେଖିଲେ, ଆଜସୁଦ୍ଧା ସେ କେବଳ ମରଣ ପଥରେ ଗତି କରିଅଛନ୍ତି । ମରଣକୁହିଁ ଜୀବନ ବୋଲି ତାଙ୍କର ଭ୍ରମଜାତ ହୋଇଅଛି, ଜୀବନର ପଥ କୌଣସି ଦିନ ତାଙ୍କ ସମକ୍ଷରେ ସୁସ୍ପଷ୍ଟ ହୋଇନାହିଁ; କିନ୍ତୁ ଆଜି ଯେପରି ତାଙ୍କର ଜୀବନ ବିଶ୍ୱସେବାରେ ନିମଗ୍ନ କରିବା ପାଇଁ ପ୍ରକୃଷ୍ଟ ସମୟ ଉପସ୍ଥିତ ।

Digitized by PPRACHIN, SOA

ଅନାହାରର ମୃତ୍ୟୁ ନାନାସ୍ଥାନରେ କ୍ରମେ ପ୍ରକଟିତ ହେଲା । ଶୁଭକାନ୍ତ ନିଜ ରାଜ୍ୟର ଅନାଦାୟ କର ଓ କ୍ଷତି ବିଷୟ ଜଣାଇ କଲେକ୍ଟର, କମିଶନର ସାହେବମାନଙ୍କୁ ନିବେଦନ କଲେ । କଲେକ୍ଟର ସାହେବ ଜମିଦାରମାନଙ୍କର କ୍ଷତି ତଦନ୍ତ କରିବା କାରଣ, ବୋର୍ଡ ଅବ୍ ରେଭିନ୍ୟୁକୁ ବାରମ୍ବାର ଅନୁରୋଧ କଲେ; କିନ୍ତୁ ଅନୁରୋଧ ଗୃହୀତ ହେଲନାହିଁ ।

୨୦ ତାରିଖ ଅକ୍ଟୋବର ! ସମସ୍ତ ଦେଶରେ ଆତଙ୍କ ପଡ଼ିଗଲା । ଚାଉଳ କାରବାର ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଗଲା । ସମସ୍ତ ଦୋକାନପାଟ ବନ୍ଦ । ସବୁ ଆଡ଼େ ମୃତ୍ୟୁର ବିଭୀଷିକା । କେତେ କାରବାରୀଙ୍କର ଯଥାର୍ଥରେ ଧାନ ଚାଉଳ ନ ଥିଲା । ଅନ୍ୟମାନେ ପୁରାତନ ଦରରେ ବିକ୍ରୟ କଲେନାହିଁ କିମ୍ବା ହଠାତ୍ ଦର ବଢ଼ାଇ ଦେବାପାଇଁ ଶଙ୍କିତ ହେଲେ । ଅବଶିଷ୍ଟ ବେପାରୀ ଖରିଦଦାରମାନଙ୍କର ଦାବୀ ମେଣ୍ଟାଇବା ପାଇଁ ନିଜକୁ ଅକ୍ଷମ ଜ୍ଞାନ କଲେ । ଜଣକ ପରେ ଜଣେ ବେପାରୀ ଏହିରୂପେ ଦୋକାନ ବନ୍ଦ କରିଦେଲେ ଏବଂ କିଛିଦିନ ପରେ କେତେକ ପରିମାଣରେ ଧାନ ଚାଉଳ ଯୋଗାଡ଼ କରି ଅତ୍ୟନ୍ତ ଚଡ଼ା ଦରରେ ବିକ୍ରୟ କରିବାକୁ ଲାଗିଲେ । ଥରକୁ ଥର ଏହିପରି ଦୋକାନପାଟ ବନ୍ଦ ହେବାକୁ ଲାଗିଲା ଏବଂ ଦର ଚଢ଼ିବାକୁ ଲାଗିଲା । ନଭେମ୍ବର ପ୍ରାରମ୍ଭରେ ଟଙ୍କାରେ ଆଠ ସେର ଚାଉଳ କଟକ ସହରରେ ମିଳୁଥିଲା; ଯଦି ବା ମଫସଲରେ କେଉଁଠାରେ କି ଦର ହେଲା, କେଉଁଠାରେ ଆଦୌ ଚାଉଳ ନ ମିଳିଲା, ତାହାର ହିସାବ କେହି ରଖିନାହାଁନ୍ତି । ଦିନୁ ଦିନ ମୂଲ୍ୟ ବୃଦ୍ଧି ହେବାକୁ ଲାଗିଲା । ଏହି ଅନଶନର ହାହୁତାଶ ବହନ କରି କଟକ—ମାନ୍ଦ୍ରାଜ ଓ କଟକ—ପୁରୀ ରାସ୍ତା ନିର୍ମିତ ହେଲା ।

Digitized by PPRACHIN, SOA

କଟକ ଜିଲ୍ଲାର କେନାଲଗୁଡ଼ିକ ମଧ୍ୟ ଶତ ସହସ୍ର କ୍ଷୁଧିତ ମାନବର କୀର୍ତ୍ତିସ୍ୱରୂପ ଆଜି ସାକ୍ଷ ଦେଉଅଛି । ଆଜି ସେହି ପଥରେ ଯେଉଁମାନେ ଯାତ୍ରା କରନ୍ତି, ସେମାନେ ଭାବନ୍ତି ନାହିଁ, କେତେ ରକ୍ତହୀନ ମାନବ ରକ୍ତରେ ଏହି ପଥ ଦୁଇଟି ନିର୍ମିତ । କଟକ ଜିଲ୍ଲାର ଲୋକେ ଯେତେବେଳେ କେନାଲ ଜଳରେ ନିଜର ଶସ୍ୟ-କ୍ଷେତ୍ର ପ୍ଲାବିତ କରନ୍ତି, ସେତେବେଳେ ଭାବନ୍ତିନାହିଁ ଏ ଜଳ ସେହିମାନଙ୍କ ପୂର୍ବପୁରୁଷମାନଙ୍କର ଅନାହାର-ପୀଡ଼ିତ ପ୍ରାଣର ଜମାଟ ଅଶ୍ରୁ ।

ଦେଶର ଅବସ୍ଥା ଅନୁସନ୍ଧାନ କରିବା କାରଣ ଶୁଭକାନ୍ତ ଯେତେ ଅନୁନୟ କଲେ, ସେ ସମସ୍ତ ଅଗ୍ରାହ୍ୟ ହେଲା । କଲେକ୍ଟର, କମିଶନରମାନଙ୍କ ପ୍ରାର୍ଥନାର ମୂଲ୍ୟ ରହିଲନାହିଁ । ଶୁଭକାନ୍ତ ଦେଖିଲେ, ନା ଆଉ ନୁହେ, ଆବେଦନ, ନିବେଦନ ଅନୁରୋଧ ପ୍ରାର୍ଥନାରେ ଅସଂଖ୍ୟ କ୍ଷୁଧାର୍ତ୍ତ ମାନବ ମୁଖରେ ଆହାର ମିଳିବ ନାହିଁ । ଅସଂଖ୍ୟ ବୁଭୁକ୍ଷୁ ଉଦର ପରିପୂର୍ଣ୍ଣ ହେବନାହିଁ !

ରାଜ୍ୟ ଶାସନ, ନୂତନ ରାଜନବର କାହାକୁ ଘେନି ? କାହାକୁ ଘେନି ରାଜା ଦର୍ପ ଦମ୍ଭ ପ୍ରକାଶ କରିବ ! ରାଜ୍ୟଶାସନ ଅଚଳ ହେଲା, ନୂତନ ରାଜନବରର ନିର୍ମାଣ ପୂର୍ଣ୍ଣ ହେଲାନାହିଁ । ଶୁଭକାନ୍ତ କାହାକୁ ଘେନି ରାଜ୍ୟ ପରିଚାଳନା କରିବେ ! ସେ ରାଜ୍ୟ ମଧ୍ୟରେ ଗ୍ରାମେ ଗ୍ରାମେ ବୁଲି ପ୍ରଜାର ଅବସ୍ଥା ପରିଦର୍ଶନ କରିବାକୁ ଲାଗିଲେ । ଶିଳ୍ପ ବ୍ୟବସାୟୀମାନଙ୍କଠାରେ ହିଁ ଅନଶନର ପ୍ରଥମ ଆଘାତ ଲାଗିଅଛି । ଦଳେ ଦଳେ ଗୃହ ତ୍ୟାଗକରି ଗ୍ରାମେ ଗ୍ରାମେ ଭ୍ରମଣ କରୁଛନ୍ତି । ସକଳ ମୁଖରେ ତୀବ୍ର କ୍ଷୁଧାର ରେଖାପାତ ! ସ୍ତ୍ରୀ-ପୁରୁଷ-ଶିଶୁ-ଯୁବକ ସମସ୍ତେ ଗୃହତ୍ୟାଗୀ ହୋଇଅଛନ୍ତି । ଏକ

Digitized by PPRACHIN, SOA

ଏକ ସ୍ଥାନରେ ଦେଖିଲେ କେତେ ଖଣ୍ଡି ଉଚ୍ଛିଷ୍ଟ କଦଳୀ ପତ୍ରକୁ ଦେଢ଼ର ଶ୍ୱାନ ପର ଦଳେ ସ୍ତ୍ରୀ ପୁରୁଷ, ବାଳକ, ଯୁବା ଖଣ୍ଡି ଖଣ୍ଡି ପତ୍ର ଛିଣ୍ଡାଇ ନେଇ ଜିହ୍ୱା ସାହାଯ୍ୟରେ ସେଥିରୁ ଅବଶିଷ୍ଟ ଅଂଶ ଲେହନ କରୁଅଛନ୍ତି; ଅନ୍ୟ ସ୍ଥାନରେ ଏକ ଦଳ କେନ୍ଦୁ ଗଛରୁ ପଡ଼ିଥିବା କେତେ-ଖଣ୍ଡି ଆହାର କରୁ ଅଛନ୍ତି । ଶୁଭକାନ୍ତଙ୍କର ଅନ୍ତର ଆକୁଳ ହୋଇ ଉଠିଲା । ହାୟରେ ମାନବ ! କେଉଁ ଦେବତାର ଅଭିଶାପ ଭୋଗ କରୁଛୁ ? କି ଅପରାଧ, କେଉଁ ମହାପାପର ପ୍ରାୟଶ୍ଚିତ୍ତ ଏ ! ସ୍ଥାନେ ସ୍ଥାନେ ରାଜାଙ୍କର ଧାନଅମାର ମୁକ୍ତ କରାଗଲା, ଯେଉଁ-ମାନଙ୍କର କ୍ରୟ କରିବାର ଶକ୍ତି ଅଛି ସେମାନଙ୍କୁ ବିକ୍ରୟ କରାଗଲା । ଯେଉଁମାନେ ଗୃହତ୍ୟାଗୀ ଭିକ୍ଷୁକ ହୋଇଅଛନ୍ତି, ସେମାନଙ୍କ ପାଇଁ ଅନ୍ନଛତ୍ର ପ୍ରତିଷ୍ଠିତ ହେଲା ।

ପଥରେ ଚାଲୁ ଚାଲୁ ଶୁଭକାନ୍ତଙ୍କର ଘୋଟକ ଚତୁଃପାର୍ଶ୍ୱରେ ବସ୍ତ୍ରହୀନ ଶୀତକ୍ଳିଷ୍ଟ ଦଳେ ଦଳେ ସ୍ତ୍ରୀ ପୁରୁଷ ରୁଣ୍ଡହୋଇ ଯାଇ ତାଙ୍କର ଗତିରୋଧ କରିଦିଅନ୍ତି । ରାଜା ବୋଲି ସେମାନଙ୍କର ଆଉ ସମ୍ଭ୍ରମ ନାହିଁ । ଯୁବତୀମାନେ ଲଜ୍ଜା ତ୍ୟାଗକରି ରାଜସମକ୍ଷରେ ଭିଖାରିଣୀ ବେଶରେ ଦଣ୍ଡାୟମାନ ହେଲେ । ରାଜନଗରର ପୁରାତନ ବସ୍ତ୍ରଭଣ୍ଡାର ସେମାନଙ୍କ ପାଇଁ ମୁକ୍ତ ହୋଇଗଲା । ପଥରେ ଚାଲୁ ଚାଲୁ ଶୁଭକାନ୍ତ ସ୍ଥାନ ସ୍ଥାନେ ବୁଭୁକ୍ଷୁ ମାନବର ମୃତଦେହ ଦର୍ଶନ କଲେ । ବୃକ୍ଷମୂଳରେ ଶବ ଉପରେ ଶ୍ୱାନ, ଶୃଗାଳର ବେଷ୍ଟନୀ ଦେଖିପାରିଲେ । ପ୍ରତି ଗ୍ରାମର ଶ୍ମଶାନ ଧୂମାୟିତ ହୋଇ ଉଠିଲା । ମୃତ୍ୟୁର କରାଳ ବିଭୀଷିକା ଶୁଭକାନ୍ତଙ୍କର ଜାଗରଣକୁ ମଧ୍ୟ ସ୍ୱପ୍ନରୂପେ ପ୍ରକଟିତ କଲା ।

Digitized by PPRACHIN, SOA

ନବର ମଧ୍ୟରେ ରାଜାଙ୍କର ଦର୍ଶନ ଅତି ଅଳ୍ପକାଳ ପାଇଁ ମିଳେ। ବିନ୍ଦୁ ବିନ ରାଜାଙ୍କର ସ୍ନାନର ସମୟ ଅତୀତ ହେଲା, ଭୋଜନର କାଳ ଗତ ହେବାକୁ ଲାଗିଲା, ଶୟନ କାଳରେ ହଠାତ୍ କାହିଁକି ମଧ୍ୟେ ମଧ୍ୟେ ଚିତ୍କାର କରି ଉଠନ୍ତି—ଚନ୍ଦ୍ରା କିଛି ହେଲେ ବୁଝି ପାରନ୍ତି ନାହିଁ କିମ୍ବା ବୁଝିବାର ସେପରି ଏକନିଷ୍ଠ ପ୍ରୟାସ କରନ୍ତି ନାହିଁ। ଚନ୍ଦ୍ରା ଶୈଶବରୁ ହିଁ ଅତି ଆଦରରେ ଲାଳିତା, ଚାରିଟି ଭାଇ ମଧ୍ୟରେ ଏକମାତ୍ର ଭଗିନୀ ସେ। ମାତା, ପିତା ଓ ଭ୍ରାତାମାନେ ତାଙ୍କୁ ଏକମୁହୂର୍ତ୍ତ କୌଣସି ପ୍ରକାର ଚିନ୍ତା କରିବାକୁ ଅବସର ଦେଇ ନାହାନ୍ତି। ଏପରିକି ନିଜ ପାଇଁ ମଧ୍ୟ ନୁହେଁ। ସୁତରାଂ, ଶୁଭକାନ୍ତ ପାଇଁ ତାଙ୍କ ପକ୍ଷରେ ଚିନ୍ତା କରିବା ସ୍ୱଭାବବିରୁଦ୍ଧ। ନିଜର ସ୍ୱାଚ୍ଛନ୍ଦ୍ୟ ବିଳାସ ଆଳସ୍ୟରେ ସେ ଲିପ୍ତା। ରୂପଟି ଶୁଭ୍ର-ଶତଦଳ ପରି ମୁଗ୍ଧକର। ବିଧାତା ଯେପରି ତାଙ୍କ ସହିତ ଚକ୍ରାନ୍ତ କରି ଅନ୍ୟ ସମସ୍ତ ବିଷୟ ବାଦ୍‌ଦେଇ କେବଳ ଗୋଟିଏମାତ୍ର ବସ୍ତୁ ଦାନ କରିଅଛନ୍ତି—ରୂପ। ଏହି ରୂପହିଁ ତାଙ୍କର ଏକମାତ୍ର ଗର୍ବ। ଜୀବନରେ ସେ କେବଳ ଜନନୀ ହୋଇଛନ୍ତି, ସନ୍ତାନକୁ ଗର୍ଭରେ ଧାରଣ କରିଅଛନ୍ତି, କୋଳରେ ଧରିବାର ସୌଭାଗ୍ୟରୁ ସେ ବଞ୍ଚିତା। ତଥାପି ସେ ଦୁଃଖ ତାଙ୍କୁ କିମ୍ପିତ ମନେ ହୋଇଅଛି; ତାଙ୍କର ପ୍ରସାଧାନ, ବିଳାସ, ନିଦ୍ରା, ସେଥିପାଇଁ ବ୍ୟସ୍ତ ହୋଇ-ନାହିଁ; କିନ୍ତୁ ଶୁଭକାନ୍ତଙ୍କର ପରିବର୍ତ୍ତନ ଏପରି ଉତ୍କଟ ଆକାର ଧାରଣ କଲା ଯେ, ଚନ୍ଦ୍ରା ମଧ୍ୟ ବିସ୍ମିତା ହେଲେ। ପଚାରିଲେ, 'ଏ କଣ, ନଅର ଗୁଡ଼ ସବୁବେଳେ କୁଆଡ଼େ ରହୁଚ ? ଖାଇବା ପିଇବା କାହିଁରେ ତ ତୁମର ଠିକ୍ ରହୁନାହିଁ।'

ଶୁଭକାନ୍ତ ଯେପରି ଏହି ବିଷୟରେ ଚନ୍ଦ୍ରାଙ୍କ ସହିତ କଥା କହିବାକୁ ସୁଯୋଗ ଖୋଜୁଥିଲେ; କିନ୍ତୁ ତାଙ୍କର ଔଦାସୀନ୍ୟ

Digitized by PPRACHIN, SOA

ସେଥିରୁ ତାଙ୍କୁ ନିରୁତ୍ସାହ କରି ରଖିଥିଲି । ଉତ୍ତର ଦେଲେ, 'ନିଅରି ଗୁଣ୍ଡି ବାହାରେ ରହିବା ତ ମୋର ଅଭ୍ୟାସ, ଚିନା ! ବାବା ଯେତେବେଳେ ଜୀବିତ ଆଉ ମୋର ବୟସ ଥିଲା ଅଳ୍ପ, ସେତେ-ବେଳେ ତ ଏହିପରି ଘରଦ୍ୱାର ଗୁଣ୍ଡି ବୁଲୁଥିଲି । ସେତେବେଳେ ଏ ରାଜ୍ୟର କେତେ ଅପରିଚିତ ଲୋକଙ୍କ ସହିତ ପରିଚୟ ହେଉଥିଲା; କିନ୍ତୁ ଯେଉଁଦିନୁ ରାଜା ହେଲି, ସେଦିନୁ ଏହି ନବର ଭିତରେ ନିର୍ବାସିତ ହେଲି – ପରିଚିତ ଲୋକଙ୍କୁ ଅପରିଚିତ କରି ଦେଖିବାକୁ ହେଲା ।' ରାଣୀ ଏତେ କଥା ବୁଝିବାର କଷ୍ଟ ସ୍ୱୀକାର କଲେନାହିଁ । ତଥାପି ରାଜାଙ୍କର ସ୍ନାନାହାର ଦେଖିବା ପାଇଁ ପୂର୍ବପରି କେବଳ ଦାସଦାସୀମାନଙ୍କ ଉପରେ ନିର୍ଭର ନ କରି ନିଜେ ମଧ୍ୟେ ମଧ୍ୟେ ଯତ୍ନ ନେଲେ ।

— — —

Digitized by PPRACHIN, SOA

ଏକବିଂଶ ପରିଚ୍ଛେଦ

ବଳରାମ ମଥା ତଳକୁ କରି କହିଲେ, 'ଶ୍ରୀହଜୁର ମହିମା, ଶ୍ରୀମୁଖଙ୍କ ବଚନ ଶୁଣି ଧାଇଁବା ପାଇଁ ଏତେ ଭୃତ୍ୟ ଅଛନ୍ତି; କିନ୍ତୁ ଶ୍ରୀମୁଖ ନିଜେ ଗାଁ ଗାଁ ଦ୍ୱାରି ଦ୍ୱାରି ବୁଲିବେ ।' ଶୁଭକାନ୍ତ କିପରି ଟିକିଏ ବିରକ୍ତ ସ୍ୱରରେ କହିଲେ, 'ଦେଖ ବଳରାମ, ଏବେ ଆଉ ଶ୍ରୀହଜୁରୁ ଶ୍ରୀମୁଖ ଶୁଣିବାକୁ ଭଲ ଲାଗୁନାହିଁ । ତୁମ୍ଭେମାନେ ମତେ ଜଣେ ସାଧାରଣ ମନୁଷ୍ୟ ବୋଲି ଜ୍ଞାନ କର । ଏ ସବୁ ସମ୍ବୋଧନ ବଡ଼ କଠୁ ବୋଧ ହେଉଛି ।'

'ଆହା, ଶ୍ରୀମୁଖର କି ଅମୂଲ୍ୟ ବଚନ—' ବଳରାମ ପୁନଶ୍ଚ ସେହି ଘୋଷା ଆରମ୍ଭ କଲେ । ଶୁଭକାନ୍ତ କହିଲେ, 'ସେହି କୁ-ଅଭ୍ୟାସ ତୁମ୍ଭମାନଙ୍କର ଯାଉନାହିଁ ।'

ବଳରାମ ପୁନଶ୍ଚ ପୂର୍ବ ସ୍ୱରରେ କହିଲେ, 'ଆଜ୍ଞା ମହିମା, ଫିରିଙ୍ଗି ସାହେବମାନେ ତ ପୁଣି ତାଙ୍କ ରାଜାଙ୍କୁ 'ହିଜ୍ ମାଜେଷ୍ଟି', 'ଇୟୋର ମାଜେଷ୍ଟି' କହନ୍ତି; ଏପରିକି ରାଜକର୍ମଚାରୀମାନଙ୍କୁ ମଧ୍ୟ 'ଇୟୋର ଅନାର', 'ମି ଲର୍ଡ଼' ଇତ୍ୟାଦି କେତେ ପ୍ରକାର ସମ୍ବୋଧନ କରନ୍ତି ବୋଲି ଶୁଣାଯାଏ—ଆମ ଦେଶର ଏ ପ୍ରାଚୀନ ପ୍ରଥା ଟା—' ବଳରାମଙ୍କର ଇଂରେଜି ଭାଷାରେ ପ୍ରବେଶ ନ ଥିଲେହେଁ ସେମାନଙ୍କର କେତେକ ପ୍ରଥା ତାଙ୍କୁ ଜଣା ।

Digitized by PPRACHIN, SOA

'ନା, ଇଂରେଜ ଯ ହା କରନ୍ତୁ, ଫରାସୀ ଯାହା କରନ୍ତୁ—ମୁଁ ନିଜକୁ ଏ ସମ୍ବୋଧନର ଯୋଗ୍ୟ ମନେ କରୁନାହିଁ ।'

ବଳରାମ ବୁଦ୍ଧିମାନ୍ - ରାଜାଙ୍କର ଇଚ୍ଛା ଜାତ ହେବା ପୂର୍ବରୁ ସେ ବୁଝି ପାରନ୍ତି, ତାଙ୍କୁ କଣ ମାନିବାକୁ ହେବ । ସ୍ୱୀୟ ମସ୍ତକରେ ଅଙ୍ଗୁଳି ସଞ୍ଚାଳନ କରି କହିଲେ, 'କିନ୍ତୁ ଏତେ ଭୃତ୍ୟ ଥାଉଁ ଥାଉଁ ଏହି ଯେ ଦ୍ୱାରି ଦ୍ୱାରି ବୁଲିବେ—'

ଶୁଭକାନ୍ତ ଉତ୍ତେଜିତ ସ୍ୱରରେ କହିଲେ, 'କାହା ଦ୍ୱାରରେ କିଏ ବୁଲୁଛି, ଜାଣ କି ବଳରାମ ? ବାଲ୍ୟଠାରୁ ଯୌବନ ପର୍ଯ୍ୟନ୍ତ ମୋର ତ ଏହିପରି ବୁଲିବାର ଅଭ୍ୟାସ—ଘରେ ଘରେ ଦ୍ୱାରେ ଦ୍ୱାରେ । ମନେ ଅଛି, ପାଠ୍ୟାବସ୍ଥାରେ ଗୌରୀମାଆର ମୃତ୍ୟୁ ପରେ ଏହି ଅବାଧତା ଯୋଗୁଁ ଶିକ୍ଷକଙ୍କଠାରୁ କେତେ ଶାସନ ପାଇଛି । ଏ ପୃଥିବୀକୁ ଆସିବା ଦିନୁ ମୁଁ ତ ସବୁବେଳେ ବାହାରେ ! କେବଳ ଏହି ରାଜସିଂହାସନ ଯାହା କେତେକାଳ ପାଇଁ ଭିତରେ ଆବଦ୍ଧ କରି ରଖିଥିଲି । ନ ହେଲେ ବଳରାମ, ପରଘର, ପରଦ୍ୱାର ଛଡ଼ା ମୋର ନିଜର ଘର ଏ ସମସ୍ତ ପୃଥିବୀରେ କାହିଁ ! ଏ ଜଗତକୁ ମୁଁ ଯେ ଗୃହହୀନ, ଆଶ୍ରୟହୀନ ହୋଇ ଆସିଅଛି । ପଥ ଯେ ମୋର ଆଶ୍ରୟ, ମନେହୁଏ ମୋର ଜନ୍ମ ଘଟଣାରୁ ହିଁ ଏହାର ସୂଚନା ମିଳି ସାରିଅଛି । ଦ୍ୱାରେ ଦ୍ୱାରେ ବୁଲିବା ବ୍ୟତୀତ ମୋର ଗତି ଆଉ କଣ ଅଛି ?'

ବଳରାମ ଭୂତଳରୁ ଧୂଳି ନେଇ ମସ୍ତକରେ ଲଗାଇଲେ, 'ଆହା କେତେ ବଡ଼ କଥା ଶ୍ରୀମୁଖରୁ ବାହାରୁଚି । ଆମେ ମୂର୍ଖ ନିର୍ବୋଧ, କଣ ବୁଝିବୁ । ଶ୍ରୀପ୍ରଭୁଙ୍କର ଘର ନାହିଁ—ଏରାଜ୍ୟ ଏ ରାଜନବର—'

Digitized by PPRACHIN, SOA

'ବୁଝିଲ ନାହିଁ ବଳରାମ ? ଏ ରାଜ୍ୟ ଏ ରାଜନବର କାହାର ଜାଣ ? ପ୍ରଜାସାଧାରଣଙ୍କର । ଗୌରୀମାଆର ମୃତ୍ୟୁପରେ ଆଜ ହୁଏତ ଉକାଯୃତ କମ୍ବା ଚୌର୍ଯ୍ୟ ବୃତ୍ତି କରି ଉଦର ପୋଷଣ କରୁଥାନ୍ତି । ରାଜା ହେଲି କପରି ? ମୋର ନିଜ ଯୋଗ୍ୟତା ବଳରେ ନା ଭାଗ୍ୟର ଗୋଟାଏ ଆକସ୍ମିକ ପରିବର୍ତ୍ତନ ହେତୁରୁ ? ରାଜା ହେବାଟା ଗୋଟାଏ ଯାତ ସୁଆଙ୍ଗ ପରି ମତେ ବୋଧ ହେଉଛି । ସୁଆଙ୍ଗରେ ରାମ ପଧାନ, ହରି ବଶ୍ୱାଳ ଗୋଟାଏ ଗୋଟାଏ ମୁଖା ପିନ୍ଧି କଏ ରାବଣ, କଏ ଅଙ୍ଗଦ ହୋ'ଇ ବାହାରନ୍ତି, ଦେଖିଛ ତ ? ଶୁଭକାନ୍ତ ମୃଦୁ ହସିଲେ ।

ବଳରାମ ପୂର୍ବବତ୍ ମସ୍ତକ ନତ କରି ଉତ୍ତର କଲେ, 'ଆଜ୍ଞା' ।

ଶୁଭକାନ୍ତ କହିବାକୁ ଲାଗିଲେ, 'ବେଶ୍, ସେଇପରି ଆମେ ରାଜା, ସେଇପରି ସବୁ ରାଜକର୍ମଚାରୀ—'

ବଳରାମ କହିଲେ, 'କର୍ମଚାରୀମାନେ ଦାସାନୁଦାସ ହୁଜୁର— କିନ୍ତୁ ଶ୍ରୀଚରଣମୂ—'

'ଆମର ବି ଅଳ୍ପ ବହୁତରେ ଚାକରୀ ନୁହେଁ ତ, ଆଉ କଣ କି ବଳରାମ ? ଆମକୁ ବି ତ ରାଜସ୍ୱ ଗଣ୍ଡାକ ପ୍ରଜାଠାରୁ ଆଦାୟ କରି ଖଜଣାଖାନାରେ ଦାଖଲ କରିବାକୁ ହେବ, ନ ହେଲେ ଲାଟ ଉଠିବ ନିଲାମରେ । ଦେଖିଲ ତ ଏବର୍ଷ ଏହି ରାଜସ୍ୱ ପାଇଁ କେତେ ଆପତ୍ତି କରାଗଲା, ଫଳ କଣ ମିଳିଲା ? ଥରେ କେବଳ ଅନୁସନ୍ଧାନର ଅନୁଗ୍ରହ ଲାଭ ହେଲାନାହିଁ । ଖାଲି ମୁଖା ଖଣ୍ଡେ ଖଣ୍ଡେ ପିନ୍ଧି ଆମେ ରାଜା ହାକମ ହୋଇ ବୁଲୁଚୁ ବଳରାମ—ସେ ଖଣ୍ଡମାନ କାଢ଼ି ଦେଲେ, ଯେଉଁ ରାମ ପଧାନକୁ ସେହି ରାମ ପଧାନ, ଯେଉଁ ହରି ବଶ୍ୱାଳକୁ, ସେହି ହରି ବଶ୍ୱାଳ ।

Digitized by PPRACHIN, SOA

ରାଜା, ମନ୍ତ୍ରୀ, କନ୍ଷ୍ଟେବଲ ଆଦି ନାମ କେତେଟା, ଉପାଧି କେତେଟା ଉଠାଇ ନିଅ; ଦେଖିବ ସବୁ ସମାନ । ମୁଁ ଏହି ଗ୍ରାମ ପ୍ରଧାନ ଭଳି ଜଣେ ସାଧାରଣ ଲୋକ । ଦୈବାତ୍ କପର୍ଦ୍ଦ ଖଣ୍ଡେ ରାଜାର ମୁଖା ପିନ୍ଧି ସୁଆଙ୍ଗ ମଞ୍ଚକୁ ବାହାରି ଆସିଚି । ସେଥିରେ ଆଉ ରାଜା ବୋଲି ନିଜକୁ କପରି ଭାବିବି, କହ ଦେଖି ! ସେଦିନ ସନାତନ କଣ କହିଗଲା, ସବୁ କଥା ତୁମର ମନେ ଅଛି ବଳରାମ ?'

ସନାତନର ନାମ ଶୁଣି ବଳରାମ ଚମକି ଉଠିଲେ । ଏ କଣ ସେହି ଚୋଟ୍ଟ ବାଟାର ପାଗଳାମି ରାଜାଙ୍କୁ ଧରିଲା ନା ! ଶୁଭକାନ୍ତ କହିବାକୁ ଲାଗିଲେ, 'ସିଂହକୁ ଆମେ ପଶୁରାଜ ବୋଲି କହୁଁ । କାହିଁକି ? ସେ ଅନ୍ୟ ପଶୁମାନଙ୍କ ଅପେକ୍ଷା ଅଧିକ ବଳଶାଳୀ । ନିର୍ଦ୍ଦ୍ୱନ୍ଦ୍ୱରେ ଅନ୍ୟ ଦୁର୍ବଳ ପଶୁର ରକ୍ତ ପାନ କରିପାରେ । ମାନବ ସମାଜରେ ମଧ୍ୟ ରାଜାର ସଂଜ୍ଞା ସେଥିରୁହିଁ ଗୃହୀତ ବୋଲି ମନେ ହୁଏ । ଯେ ଯେତେ ଅଧିକ ସଂଖ୍ୟକ ମାନବର ରକ୍ତ ନାନା ଆକାରରେ ଶୋଷଣ କରିପାରେ, ସେ ରାଜା ସେତିକି ଶକ୍ତିଶାଳୀ ।'

ବଳରାମ ଅବାକ୍ ହୋଇ ସବୁ ଶୁଣିଗଲେ ଏବଂ ଶେଷରେ କହିଲେ, 'ଆଜ୍ଞା, ଶ୍ରୀମୁଖରୁ କେତେ ବଡ଼ ବଡ଼ କଥା ବାହାରୁଚି । ଆମେ ମୂର୍ଖ ନିର୍ବୋଧଗୁଡ଼ା, କଣ ବୁଝିବୁ ! କିନ୍ତୁ ହାରେ ହାରେ—'

ଶୁଭକାନ୍ତ ଅଟ୍ଟହାସ୍ୟ କରି ଉଠିଲେ । ସେ ଯେପରି ଉନ୍ମାଦର ପ୍ରଳାପ । 'ଭୟ ନାହିଁ, ବଳରାମ, ମୁଁ ପ୍ରକୃତିସ୍ଥ ଅଛି; କିନ୍ତୁ ହାରେ ହାରେ କଥାଟା ତୁମର ଏତେଦୂର ମୁଖସ୍ଥ ହୋଇ ପଡ଼ିଅଛି ଯେ, ତୁମେ ସହଜରେ ତାକୁ ପାସୋରିବାକୁ ରାଜି ନୁହଁ । ମୋ ପ୍ରଜା-ମାନଙ୍କର ହାରସ୍ଥ ହେଲେ ସେଥିରେ କଣ ଲଜ୍ଜା ଅଛି ? ଆଉ କଣ ସେମାନଙ୍କର ଅବସ୍ଥା ଦେଖିବା ପାଇଁ ୫ ଲକ୍ଷ କର୍ମଚାରୀ ନିଯୁକ୍ତ

Digitized by PPRACHIN, SOA

କରିବ ! ଯଥାର୍ଥ କଞ୍ଚର—କର୍ମଚାରୀ ନିଯୁକ୍ତ କରିବା; କିନ୍ତୁ ଶାକ୍ୟସିଂହ କର୍ମଚାରୀ ନିଯୁକ୍ତ କରି ସେମାନଙ୍କଦ୍ୱାରା ତପସ୍ୟା କରାଇଥିଲେ ଭଲ ହୋଇଥାନ୍ତା । ଅକାରଣ ରାଜ୍ୟ ସୁଖ ଗ୍ରାଡ଼ି ନିଜେ ଏତେ କଷ୍ଟ ସହିଲେ କାହିଁକି ?'

ବଳରାମ ଏ ସବୁ କଥାର ଅର୍ଥ ଗ୍ରହଣ କରିପାରିଲେ ନାହିଁ । କେବଳ 'ଆମେ ମୂର୍ଖ ନିଦାରୁଣ, ଏ ସବୁ କଣ ବୁଝିବୁ' କହି ନୀରବ ହେଲେ ।

କର୍ମଚାରୀମାନଙ୍କୁ ଡାକି ଶୁଭକାନ୍ତ କହିଲେ, 'ଏ ରାଜ୍ୟର ଶାସନ ଆଜି ଅଚଳ ହୋଇ ପଡ଼ିଅଛି । ମରୁଭୂମିକୁ ରାଜ୍ୟ କୁହାଯାଏ ନାହିଁ । ରାଜ୍ୟ ଗୋଟିଏ ଜୀବନ୍ତ ବସ୍ତୁ; କିନ୍ତୁ ସେ ଜୀବନକୁ ଯେନ ମରଣର ତାଣ୍ଡବଲୀଳା ଆରମ୍ଭ ହୋଇଅଛି । ପ୍ରଜାର ଦୋଷ ଦେଖି ଦଣ୍ଡ ଦେବାର ସମୟ ଏ ନୁହେଁ । ଆଗେ ପ୍ରଜାର ଜୀବନ ରଖି ପାରିଲେ, ତା ପରେ ଦୋଷ ବିଚାର, ଶାସ୍ତି ବିଧାନ । ଏ ରାଜ୍ୟରେ ସ୍ଥାନେ ସ୍ଥାନେ ଅମାରମାନଙ୍କରେ ଯେଉଁ ସବୁ ଧାନ୍ୟ ଆଦି ଶସ୍ୟ ସଞ୍ଚିତ ଅଛି, ସେଠାରେ ଅବସ୍ଥା ବିଶେଷରେ ବିକ୍ରୟ ଏବଂ ଅନ୍ନଛତ୍ରର ବ୍ୟବସ୍ଥା ହୋଇଅଛି । ନିମ୍ନ କର୍ମଚାରୀମାନେ ଏ କାର୍ଯ୍ୟକୁ ଦୃଢ଼ଭାବରେ ସୁସମ୍ପନ୍ନ କରି ନ ପାରନ୍ତି । ସେଥିପାଇଁ ଆପଣମାନଙ୍କୁ ଏ ସକଳ ସାହାଯ୍ୟ-କେନ୍ଦ୍ର ପରିଦର୍ଶନ କରିବାକୁ ହେବ, ମୁଁ ନିଜେ ମଧ୍ୟ ସମସ୍ତ ପର୍ଯ୍ୟବେକ୍ଷଣ କରିବି । ଆଜି ଅନ୍ୟ ଏକ ଅଦୃଶ୍ୟ ରାଜା ଏ ଦେଶର ପ୍ରଜାଙ୍କୁ ନିର୍ବିଚାରରେ ଦଣ୍ଡ ଦେଉଛି । ମୋ ପ୍ରଜାଙ୍କୁ ସେ ଅନ୍ୟାୟ ଦଣ୍ଡରୁ ରକ୍ଷା କରିବା ମୋର କର୍ତ୍ତବ୍ୟ ।

Digitized by PPRACHIN, SOA

ରାଜମୁଖରୁ ଆଜ ଏପରି ପ୍ରଜାପାଳନର ବ୍ୟବସ୍ଥା ଶ୍ରବଣ କରି ପରିଷଦ୍‌ବୃନ୍ଦ ସ୍ତମ୍ଭିତ ହୋଇ ରହିଲେ । ରାଜକର୍ମରେ ସେମାନଙ୍କର ଆଉ କେବେ ଯେ ଆବଶ୍ୟକ ହୋଇପାରେ, ଏକଥା ସେମାନେ ପୂର୍ବରୁ କଳ୍ପନା କରି ନ ଥିଲେ । ଗତ କେତେ ଦିନ ଧରି ରାଜାଙ୍କର ଯେଉଁ ପରିବର୍ତ୍ତନ ଆରମ୍ଭ ହୋଇଥିଲା, ତାହାର ପରିଣାମ ଯେ ଏତେଦୂର ଅଗ୍ରସର ହୋଇଅଛି, ଏଥିରେ ସେମାନେ ବିସ୍ମିତ ହେଲେ ; ତଥାପି କାହାରି ମୁଖରୁ ଉତ୍ତର ଶୁଣାଗଲାନାହିଁ । ସମସ୍ତେ ମୌନ ରହି ରାଜାଜ୍ଞା ଶିରୋଧାର୍ଯ୍ୟ କଲେ । କେବଳ ବଳରାମ କହି ଉଠିଲେ; 'କିନ୍ତୁ ମହିମା, ଏଥିରେ ତ ରାଜ୍ୟର ସମୂହ କ୍ଷତି । କୌଣସି ରାଜା ତ ଆଜ ଏରୂପ ପନ୍ଥା ଗ୍ରହଣ କରି ନାହାନ୍ତି ।' ରାଜାଜ୍ଞା ସମକ୍ଷରେ ରାଜ୍ୟର ଏକମାତ୍ର ହିତାକାଙ୍‌କ୍ଷୀ ପରି ବଳରାମଙ୍କର ଏ ଔଦ୍ଧତ୍ୟ ବଡ଼ ଶ୍ରୁତିକଟୁ ହେଲା ।

ରାଜା ରୂକ୍ଷ ସ୍ୱରରେ କହିଲେ,—

'ଉଦାହରଣ ଶୁଣିବାର ସମୟ ନାହିଁ ବଳରାମ ! ତୁମେ ଯଦି ଏ କାର୍ଯ୍ୟକୁ ସମୀଚୀନ ଜ୍ଞାନ ନ କର ତେବେ ଅନ୍ୟମାନଙ୍କୁ ବାଧା ଦିଅ କାହିଁକି ?'

ବଳରାମ ନୀରବ ହେଲେ । ଶୁଭକାନ୍ତ କେଉଁ ସାହାଯ୍ୟ-କେନ୍ଦ୍ର କାହା କାହା ଅଧୀନରେ ରହିବ, ତାହାର ବ୍ୟବସ୍ଥା କରିଦେଲେ ଏବଂ ନିଜେ ସମସ୍ତ ପର୍ଯ୍ୟବେକ୍ଷଣ କରିବାର ଭାର ଗ୍ରହଣ କଲେ । ଦେଶର ନାନାସ୍ଥାନରେ ସହୃଦୟ ବ୍ୟକ୍ତିମାନେ ସାହାଯ୍ୟକେନ୍ଦ୍ର ପ୍ରତିଷ୍ଠା କରି ଦୁଃସ୍ଥ ନିରନ୍ନମାନଙ୍କୁ ଆହାର ଯୋଗାଇଲେ । ପୁରୀର କେତେକ ମଠବାଡ଼ି ମଧ୍ୟ ଅନ୍ନଛତ୍ର ପ୍ରତିଷ୍ଠା

Digitized by PPRACHIN, SOA

କଲେ । ଦେଶର ଏତେ ବଡ଼ ଦୁରବସ୍ଥା ଦେଶବାସୀ ହିଁ ମୌନ ବହି ସହ୍ୟ କଲ । ବାହାରେ ସେ ସମ୍ବାଦ କେହି ଶୁଣି ପାରିଲେ ନାହିଁ ।

ପ୍ରଚଣ୍ଡ ଶୀତ । ଉଦରରେ ଅନ୍ନ ନାହିଁ, ଦେହରେ ବସ୍ତ୍ର ନାହିଁ, ଗ୍ରାମେ ଗ୍ରାମେ ଚିତ୍କାର, ହାହାକାର । ତାହାରି ମଧ୍ୟରେ ଶୁଭକାନ୍ତଙ୍କୁ ଦିବା ନାହିଁ, ରାତ୍ର ନାହିଁ—ପଥେ ପଥେ ଗ୍ରାମେ ଗ୍ରାମେ ଭ୍ରମଣ କରୁଛନ୍ତି । ପ୍ରତ୍ୟେକ ସାହାଯ୍ୟ-କେନ୍ଦ୍ରରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । କୌଣସି କର୍ମଚାରୀ ଯେପରି ଲୋକଙ୍କ ପ୍ରତି ଦୁର୍ବ୍ୟବହାର ନ କରେ ସେଥିପାଇଁ ବିଶେଷରୂପେ ସମସ୍ତଙ୍କୁ ସାବଧାନ କରି ଦିଆ-ଯାଇଅଛି । ରାଜ୍ୟଶାସନର ଯେତେ ପାପ ତାଙ୍କ ମସ୍ତକରେ ପୁଞ୍ଜୀଭୂତ ହୋଇଅଛି, ସେ ସମସ୍ତର ପ୍ରାୟଶ୍ଚିତ୍ତ କରିବାକୁ ଶୁଭକାନ୍ତ ଆଜି ଉଦ୍ୟତ । ତାଙ୍କର ସମସ୍ତ ପ୍ରେରଣା ଏହି ଗୋଟିଏ ଦିଗରେ ପଥ ଖୋଜି ପାଇଅଛି—ଦୁଃସ୍ଥମାନବଙ୍କୁ ଉଦ୍ଧାର କରିବାକୁ ହେବ । ସେ ଯେ ସେମାନଙ୍କର ଧର୍ମାବତାର, ମା ବାପ !—କିଏ ଆଉ ସେମାନଙ୍କୁ ଆହାର ଯୋଗାଇବ ? ଦୈବର ଏହି ଦୁର୍ଦ୍ଦିନରେ କିଏ ଆଉ ସେମାନଙ୍କ ମଧ୍ୟରେ ଧର୍ମର ଧ୍ୱଜା ଉଡ଼ାଇବ !!

ଦେଶବାସୀ, ଦେଶର ପ୍ରଜାସାଧାରଣଙ୍କର ଉପକାର କରିବାର ସୁଯୋଗ ଲଭକରି ଶୁଭକାନ୍ତଙ୍କର ପୂର୍ବକୃତ ଅନ୍ୟାୟ ପାଇଁ ପଶ୍ଚାତ୍ତାପ ନାହିଁ, ଅନୁଶୋଚନା ନାହିଁ । ମନୁଷ୍ୟ ହୋଇ ମନୁଷ୍ୟକୁ ସେ ଯେ ଅହରହ ଭୟରେ ଜଡ଼ସଡ଼ କରି ରଖିଥିଲେ, ସେହି ମନୁଷ୍ୟ ସହିତ ନିଜକୁ ଯୋଗ କରିପାରି ଦେଖିଲେ—ଭୟ ସ୍ଥାନରେ ଭକ୍ତିର ସୃଷ୍ଟି ହୋଇଅଛି । ସନ୍ତାନ ପିତା ନିକଟରେ ଯେପରି ଅଳି କରେ ତାଙ୍କର ପ୍ରଜାକୁଳ ସେହିପରି ଭାବରେ ତାଙ୍କ ନିକଟରେ କଥା କହିବାକୁ ଭରସା ପାଇଅଛନ୍ତି । ସେ ନିଜର

Digitized by PPRACHIN, SOA

ସତ୍ୟରୂପ ଗ୍ରହଣ କରି ସେମାନଙ୍କ ମଧ୍ୟରେ ଦଣ୍ଡାୟମାନ ହୋଇ-ଅଛନ୍ତି—ଛଦ୍ମବେଶ ପରିହାର କରିଅଛନ୍ତି । ଗୋଟାଏ ମୁମୂର୍ଷୁ ଜାତି ମଧ୍ୟରେ ନିଜକୁ ମିଶାଇ ଦେଇ ତାଙ୍କର ଏକପ୍ରକାର ଅନନୁଭୂତ ଆନନ୍ଦ ଜାତ ହେଲା, ଯାହା ନିକଟରେ ସମସ୍ତ ରାଜ୍ୟ, ସକଳ ଶକ୍ତି ଓ ବିଳାସିତାର ଅଭିନୟ କେବଳ ତୁଚ୍ଛ ଓ ନଗଣ୍ୟ ।

ପ୍ରଜାସାଧାରଣର ସେବା ଶୁଭକାନ୍ତ ନିକଟରେ ଅତ୍ୟନ୍ତ ପବିତ୍ର ବସ୍ତୁ ହୋଇ ଉଠିଲା । ତାଙ୍କର ଉତ୍ସାହ ଓ ଆନନ୍ଦ ଦ୍ୱିଗୁଣିତ ହୋଇ ପଡ଼ିଲା । ମାନବର ସେବା ! ଏହାହିଁ ଜଗତର ଶ୍ରେଷ୍ଠତମ କାର୍ଯ୍ୟ, ଏହାର ତୁଳନା ଆଉ ଦ୍ୱିତୀୟ କଣ ଅଛି ! ତାଙ୍କଧ ଦେହ ମନ ପ୍ରାଣ ସେ ଏହି ସେବାରେ ଢାଳିଦେଲେ । ତାଙ୍କର ଯୌବନର ଶକ୍ତି ପୁଣି ଫେରି ଆସିଲା । ରାଜକାର୍ଯ୍ୟ ଓ କ୍ରୀଡ଼ାକୌତୁକରେ ଯେପରି ସେ ଉନ୍ମତ୍ତ ହୋଇ ଉଠୁଥିଲେ, ବର୍ତ୍ତମାନର ବ୍ୟଗ୍ରତା ତଦପେକ୍ଷା ଅଧିକ । ବୃଦ୍ଧ କମ୍ବା ବୃଦ୍ଧାଟିଏ ଦେଖିଲେ ଶୁଭକାନ୍ତ 'ମଉସା' 'ମାଉସୀ' ସମ୍ବୋଧନ କଲେ । ସମବୟସ୍କମାନଙ୍କ ସହିତ ଭାଇ ବନ୍ଧୁର ସମ୍ପର୍କ ସ୍ଥାପନ କଲେ । ସମ୍ଭ୍ରମ ବୋଲି ତାଙ୍କର କୌଣସି ବସ୍ତୁ ଆଜି ନାହିଁ ଲୋକଙ୍କ ପକ୍ଷରୁ ସମ୍ଭ୍ରମ ଦେଖିଲେ କହନ୍ତି, 'ଏ କଣ, ମୁଁ ତୁମରି ଭିତରର ଜଣେ ଭାଇ, ମତେ ଏପରି ପର କରି ଦେଖୁଛ କାହିଁକି ? ଯେତେଦିନ ରାଜା ହୋଇ ବସି ଶାସନ କରୁଥିଲି, ସେତେଦିନ ସିନା ପର ହୋଇଥିଲି, ଆଜି ତ ନୁହେଁ ।' ତଥାପି ଲୋକଙ୍କର ବିଶ୍ୱାସ ଜନ୍ମେ ନାହିଁ ! ଭାଇ ବନ୍ଧୁ ପରି ସମ୍ପୂର୍ଣ୍ଣଭାବରେ ଶୁଭକାନ୍ତଙ୍କସହିତ ମିଳିମିଶିବା ଲାଗି ସେମାନଙ୍କର ଗୋଟାଏ କପରି ସଙ୍କୋଚ ଜାତ ହୁଏ ।

ପ୍ରଜାର ଏ ଭାବ ଦୂର କରିବା ପାଇଁ ଶୁଭକାନ୍ତଙ୍କର ସାଧନାର ବିରାମ ନାହିଁ । ଘରେ ଘରେ ଅବାଧରେ ପ୍ରବେଶ କରନ୍ତି, ପ୍ରଜା

Digitized by PPRACHIN, SOA

ସନ୍ତ୍ରମରେ ଆସନ ଘେନ ଆସୁ ଆସୁ ମୃତ୍ତିକା ଉପରେ ଉପବେଶନ କରନ୍ତି । ପ୍ରଜାର ଏ ଦୂରଭିବୋଧକୁ ସେ ଜ୍ଞାନ କରନ୍ତି ନିଜର ପୂର୍ବକୃତ ଅପରାଧର ଫଳ । ତଥାପି ଏ କର୍ମରେ ତାଙ୍କର କ୍ଳାନ୍ତି ନାହିଁ । ବିଧାତାର ଦଣ୍ଡ ବିରୁଦ୍ଧରେ ସେ ଆଜ ଦଣ୍ଡାୟମାନ । ଚନ୍ଦ୍ରାଙ୍କର ଭ୍ରାତାମାନେ ତାଙ୍କର ଏହି ମସ୍ତିଷ୍କବିକୃତି ଦେଖି ଉପହାସ କଲେ । ଅନ୍ୟାନ୍ୟ ଜମିଦାର ଓ ରାଜକର୍ମଚାରୀ ବନ୍ଧୁମାନେ ତାଙ୍କର ଏହି ପରିବର୍ତ୍ତନ ଦେଖି ନାନାଭାବରେ ପରିହାସ କରିବାକୁ ଲାଗିଲେ । ବ୍ରାହ୍ମଣମାନେ ଅଭିମତ ପ୍ରକାଶ କଲେ, 'ଯେତେହେଲେ ରାଜପୁତ୍ର, ଜାରଜପୁତ୍ର ମଧ୍ୟରେ ତ ପୁଣି ପ୍ରଭେଦ ଅଛି । ଦାଣ୍ଡର ଗୋଟାଏ ବୁଲା ଟୋକାଟାକୁ ଧରି ଆଣି ରାଜସିଂହାସନରେ ବସାଇ ଦେଲେ ଫଳ ଆଉ କଣ ହୁଅନ୍ତା !' ଏପରିକି ରାଜପରିଷଦର ପଣ୍ଡିତ ଓ ଅମାତ୍ୟମାନେ ରାଜାଙ୍କର ଏହି ଅବନତିକୁ ନିଜର ଅବନତି ଜ୍ଞାନ କଲେ । ହଁ, ଦାନ କରିବା ତ ପରମ ଧର୍ମ । ଏହା ବୋଲି ନିଜେ ରାଜା ଇତରଲୋକଙ୍କ ପରି ଦ୍ୱାର ଦ୍ୱାର ବୁଲିବେ ! ଏ କଥାଟା କେହି ହେଲେ ପସନ୍ଦ କରିବେ କି ? କିନ୍ତୁ ଶୁଭକାନ୍ତଙ୍କ କର୍ଣ୍ଣରେ କୌଣସି ସମାଲୋଚନା ଶୁଣାଗଲାନାହିଁ । ସେ ଯେପରି ଉତ୍ସାହର ଉତ୍ସ । ସେ ଉତ୍ସ ଏ କ୍ଷୁଦ୍ର ବାଲିବନ୍ଧ ମାନିବାର ବସ୍ତୁ ନୁହେଁ ।

Digitized by PPRACHIN, SOA

ଦ୍ୱାବିଂଶ ପରିଚ୍ଛେଦ

ଶୀତ ଅପସର ଗଲା; କିନ୍ତୁ ଦକ୍ଷିଣାମୌସୁମୀ ଉତ୍କଳର ସମସ୍ତ ଦ୍ୱାର ରୁଦ୍ଧ କରିଦେଲା । ହୁକଷ୍ଟୋଲ୍ ଏବଂ ଚିଲିକା ପଥରେ ଧାନ ଚାଉଳର ସମସ୍ତ ସରବରାହ ବନ୍ଦ ହୋଇଗଲା; ତଥାପି ଶୁଭକାନ୍ତଙ୍କର ଉତ୍ସାହ ଆଜସୁଦ୍ଧା ହ୍ରାସ ହୋଇନାହିଁ ।

ଶିଳ୍ପ ବ୍ୟବସାୟୀମାନେ ଅନାହାରପୀଡ଼ିତ ହୋଇଥିଲେ ହେଁ କୃଷକ ଭବିଷ୍ୟତ୍ ବିପଦ ଗଣନା କରି ନିଜର ଶସ୍ୟ ସଞ୍ଚୟ କରି ରଖି ସେହି ସଞ୍ଚିତ ଶସ୍ୟରେ ସମସ୍ତ ଶୀତ ଅତିବାହିତ କରିଦେଲେ । କିନ୍ତୁ ବର୍ତ୍ତମାନ ? କି ଉପାୟ ଆଉ ଅଛି ? ବସନ୍ତର ଚୈତାଳୀ କି ସାନ୍ତ୍ୱନା ଦେବ ଆଜ ? ପୌଷର ରୁଗ୍ଣ ଧରଣୀ ପୁଷ୍ପିତ ପଲ୍ଲବିତ ହୋଇ ଉଠିଲା । ଶୁଭକାନ୍ତଙ୍କର ଅଶ୍ୱ ଗ୍ରାମେ ଗ୍ରାମେ ଏହି ଦକ୍ଷିଣା ପବନରେ ଛୁଟିବାକୁ ଲାଗିଲା । ତାହାଙ୍କର ମନରେ ପରମ ଆନନ୍ଦ—ସେ ତାଙ୍କର ପ୍ରଜାବର୍ଗର ସେବା କରିଅଛନ୍ତି, ଅନେକଙ୍କୁ ମୃତ୍ୟୁ-ମୁଖରୁ ବଞ୍ଚାଇ ପାରିଅଛନ୍ତି । ଗ୍ରାମ ମଧ୍ୟରେ ଶୁଭକାନ୍ତଙ୍କର ଘୋଟକ ପ୍ରବେଶ କରିବା ମାତ୍ରେ ସମସ୍ତ ଗ୍ରାମବାସୀ ଅଶ୍ୱ ଚତୁଃପାର୍ଶ୍ୱରେ ରୁଣ୍ଡହୋଇ ରାଜାଙ୍କୁ ଅନ୍ତରର ଶ୍ରଦ୍ଧା ନିବେଦନ କରିବାକୁ ଲାଗିଲେ । ହୁଳହୁଳି ଧ୍ୱନିରେ ସମସ୍ତ ପୁରପଲ୍ଲୀ ଉଚ୍ଛଳ ହୋଇ ଉଠିଲା ।

Digitized by PPRACHIN, SOA

ନିଜର ପ୍ରଜାବର୍ଗଠାରୁ ଏଭଳି ଗୌରବ ଲାଭକରି ଶୁଭକାନ୍ତଙ୍କର ବକ୍ଷ ସ୍ଫୀତ ହୋଇ ଉଠେ, ପୁଲକରେ ତାଙ୍କର ଅନ୍ତର ତନ୍ମୟ ହୋଇପଡ଼େ ।

କିନ୍ତୁ ମାନବର ଅଦମ୍ୟ ଚେଷ୍ଟାକୁ ଉପହାସ କରି ଆକାଶ କୋଣରୁ ସେହି କୃଷ୍ଣ-କାଦମ୍ବିନୀ ଦେଶମୟ ଅନ୍ଧକାର କରିଦେଲା ! ପ୍ରତି ପ୍ରାଣରେ ନିଦାଘର ହୁତାଶନ ଜଳି ଉଠିଲା । ପଶୁ, ମାନବ, ଜଡ଼,ଚେତନ, ସ୍ଥାବର, ଜଙ୍ଗମ ! ସେ ଦୃଷ୍ଟିରୁ କାହାରି ଆଜ ନିସ୍ତାର ନାହିଁ । ଧନୀ, ନିର୍ଦ୍ଧନ, ପଣ୍ଡିତ, ମୂର୍ଖ, ବ୍ରାହ୍ମଣ, ଚଣ୍ଡାଳ—କାହାରି ଆଜ ପ୍ରଭେଦ ନାହିଁ । ସମସ୍ତଙ୍କର ଗୋଟିଏ ସମସ୍ୟା—କ୍ଷୁଧା ! କ୍ଷୁଧା ! !

ଭାଇ ଭାଇ, ମାତା ପୁତ୍ର, ସ୍ତ୍ରୀ ପୁରୁଷ—କୌଣସି—ସମ୍ପର୍କରେ ସ୍ଥିରତା ନାହିଁ । ସ୍ନେହ ମମତା, ପ୍ରେମ ମୈତ୍ରୀ ଧରଣୀ ପୃଷ୍ଠରୁ ବିଦାୟ ନେଇଅଛି । କେବଳ ଈର୍ଷା, ଦ୍ୱେଷ, ଅହଂକାର । ପୁତ୍ରର ଆହାର ଜନନୀ ଛଡ଼ାଇ ନେଉଛି, ପୁରୁଷକୁ ଗୋପନ କରି ସ୍ତ୍ରୀ ଆହାର କରୁଚି । ଲଜ୍ଜା ନାହିଁ, ମାନ ନାହିଁ, ଅପମାନ ନାହିଁ । କେବଳ କ୍ଷୁଧା ! ! ! !

ରାଜା ନାହିଁ, ପ୍ରଜା ନାହିଁ, ଦେବତା ନାହିଁ, ମନୁଷ୍ୟ ନାହିଁ ! କେବଳ ଏକ ଅଖଣ୍ଡ ବୁଭୁକ୍ଷା ସମସ୍ତ ଦେଶକୁ ଆଚ୍ଛନ୍ନ କରି ରହିଅଛି ।

ଆକାଶରେ ଜଳ ନାହିଁ, ଭୂତଳରେ ଅଗ୍ନି ଜଳୁଚି । ବୃକ୍ଷ ଉପରେ ପକ୍ଷୀ ରାବ ଦେଇ ଶୁଷ୍କକଣ୍ଠରେ ତଳକୁ ଢଳି ପଡ଼ୁଛି । ନିର୍ଜୀବ ତାର ଅଙ୍ଗ ! ଜଳହୀନ ପୁଷ୍କରିଣୀ କୂଳରେ ମୁଖବ୍ୟାଦାନ କରି ଶ୍ୱାନ ପ୍ରାଣ ହରାଉଚି ।

Digitized by PPRACHIN, SOA

ଶୁଭକାନ୍ତଙ୍କର ଘୋଟକ ଏବେ ରୌଦ୍ରତାପରେ ସ୍ଥାନେ ସ୍ଥାନେ ସ୍ଥିର ହୋଇ ଯାଉଛି; ପୁନଶ୍ଚ ବଳ ସଞ୍ଚୟ କରି ଅଗ୍ରସର ହେଉଛି। ସ୍ଥାନେ ସ୍ଥାନେ ମାନବ ପଶୁପକ୍ଷୀର ଶବ, ବୁଭୁକ୍ଷୁମାନଙ୍କର ଶ୍ରେଣୀ। ଏ ଦୃଶ୍ୟ ଦେଖି ଘୋଟକ ପୃଷ୍ଠରେ ବସି ରହିବାକୁ ସେ ଅପରାଧ ବୋଲି ଜ୍ଞାନ କରନ୍ତି। ନିରୁତ୍ସାହ ହୋଇ ପଡ଼ନ୍ତି, ଉଦ୍‌ବେଗ ତାଙ୍କର ହ୍ରାସ ହୁଏ। ଆଉ କେତେଦିନ! କେତେଦିନ ଏହି ମୃତ୍ୟୁର ଲୀଳା ଏ ଦେଶରେ ଲାଗି ରହିବ! ତାଙ୍କର ଅମାରଗୁଡ଼ିକ ଶୂନ୍ୟ ହୋଇ ଆସିଲା। କିନ୍ତୁ କାହିଁ? ଅବସ୍ଥା ତ କ୍ରମେ ଗୁରୁତର ହୋଇ ପଡ଼ିଲା। ଅସଂଖ୍ୟ ବୁଭୁକ୍ଷୁ ମୁଖରେ ବାଢ଼ିଦେବା ପାଇଁ ତାଙ୍କର ରାଜଭଣ୍ଡାରରେ ଆଉ କଣ ଅଛି!

ଗ୍ରାମେ ଗ୍ରାମେ ବୁଲି କ୍ଳାନ୍ତ ଶରୀରରେ ସେ ନଗରକୁ ଫେରି ଆସିଅଛନ୍ତି। ରାଜାଙ୍କର ଔଦାସୀନ୍ୟ ଦେଖି ତାଙ୍କ ପ୍ରତି ରାଣୀଙ୍କର ଅଧିକ ଆକର୍ଷଣ ଅଥବା ଅଧିକ କୌତୂହଳ ଜାତ ହୋଇଅଛି, ବୁଝିବା କଠିନ। କାରଣ ନିଜେ ଚନ୍ଦ୍ରାଙ୍କର ମନେ ହେଲା, ଯେବେ ହୁଏତ ଚନ୍ଦ୍ରାଙ୍କୁ ଚାହିଁ ଶୁଭକାନ୍ତ ବିସ୍ମିତ ହୋଇ କହିବେ, ତୁମେ କିଏ, ମୁଁ ତ ଜାଣେ ନା!'

ରାଣୀ ଆଜି ସ୍ୱହସ୍ତରେ ବ୍ୟଞ୍ଜନାଦି ରନ୍ଧନ କରି ସ୍ୱାମୀଙ୍କ ନିକଟରେ ବସି ଆହାର କରିବା ପାଇଁ ବାଧ୍ୟ କରୁଛନ୍ତି; କିନ୍ତୁ ସେ ବାଧ୍ୟତାରେ ପ୍ରାଣର ଅଭାବ! ଚନ୍ଦ୍ରାଙ୍କର ପ୍ରତି ଭାବଭଙ୍ଗି ଗୋଟାଏ ହତାଶ ସନ୍ଦେହର ଗୁମ୍ଫାରେ ଆଚ୍ଛନ୍ନ। ହଠାତ୍ ନଗର ଦ୍ୱାରେ ଗୋଟାଏ ଗଣ୍ଡଗୋଳ ଶୁଣାଗଲା। ଶୁଭକାନ୍ତ ଆହାରରୁ ନିରସ୍ତ ହୋଇ ଚନ୍ଦ୍ରାଙ୍କୁ ପଚାରିଲେ, 'ଏ କଣ?' ଚନ୍ଦ୍ରାଙ୍କର ମୁଖ ପାଣ୍ଡୁର ହୋଇ ଉଠିଲା। ଗୃହମଧ୍ୟ ଯେପରି ସେ ପ୍ରଶ୍ନ ବାରମ୍ବାର

Digitized by PPRACHIN, SOA

ପ୍ରତିଧ୍ୱନିତ ହେଲା, 'ଏ କଣ !' 'ଏ କଣ ! !' 'ଏ କଣ ! !' ଚନ୍ଦା ଶୁଷ୍କହାସ୍ୟ ହସି କହିଲେ, 'ତୁମେ ଖାଇବଅ ମ, ସେ କଏ କେଉଁଠାରେ ପାଟି କରୁଚି !' ଚନ୍ଦା ଭୁଲି ପାରିନାହାନ୍ତି ଏହିପରି ଦିନେ ଗୋଟାଏ ଶବ୍ଦ ଶୁଣି ଶୁଭକାନ୍ତ ଜୀବନରେ ମହାପରିବର୍ତ୍ତନ ଘଟିଅଛି । ଶୁଭକାନ୍ତ ଅର୍ଦ୍ଧ ଆହାରରୁ ଉଠିଯାଇ ବାତାୟନପଥରେ ବାହାରକୁ ଚାହିଁଲେ । ଦେଖିଲେ, ଗୋଟିଏ ସ୍ଥାନରେ କେତେକ ଲୋକ ରୁଣ୍ଡହୋଇ ଠେଲା ପେଲା ଲଗାଇଅଛନ୍ତି ଏବଂ ଜଣେ ଜଣେ ଭୂତଳରେ ପଡ଼ି ଚିତ୍କାର କରି ଉଠୁଅଛନ୍ତି ।

ମାଂସ ବ୍ୟଞ୍ଜନ ଘେନି ଗୃହମଧ୍ୟରେ ପାଚକା ପ୍ରବେଶ କଲା । ଶୁଭକାନ୍ତ ପଚାରିଲେ, 'ବାହାରେ ଏତେ ଲୋକ କାହିଁକି ରୁଣ୍ଡ ହୋଇଛନ୍ତି ?' ପାଚକା ଉତ୍ତର କଲା, 'ସେଇ ମାଗିଖିଆଗୁଡ଼ାକ, ପଥର ସନ୍ଧିରୁ ପୁରୁଣିଶାଗ ନେବାପାଇଁ କଳି ଲଗାଉଛନ୍ତି ।' ସେତେବେଳେ ସେ ଆହାର କରିବାକୁ ଆରମ୍ଭ କରିଥିଲେ ମାତ୍ର । ଚନ୍ଦା କମ୍ପା ପାଚକା ପ୍ରତି ନ ଚାହିଁ ପାଗଳ ପରି ତାଙ୍କର ସେହି ଆହାରପୂର୍ଣ୍ଣ ଥାଳଟି ଧରି ବାହାରକୁ ଧାଇଁ ଆସିଲେ ।

ସମ୍ମୁଖରେ ଆହାର ଦେଖି ଶ୍ୱାନ ପରି ସେହି ଲୋକଗୁଡ଼ିକ ତାଙ୍କ ନିକଟକୁ ଦୌଡ଼ି ଆସିଲେ । ସମସ୍ତଙ୍କୁ ତାହା ସେ ବଣ୍ଟନ କରିଦେଲେ । ତୃପ୍ତିର ନିଃଶ୍ୱାସ ପକାଇ ନିବର ମଧ୍ୟକୁ ଫେରିଲେ ।

ଭୋଜନ, ଶୟନ, ସ୍ୱପ୍ନ, ଜାଗରଣ, ସକଳ ଅବସ୍ଥାରେ ଶୁଭ-କାନ୍ତଙ୍କ ଚକ୍ଷୁ ସମକ୍ଷରେ ଦୁର୍ଭିକ୍ଷର ବିଭୀଷିକା ଭାସିଉଠିଲା । କରାଳ ପିଶାଚ—ଲେଲିହାନ ତାର ଜିହ୍ୱା, ସର୍ବାଙ୍ଗ ତାର ନରକଙ୍କାଳ, ନର ମୁଣ୍ଡମାଳରେ ଅଳଂକୃତ । ବିକଟ ଦଶନ ବ୍ୟାଦାନକରି ସେ

Digitized by PPRACHIN, SOA

ଦେଶମସ୍ତ ଶୁଭ୍ର ଅଟ୍ଟହାସ କରୁଚି । ଶତ ସହସ୍ର ନରନାରୀ ବୁଭୁକ୍ଷୁ ଚକ୍ଷୁ ଶୁଭକାନ୍ତଙ୍କର ଆହାରପୂର୍ଣ୍ଣ ଥାଳକୁ ଯେପରି ନଗ୍ନ ଦୃଷ୍ଟିରେ ଗ୍ରାହିଁ ରହିଅଛି । ହସ୍ତ ତାଙ୍କର ସ୍ଥିର ହୋଇଯାଏ । ହସ୍ତମଧ୍ୟସ୍ଥିତ ଆହାର ସ୍ଖଳିତହୋଇ ପାତ୍ରରେ ପତିତ ହୁଏ । ତାହା ବିରକ୍ତିରେ କିଛି କହି ପାରନ୍ତି ନାହିଁ । ସେ ଉନ୍ମାଦ ପରି ଆହାର ତ୍ୟାଗ କରି ଉଠିପଡ଼ନ୍ତି ।

ରାଜପ୍ରାସାଦର ଚତୁଃପାର୍ଶ୍ୱରେ, ବୃକ୍ଷ ମୂଳରେ ଅଥବା ରୌଦ୍ର ତାପରେ ଅସଂଖ୍ୟ ଶୂନ୍ୟ ଉଦରର ହତାଶ କୋଟରଗତ ଆଖି ! ଅଗଣିତ ମୃତ ଅର୍ଦ୍ଧମୃତର ବୁଭୁକ୍ଷିକାଗ୍ରସ୍ତ ଚକ୍ଷୁ ତାଙ୍କର ସମସ୍ତ କ୍ରିୟାକୁ ପ୍ରତିକ୍ଷଣରେ ନିରୀକ୍ଷଣ କରି ରହିଅଛି ! ! ସେ ଚକ୍ଷୁ ଏହି ରାଜପ୍ରାସାଦର ବିଭବ ପର୍ଯ୍ୟବେକ୍ଷଣ କରି ତୀବ୍ର ତପ୍ତ ନିଃଶ୍ୱାସ ବର୍ଷଣ କରୁଅଛି, ଆଉ ସେହି ପ୍ରଖରତାର ତାପରେ ତାଙ୍କର ସମସ୍ତ ଅଟ୍ଟାଳିକା ହୁ ହୁ ଜଳି ଉଠୁଅଛି । ସେ ଅଗ୍ନି ଯେପରି ନିର୍ବାପିତ ହେବାର ନୁହେଁ । ସମସ୍ତ ବିଶ୍ୱର ଅଟ୍ଟାଳିକାରାଶି ଜାଳି ଭସ୍ମୀଭୂତ କରିଦେବା ପାଇଁ ଯେପରି ତାହାର ଆବିର୍ଭାବ !

ଶୁଭକାନ୍ତ ବିଚାର କରନ୍ତି, ଏ ତାଙ୍କର ସ୍ୱପ୍ନ ଅବା ଜାଗରଣ ! କିଛି ସ୍ଥିର କରି ପାରନ୍ତି ନାହିଁ; କିନ୍ତୁ ଏ ରାଜପ୍ରାସାଦ ସାଜସଜ୍ଜା, ଆହାର ଆଡ଼ମ୍ବର ତାଙ୍କୁ ଏହି ଅସଂଖ୍ୟ ବୁଭୁକ୍ଷୁମାନଙ୍କ ଅପେକ୍ଷା ଅଧିକ ପୀଡ଼ିତ କରିଅଛି । ଏ ବେଷ୍ଟନୀ ମଧ୍ୟରେ ରହିବା ତାଙ୍କ ପକ୍ଷରେ ଏବେ ଅସହ୍ୟ ।

ଶୁଭକାନ୍ତ ଧ୍ରୁବ ଜାଣନ୍ତି, ତାହା ଏ ସମସ୍ତ ବୁଝି ପାରିବେ ନାହିଁ । ସେ ତାଙ୍କର ଚକ୍ଷୁକୁ ମୁଗ୍ଧ କରିଅଛନ୍ତି; କିନ୍ତୁ ଅନ୍ତରର ସେ ତୀବ୍ର ଅନାହାର, ତାହାର ତୃପ୍ତି ତାଙ୍କ ହାତରେ ନାହିଁ ।

Digitized by PPRACHIN, SOA

ତଥାପି ସେ ତାଙ୍କୁ ନିଜର ଅଭିମତ ଶୁଣାଇ ଦେବାକୁ ଉଚିତ ଜ୍ଞାନ କଲେ । ସ୍ପଷ୍ଟରୂପେ ପ୍ରକାଶ କଲେ, 'ଏ ରାଜନବର, ଦାସ, ଦାସୀ, ପରିଜନ ପରିତ୍ୟାଗ କରି ଦୈନ୍ୟ ଗ୍ରହଣ କରିବାକୁ ସେ ସ୍ଥିର କରି ଅଛନ୍ତି । ରାଣୀଙ୍କର ପ୍ରତି ଅଳଙ୍କାର, ପ୍ରତି ବସ୍ତ୍ର, ପଲଙ୍କ ପ୍ରସାଧନ-ସାମଗ୍ରୀ ଏବଂ ରାଜପ୍ରାସାଦର ପ୍ରତି ଇଷ୍ଟକ ମାନବର ରକ୍ତ ମାଂସରେ ନିର୍ମିତ ! ଯେଉଁଠାରେ ମାନବ ଅନାହାରରେ ମୃତ୍ୟୁ ଲଭୁଛି, ସେଠାରେ ଏରୂପ ବେଷ୍ଟନୀ ମଧ୍ୟରେ ବାସ କରିବା କେବଳ ପାପ ଏବଂ ଅପରାଧ । ପଡ଼ୋଶୀ ଗୃହରେ ସପ୍ତାହରେ ଥରେ ମଧ ପାକଶାଳାକୁ ଅଗ୍ନି ଯାଏ ନାହିଁ, ଆଉ ସେ ଏହି ନବର ମଧ୍ୟରେ ବହୁ ମୂଲ୍ୟର ବ୍ୟଞ୍ଜନ ଦେଇ ପ୍ରତ୍ୟହ ଜିହ୍ୱାର ଲାଳସା ତୃପ୍ତ କରିବେ !

ନା, ନା, ହେବ ନାହିଁ ରାଣି ! ଆମ୍ଭମାନଙ୍କୁ ଦାନ କରିବାକୁ ହେବ । ଅନ୍ୟର ଯଥାସର୍ବସ୍ୱ ଅପହରି ସ୍ଥଳରେ ଆମର ବିଳାସିତାରେ କାଳାତିପାତ କରିବାର କି ଅଧିକାର ଅଛି ! ଯଦି କିଛି ଅଧିକାର ଥାଏ, ସେ ମନୁଷ୍ୟର ନୁହେ, ରକ୍ତଶୋଷୀ ପଶୁର !

ରାଣୀ ବୁଝିଲେ ନାହିଁ । ଅଭିମାନରେ କହିଲେ, 'ତୁମର ଯାହା ଇଚ୍ଛା କର; କିନ୍ତୁ ମୋର ଅଳଙ୍କାର ମୁଁ ତ ଦେଇ ପାରିବି ନାହିଁ । ବାବା ମତେ ଯାହା ସବୁ ଯୌତୁକ ଦେଇଛନ୍ତି, ସେ ସମ୍ପତ୍ତିକୁ ଛାଡ଼ି ବାକି ନେଇ ତୁମର ଯାହା ଇଚ୍ଛା କର ।'

ନବର ତ୍ୟାଗ କରି ଶୁଭକାନ୍ତ ବାହାରି ଆସିଲେ, ଏଥର ଆଉ ଘୋଟକ ପୃଷ୍ଠରେ ନୁହେଁ—ପଦବ୍ରଜରେ ! ଧରଣୀ ସ୍ପର୍ଶକରି ତାଙ୍କର ପଦ ଦୁଇଟି ହୃଷ୍ଟ ହୋଇ ଉଠିଲା; କିନ୍ତୁ ଧରାପୃଷ୍ଠରେ ଦୁର୍ଭିକ୍ଷ ଦାନବର ବିକଟ ରୂପ ଦର୍ଶନ କରି ସେ ଆତ୍ମ-ବିସ୍ମୃତ ହୋଇ ପଡ଼ିଲେ । ଅମାରଗୁଡ଼ିକ ଶୂନ୍ୟ, ରାଜନବରର ସମସ୍ତ ସରଞ୍ଜାମ

Digitized by PPRACHIN, SOA

ଏହି ବୁଭୁକ୍ଷୁମାନଙ୍କ ସେବାରେ ବ୍ୟାପୃତ । ଅପୂର୍ଣ୍ଣ ନବନିର୍ମିତ ନବରଚି ଗୃହହୀନ ନରାଶ୍ରୟମାନଙ୍କର ଆଶ୍ରୟସ୍ଥଳ ହୋଇଅଛି । ତଥାପି ଏହି ଦାନବର ପରିତୃପ୍ତି ହେଉନାହିଁ ! ଚତୁର୍ଦ୍ଦିଗରେ ମୃତ ମୁମୂର୍ଷୁର ଦୃଶ୍ୟ ! ଶବ ସଂସ୍କାରର ପ୍ରୟୋଜନ ଆଉ ନାହିଁ ! ରାସ୍ତା ଘାଟ, ପଥ ଅପଥ ସର୍ବତ୍ର ଏହି ଏକ ଦୃଶ୍ୟ ! ଧରଣୀ ପୃଷ୍ଠରୁ ଜୀବନର ହାସ୍ୟ ଲିଭିଯାଇ ମରଣର ବିକଟ ରୂପ ଫୁଟି ଉଠିଅଛି । କେତେ ଜନପଦ ନିର୍ଜନ ହୋଇଅଛି—ସମଗ୍ର ଦେଶ ଗୋଟାଏ ବିରାଟ ଶ୍ମଶାନରେ ପରିଣତ । ସେ ଦୁଇ ହସ୍ତ ମସ୍ତକରେ ତୋଳି ଡାକିଲେ—

"ଦଂଷ୍ଟ୍ରାକରାଳାନି ଚ ତେ ମୁଖାନି
ଦୃଷ୍ଟ୍ୱୈବ କାଳାନଳସନ୍ନିଭାନି
ଦିଶୋ ନ ଜାନେ ନ ଲଭେ ଚ ଶର୍ମ
ପ୍ରସୀଦ ଦେବେଶ ଜଗନ୍ନିବାସ ।"

ହେ ଦେବତା, ବିକୃତଦଶନ ଭୀଷଣ ପ୍ରଳୟାଗ୍ନିତୁଲ୍ୟ ତୁମର ମୁଖରାଶି ଦର୍ଶନ କରି ଭୟାବିଷ୍ଟ ହୋଇ ମୁଁ ପଥ ଚିହ୍ନିପାରୁ ନାହିଁ, ସୁଖ ମଧ୍ୟ ପାଉନାହିଁ, ହେ ଜଗଦ୍‌ଆଧାର, ପ୍ରସନ୍ନ ହୁଅ !

ତାହାଙ୍କର ଦୁଇ ଚକ୍ଷୁରୁ ଦୁଇ ଧାର ଅଶ୍ରୁ ଗଡ଼ି ପଡ଼ିଲା । ପଥ ଭ୍ରାନ୍ତ ପଥିକ ସେ । କି ସେବା କରିବେ ବୋଲି ସ୍ଥିର ହୋଇ ବାହାରିଥିଲେ; କିନ୍ତୁ ଏ ବିରାଟ ଶକ୍ତି ନିକଟରେ କି ଶକ୍ତି ତାଙ୍କର ! ! ! ଯେଉଁ ରୂପ ଦର୍ଶନରେ—

'ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି,
ସର୍ବେ ନମସ୍ୟନ୍ତି ଚ ସିଦ୍ଧସଙ୍ଘାଃ ।'

ସେଠାରେ ଶୁଭକାନ୍ତ କି ଶକ୍ତି ଘେନ ଗର୍ବ ଦେଖାଇବାକୁ ଆସିଛନ୍ତି ! ସେ ଯେ ମହାକାଳ—ଲୋକ ସଂହାର ଲାଗି ଉଦ-

Digitized by PPRACHIN, SOA

ଲୋକରେ ପ୍ରବୃତ୍ତ ଅଛନ୍ତ । ସେ ମହାଶ ପ୍ରବୃତ୍ତିକୁ ବ୍ୟତିକ୍ରମ କରିବ ଏ ଜଗତରେ ସାଧ କାହାର !

'କାଲୋଽସ୍ମି ଲୋକ କ୍ଷୟକୃତ୍ ପ୍ରବୃଦ୍ଧୋ
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ ।'

ଅଦ୍ଭୁତ ! ଅଦ୍ଭୁତ ! ! ଏହି ଧ୍ୱଂସର ସଂହାରକାରୀ ଦେବତାଙ୍କୁ ପୁଣି ଅର୍ଜ୍ଜୁନ ସ୍ତୁତି କରିଅଛନ୍ତି,

'ପିତାସି ଲୋକସ୍ୟ ଚରାଚରସ୍ୟ ।'

ହାୟ ! ଏହି ଧ୍ୱଂସର ଦେବତାଙ୍କୁ ପିତା ବୋଲି କୁହାଯାଏ ! କି ଦୋଷ ନଥିଲା ଅନଶନଗ୍ରସ୍ତମାନଙ୍କର । ଏମାନେ ଅନ୍ୟାୟର ଦାବୀ କରି ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ନାହାନ୍ତି । ବିନା-ଯୁଦ୍ଧରେ ସୂଚ୍ୟଗ୍ର ପରିମିତ ଭୂମିଦାନ ନ କରିବା ପାଇଁ ଶପଥ କରି ନାହାନ୍ତି । ଏମାନଙ୍କ ପ୍ରତି କାହିଁକି ଏତେ ଅକରୁଣା ।

ଲେଲିହ୍ୟସେ ଗ୍ରସମାନଃ ସମନ୍ତା—
ଲ୍ଲୋକାନ୍ ସମଗ୍ରାନ୍ ବଦନୈର୍ଜ୍ଜ୍ୱଳଦ୍‌ଭିଃ
ତେଜୋଭିରାପୂର୍ଯ୍ୟ ଜଗତ୍ ସମଗ୍ରଂ
ଭାସସ୍ତବୋଗ୍ରାଃ ପ୍ରତପନ୍ତି ବିଷ୍ଣୋ ।

ଜ୍ୱଳନ୍ତ ମୁଖସମୂହଦ୍ୱାରା ତୁମେ ସମୁଦାୟ ଜଗତକୁ ଗ୍ରାସ କରି କରି ବାରମ୍ବାର ଭକ୍ଷଣ କରୁଅଛ । ତୁମ୍ଭର ଉଦ୍ଦୀପ୍ତ ପ୍ରଭାରାଶି ନିଜ ତେଜରେ ସମଗ୍ର ଜଗତ୍‌ରେ ବ୍ୟାପ୍ତ ହୋଇ ଦଗ୍ଧ କରୁଅଛି ।

———

Digitized by PPRACHIN, SOA

ଏକୋନବିଂଶ ପରିଚ୍ଛେଦ

ଚତୁର୍ଦ୍ଦିଗରେ ନିଦାଘର ଅଗ୍ନିବୃଷ୍ଟି ହେଉଅଛି । ସମ୍ମୁଖରେ ମରୀଚିକାର ନୃତ୍ୟ, ଶ୍ମଶାନ ଉପରେ ଶ୍ୱାନ ଶୃଗାଳର ବିକଟ ଚିତ୍କାର । ଶୁଭକାନ୍ତ ବୃକ୍ଷମୂଳରେ ଦଣ୍ଡାୟମାନ ହେଲେ; କିନ୍ତୁ ପାଦ ତାଙ୍କର ଅଚଳ ହୋଇ ପଡ଼ିଅଛି । ଶରୀରର ଦୁର୍ବଳତା ନୁହେ ଚିତ୍ତର ଦୁର୍ବଳତା ।

ନା, ଆଉ ନୁହେ । ଧ୍ୱଂସର ଏ ବିକଳ ଅଭିନୟ ସେ ଦେଖି ପାରିବେ ନାହିଁ, ତାଙ୍କର ସମସ୍ତ ସାହସ ଶକ୍ତିହୀନ, ସକଳ ଦମ୍ଭ ପରାଭୂତ । ଆଉ ଅଗ୍ରସର ହେବାର ଉତ୍ସାହ ତାଙ୍କର ନାହିଁ । ସେ ପରାଜୟ ସ୍ୱୀକାର କରିଅଛନ୍ତି, ଧରଣୀପୃଷ୍ଠରେ ଯେଉଁ ଯୁଦ୍ଧ ଆଜି ଅଭିନୀତ, ତାହା ଅଲୌକିକ । ଏଠାରେ ଏକ ପକ୍ଷରେ ଜୀବନ, ଅନ୍ୟ ପକ୍ଷରେ ମରଣ—ନିର୍ବିଘ୍ନର ମରଣ !

ନା, ଆଉ ନୁହେ । ଆଉ ଅଗ୍ରସର ହୋଇ ଫଳ ନାହିଁ । ଫେରିଯିବେ ? ପୁଣି ସେହି ନଗର ଅଭିମୁଖରେ ! ରିହାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି କହିବେ, 'ସେ ମୋର ଦୁର୍ବଳତା ରାଣି, କେବଳ ମୂଢ଼ତା, ଅବିବେକିତା । ପଥ ମଧ୍ୟରେ ସମସ୍ତ ବୁଦ୍ଧି-ହାରି ପୁନଶ୍ଚ ନଗରକୁ ଫେରି ଆସିଅଛି । ଏଥର ପୂର୍ବପରି ରାଜ୍ୟ-ଶାସନ କରିବ । ତୁମ ପ୍ରତି ଆଉ ଅବହେଳା ଦେଖାଇବ ନାହିଁ ।'

Digitized by PPRACHIN, SOA

ପୁନର୍ବାର ନୂତନ ନଗର ନିର୍ମିତ ହୋଇ ଉଠିବ । ଚଣ୍ଡାଳଙ୍କର ହାସ୍ୟରେ ରାଜଅନ୍ତଃପୁର ମଞ୍ଜରିତ ହେବ । ବୃଥା ! ବୃଥା ! ବୃଥାରେ କାହିଁକି ସମସ୍ତ ଜୀବନଟାକୁ ସେ କ୍ଳେଶମୟ କରିବାକୁ ଯାଉଅଛନ୍ତି !

ଯଶ, ଖ୍ୟାତି, ସମ୍ମାନ, ଗୌରବ—ଏ ଧରାବକ୍ଷରେ କିଏ କାହିଁ ଲିପିବଦ୍ଧ କରି ଯାଇଅଛି ? ତ୍ୟାଗ, ନୀତି, ଧର୍ମ—ଜଗତରେ କେତେଜଣ ମାନବ ତାହା ଅନୁସରଣ କରନ୍ତି ? କିନ୍ତୁ ତାଙ୍କର ଅନ୍ତର ମଧ୍ୟରୁ କିଏ କହି ଉଠିଲା ।

'କୁତସ୍ତ୍ୱା କଶ୍ମଳମିଦଂ ବିଷମେ ସମୁପସ୍ଥିତମ୍
ଅନାର୍ଯ୍ୟଯୁଷ୍ଟମସ୍ୱର୍ଗ୍ୟମକୀର୍ତ୍ତିକରମର୍ଜ୍ଜୁନ !

ହେ ଅର୍ଜ୍ଜୁନ ! ଏହି ବିଷମ ସଙ୍କଟ କାଳରେ ଏ ଭାବ ଯେ ଅନାର୍ଯ୍ୟସେବିତ, ଅଧର୍ମଜନକ ଏବଂ ଅଯଶସ୍କର । କାହିଁକି ଏ ମୋହ ତୁମ୍ଭଙ୍କୁ ଆକ୍ରମଣ କଲା ? ହୃଦୟର ଏ ତୁଚ୍ଛ ଦୁର୍ବଳତା ତ୍ୟାଗ କରି ଉଠି ବସ । ସମ୍ମୁଖରେ ତୁମେ ଆଜି ମହାସମର ପ୍ରାଙ୍ଗଣରେ ଅବତୀର୍ଣ୍ଣ ! ଏ ସ୍ଥଳରେ ଏପରି କ୍ଳୀବତ୍ୱ ତୁମର ଜାତ ହେଲା କାହିଁକି ? ହେ ରାଜା, ଉତ୍ତିଷ୍ଠତ ଯୁଦ୍ଧାୟ କୃତନିଶ୍ଚୟ । ସମ୍ମୁଖରେ ଜୀବନ ମରଣର ମହା ଆହବ ଉପସ୍ଥିତ ! କଣ ଦେଖି ତୁମେ କାତର ହୋଇ ପଡ଼ୁଅଛ ? ମରଣ ? କାହାର ମରଣ ? ଏ ଜଗତରେ ମରଣ କାହାର, ଜନ୍ମ କାହାର ? ଜନ୍ମ ମରଣ ତୁମ ହାତରେ ନାହିଁ ରାଜା ! ତୁମ ହାତରେ ଅଛି କେବଳ କର୍ତ୍ତବ୍ୟ । ରାଜା ତୁମେ; କିନ୍ତୁ ରାଜ୍ୟକୁ କେବଳ ଶାସନ କରିଅଛ, ପାଳନ କରି ନାହଁ । ସେହି ପାଳନ କରିବାର ସମୟ ଆଜି ଉପଗତ । ରାଜାର କର୍ତ୍ତବ୍ୟ ସମାଧାନ କର । ପ୍ରଜାର ମୃତ୍ୟୁ ଦେଖି ବିଚଳିତ ହେବା ତୁମର ଧର୍ମ ନୁହେଁ । ପ୍ରଜା ! ପ୍ରଜା ! ! କେଉଁଦିନ କାର୍ଯ୍ୟରେ ନ

Digitized by PPRACHIN, SOA

ହେଲେହେଁ, ମୁଖରେ କହୁଛ କ 'ସବ ମୁନଷା ମେ ପଜା'—ସକଳ ମନୁଷ୍ୟହିଁ ମୋର ସନ୍ତାନ ! ଏହି ଧଉଳିପାହାଡ଼ ତଳେ ଜଣେ ରାଜା ବହୁ ପୂର୍ବେ ଏଠେ ବଡ଼ ଅମରଗାଥା ଲିପିବଦ୍ଧ କରିଥିଲେ । ମୂକଶିଳା ସେହି କଥା ଆଜ ଚିତ୍କାର କରି ଜଗତରେ ପ୍ରଚାର କରୁଅଛି । ଏହି ଗାଥା ଗାତ୍ରରେ ଧାରଣ କରି କ୍ଷୁଦ୍ର ଧଉଳି ଶିଳା ହିମାଳୟର ସମ୍ମାନ ଲଭ କରିଅଛି !

ସନ୍ତାନ ପାଇଁ ପିତା କ ଇଚ୍ଛା ଘୋଷଣା କରେ ? 'ଅଥ ବଜାୟେ ଇଚ୍ଛାମି କଂଛ ? ମେ ସବେନ ହିତ ସୁଖେନ ଯୁଜେୟୁତି ହିଦଲୋକ ଗିକ ପାଲଲୋକ କେନ । ହେବ ମେୟ ଦ ମେ ଇଚ୍ଛା ସବ ମୁନଷେ ସିୟା'; ମୋର ପୁତ୍ରମାନଙ୍କ ପାଇଁ ମୁଁ ଯେପରି ଇଚ୍ଛା କରେଁ ଯେ ସେମାନେ ଇହଲୋକ ଓ ପରଲୋକର ସମସ୍ତ ସୁଖ ଏବଂ କଲ୍ୟାଣ ଲଭ କରନ୍ତୁ, ସେହିପରି ସମଗ୍ର ମାନବଜାତି ପାଇଁ ମଧ୍ୟ ମୋର ଏହି ଏକମାତ୍ର କାମନା ! ଶୁଭକାନ୍ତଙ୍କର ପୁତ୍ର ନାହିଁ, କନ୍ୟା ନାହିଁ, ସମସ୍ତେ ଆଜ ମରଣ ଆଶ୍ରୟ କରିଅଛନ୍ତି । ବିଶ୍ୱପଥର ଏକାକୀ ଯାତ୍ରୀ ସେ । ଚତୁର୍ଦ୍ଦିଗକୁ ଚାହିଁଲେ, କେହି ନାହିଁ ! କେବଳ ମରୀଚିକା ନୃତ୍ୟ କରି ଉଠିଚ; କନ୍ତୁ ଅନ୍ତର ମଧ୍ୟରୁ କଏ ଡାକ ଉଠିଲା, 'ସବ ମୁନଷା ମେ ପଜା ।' ଅଛି, ଅଛି, ଆଉ ଆବଶ୍ୟକ କଣ । ଚାବା ସିନା ବମୁଖ ହେଲେ—ସନ୍ତାନଟିଏ ଥିଲେ ଅବା ପିତାର ଅନୁଗାମୀ ହୋଇଥାନ୍ତା, ଭ୍ରାତା କମ୍ବା ଭଗିନୀଟିଏ ଥିଲେ ଅବା ତାହାଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରନ୍ତା; କନ୍ତୁ 'ସବ ମୁନଷା ମେ ପଜା' ? ଜଗତରେ ନାହିଁ କଣ ତାଙ୍କର ?

ନବଶକ୍ତି ହଞ୍ଚୟ କରି ଶୁଭକାନ୍ତ ବୃକ୍ଷମୂଳରୁ ବହିର୍ଗତ ହେଲେ । କତିପୟ ଯୁବକଙ୍କୁ ଘେନ ଗୋଟିଏ ସେବକଦଳ

Digitized by PPRACHIN, SOA

ଗଠନ କଲେ । ଏ କାର୍ଯ୍ୟରେ ବାଙ୍ଗାଳୀ ବନ୍ଧୁସବୁ ହିଁ ସେ ଧୂରନ୍ଧର । କେବଳ ମୁକ୍ତାଗଡ଼ ରାଜ୍ୟରେ ତାଙ୍କ କର୍ମ ଆବଦ୍ଧ ରହିଲା ନାହିଁ । ଉତ୍କଳର ସ୍ଥାନେ ସ୍ଥାନେ ସେ ଭ୍ରମଣ କରିବାକୁ ଲାଗିଲେ । ଧନୀମାନଙ୍କଠାରୁ ଅର୍ଥ ସଂଗ୍ରହ କରି ସ୍ଥାନେ ସ୍ଥାନେ ସାହାଯ୍ୟକେନ୍ଦ୍ର ଚଳାଇଲେ । ପୋଖରୀବନ୍ଧ, ନଈଜବନ୍ଧ, ବିରୂପାବନ୍ଧ, କେନାଲ, ରାସ୍ତା ଆଦି କାର୍ଯ୍ୟମାନଙ୍କରେ ବ୍ୟାପୃତ ଶତ ସହସ୍ର ଅନ୍ନହୀନ ପୁରୁଷ ନାରୀଙ୍କୁ ନିଯୁକ୍ତିରୂପେ ଆହାର କମ୍ବା ମଜୁରି ମିଳୁଅଛି କି ନାହିଁ ଅନୁସନ୍ଧାନ କରିବାକୁ ଲାଗିଲେ ।

ମଇ ମାସ ପ୍ରାରମ୍ଭରୁ ଦେଶର ଅବସ୍ଥା ଭୀଷଣତର ହୋଇ ଉଠିଲା । ପୁରୀଜିଲା ମାଜିଷ୍ଟ୍ରେଟ କେବଳ ମହନ୍ତ ଏବଂ ଧନୀକ-ମାନଙ୍କର ସାହାଯ୍ୟକେନ୍ଦ୍ରରେ ନିର୍ଭର କରି ରହିବାକୁ ନିଜ ଶାସନ ପକ୍ଷରେ ଅନ୍ୟାଯ୍ୟ ବୋଲି ଅନୁଭବ କଲେ । ସରକାରୀ ଦୁର୍ଭିକ୍ଷ ସାହାଯ୍ୟ କମିଟିର ସମ୍ପାଦକରୂପେ କଲିକତାର ଖବର କାଗଜ-ମାନଙ୍କରେ ସେ ଏକ ନିବେଦନ ପ୍ରକାଶ କଲେ । ତାହାର ଫଳରେ ଏକ ହଜାର ଟଙ୍କା ମାତ୍ର ମିଳିଲା । ପୁରୀ ସହରରେ ଗୋଟିଏ ଅନ୍ନଛତ୍ର ଖୋଲାଯାଇ ଗୃହତ୍ୟାଗୀ ବୁଭୁକ୍ଷୁମାନଙ୍କୁ ଅନ୍ନ ପରିବେଷିତ ହେଲା । ମଇମାସ ଶେଷକୁ ଦଶ ହଜାର ଟଙ୍କା ସରକାର ମଞ୍ଜୁର କଲେ ଏବଂ ଗ୍ରାମମାନଙ୍କରେ ସାହାଯ୍ୟ କେନ୍ଦ୍ରଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବାଲାଗି ଜଣେ କର୍ମଚାରୀ ନିଯୁକ୍ତ କଲେ । ଜୁନମାସର ମଧ୍ୟ-ଭାଗରେ ଗୋପାଳପୁରଠାରୁ ଚଳିକାବାଟେ ଯେଉଁ ଶସ୍ୟ ଆସୁଥିଲା, ତାହା ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଗଲା । ଜେଲଖାନାର ବନ୍ଦୀ-ମାନଙ୍କ ପାଇଁ ତଣ୍ଡୁଳର ଅଭାବ ।

କଟକ ସହରର ଅବସ୍ଥା ମଧ୍ୟ ଅଧିକ ଶୋଚନୀୟ । ଟଙ୍କାରେ ୫ସେର ୪ସେର ଠାରୁ ଆରମ୍ଭ କରି ଚାଉଳର ଦର ସାଢ଼େ

Digitized by PPRACHIN, SOA

ତିନସେର ପର୍ଯ୍ୟନ୍ତ ଉଠିଲା; ଅର୍ଥାତ୍ ସାଧାରଣ ସମୟର ଆଠଗୁଣ ମୂଲ୍ୟ ବୃଦ୍ଧି ! କେନାଲ ଖନନ ଏବଂ ଯୋବରା, ବରୂପା ପ୍ରଭୃତି ବନ୍ଧ ନିର୍ମାଣରେ ପ୍ରାୟ ପନ୍ଦର ହଜାର ଲୋକ ନିଯୁକ୍ତ ଥିଲେ । ସେମାନଙ୍କୁ ଅର୍ଦ୍ଧେକ ମଜୁରି ପଇସାରେ ଏବଂ ବାକି ଅର୍ଦ୍ଧେକ ଚାଉଳରେ ଦିଆଯାଇଥାଏ; କିନ୍ତୁ ବର୍ତ୍ତମାନ ଚାଉଳର ଅଭାବ ଏତେ ଅଧିକ ହୋଇ ପଡ଼ିଲା ଯେ, ସେମାନେ କେବଳ ଅର୍ଥ ଗ୍ରହଣ କରି କାର୍ଯ୍ୟ କରିବାକୁ ରାଜି ହେଲେନାହିଁ । ନିରାଶ ପ୍ରାଣରେ ଦଳ ଦଳ ହୋଇ ପ୍ରତ୍ୟାବର୍ତ୍ତନ କରିବାକୁ ଆରମ୍ଭ କଲେ । ଗୃହିଣୀ ଓ ସନ୍ତାନମାନେ ସେମାନଙ୍କୁ ଶୂନ୍ୟହସ୍ତରେ ଫେରିବାର ଦେଖି କ୍ରନ୍ଦନ କରି ଉଠିଲେ ।

ମଇମାସ ୨୭ ତାରିଖରେ କମିଶନର ସାହେବ ଗଡ଼ଜାତ ଭ୍ରମଣରୁ ଫେରି ଦେଖିଲେ ଯେ, ସୈନ୍ୟ ଗୁଡ଼ିଏ ଓ ସରକାରୀ କର୍ମଚାରୀମାନେ ଅନଶନ ପ୍ରପୀଡ଼ିତ ! ଜେଲ ବନ୍ଦୀମାନେ ମଧ୍ୟ ଅନାହାରରେ ମରିବାକୁ ବସିଛନ୍ତି । ପରଦିନ ସେ ତାରଦ୍ୱାରା ସରକାରଙ୍କୁ ସମସ୍ତ ଅବସ୍ଥା ଜଣାଇ ସାହାଯ୍ୟ ଭିକ୍ଷା କଲେ । ତିନି ହଜାର ବସ୍ତା ଚାଉଳ ତତ୍କାଳ ବାଟେ ତତକ୍ଷଣାତ୍ ପ୍ରେରିତ ହେଲା; କିନ୍ତୁ ପଥ ଅସୁବିଧା ଯୋଗୁ ସେଗୁଡ଼ିକ କଟକ ପହଞ୍ଚିବା ପାଇଁ ଜୁଲାଇମାସ ହୋଇଗଲା ।

ଏହି ଦୁଇ ତିନି ମାସ ମଧ୍ୟରେ ସମସ୍ତ ଦେଶରେ ଯେଉଁ ସବୁ ଭୟାବହ ଘଟନା ପ୍ରଘଟିତ ହେଲା, ତାହା କେବଳ ଅଶ୍ରୁତପୂର୍ବ ନୁହେଁ, ଅଭୂତପୂର୍ବ !

ପୁରୀର କଲେକ୍ଟର ସାହେବ ଗୃହତ୍ୟାଗୀମାନଙ୍କ ପାଇଁ ଅନ୍ନ-ଛତ୍ର ଖୋଲିବା ବ୍ୟତୀତ ଟଙ୍କାରେ ଚାରି ପାଞ୍ଚ ସେର ହିସାବରେ ସରକାରୀ ଚାଉଳ ବିକ୍ରୟ କଲେ ଏବଂ ଏଜେଣ୍ଟ ନିଯୁକ୍ତ କରି ଗ୍ରାମ-

Digitized by PPRACHIN, SOA

ମାନଙ୍କରେ ଏହି ଗୃଣ୍ଡଳ ସରବରାହ କଲେ । ଏକ ଟଙ୍କାରୁ ଊର୍ଦ୍ଧ୍ୱ ଗୃଣ୍ଡଳ କୌଣସି ବ୍ୟକ୍ତିକୁ ବକ୍ରୟ କରାଗଲା ନାହିଁ, କ୍ରମେ ଏହି ସୀମା ମାତ୍ର ଆଠ ଅଣାରେ ଉପନୀତ ହେଲା ଏବଂ କିଛିକାଳ ପରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । ଧନିକମାନେ ମରଣମୁଖୀ ଲକ୍ଷ ଲକ୍ଷ ଲୋକଙ୍କର ହାହାକାର ଓ ବିକଳ ଚିତ୍କାର ପ୍ରତି ବଧିର ହୋଇ ବସି ରହିଲେ ।

ଅପରାଧର ସଂଖ୍ୟା ବଢ଼ି ଚାଲିଲା । ଯେଉଁ ଦେଶରେ ଲୋକେ ଖୁନି, ନରହତ୍ୟା ଶୁଣି ଆତଙ୍କିତ ହେଉଥିଲେ, ସେ ଦେଶରେ ଚୋରି ଡକାୟତି, ଖୁନି, ଜନାକାରି ଦୈନନ୍ଦିନ ବ୍ୟାପାର ହୋଇ ଉଠିଲା । ଟଙ୍କା ପଇସା ସୁନା ରୂପାକୁ ଲୋକେ ମାଟି ଅପେକ୍ଷା ତୁଚ୍ଛ ଜ୍ଞାନ କଲେ । କେତେ ଜମି ଜମିଦାରୀ ଜଳ ମୂଲ୍ୟରେ ବିକ୍ରୟ ହୋଇଗଲା । କେବଳ ମୁଠିଏ ଅନ୍ନ, ସେରେ ଗୃଣ୍ଡଳ, ଆଉ କିଛି ଲୋଡ଼ା ନାହିଁ— ଆଉ କିଛି ଅଭାବ ନାହିଁ । ତୁମର ବିଦ୍ୟା, ବୁଦ୍ଧି, ତତ୍ତ୍ୱ, ଦର୍ଶନ, ପୁରୁଷର ପୌରୁଷ, ନାରୀର ସତୀତ୍ୱ—ସମସ୍ତ ଧ୍ୱଂସମୁଖରେ ଲୋଡ଼ା କେବଳ ମୁଠିଏ ଅନ୍ନ !

ମୁଠିଏ ଅନ୍ନ ! କି ଦୁର୍ମୂଲ୍ୟ ବସ୍ତୁ ସେ । କ୍ରୟ କରିବାକୁ ମିଳେ ନାହିଁ, ଧନ ସମ୍ପତ୍ତି ପୁତ୍ର ଦାର ସମସ୍ତ ବିନିମୟରେ । ଭିକ୍ଷା କରିବାକୁ ମିଳେ ନାହିଁ, ଦ୍ୱାରଦେଶରେ ଶତ ଶତ ଭିକ୍ଷୁକ ପ୍ରାଣ ହରାଇଲେ ମଧ୍ୟ ।

ଗ୍ରାମେ ଗ୍ରାମେ ଧନୀମାନଙ୍କ ପ୍ରତି ଗୃହର କବାଟ ରୁଦ୍ଧ ହୋଇ ରହିଲା । କାରଣ ଭିକ୍ଷୁକଦଳ କେବଳ ଦ୍ୱାରଦେଶରେ ଅନ୍ନଭିକ୍ଷା କଲେନାହିଁ । ଦ୍ୱାର ମୁକ୍ତ ଥିଲେହିଁ କାହାରି ତାଡ଼ନାକୁ ଅପେକ୍ଷା ନ ରଖି ଗୃହ ମଧ୍ୟରେ ପ୍ରବେଶ କଲେ । ଚୋର ଡକାୟତଦଳ

Digitized by PPRACHIN, SOA

ନିଶାର ଅନ୍ଧକାରକୁ ଗୃହେଁ ନାହିଁ—ଦିବା ଦ୍ୱିପ୍ରହରରେ ଗ୍ରାମ ମଧ୍ୟରେ ପ୍ରବେଶ କରି ଧାନ ଚୂଡ଼ାକରେ ଦାବୀ କରେ । ଦ୍ୱାର ଭଗ୍ନ କରି ଗୃହ ମଧ୍ୟରେ ପ୍ରବେଶ କରେ । ମଫସଲ ଗ୍ରାମମାନଙ୍କରେ ଧାନ ଚୂଡ଼ାକ ବାସ୍ତବ ସ୍ୱପ୍ନ ହୋଇ ଉଠିଲା ।

ଅନ୍ନଛତ୍ରମାନଙ୍କରେ ବୁଭୁକ୍ଷୁ ଜନତା ବୃଦ୍ଧି ଲାଭ କରିବାକୁ ଲାଗିଲା ଏବଂ ଜଣେ ସରକାରୀ କର୍ମଚାରୀଙ୍କ ଭାଷାରେ 'କ୍ରୋଶ କ୍ରୋଶ ବ୍ୟାପୀ ଆହାର ପାଇଁ ସେମାନଙ୍କର କାତର ଚିତ୍କାର ଶୁଣାଯାଉ ଥିଲା ।'

ଅଶ୍ରୁହୀନ ମରଣର ଏହି ବିକଟ ଲୀଳାମଧ୍ୟରେ ଶୁଭକାନ୍ତ ଦୃଷ୍ଟିବାୟୁ ପରି ଦେଶେ ଦେଶେ, ସ୍ଥାନେ ସ୍ଥାନେ ଭ୍ରମିବାକୁ ଲାଗିଲେ । ତାଙ୍କର ହୃଦୟସ୍ଥଳରେ କେବଳ ଗୋଟିଏ ଶବ୍ଦ ଜ୍ୱଳନ୍ତ ସ୍ୱର୍ଣ୍ଣାକ୍ଷରରେ ମୁଦ୍ରିତ ରହିଲା,—'ସବୁ ମୁଁ ନିଷ୍ଠା ମୋ ପ୍ରଜା ।'

Digitized by PPRACHIN, SOA

ଚତୁର୍ତ୍ତ୍ରିଂଶ ପରିଚ୍ଛେଦ

କଲ୍ୟାଣପୁର ଗ୍ରାମ ସନ୍ନିହିତ ସରକାରୀ ପୁଲିସ ଥାନା ଏବଂ ଥାନାସଂଲଗ୍ନ ଦୁଇଟି ସାହାଯ୍ୟକେନ୍ଦ୍ର । ଗୋଟିଏ ସରକାରୀ, ଅନ୍ୟଟି ସାଧାରଣ ଲୋକଙ୍କଦ୍ୱାରା ପ୍ରତିଷ୍ଠିତ । ସରକାରୀ କେନ୍ଦ୍ରଟି ଜଣେ ହାକିମ ପରିଚାଳନା କରୁଛନ୍ତି ଏବଂ ବେସରକାରୀଟିରେ ନିଜେ ଶୁଭକାନ୍ତ ଉପସ୍ଥିତ ରହି ପର୍ଯ୍ୟବେକ୍ଷଣ କରୁଅଛନ୍ତି । କଲ୍ୟାଣପୁରର ପାର୍ଶ୍ୱବର୍ତ୍ତୀ ଦୁଇଟି ଗ୍ରାମରେ ଏ ଦୁଇଟି କେନ୍ଦ୍ର ପ୍ରତିଷ୍ଠିତ, ପ୍ରଭାତରୁ ମଧ୍ୟାହ୍ନ ଏବଂ ଅପରାହ୍ଣରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହା କାର୍ଯ୍ୟ କରେ । ତିନି ଚାରି କୋଶ ମଧ୍ୟରେ ଅନ୍ୟ କେନ୍ଦ୍ର ନାହିଁ । ସୁତରାଂ, ଦୂର ଗ୍ରାମମାନଙ୍କରୁ ଲୋକେ ଏଠାରୁ ସାହାଯ୍ୟ ନେବା ପାଇଁ ଆସନ୍ତି । ବେସରକାରୀ ସେବକମାନେ ଗ୍ରାମେ ଗ୍ରାମେ ବୁଲି ମଧ୍ୟ ସାହାଯ୍ୟ ବିତରଣ କରନ୍ତି । ଯେଉଁମାନେ ଗୃହତ୍ୟାଗୀ ହୋଇ ସାହାଯ୍ୟ ଗ୍ରହଣ କରି ପାରିବେ ନାହିଁ, ସେମାନଙ୍କ ପାଇଁ ଏ ବ୍ୟବସ୍ଥା ।

ସାହାଯ୍ୟ କେନ୍ଦ୍ରର ଚତୁଃପାର୍ଶ୍ୱରେ ଗୁମ୍ଫା ଆଶ୍ରୟ କରି ଶତ ଶତ ବାସହୀନ ପୁରୁଷ ନାରୀ ବାସ କରୁଅଛନ୍ତି । ଏମାନେ ଗୃହତ୍ୟାଗୀ— ଘର, ସମ୍ପତ୍ତି, ଜମିବାଡ଼ି ବିକ୍ରୟ କରି ସେମାନଙ୍କ ମଧ୍ୟରୁ କେତେକ ଶେଷରେ ଏହି ଭିକ୍ଷାବୃତ୍ତି ଅବଲମ୍ବନ କରିଅଛନ୍ତି । ଆଉ କେତେକ ଆନିକଟ ବନ୍ଧ ନିର୍ମାଣ ଓ କେନାଲ ଖନନ କାର୍ଯ୍ୟରୁ ଅନ୍ନାଭାବରୁ

Digitized by PPRACHIN, SOA

ବିତାଡ଼ିତ ହୋଇ ଏହିଠାରେ ଅନ୍ନଲାଭ କରିବା ଭରସାରେ ପଡ଼ି-ଅଛନ୍ତି । ଅନ୍ନଛତ୍ରରେ ଆଶ୍ରୟ ନେବା ବ୍ୟତୀତ ସେମାନଙ୍କର ଅନ୍ୟ ଉପାୟ ନାହିଁ । ରନ୍ଧନ ପାଇଁ କାଷ୍ଠର କମ୍ବା ଅନ୍ୟ ସରଞ୍ଜାମର ବ୍ୟବସ୍ଥା ସେମାନଙ୍କର ନାହିଁ । ଯୁବତୀମାନଙ୍କର ଯୌବନ ନାହିଁ । ଶିଶୁଗୁଡ଼ିକଙ୍କର ପ୍ରଫୁଲ୍ଲତା ନାହିଁ ।

ବୈଶାଖର ପ୍ରଖର ମଧ୍ୟାହ୍ନ । ସାହାଯ୍ୟ ପ୍ରାର୍ଥୀମାନେ ଏକେ ଏକେ ବିଦାୟ ନେଉଅଛନ୍ତି, ନିକଟବର୍ତ୍ତୀ ବୃକ୍ଷମୂଳରୁ ଶିଶୁର କ୍ରନ୍ଦନ ଓ ମାତାର ତାଡ଼ନା ଶୁଣା ଯାଉଅଛି । ପଥ ଜନଶୂନ୍ୟ । ଅନ୍ନଛତ୍ର ନିକଟରେ ଗୋଟିଏ କ୍ଷୁଦ୍ର କୁଟୀର ମଧ୍ୟରେ ଶୁଭକାନ୍ତ ଆସୀନ । ତାଙ୍କର ଗୌରବର୍ଣ୍ଣ ଦେହଟି ରୌଦ୍ରତାପରେ ପାଣ୍ଡୁର, କଙ୍କର ଭୂମିସ୍ପର୍ଶରେ ପଦ ଦୁଇଟି କ୍ଷତ ଏବଂ ମଳିନ । ବୟସ ତାଙ୍କର ତ୍ରିଂଶ ନ ହେଲେହେଁ ଏହି କେତେଦିନ ମଧ୍ୟରେ ତ୍ରିଂଶରୁ ଊର୍ଦ୍ଧ୍ୱ ବୋଲି ଅନୁମିତ ହୁଏ । ତାଙ୍କ ଜୀବନରେ ବର୍ତ୍ତମାନ ଶ୍ରେଷ୍ଠତମ ସମସ୍ୟା—ଏହି ଶତ ସହସ୍ର ମୁମୂର୍ଷୁ ମାନବର ପ୍ରାଣ-ଧାରଣର ଉପାୟ ଉଦ୍ଭାବନ । ସମ୍ମୁଖର ଧୂସର ପଥ ପ୍ରତି ଦୃଷ୍ଟି ପକାଇ ଏହି ଚିନ୍ତାରେହିଁ ସେ ମଗ୍ନ ରହିଅଛନ୍ତି । ଦୂରରେ ବିକଳାଙ୍ଗ ଶୂନ୍ୟ ଶସ୍ୟକ୍ଷେତ୍ର ମଧ୍ୟରୁ ଶୁଷ୍କ ପତ୍ର ଉଠାଇ ନେଇ ଗୋଟାଏ ଘୂର୍ଣ୍ଣିବାୟୁ ନାଚି ନାଚି ବନ ଅନ୍ତରାଳରେ ମିଶିଗଲା । ଶୁଭକାନ୍ତ ବସି ବସି ଭାବୁଛନ୍ତି, ଏହାପରି ତାଙ୍କ ଜୀବନ ଅକସ୍ମାତ୍ ଆବିର୍ଭୂତ ହୋଇ ଅଜ୍ଞାତରେ ଲୀନ ହୋଇଯିବ । ସଙ୍କେତ ନାହିଁ ! ଚିହ୍ନ ନାହିଁ !!

ଭାବୁ ଭାବୁ ଚକ୍ଷୁ ତାଙ୍କର ତନ୍ଦ୍ରାଳସ ହୋଇ ଆସିଲା; କିନ୍ତୁ ଅଦୂରରେ ଏହି ପ୍ରଚଣ୍ଡ ରୌଦ୍ରତାପରେ ଗୋଟିଏ ଜୀର୍ଣ୍ଣ କୁଷ୍ଠଗ୍ରସ୍ତା

Digitized by PPRACHIN, SOA

ତାଙ୍କର ଦିଗକୁ ଗତି କରୁଥିବାର ଦେଖି ଚକ୍ଷୁ ତାଙ୍କର ଉନ୍ମେଷିତ ହେଲା । ଶୁଭକାନ୍ତ ଦେଖିଲେ ରୌଦ୍ର ତାପରେ ସମସ୍ତ ଶରୀରକୁ ଅବଗାହିତ କରି ଗୋଟିଏ ବୃଦ୍ଧ ଧୀରେ ଧୀରେ ଗତି କରୁଅଛି । କଟୀଦେଶରେ କ୍ଷୁଦ୍ର ଗୋଟିଏ ପରିଧାନ, ଦେହରେ ଗାମୁଛା, ହସ୍ତରେ ଖଣ୍ଡିଏ ଯଷ୍ଟି ମାତ୍ର ଅବଲମ୍ବନ । ଆଗନ୍ତୁକର ସୁଦୀର୍ଘ ଅବୟବକୁ ସଙ୍କୁଚିତ କରି ମଧ୍ୟାହ୍ନ ରବି ତାର ପାଦମୂଳରେ ଏକ-ବିନ୍ଦୁ କ୍ଷୁଦ୍ର ଛାୟାପାତ କରିଅଛି ।

ବୃଦ୍ଧ ନିକଟବର୍ତ୍ତୀ ହେବାରୁ ଦେଖାଗଲା ତାହାର ଭାଲ-ଦେଶରେ ଗୋଟିଏ ଦୀର୍ଘ ସିନ୍ଦୁର କଳା । ଶୁଭକାନ୍ତଙ୍କୁ ସହାସ୍ୟ ନମସ୍କାର କରି ସେ ଦଣ୍ଡାୟମାନ ହେଲା । ବୃଦ୍ଧର ରୂପରେ ଶୁଭକାନ୍ତ ଗୋଟାଏ ବିଶେଷତ୍ୱ ଦର୍ଶନ କଲେ, ଯାହା ସେ ସଚରାଚର ଦେଖି ନାହାନ୍ତି । ତାହାର ବୟସ ସପ୍ତତିତମ ଅନୁମିତ ହେଲେହେଁ କୌଣସି ସ୍ଥାନରେ ତାର ଅବୟବ ବକ୍ର ହୋଇ ନାହିଁ । ହସ୍ତ-ସଙ୍କେତରେ ଶୁଭକାନ୍ତ ଏହି ନବାଗତ ବୃଦ୍ଧକୁ ଗୃହ ମଧ୍ୟକୁ ଡାକିଲେ ।

ଗୃହ ମଧ୍ୟର ଶୀତଳତା ଲାଭ କରି ବୃଦ୍ଧ ଟିକିଏ ଆଶ୍ୱସ୍ତ ହେଲା । ନବାଗତ ବୃଦ୍ଧଟିର ନାମ, ଗ୍ରାମ ଏବଂ ଆସିବାର ଅଭିପ୍ରାୟ ଆଦି ସେ କିଛି ପଚାରିଲେ ନାହିଁ । ଆଗନ୍ତୁକକୁ ଏରୂପ କୌଣସି ପ୍ରଶ୍ନ ପଚାରିବା ତାଙ୍କର ନୀତିବିରୁଦ୍ଧ, କେବଳ ଏତିକି କହି ନୀରବ ହେଲେ, 'ଓଃ ଏ ଖରାଟା ବଡ଼ ପ୍ରଚଣ୍ଡ ।' ବୃଦ୍ଧ ଅଳ୍ପ ହସି କହିଲା, 'କେତେ ଖରା ଦେହ ସହିଲାଣି ମଣିମା—ଏଣିକି ଖରା, ବର୍ଷା, ଶୀତ ସବୁ ସମାନ ।' ଶୁଭକାନ୍ତଙ୍କର ଏହି 'ମଣିମା' ଡାକଟା ବିଶ୍ୱ-ବ୍ରହ୍ମାଣ୍ଡରେ ସବୁଠାରୁ ଅଧିକ ଘୃଣିତ । କାରଣ ଏହି ଡାକ ଡାକି ସୁନା ମୃତ୍ୟୁ ଆଶ୍ରୟ କରିଅଛି ! ସେ ଧୀରେ ଧୀରେ କହିଲେ—

Digitized by PPRACHIN, SOA

'ଦେଖ, ଏ ମଣିମା ଡାକଟା ମତେ ଡାକକ ନାହିଁ । ଜଗତରେ ମୁଁ ଏ ଡାକକୁ ଯେପର ଘୃଣା କରେଁ, କୌଣସି ତିରସ୍କାରକୁ ସେପର କରେ ନାହିଁ । ମୁଁ ଜଣେ ତୁମର ସାଥି ଭାଇ । ମତେ "ତୁମେ" "ଆପଣ" କର କହ, ଅଧିକ କର କହିଲେ, ମୋର ଦୁଃଖ ହେବ ।'

ବୃଦ୍ଧ ଦୁଇ ହସ୍ତ ଶିରରେ ଲଗାଇ କହିଲା, 'ସବୁ ଶୁଣିଛୁ ହଜୁର, ସେଥିପାଇଁ ତ ଟିକଏ ଦର୍ଶନ କରବାକୁ ଆସିଲି । ବୟସ ଏତେ ହେଲଣି, କେଜାଣି କେଉଁଦନ ମରଯିବ, ଟିକଏ ଦେଖି ପାରବ ନାହିଁ । ଏତେ ପାଖରେ ଅଛନ୍ତ ବୋଲି କଣ ଜାଣିଥିଲି । ଦୈବାତ୍ ଦଟା ବେତ ପାହାର ଖାଇଲି ବୋଲି ସିନା !'

ଶୁଭକାନ୍ତ ବୃଦ୍ଧର ଏ ସକଳ କଥାର ମର୍ମ ବୁଝି ପାରଲେ ନାହିଁ । କେବଳ ଜିଜ୍ଞାସୁ ଦୃଷ୍ଟିରେ ତା ପ୍ରତି ଚାହିଁ ରହିଲେ । ବୃଦ୍ଧ ତାହା ଜାଣିପାର କହିବାକୁ ଆରମ୍ଭ କଲା, 'ଏହି ସେ ଗାଁରେ ଯେଉଁ ବାବୁ ଜଣକ ସରକାରଙ୍କଠାରୁ ଦରମା ଖାଇ ଲୋକଙ୍କ ପ୍ରତି ଧର୍ମ କରବାକୁ ଆସିଛନ୍ତ । ବାଉଁଶ ଅଡ଼ା ତିଆର ହେଉଛି, ସିପେହି ଚଉକିଆ, ଜଂଗୁଆଳ ଅଛନ୍ତ—ବନା ଅସୁବିଧାରେ ଲୋକେ ଯେପର ସାହାଯ୍ୟ ପାନ୍ତି; କିନ୍ତୁ ହେଉଛି କଣ ? ଯେଉଁଠାରେ ବେଶି ତଦାରଖି, ଗୋଳମାଳ ସେଠାରେ ସବୁଠାରୁ ଅଧିକ । ଲୋକେ ଖାଇବା ବନା ଯେପର ବରାଡ଼ କୁକୁର ପର ହେଉଛନ୍ତ, ହଜୁର ତ ନଜ ଆଖିରେ ଦେଖୁଚନ୍ତ । ମୂର୍ଖ ଲୋକେ, ସେ କଣ ବୁଝି ପାରୁଛନ୍ତ ? ଖାଇବା ବନା ତ ପେଟ କଲବଲ ହେଉଚ । ଭାତ ମୁଠାଏ ପାଇବେ ବୋଲି ଟଣା ଓଡ଼ା, ଝିଙ୍କା ଓଟରା ଲଗାଉଛନ୍ତ । ସେଥିରେ ତାଙ୍କୁ ସିନା ଧୈର୍ଯ୍ୟ ଧର ସମ୍ଭାଳ ନେଲେ ହୁଏ ।

Digitized by PPRACHIN, SOA

ହାକମଙ୍କର ଯେପରି ଧୈର୍ଯ୍ୟ ରହୁନାହିଁ, ସିପେହୀ ଚଉକିଆଗୁଡ଼ାକ ବ ତାଙ୍କ ମନଜାଣି ଏହି କାଙ୍ଗାଳଗୁଡ଼'ଙ୍କୁ ବଡ଼ କଲବଲ କରୁଛନ୍ତି। ମାଡ଼ ଦେଉଛନ୍ତି, ହଜୁର ! ଏହି ଭୋକା ରଙ୍କୀଗୁଡ଼ାଙ୍କୁ ମାଡ଼ ଦେଉଛନ୍ତି। ହାତରେ ନୁହେଁ, ଗୋଡ଼ରେ ମଧ୍ୟ। ପେଟ ତ ତାଙ୍କର ଛଟପଟ ହେଉଛି—ଦଇବ ତାଙ୍କୁ ଏ ଦୁଃଖ ଦେଇଛି। ତୁମେ ମଣିଷ ହୋଇ ତାଙ୍କ ଦେହରେ ଆଘାତ କରୁଛ। ଛି, ଛି, ପଶୁଗୁଡ଼ାଏ !'

ସରକାରୀ ଅନ୍ନଛତ୍ରରେ ଏହିପରି ଅସୁବିଧା ହେଉଥିବାର ଶୁଭକାନ୍ତ ଏଥିପୂର୍ବେ ଶୁଣି ପାରିଛନ୍ତି। ଆଗ୍ରହ ପ୍ରକାଶ କରି ପଚାରିଲେ 'ଆଚ୍ଛା ?'

ବୃଦ୍ଧ ପୁନଶ୍ଚ ଆରମ୍ଭ କଲା, 'ମୁଁ ତ ସେହି ବାଟେ ଆସୁଚ, ଟିକିଏ ଛିଡ଼ା ହେଲି ଦେଖିବାକୁ। ଛତର ପାଖରେ ଯେତେ ଲୋକ ଜମା ହୋଇଥିଲେ, ସେଥିଭିତରୁ ଠେଲି ପେଲି ଦୁଇଟା ଲୋକ ଭିଡ଼ କାଟି ଆଗକୁ ପଶି ଯାଉଥାନ୍ତି। ସେହି ଦୁଇଟା ଲୋକଙ୍କୁ ସିପେହୀ ଦିଜଣ ଭିଡ଼ ଭିତରୁ ଧରିଆଣି ମୋ ଆଖି ଆଗରେ ଯେଉଁ କରାମତି ଦେଖେଇଲେ ହଜୁର, ଏ ବିହ ଟୋଗୋଟା ମୋର ଗରମ ହୋଇ ଉଠିଲା। ଲୋକ ଦିଟା ଗୁଣ୍ଡିପିଡି ହୋଇ ପଳେଇବେ ବୋଲି ବାହାରିଥାନ୍ତି; କିନ୍ତୁ ସିପେହୀ ଯୋଡ଼ାକ ତାଙ୍କୁ ଛାଡ଼ିଲେ ନାହିଁ। ଗୋଇଠା ଠେଙ୍ଗା ଉହ ମାରିବାରେ ଲାଗିଥାନ୍ତି। କରେ ବାବୁ, ଯୋଉଠି କରାମତି ଦେଖେଇବାର କଥା ସେଠି ଦେଖାଇଲେ ସିନା ହେବ, ଆଉ ନାହିଁ ଏହି କାଙ୍ଗାଳ ଭୋକାଗୁଡ଼ାକ ଉପରେ ଦେଖାଉଚ। ଦଶ ବେତ ଖାଇଲେ ଯେ ମୁହଁ ଫିଟାଇବେ ନାହିଁ— ମରିଗଲେ ମଧ୍ୟ"ମଲି" ବୋଲି କହିବେ ନାହିଁ। ଏହି ଲୋକଙ୍କ ଉପରେ ଚମର ପୁରୁଷପଣିଆ, ସିପେହୀ ଯୋଡ଼ାଙ୍କ ପାଖକୁ ଯାଇ

Digitized by PPRACHIN, SOA

ଏହି ଲୋକ ଦୁଇଟିଙ୍କୁ ଗୁଡ଼ ଦେବାପାଇଁ କହିଲ । ଗୁଡ଼ ଦେବେ କଣ, ଓଲଟି ସେ ମୋତେ ନାଲ ଆଖି ଦେଖାଉଚନ୍ତି ହଜୁର ! କ ରେ ବାବୁ, ବଳସ୍ୱାର ସିଂ ତୁମ ନାଲ ଆଖି ଦେଖି ଡରିବା ଲୋକ ହୋଇଚ ଯେ, ତାକୁ ଦେଖାଉଚ । ଜୋର କର ଲୋକ ଦିଟିଙ୍କୁ ଛଡ଼ାଇ ଦେଲ; ତେବେ ତାଙ୍କର ଚେତା ପଶୁ ନାହିଁ, ଦାଉଡ଼ି ଆସୁଚନ୍ତି ମତେ ଧରି ନେବେ ହାକମଙ୍କ ଆଗକୁ । ହସ ମାଡ଼ିଲ ହଜୁର, ବଳସ୍ୱାର ସିଂକୁ ଧରିବେ ଏହି ମଡ଼ା ସିପେହି ଦି'ଟା ! "ହଉ ଚାଲ ଚାଲ" କହି ଦି'ଟାଙ୍କ ବେକମୁଣ୍ଡାରେ ଦିଟା ମୁଠା ପକେଇ ଗାଳସ ଧରି ମାଛକୁ ନେଲା ପରି ଟେକନେଲ ହାକମଙ୍କ ଆଗକୁ । ଜୀଅନ୍ତା ମାଛ ଲାଞ୍ଜି ହଲେଇବା ପରି ସିପେହି ଦି'ଟା ଖାଲି ଗୋଡ଼ ଛଟପଟ କରୁଥାନ୍ତି । ହାକମ ତାଙ୍କ ସିପେହାଙ୍କର ଏ ଦଶା ଦେଖି ତ ମହା ଖପ୍ପା । ଚାରିଟା ସିପେହି ବେଢ଼ିଯାଇ ମତେ ଧରିଲେ, ଆଉ ଦି'ଟା କ'ଣ ଦଣ୍ଟିରେ ବେତ ମାରିଲେ । ଇଚ୍ଛା ହେଉଥାଏ ଗୋଟା ଗୋଟା ଧରି ଟେକା ଫିଙ୍ଗିଲା ପରି ସେହି ହାକମଙ୍କ ଉପରକୁ ଫିଙ୍ଗି ଦିଅନ୍ତି । ନା, ଦରକାର ନାହିଁ, ଏ ଜାଗାରେ ବଳ କଷାକଷି ହୋଇ ଲାଭ କଣ ? ହେଲେ କଣ ହେବ ହଜୁର, ବନ୍ଧୁକ ଗୁଳିଖାଇ ଯେ ହଜମ କରିଛି, ବେତମାଡ଼କୁ ସେ ବଳସ୍ୱାର ସିଂହର ଦେହ ଶୁଣିବ !' ବୃଦ୍ଧ ହା ହା କରି ହସି ଉଠିଲା । ଏ ବୟସରେ ମଧ୍ୟ ତାର ଦାନ୍ତଗୁଡ଼ିକ ଲୁହା ପରି ଟାଣ ଥିବାର ଶୁଭକାନ୍ତ ଦେଖି ପାରିଲେ । ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ବନ୍ଧୁକର ଗୁଳି ?'

ବୃଦ୍ଧ ମୃଦୁ ହସି କହିଲା, 'ବନ୍ଧୁକର ଗୁଳି ହଜୁର ଗୋଟାଏ ନୁହେଁ, ଦୁଇଟା ନୁହେଁ, ଲାଗେ ଲାଗେ ତିନଟା ।' ବଳସ୍ୱାର ସିଂହ

Digitized by PPRACHIN, SOA

ତାର ବାହୁ ଓ ପଦରେ କ୍ଷତଚୋଟି ଗର୍ତ୍ତ ଦେଖାଇଲା । ଶୁଭକାନ୍ତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ଏ ଗୁଳି କେଉଁଠାରୁ ଖାଇଲ ବଳୟାର ସିଂ !' ବୃଦ୍ଧ ଉତ୍ତେଜିତ ହୋଇ କହିଲା; 'ପଚାଶ ବର୍ଷ ତଳେ ଏହି ନାମରେ ଆଜ ଜଣେ ରାଜା ଡାକୁଥିଲେ,— ହଜୁରଙ୍କର ରାଜା ମତେ ସେହିପରି ଶୁଣା ଯାଉଅଛି । ଦୁଇ ଚକ୍ଷୁ ତାର ସାମାନ୍ୟ ଆର୍ଦ୍ର ହୋଇ ଉଠିଲା । ଶୁଭକାନ୍ତ କେବଳ ବିସ୍ମିତ ହେଲେ ନାହିଁ—ଅସମ୍ଭବ ମନେ କଲେ, ସପ୍ତତିତମ ବର୍ଷ ବୟସର ଏହି ଜରାଗ୍ରସ୍ତ ଅଙ୍ଗରେ ଏପରି ଅଦ୍ଭୁତ ଶକ୍ତିଥିବାର ଶୁଣିପାରି ! ଏକାଗ୍ରଚିତ୍ତରେ ସେ ତାର ସମସ୍ତ ଅବୟବକୁ ପର୍ଯ୍ୟବେକ୍ଷଣ କରିବାକୁ ଲାଗିଲେ, 'ପଚାଶ ବର୍ଷ ତଳର କଥା ?'

ପଚାଶ ବର୍ଷର କଥା ହଜୁର, ପଚାଶ ବର୍ଷର କଥା । । ସେତେବେଳେ ବଳୟାର ସିଂହର ବୟସ ଚବିଶ କି ପଚିଶ । ବଳୟାର ସିଂ ନାମ ଶୁଣିଲେ ଲୋକେ ଭୟରେ ଥରହର ହେଉଥିଲେ । ବଳୟାର ସିଂ ଆସୁଛି ଶୁଣିଲେ ଦୁଆର ବନ୍ଦ କରି ଘରେ ଲୁଚୁଥିଲେ । ଏ ଦେହରେ ସେତେବେଳେ ସିଂହର ବଳ ଥିଲା । ଛୁଆଡ଼ ଦେଲେ ଦଶଟା ଲୋକ ମାଟି କାମୁଡ଼ି ତଳେ ପଡ଼ିଯାଉଥିଲେ । ପଚାଶ ବର୍ଷ ତଳେ କେତେ ବନ୍ଧୁକ ଗୁଳି ଆବାଜ ଶୁଣିଛି ହଜୁର, ବେତମାଡ଼ ତା' ପାଖରେ ଆଙ୍ଗୁଠିର ଫୁଟିକି ।'

'କେଉଁ ସମୟର କଥା କହୁଚ ବଳୟାର ସିଂ, ୧୮୧୭ ମସିହାର ?'

'କିଏ ଜାଣେ ହଜୁର କେତେ ମସିହା । ରାଜା ମୁକୁନ୍ଦଦେବ ଯେଉଁ ବର୍ଷ ବାରବାଟିଠାରେ ବନ୍ଦୀ ହୋଇ ରହିଲେ ।'

Digitized by PPRACHIN, SOA

ବଲ୍ଲସ୍ବାର ସିଂହର କଥା ଶୁଣି ଶୁଭକାନ୍ତଙ୍କର ଚକ୍ଷୁ ସମକ୍ଷରେ ଏହି ସମୟର କଳ୍ପନା ଚିତ୍ରିତ ହୋଇ ଉଠିଲା । ୧୮୧୭ ମସିହା ! ଧରାପୃଷ୍ଠକୁ ଆସିବା ପାଇଁ ତାଙ୍କର ସେତେବେଳେ ତିନ ବର୍ଷ ବାକି ଅଛି । ଏହି ବର୍ଷ ଉତ୍କଳର ସାମରିକ ଶକ୍ତି ଇଂରେଜ ବିରୁଦ୍ଧରେ ଶେଷଥର ପାଇଁ ଉଦ୍ଦୀପ୍ତ ହୋଇ ଚିରକାଳ ପାଇଁ ନିର୍ବାପିତ ହୋଇଗଲା ! ଏହି ସମୟରେ କନକା ଓ କୁଜଙ୍ଗର ରାଜାମାନେ ହରିଶପୁର ରାଜାଙ୍କ ସହିତ ଷଡଯନ୍ତ୍ର କରି ବିଦ୍ରୋହର ଅଗ୍ନି ଜାଳି ଦେଇଥିଲେ । ପୁରୀର ରାଜା ଖୋର୍ଦ୍ଧା ଯୋଦ୍ଧାଙ୍କୁ ଗୁପ୍ତ ସାହାଯ୍ୟ କରି ଆଜୀବନ ବନ୍ଦୀ ହୋଇ ପ୍ରାଣତ୍ୟାଗ କରିଥିଲେ । ସେହି ଉତ୍କଳବାସୀ ଆଜ ଅନାହାରରେ ମରଣ ସହିତ ଯୁଦ୍ଧ କରୁଛନ୍ତି ! ପଚିଶବର୍ଷ ପୂର୍ବର ସେହି ଉତ୍କଳର ଜଣେ ସନ୍ତାନକୁ ସମ୍ମୁଖରେ ଦେଖି ଶୁଭକାନ୍ତଙ୍କର ଚିତ୍ତ ଆନନ୍ଦରେ ଗଦ୍‌ଗଦ୍ ହୋଇପଡ଼ିଲା ।

'କହ ବଲ୍ଲସ୍ବାର ସିଂ, କିପରି ତୁମ ଦେହରେ ଗୁଳି ଲାଗିଲା । ଆଉଥରେ ତୁମ ଦେହରେ ସେହି ଗୁଳି ଚିହ୍ନ ଦେଖେଁ । ସେ ତ ଅନଶନ ପୀଡ଼ିତର ଲଜ୍ଜାବହ ଚିହ୍ନ ନୁହେ, ମୋ ଦେଶର ଗୌରବ-ମୟ ଚିହ୍ନ ସେ । ଅନାହାରରେ ଆଜ ଯେତେ ଲୋକ ମୃତ୍ୟୁ-ମୁଖରେ ପଡିଛନ୍ତି ହେଉଛନ୍ତି, ଏହିପରି ଗୁଳି ଖାଇ ମରିଥାନ୍ତେ ହେଲେ ! ଏଡ଼େ ହତଭାଗ୍ୟ । ଏତେ ହୀନତମ ମରଣ ଏମାନଙ୍କ କର୍ମରେ ଥିଲା । କହ ବଲ୍ଲସ୍ବାର ସିଂ ! ଏହି ଅଗୌରବ ମରଣରେ ପରିବେଷ୍ଟିତ ହୋଇ ତୁମ ମୁଖରୁ ସ୍ୱଦେଶର ଗୌରବ ଗାଥା ଶୁଣିବାର ସୌଭାଗ୍ୟ ମୋର ହେଉ !'

ବୃଦ୍ଧ ଆରମ୍ଭ କଲା, 'ପାଞ୍ଚଶହ ପାଇକ ହଜୁର, ମୋଟେ ପାଞ୍ଚଶହ ପାଇକ । ସମସ୍ତଙ୍କ ଦେହ ରଙ୍ଗମାଟିରେ ଲେପିତ ।

Digitized by PPRACHIN, SOA

କପାଳରେ ସିନ୍ଦୂର କଲା, ଦେହରେ ବାଘଛାଲ । ପାଞ୍ଚଶହ ପାଇକ ନେଇ 'ଖୋର୍ଦ୍ଧା'ର ଇଂରେଜ ସରକାରଙ୍କର ଖଜଣାଖାନାଟି ଲୁଟି କରିଥିଲା, ପୁଣି ଅଧିକାର କରିଥିଲା । ଇଂରେଜ ସରକାରଙ୍କୁ ଏ ଦେଶର ପରାକ୍ରମ ଦେଖାଇଥିଲା । ଜଣେ ରାଜାଙ୍କୁ ମାନିଥିଲି ହଜୁର, ଜଣେ ରାଜାଙ୍କର ନିମକ୍ ଖାଇଥିଲି । ଏ ଦେହ ଆଉ କାହାର ବଶ୍ୟତା ମାନିବ ନାହିଁ ?'

ଶୁଭକାନ୍ତ ପଚାରିଲେ, 'କାହା କଥା କହୁଛ ବଳସ୍ତ୍ର ସିଂ ? ରୋଡ଼ଙ୍ଗର ଜଗବନ୍ଧୁ ବିଦ୍ୟାଧରଙ୍କ କଥା ?' 'ଆହା ! କାହା ନାମ ଆଜି ଏ କାନରେ ବାଜିଲା ।' ବଳସ୍ତ୍ର ସିଂର ଚକ୍ଷୁ ବାଷ୍ପାକୁଳ ଓ ଗଣ୍ଡ ଲୋମାଞ୍ଚିତ ହୋଇ ଉଠିଲା ।

'ସବୁ ତ ଜାଣନ୍ତି ହଜୁର, ଅଧିକ କଣ କହିବି । ସେ ରାଜା ଗଲା ଦିନୁ ବଳସ୍ତ୍ର ସିଂ ଆଉ ବଳସ୍ତ୍ର ସିଂ ହୋଇ ନାହିଁ । ହଜାର ହଜାର ପାଇକଙ୍କୁ ମେଳ ପାଇଁ ମତାଇଛି । ଅସୁରେଶ୍ୱର, ଝିରଣ, ହରିହରପୁର ଥାନାମାନ ଜାଳି ପାଉଁଶ କରି ଦେଇଅଛି । ହଜାର ହଜାର ପାଇକଙ୍କର ରକ୍ତ ନଈସୁଅ ପରି ବହି ଯିବାର ଦୁଇ ଆଖିରେ ଦେଖିଛି ।'

ଶୁଭକାନ୍ତଙ୍କର ମୁଖରୁ ବାହାରି ଆସିଲା, 'ଆଉ ଏବେ ?'

ବଳସ୍ତ୍ର ସିଂ ମୃଦୁ ହସିଲା, 'ଏବେ ? ଏବେ କେଉଁ ଲୋକ ଏ କଥା ସମ୍ଭବ ବୋଲି ମନେ କରିବ ? ହଜୁରଙ୍କ ଆଗରେ ତ ସବୁ କଥା ଫିଟାଇ କହିଦେଇଛି, ଏ କଥାଟା ଲୁଚାଇବି କାହିଁକି ? ବର୍ତ୍ତମାନ ବଳସ୍ତ୍ର ସିଂ ଗୋଟାଏ ଡକାୟତ ଦଳର ସର୍ଦ୍ଦାର ?'

ଶୁଭକାନ୍ତ ଚମକି ପଡ଼ିଲେ, ଡକାୟତ ସର୍ଦ୍ଦାର । ସମ୍ମୁଖରେ ବସି ଏତେ ଶାନ୍ତ ସ୍ୱରରେ ଆଳାପ କରୁଛି । ବୃଦ୍ଧର ପାଦଠାରୁ

Digitized by PPRACHIN, SOA

ମୁଖ ପର୍ଯ୍ୟନ୍ତ ସେ ଅବାକ୍ ହୋଇ ନିରୀକ୍ଷଣ କରିବାକୁ ଲଗିଲେ । ଡକାୟତ ସର୍ଦ୍ଦାର । ଏ କଥା ନ କହିଥିଲେ ତ ଭଲ ହୋଇଥାନ୍ତା । ଶୁଭକାନ୍ତ ନିକଟକୁ ଆସିବାର ଅଭିପ୍ରାୟ ତାର କଣ ?

ବଳୟାର ସିଂ ମୃଦୁ ହସି କହିଲା, 'ଯୁଦ୍ଧ କରି ଆସିଚି ହଜୁର, ଆଉ ଭୂଇଁ ଚାଷ୍ଡ଼ ପେଟ ପୋଷିବାକୁ ଇଚ୍ଛା ହେଲ ନାହିଁ; ଡକାୟତି ବ୍ୟବସାୟଟା ଖରାପ କଣ ? ଦିନ ଦି'ପହରେ ଗରିବ ଲୋକଙ୍କ ତଣ୍ଟି ଚିପି ଯେଉଁମାନେ ବଡ଼ଲୋକ ବୋଲଉଚନ୍ତି, ସେହିମାନଙ୍କ ତଣ୍ଟି ଚିପି ଧନ ନେବା ତ ଆମର ବେଉଷା । ସେଥିରେ କ୍ଷତି କଣ ?' ଶୁଭକାନ୍ତଙ୍କ ଚିତ୍ତ ମଧ୍ୟ ସେଥି ସଙ୍ଗେ ସଙ୍ଗେ ପ୍ରଶ୍ନ କରିଉଠିଲା, 'ସେଥିରେ କ୍ଷତି କଣ ?' ମୃଦୁ ହସି ପଚାରିଲେ, 'ମୋ ନିକଟ ଆସିବାର ଅଭିପ୍ରାୟ, ବଳୟାର ସିଂ ? ଜାଣ ତ, ମୁଁ ରାଜ୍ୟ ଛାଡ଼ି ଚାଲି ଆସିଅଛି ।'

'ନାହିଁ ହଜୁର, ଡକାୟତି କରିବାକୁ ଆସି ନାହିଁ । ଯେଉଁଦିନ ଶୁଣିଲି ମୁକ୍ତାଗଡ଼ର ରାଜା ଦେଶଲୋକଙ୍କ ପାଇଁ ରାଜ୍ୟ ଛାଡ଼ି ଆସିଛନ୍ତି, ସେହିଦିନ ଏ କଥାଟା ଭାରି ନୂଆ ନୂଆ ଲଗିଲା । ବଡ଼ ଇଚ୍ଛା ହେଲା, ହଜୁରଙ୍କର ଦର୍ଶନ କରିବା ପାଇଁ । ଆଜ ମାଡ଼ ଖାଇ ଆସିଲବେଳେ ହଜୁର ଏଇଠାରେ ଥିବାର ଦଳେ ଲୋକଙ୍କଠାରୁ ଶୁଣିପାରି ଆସିଲି ବାହାରି, ଟିକିଏ ଦର୍ଶନ ପାଇବି ବୋଲି । ହଁ, ପ୍ରଜାଙ୍କୁ ରଖିବା ପାଇଁ ରାଜା—ଯୁଦ୍ଧ କରିବ ନ ହେଲେ ତ ରାଜ୍ୟ ଛାଡ଼ିବ ।'

ଶୁଭକାନ୍ତ କୌତୁହଳ ପରବଶ ହୋଇ ଏହି ବୃଦ୍ଧର ଅଙ୍ଗ ପ୍ରତ୍ୟଙ୍ଗ ପରୀକ୍ଷା କରିବାକୁ ଲଗିଲେ । ପ୍ରତି ଅଙ୍ଗ ଯେପରି ତାର ଲୌହ ନିର୍ମିତ ! ଶୁଭକାନ୍ତ କୁଟୀର ମଧ୍ୟରୁ ଗୋଟିଏ

Digitized by PPRACHIN, SOA

ନାରକେଳ ବୃକ୍ଷକୁ ଆହାର କରିବାକୁ ଦେଲେ । ଏକମାତ୍ର ମୁଷ୍ଟ୍ୟାଘାତରେ ସେ ତାକୁ ଖଣ୍ଡ ଖଣ୍ଡ କରି ଚୂର୍ଣ୍ଣ କରି ଦଶନ ସାହାଯ୍ୟରେ ହସି ହସି ଆହାର କରିବାକୁ ଲାଗିଲା । ଶୁଭକାନ୍ତ ପଚାରିଲେ, 'କେଉଁଠାରେ ଥାଅ ବଳଯ୍ଯାର ସିଂ ?'

'ଅତି ନିକଟରେ ହଜୁର, ଦୁଇ କୋଶରୁ ଅଧିକ ହେବ ନାହିଁ । ଏହି ସୁ—ଜଙ୍ଗଲ ଭିତରେ । ବୁଲିଆଜ୍ଞେ ତ ଆମର ଚଲା ଫେରା । ମଝିରେ ମଝିରେ ଦର୍ଶନ କରୁଥିବି ଆସି ।'

-'ମୁଁ ମଧ୍ଯ ଦିନେ ତୁମ ଘରକୁ ଯିବି ବଳଯ୍ଯାର ସିଂ ।' ତାହା ପ୍ରତି ଶୁଭକାନ୍ତଙ୍କର ଅତ୍ୟନ୍ତ କୌତୂହଳ ଜାତ ହେଲା । ବଳଯ୍ଯାର ସିଂ 'ଏତେ ଦୟା !' କହି ଗାତ୍ରୋତ୍‌ଥାନ କଲା ।

ତାହାର ଦୀର୍ଘ ଅବୟବଟି ଚକ୍ଷୁର ଅନ୍ତରାଳ ହେବା ପର୍ଯ୍ୟନ୍ତ ଶୁଭକାନ୍ତ ଏକଦୃଷ୍ଟିରେ ତା' ପ୍ରତି ଚାହିଁ ରହିଲେ । ଗୋଟାଏ ସାମରିକ ଜାତିର ଅସ୍ତଗତ ଗୌରବର ଶେଷ ଆଭା ପରି ବଳଯ୍ଯାର ସିଂର ରୂପ ତାଙ୍କ ସମକ୍ଷରେ ପ୍ରତିଭାତ ହେଲା ।

———

Digitized by PPRACHIN, SOA

ପଞ୍ଚବିଂଶ ପରିଚ୍ଛେଦ

ପୋଲିସ ଥାନାର ସନ୍ନିକଟ ଗ୍ଲେଟ କୋଠରିଟି କୃପାନାଥ ବାବୁ ଡାକ୍ତରଙ୍କର ବିଶ୍ରାମସ୍ଥଳ । କେତେଗୋଟି ସାହାଯ୍ୟ-କେନ୍ଦ୍ର ପର୍ଯ୍ୟବେକ୍ଷଣ କରିବା ବ୍ୟତୀତ ତାଙ୍କର ଅନ୍ୟ କାର୍ଯ୍ୟ ନାହିଁ । ସରକାରଙ୍କ ଦ୍ୱାରରେ ଏତେ ବଡ଼ ସମ୍ମାନାସ୍ପଦ ଗୃହକର ପାଇ ଶେଷରେ ତାଙ୍କର ଏହି ଦଶା ହେଲା । ମଫସଲ ଗ୍ରାମରେ ଏହି ଦୁର୍ଭିକ୍ଷ ଅନଶନ ପୀଡ଼ିତ ଲୋକସମାଜ ମଧ୍ୟରେ ପୁତ୍ର ଦାର ପରିତ୍ୟାଗ କରି ତାଙ୍କୁ କାଳାତିପାତ କରିବାକୁ ହେଲା—ଏ ଚିନ୍ତାରେ ସେ ଅହରହ କ୍ଷୁନ୍ନ ।

ଅବଶ୍ୟ କ୍ଷୁନ୍ନ ହେବାର ପ୍ରମାଣ ତାଙ୍କ ଦେହରୁ କିଛି ମିଳେ ନାହିଁ, ଯାହା ମିଳେ କେବଳ ମନରୁ । ସବୁବେଳେ ଯେପରି ମନଟାରେ ଆଶଙ୍କା ପୂର୍ଣ୍ଣ ହୋଇ ରହିଅଛି । ଅନୁକ୍ଷଣ ବିରକ୍ତି ଓ କ୍ରୋଧରେ ମୁଖଟି ଆଚ୍ଛନ୍ନ । ସହଜ ସ୍ୱରରେ ତାଙ୍କ ମୁଖରୁ କଥା ଶୁଣିବା କାହାରି ଭାଗ୍ୟରେ ଘଟି ନାହିଁ । ଶୁଣାଯାଏ ସେ ଏକା ବେଳେ ଚରମପନ୍ଥୀ—ମଧ୍ୟମ ବୋଲି କୌଣସି କଥା ତାଙ୍କ ନିକଟରେ ନାହିଁ । ତାଙ୍କର ଉପରିସ୍ଥ କର୍ମଚାରୀମାନଙ୍କ ନିକଟରେ ନମ୍ରତାର ସେ ଯେଉଁ ଚୂଡ଼ାନ୍ତ ଦେଖାଇଥାନ୍ତି, ସେଥିରେ ସହକର୍ମୀ ଅଥବା ଜନସାଧାରଣଙ୍କ ନିକଟରେ ପ୍ରକାଶ କରିବାକୁ ତାଙ୍କର ସମସ୍ତ

Digitized by PPRACHIN, SOA

ସୌଜନ୍ୟ ନିଃଶେଷ ହୋଇ ଯାଇଥାଏ ; ସୁତରାଂ, ତାଙ୍କ ପ୍ରକୃତି ସହିତ ଅନ୍ନ ବିତରଣ କର୍ମର ଅସାମଞ୍ଜସ୍ୟ ଯେ ଯଥେଷ୍ଟ ବେଶି ସେଥିରେ ଦ୍ୱିଧା ମତ ନାହିଁ । ଅନ୍ୟ ଏକ ଅସାମଞ୍ଜସ୍ୟ ତାଙ୍କର ରୂପ—ଏହି କଙ୍କାଳସାର ବୁଭୁକ୍ଷୁମାନଙ୍କ ମଧ୍ୟରେ ମୂଷିକ ବେଷ୍ଟିତ ଗଜାନନଙ୍କ ପରି ସେ ଆଦୌ ଶୋଭା ପାନ୍ତି ନାହିଁ । କୂପ ମଧ୍ୟରେ ଜଳପୂରଣ ଶବ୍ଦ ପରି ତାଙ୍କର ପ୍ରତି କଥା ଗର୍ଭ ମଧ୍ୟରୁ ଉତ୍ଥିତ ହୋଇ ଆସେ । ହାସ୍ୟ କଲେ ତାଙ୍କର ପୃଥୁଳ ଉଦରଟି ନୃତ୍ୟ କରି ଉଠେ ।

ପ୍ରତ୍ୟହ ସକାଳ ସନ୍ଧ୍ୟାରେ ଲୋକେ ସାହାଯ୍ୟ ନେବାପାଇଁ ଆସନ୍ତି । ନିତାନ୍ତ ଅନିଚ୍ଛାସତ୍ତ୍ୱେ ହାକିମ ସାହେବଙ୍କୁ ଦୁଇବେଳା କାର୍ଯ୍ୟ ପରିଦର୍ଶନ କରିବା କାରଣ ଆସିବାକୁ ପଡ଼େ । କି ଆଶ୍ଚର୍ଯ୍ୟ କଥା ! ସବୁ ଶିକ୍ଷା ଓ କ୍ଷମତା ବିନମପୁରେ ଏହି ଭିକ ବାଣ୍ଟିବା ତାଙ୍କର କର୍ମରେ ଥିଲା । ଅର୍ଦ୍ଧେକ ଜୀବନ ପୋଥି ମୁଖସ୍ଥ କରି, ସହପାଠୀମାନଙ୍କ ମଧ୍ୟରେ ନିଜ ବୁଦ୍ଧିର ଶ୍ରେଷ୍ଠତା ପ୍ରତିପାଦନ କରି, ଦେଶ ଗୁଡ଼ି, ଗୃହ ଗୁଡ଼ି, ଶେଷରେ ଏହି ଅବସ୍ଥା ତାଙ୍କର ?

ଏହି ଭାବନା ହିଁ ତାଙ୍କ ଜୀବନକୁ ବିରକ୍ତି ଓ ତିକ୍ତତାରେ ଭରି ଦେଇଥିଲା; କିନ୍ତୁ ଉଦର ଭରିବା ପାଇଁ ପକ୍ଷୀମାଂସ ଓ ଘୃତ ଅନ୍ନର ଅଭାବ ନ ଥିଲା । ପୋଲିସ ଦାରୋଗା ବାବୁଟି ତାଙ୍କର ଏ ମରୁକ୍ଷେତ୍ରରେ ଏକମାତ୍ର ବନ୍ଧୁ । ସକଳ କର୍ମରେ ସହାୟକ । ପକ୍ଷୀ ଶୀକାରଠାରୁ ଆରମ୍ଭ କରି ସାହାଯ୍ୟ ବିତରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ଅନନ୍ତ ବାବୁ ଦାରୋଗା ହାକିମଙ୍କର ସହକର୍ମୀ । ହାକିମ ସାହେବଙ୍କର ମେଧା ଶକ୍ତି, ଶୀକାର ନୈପୁଣ୍ୟ ଓ କର୍ମପ୍ରବଣତାରେ ଦାରୋଗା ବାବୁ ତାଙ୍କୁ ଅତିମାନବ ବୋଲି

Digitized by PPRACHIN, SOA

ଜ୍ଞାନ କରନ୍ତି । ତାଙ୍କର ଆସନ ଯେ ଧ୍ରୁବଲୋକ ପରି ଆମର ଏ ମର୍ତ୍ତ୍ୟଲୋକରୁ ପୃଥକ୍ ଏକ ଜଗତରେ ପ୍ରତିଷ୍ଠିତ, ଦାରୋଗା ବାବୁଙ୍କର ଏଥିରେ ତିଳେହେଲେ ସନ୍ଦେହ ନାହିଁ । ହାକିମଙ୍କୁ ତୁଷ୍ଟ ନ କରି ରହିପାରେ ଜଗତରେ କାହାର ସାଧ ? ଓକିଲ, ମୁକ୍ତାର, ପେସ୍କାର, ପୋଲିସ ସମସ୍ତଙ୍କର ପଦୋନ୍ନତି ଏବଂ ମାଲ-ମୋକଦ୍ଦମାରେ ସମସ୍ତଙ୍କର ହାର୍ ଜିତ୍ ଯେ ତାଙ୍କର ହାତରେ ! ଆଉ ବାକି ସାଧାରଣ ଲୋକଙ୍କୁ ପଚରେ କିଏ ? ଏ ଯେଉଁ ସମୟର କଥା, ସେତେବେଳେ ପୁଲିସ ବୋଇଲେ କମ୍ବା ପିଆଦା ବୋଇଲେ ଲୋକଙ୍କର ହୃତ୍କମ୍ପ ହୋଇଉଠେ । କୃପାନାଥ ବାବୁଙ୍କୁ ଲୋକେ ଯେପରି ଅର୍ଦ୍ଧ ସ୍ୱର୍ଗରୁ ଦେବତା ବୋଲି ଜ୍ଞାନ କରନ୍ତି, ସେ ମଧ୍ୟ ଆପଣାକୁ ତଦୂର୍ଦ୍ଧ୍ୱ ବୋଲି ବିଚାର କରନ୍ତି । ଏକ୍‌ଜିକ୍ୟୁଟିଭ କ୍ଷମତା ! ସ୍ୱୟଂ ଭଗବାନଙ୍କର ତାହା ଅଛି ନା ?

ଆହାର ସମାପନ କରି କୃପାନାଥ ବାବୁ ଥାନା ବାରଣ୍ଡାରେ କୁରୁସିଟିରେ ବସି ତୋଳାକୁ ଭ୍ରୂଲତାରେ ଖୋସି ଧୂମ୍ରପାନ କରୁଛନ୍ତି । ନିକଟରେ ଅନନ୍ତ ବାବୁ ଦାରୋଗା । ହାକିମ ସାହେବ କହିଲେ, 'ଦାରୋଗା ବାବୁ; ଆପଣ ନ ଥିଲେ ମୁଁ ଯେ ଏଠାରେ କିପରି ରହନ୍ତି ବୁଝିପାରୁ ନାହିଁ ।'

ଦାରୋଗା ବିନୀତସ୍ୱରରେ ଉତ୍ତର କଲେ, 'ହଜୁର୍ ଯେଉଁଠାରେ ରହନ୍ତୁ, ଅଭାବ କଣ ହୁଅନ୍ତା । ମୋ ଭଳି ଲୋକଙ୍କର ତ ଅପ୍ରାପ୍ତି କେଉଁଠାରେ ନାହିଁ !'

କୃପାନାଥ ବାବୁ ହୋ ହୋ କରି ହସି ଉଠିଲେ । କୁରୁସି ଉପରେ ତାଙ୍କର ବର୍ତ୍ତୁଳ ଉଦରଟି ନୃତ୍ୟ କରିବାକୁ ଲାଗିଲା, ଇଞ୍ଜିନ୍ ମୁହଁରୁ ଧୂଆଁ ବାହାରିଲା ପରି ସେଥି ସଙ୍ଗେ ସଙ୍ଗେ ମୁଖରୁ

Digitized by PPRACHIN, SOA

ତାଙ୍କର ଭୁଆ ଭୁଆ ହୋଇ ଧୂମ ଉଦ୍‌ଗୀରଣ ହେଲା । 'ତୁମ ଭଳି ଲୋକର ଅପ୍ରାପ୍ତି ନାହିଁ, ଦାରୋଗା ବାବୁ ! ହୋ ହୋ ହୋ ! ମୁଁ କଲେଜରେ ପଢ଼ିଲାବେଳେ ଗୋଟିଏ ପିଲା ଭଲ ପଢ଼ାଶୁଣା କରୁ ନ ଥିଲା ବୋଲି ସବୁବେଳେ ମୋ ଆଗରେ ଦୁଃଖ କରି ଆସି କହେ—'ଜାୟନ୍ତେ ଚ ମ୍ରିୟନ୍ତେ ଚ ମଦ୍‌ବିଧା କ୍ଷୁଦ୍ର ଜନ୍ତବଃ ।' ହୋ ହୋ ହୋ ! କାହିଁକି ଜାଣିଲ ନା ଦାରୋଗା ବାବୁ ? ରାତି ଜାଗି ଯେତେ ମୁଖସ୍ଥ କରୁ ପଛେ ସେ ବିଚରାର କିଛି ମନେ ରହେ ନାହିଁ, ଆଉ ମୁଁ ଥରେ ଥରେ ବହି ଓଲଟାଇ ଦେଇ ସବୁ ସମୟ ଖେଳରେ ଲାଗିଥାଏଁ ।'

ଦାରୋଗା ବାବୁ ବିସ୍ମିତ ହୋଇ ପଚାରନ୍ତି, 'ହଜୁର କଣ ଜମା ପଢ଼ାଶୁଣା କରୁ ନ ଥିଲେ ?'

ହଁ, ହଁ, ପଢ଼ୁ ନ ଥିଲି ତ ଆଉ ହାକିମଟାଏ ହେଲି କପରି ? ତେବେ ଆଉ ସେ ପିଲାଟି ପରି ବହି ସାଙ୍ଗରେ ସାତମତ କସରତ କରୁ ନ ଥିଲି । ବୁଝିଲ ନା ? ହୋ ହୋ ହୋ !'

ଦାରୋଗାବାବୁ ଅବାକ୍ ହୋଇ ହାକିମଙ୍କ ମୁହଁକୁ ଚାହିଁଲେ, ବାସ୍ତବିକ୍ ତ ! କେତେବଡ଼ ମହାପୁରୁଷଙ୍କ 'ସହିତ' ଆଳାପ ହେବାର ସୌଭାଗ୍ୟ ତାଙ୍କର ଜନ୍ମିଛି !

କୃପାନାଥ ବାବୁ ଆଉ ଦୁଇକଳି ଧୂମ ସେବନ କରି କହିଲେ, ସେଦିନ ସେ ଲୋକଟାକୁ ଦେଖିଲ ନା ଦାରୋଗା ବାବୁ ? ଓଃ, ଶୂନ୍ୟେ ଶୂନ୍ୟେ ଦୁଇଟା ସିପାହୀଙ୍କୁ ସେ ଯେମିତି ଟେକି ଆଣିଲା ! ତା ଚେହେରାକୁ ଦେଖି ମୋର ତ ଭୟ ହୋଇ ଗଲା । ଏ ମଡ଼ା ଦେଶରେ ପୁଣି ଏମିତି ଲୋକ ଅଛନ୍ତି । ମୋର

Digitized by PPRACHIN, SOA

ତ ମନେ ହୁଏ ସେ ଲୋକଟା ଗୋଟାଏ ଡକାଯୂତ କି ବଦମାସ ହେବ । ଲୋକଟାର 'ଟିକଏ' ଖବର ନେବ ତ ଦାରୋଗା ବାବୁ !'

ଦାରୋଗା ବାବୁ ଫିସ୍‌ଫିସ୍ କରି କେତେ କଥା କହିଗଲେ, ତାଙ୍କର କହିବାକୁ ସାରି ହେଲା, ସେଥିରୁ ଏକ ବର୍ଣ୍ଣ କୃପାନାଥ ବୁଝି ପାରିଲେ ନାହିଁ । ଏପରି ଅନେକ କଥା ସେ ଅନେକ ସମୟରେ କହିଯାନ୍ତି । କୃପାନାଥ ବୁଝିପାରନ୍ତି ନାହିଁ କିମ୍ବା ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ଦାରୋଗା ମନେ କରନ୍ତି, ସେ ପୁଲିସ-ବିଭାଗର ଲୋକ—ତାଙ୍କର ସବୁକାର୍ଯ୍ୟ ସବୁ କଥା ଗୋପନରେ ହେବା ଉଚିତ । ଏପରି କି କୃପାନାଥ ବାବୁଙ୍କ ସହିତ ସାଧାରଣ ଆଳାପ କଲାବେଳେ ମଧ୍ୟ ତାଙ୍କ କଥା ଦୁଇ ତିନି ହାତରୁ ଅଧିକ ଦୂରକୁ ଶୁଣାଯାଏ ନାହିଁ । ଏକ ମିନିଟରେ ପଚିଶଟା ଶବ୍ଦ ସେ ମୁଖରୁ ବାହାରି ଯାଏ । ହାକିମଙ୍କ ସମକ୍ଷରେ ସେ ପ୍ରମାଣ କରିବାକୁ ଚାହାନ୍ତି ଯେ, ସମସ୍ତ ଜଗତର ସମ୍ବାଦ ତାଙ୍କ ଗର୍ଭ ମଧ୍ୟରେ । ପ୍ରତି ପୁରୁଷ ପ୍ରତି ନାରୀକୁ ସେ ଯେପରି ଚିହ୍ନି ଚିହ୍ନି କରି ଜାଣନ୍ତି । ବଳସ୍ବାର ସିଂ ସମ୍ବନ୍ଧରେ ସେହିପରି ଅନେକ କଥା ସେ କହି ଗଲେ । ତାର ଘର କେଉଁଠାରେ, ବାପା ମା କିଏ, ଜମିବାଡ଼ି କେତେ । ତାର ଝିଅ କେଉଁଠାରେ ବାହା ହୋଇଛି । କ୍ୱାଇଁ କଣ କରେ । କେବଳ ମୁହଁରେ ନୁହେଁ, ଡାଏରି ଆଣି ହାକିମଙ୍କ ସାମନାରେ ଥୋଇ ଦେଲେ; କିନ୍ତୁ ସେ ଯେ ପାଇକ ମେଳକରି ଥିଲା, ବର୍ତ୍ତମାନ ଜଣେ ବଡ଼ ଦସ୍ୟୁ—ସର୍ଦ୍ଦାର, ଏ ସମ୍ବାଦ ପାଇ-ବାକୁ ଦାରୋଗା ବାବୁଙ୍କର ବୁଦ୍ଧି ପହଞ୍ଚି ପାରି ନାହିଁ । ଲୋକଟା ଗୋଟାଏ ଡକାଏତ କି ବଦମାସ ହୋଇପାରେ ଏ ସନ୍ଦେହ ଅବଶ୍ୟ ତାଙ୍କର ଜାତ ହୋଇଛି । ତେବେ ସେପରି ଗୁରୁତର

Digitized by PPRACHIN, SOA

ପ୍ରମାଣ କରିଣ ପାଇ ନାହାନ୍ତି । ଯାହାହେଉ ତାର ଚେହେରା, ତା ଢଙ୍ଗ ରଙ୍ଗ ଡକାଏତ ପରି ବୋଧହୁଏ, ଇତ୍ୟାଦି ଇତ୍ୟାଦି ।

କୃପାନାଥ ବାବୁ ଉତ୍‌ଫୁଲ୍ଲ ହୋଇ କହି ଉଠିଲେ, 'ସାବାସ୍ ଦାରୋଗା ବାବୁ, ଏମିତି ଖବର ରଖିଲେ ସିନା ହୁଏ !'

ସିପେହି ଖବର ଦେଲା, କିଏ ଜଣେ ଭଦ୍ରଲୋକ ଦେଖା କରିବାକୁ ଆସିଛନ୍ତି ।

କୃପାନାଥ ବାବୁ ପଚାରିଲେ, 'ମୋ ସାଥିରେ ?'

'ହଜୁର' କହି ସିପେହିଟି ଦଣ୍ଡାୟମାନ ହେଲା, 'ଆଚ୍ଛା, ଆଚ୍ଛା; ତାଙ୍କୁ ଟିକିଏ ଛିଡ଼ା ହେବାକୁ କହ । ଆମ ଗପ ଆଗେ ଶେଷ ହେଉ ।' ଗପ ହେବାକୁ କିଛି ନ ଥିଲା; କିନ୍ତୁ କେହି ଇଚ୍ଛା କରିବାମାତ୍ରେ ହାକିମ ତ ତା'ପ୍ରତି ସୁଲଭ ହୋଇ ପଡ଼ିବେ ନାହିଁ । ସେ ତ ନର-ଦେବତା । ଦେବତାଙ୍କର କୃପା ଲାଭ କରିବାକୁ ଲୋକଙ୍କୁ ତ କେତେ ଧ୍ୟାନ ଧାରଣା, ପୂଜା ଦାନ କରିବାକୁ ହୁଏ । ଜଣେ କେହି ଘଣ୍ଟାଏ, କି ଦୁଇଘଣ୍ଟା ତାଙ୍କ ଦର୍ଶନ ପାଇଁ ଅପେକ୍ଷା କଲେ କ୍ଷତି କଣ !

ଭଦ୍ରଲୋକଟି କୃପାନାଥ ବାବୁଙ୍କ ନିକଟକୁ ଆସି ନମସ୍କାର କଲେ; କିନ୍ତୁ ପ୍ରତିନମସ୍କାର ପାଇଲେ ଦାରୋଗା ବାବୁଙ୍କଠାରୁ । ଦାରୋଗାବାବୁହିଁ ତାଙ୍କୁ ବସିବା ପାଇଁ ଖଣ୍ଡିଏ ଚୌକି ବଢ଼ାଇ ଦେଲେ । କୃପାନାଥ ବାବୁ ଏହି ବଳିଷ୍ଠବକ୍ଷ ଦୀର୍ଘକାୟ ପୁରୁଷଟି ପ୍ରତି ଥରେ ଚାହିଁ ଦେଇ ଟେବୁଲ୍ ଉପରୁ ଖଣ୍ଡେ କଣ କାଗଜ ଉଠାଇ ଆଣି ପଢ଼ିବାକୁ ଲାଗିଲେ । ଦାରୋଗା ବାବୁ ହାକିମଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଦେଖାଇ ନାତ୍ୟୁଚ୍ଚ ସ୍ୱରରେ ଆଗନ୍ତୁକଙ୍କୁ କହିଲେ, 'ଆପଣଙ୍କ କେନ୍ଦ୍ରରେ କିପରି କାମ ଚାଲିଚି ?'

Digitized by PPRACHIN, SOA

ଘାର୍ଘକାୟ ଲୋକଟି ସହଜ ସ୍ୱରରେ କହିଲେ, 'ଚାଲିଚି ଏକ-ରକମ, କିନ୍ତୁ ମଝିରେ ମଝିରେ ଗୃଉଳ ଅଭାବ ବଡ଼ ବେଶି ହୋଇ ପଡ଼ୁଚି । ଲୋକଙ୍କୁ ଯୋଗାଇ ପାରିବା ଅସମ୍ଭବ ହୋଇ ଉଠୁଚି ।'

ଦାରୋଗା ସମ୍ଭ୍ରମରେ ଟିକିଏ କୃପନାଥ ବାବୁଙ୍କ ପ୍ରତି ଚାହିଁ ମୃଦୁହସି କହିଲେ, 'ହେବ ନାହିଁ ? ବେ-ସରକାରି କାରଖାନା କିନା; କିନ୍ତୁ ଆମର ଏଠାରେ ଯେପରି କାମ ଚାଲିଚି, ଶୁଣି ନ ଥିବେ କି ?'

ଲୋକଟି ଅଧିକ ଗମ୍ଭୀରହୋଇ କହିଲେ, 'ହଁ, ଶୁଣୁଚି, ଏଠାରୁ ଯେଉଁମାନେ ଚାଉଳ ନ ପାଇ ଆମ କେନ୍ଦ୍ରକୁ ଫେରି ଯାଉଛନ୍ତି, ସେହିମାନଙ୍କଠାରୁ । ଦୁଇଟି ଲୋକ ଆପଣଙ୍କର ଏଠାରୁ ମାଡ଼ ଖାଇ ମୋ ନିକଟ ଯାଇଥିଲେ । ତା'ପରେ ଆଉ କେତେ କଥା ଶୁଣୁଚି, ତାହା ହୁଏତ ଭୁଲ ହୋଇପାରେ କିମ୍ବା ତଳ-ତଳିଆ କେତେ କର୍ମଚାରୀଙ୍କର ଦୋଷ ହୋଇପାରେ ।'

ଦାରୋଗା ବାବୁ ଆଉଥରେ ହାମକଙ୍କ ପ୍ରତି ସମ୍ଭ୍ରମ ଦୃଷ୍ଟି ପକାଇ ଏବଂ ପ୍ରକାରାନ୍ତରେ ତାଙ୍କର ଉପସ୍ଥିତିକୁ ଏହି ଆଗନ୍ତୁକଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟାକରି କହିଲେ, 'ନାହିଁ ଆଜ୍ଞା, ଏ ଲୋକଗୁଡ଼ାକ ବଡ଼ ବଦମାସ୍ କିନା, ମାଡ଼ ନ ଦେଲେ ତାଙ୍କୁ କିଏ ସବୁବେଳେ ସମ୍ଭାଳି ହେବ ?'

'ଲୋକଗୁଡ଼ାକ ବଦମାସ୍ ନୁହନ୍ତି, ଦାରୋଗା ବାବୁ । ତାଙ୍କର ଅବସ୍ଥା ତାଙ୍କୁ ହୁଏ ତ ମଧ୍ୟେ ମଧ୍ୟେ ଜ୍ଞାନଶୂନ୍ୟ କରି ଦେଉଚି; କିନ୍ତୁ ଆମ କେନ୍ଦ୍ରରେ ତ ମାଡ଼ ଦେବାକୁ କେବେ ହୋଇ ନାହିଁ । ଏହି ନିରସ୍ତ୍ର ନିରନ୍ନ ଲୋକଗୁଡାଙ୍କ ଉପରେ ମାଡ଼—।'

Digitized by PPRACHIN, SOA

କୃପାନାଥ ବାବୁ ଏତେବେଳ ନୀରବ ହୋଇ କାଗଜ ପଢ଼ୁ ନ ଥିଲେ, ଏହି କଥୋପକଥନ ଶୁଣୁଥିଲେ, 'କିଏ ହୋ ତମେ, ବହୁତ କଥା ତ କହିଯାଉଚ ।'

ଆଗନ୍ତୁକ କୃପାନାଥ ବାବୁଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ । ସେ ଦୃଷ୍ଟିରେ ଗୋଟାଏ କୁତ୍ସିତ ଘୃଣା ପ୍ରକଟିତ ହେଉଥିଲା । ସେ ଆତ୍ମସମ୍ବରଣ କରି କହିଲେ, 'ଆପଣ ବିରକ୍ତ ହେଉଛନ୍ତି, ତାହାହେଲେ କହିବି ନାହିଁ । ଲୋକଙ୍କ ଭିତରେ ଏହି ଅଶ୍ରଦ୍ଧାର ଭାବଟା ଆପଣଙ୍କ ସହିତ ପରାମର୍ଶ କରି ଦୂର କରିବା ପାଇଁ ଆସିଥିଲି ।'

କୃପାନାଥ ବାବୁ ସେହି ପ୍ରାଚୀନକାଳର ହାକିମ । ହଜୁର ଧର୍ମାବତାର ଶୁଣିବା ତାଙ୍କର ଅଭ୍ୟାସ । ଏହି ଆଗନ୍ତୁକ ମୁଖରୁ ଆପଣ ସମ୍ବୋଧନ ଶୁଣି ତାଙ୍କର ମସ୍ତିଷ୍କ ଅତ୍ୟନ୍ତ ଗରମ ହୋଇ ପଡ଼ିଚି; କିନ୍ତୁ ଏହି ଆଗନ୍ତୁକ ଯେ ହଜୁର ସମ୍ବୋଧନ ଶୁଣି ଆସିଅଛନ୍ତି, ଡାକିବା ପାଇଁ କୌଣସି ଦିନ ଅଭ୍ୟସ୍ତ ହୋଇ ନାହାଁନ୍ତି ଏକଥା କୃପାନାଥ ବାବୁ ଜାଣନ୍ତି ନାହିଁ । ସେଥିପାଇଁ ଅଧିକତର ବିରକ୍ତ ହୋଇ କହିଲେ, 'କିଏ ହୋ ତମେ, ମୋରି ତ ପରାମର୍ଶ କରିବାକୁ ଆସିଚ ।'

ଶୁଭକାନ୍ତ ନିଜେ ଏହିପରି ହାକିମୀ କରି ଆସିଛନ୍ତି । ଏହିପରି ନୁହେଁ, ଏହାର ଚତୁର୍ଗୁଣ । ସୁତରାଂ, କୃପାନାଥ ବାବୁଙ୍କର ପ୍ରଥମ ଅଭଦ୍ର ଆଚରଣରେ ତାଙ୍କର ଯେପରି ଘୃଣା ଓ ବିରକ୍ତି ଜାତ ହୋଇଥିଲା, ପରେ ସେ ନିଜ କଥା ଭାବି ମନେ ମନେ ହସିଲେ । ଧୀର ସ୍ୱରରେ କହିଲେ, 'ଏଥିରେ ତ ରାଗ କରିବାର କିଛି ନାହିଁ ମହାଶୟ, ମୁଁ ସେହି ହତଭାଗ୍ୟ ଲୋକମାନଙ୍କ ମଧ୍ୟରୁ ଜଣେ ।

Digitized by PPRACHIN, SOA

ଚସବୁମାନଙ୍କ ପକ୍ଷରୁ ପଦେ ଗୁହାରି କରିବାକୁ ଆସିଛୁ ।' ମହାଶୟ ! ଆପଣ ! ଏ ଲୋକଟା କଣ ପାଗଳ ନା ପ୍ରକୃତିସ୍ଥ ହୋଇ କଥା କହୁଛି ! କୃପାନାଥ ବାବୁ କ୍ରୋଧରେ ଅସ୍ଥିର ହୋଇ କହିଲେ, 'ଆରେ ଜୋତାମାର ସେ ଲୋକଙ୍କ ମୁହଁରେ । ଉଃ, ଲୋକଙ୍କ ପକ୍ଷରୁ ଭଦ୍ରଲୋକ କରିବାକୁ ଆସିଛନ୍ତି; ଦ୍ୟାଗୋ ହିଁଯୁାସେ !'

'ହଁ ଆପଣଙ୍କର ଭଲ ଜୋତା ଥିବ, ମାରି ପାରନ୍ତି; କିନ୍ତୁ ଜୋତା ମାରି ସେମାନଙ୍କ ମୁହଁ ବନ୍ଦ କରିପାରିବେ କି ?'

ଦାରୋଗା ବାବୁ ମଧ୍ୟସ୍ଥଳରେ କଳହ ଭଗ୍ନ କରିବାକୁ ଯାଇ ଶୁଭକାନ୍ତଙ୍କୁ ଉଦ୍ଦେଶ୍ୟ କରି ଭଗ୍ନସ୍ୱରରେ କହିଲେ, 'ଆଜ୍ଞା— ଆପଣ—ସେ ଫର୍ ହାକିମ ସାହେବ ?'

ଶୁଭକାନ୍ତ ଆସନ ଛାଡ଼ି ଦଣ୍ଡାୟମାନ ହେଲେ, ସୁଦୀର୍ଘ ପ୍ରଶସ୍ତ ବପୁ । 'ହଁ, ହଁ, ସେ କଥା ତ ପ୍ରଥମରୁ ଆସି ଜାଣିପାରିଛୁ । ନ ହେଲେ ଏତେ ଭଲ ଜୋତା ଆଉ କାହାର ହୁଅନ୍ତା ।'

ପଛକୁ ନ ଚାହିଁ ସେ ଦୀର୍ଘ ପଦକ୍ଷେପରେ ସେ ସ୍ଥାନ ପରିତ୍ୟାଗ କଲେ । ଏଥିରେ ତାଙ୍କର ଉତ୍ୟକ୍ତ ହେବାର କଣ ଅଛି ! ତାଙ୍କର ଦମ୍ଭ ମଧ୍ୟ ଦିନେ ଏହି ହାକିମଙ୍କଠାରୁ ଚତୁର୍ଗୁଣ ଥିଲା । ତେବେ କୃପାନାଥଙ୍କଠାରୁ ଏ ଅପମାନ ସହ୍ୟ କରି ଶୁଭକାନ୍ତଙ୍କର କି ଭାବ ଜାଗ୍ରତ ହେଲା ?—ଘୃଣା, ଦ୍ୱେଷ, ଅଭିମାନ ? କାହିଁକି ? କୃପାନାଥ କିଏ ? ମାନବସମାଜର ଗୋଟିଏ ବିସ୍ଫୋଟକ—ସାମାନ୍ୟ ବୁଦ୍‌ବୁଦ୍ ମାତ୍ର । ତାଙ୍କ ପ୍ରତି ଘୃଣାଦ୍ୱେଷର କାରଣ କଣ ?

"ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି
ନ ଶୋଚତି, ନ କାଂକ୍ଷତି
ଶୁଭାଶୁଭପରିତ୍ୟାଗୀ
ଭକ୍ତିମାନ ଯଃ ସ ମେ ପ୍ରିୟଃ ।"

Digitized by PPRACHIN, SOA

ଶୁଭକାନ୍ତଙ୍କର ହର୍ଷ କଣ ? ଦ୍ୱେଷ କାହା ପ୍ରତି ? ଶୋଚନା କଣ ? ଆକାଙ୍‌କ୍ଷା କଣ ? ତାଙ୍କ ପକ୍ଷରେ ଶୁଭ କଏ ? ଅଶୁଭ କଏ ? ତାଙ୍କର ଶତ୍ରୁ କଏ ? ମିତ୍ର କଏ ? ନିନ୍ଦା କଣ, ସ୍ତୁତି କଣ ? କଏ ତାଙ୍କର କି କ୍ଷତି ଲାଭ କରିପାରେ ? ନାନା ପ୍ରଶ୍ନ ତାଙ୍କ ଚିତ୍ତରେ ଉଦ୍ରେକ ହେଲା, ଯାହାର ସମାଧାନ ସେ କରିପାରିଲେ ନାହିଁ; କିନ୍ତୁ କୃପାନାଥଙ୍କ ପ୍ରତି ତାଙ୍କର ଦ୍ୱେଷ କରିବାର ଯାହା କାରଣ ଅଛି, ନ କରିବାର ମଧ୍ୟ ସେ ସେହିପରି କେତେ କାରଣ ଅଛି, ଏଥିରେ ପୂର୍ଣ୍ଣ ବିଶ୍ୱାସ ଜାତହେଲା ।

ଶୁଭକାନ୍ତ ଚାଲିଯିବା ପରେ କୃପାନାଥବାବୁ ବିରକ୍ତିପୂର୍ଣ୍ଣ ଦୃଷ୍ଟିରେ ଦାରୋଗା ବାବୁଙ୍କ ପ୍ରତି ଚାହିଁ କହିଲେ, 'ସେ ଲୋକଟା କଏ ଦାରୋଗା ବାବୁ ? ଭାରି ଦର୍ପରେ କଥା କହୁଚି ତ ! ତୁମେ ଦାରୋଗା ବାବୁ, ଜଣେ ସରକାରୀ କର୍ମଚାରୀ ହୋଇ ଯେ ସେ ଲୋକଙ୍କୁ ଏତେ ଆଜ୍ଞା ଅବଧାନ କର କାହିଁକି ?' କୃପାନାଥ ବାବୁଙ୍କର ମାଂସଳ ଗଣ୍ଡ ଦୁଇଟାର କୃଷ୍ଣବର୍ଣ୍ଣ ଚର୍ମ ଉପରେ ଈଷତ୍ ଲାଲ ରେଖା ଉଠିଥିଲା ।

ଦାରୋଗା ତାଙ୍କର ଜିହ୍ୱା ଓ ମୁଖକୁ ରସାଳ କରି କହିଲେ, 'ସେ କଣ କି ହଜୁର, ଏହି ଯେ ମୁକ୍ତାଗଡ଼ ରାଜ୍ୟ । ହିଁ, ହିଁ, ସେ ଲୋକଟି ତାହାର ରାଜା ଥିଲେ । ଲୋକେ କହନ୍ତି ଏ କାଳର ସମୟରେ ପ୍ରଜାଙ୍କର କଷ୍ଟ ସହି ନ ପାରି ରାଜ୍ୟ ଛାଡ଼ି ଚାଲି ଆସିଚନ୍ତି ।'

କୃପାନାଥ ବାବୁଙ୍କର ରକ୍ତର ରେଖା ଗଣ୍ଡଦେଶରୁ ନିଭି ଆସିଲା । କହିଲେ, 'ଓ, ସେହି ଲୋକ ଏ, ନାମ କଣ ? ଶମ୍ଭୁନାଥ ନା ?'

Digitized by PPRACHIN, SOA

ଦାରୋଗା ବାବୁ ଉତ୍ତର କଲେ, 'ଠିକ୍ କହୁଚନ୍ତି ହଜୁର, ଶମ୍ଭୁନାଥ ନ ହେଲେ ଶୁଭକାନ୍ତ । ହଁ, ହଁ ।'

'ହଁ ହେ ଶମ୍ଭୁନାଥ ନ ହେଲେ ଶୁଭକାନ୍ତ । ଆମର ଆଉ ବ୍ୟବସାୟ ନାହିଁ, ଏହି ନାଁ ମୁଖସ୍ଥ କରୁଥିବୁଁ । ଇଜ୍‌ଲାସରେ କେତେ ଆସାମୀ ଆସୁଚନ୍ତି, ଯାଉଚନ୍ତି,—ସମସ୍ତଙ୍କ ନାଁ ମନେ ରଖିଲେ ଅଭିଧାନ ଲେଖନ୍ତୁ ।'

'ହଁ ହଁ, ଠିକ୍ କହୁଛନ୍ତି, ଅଭିଧାନରେ ତ ଏମିତି ନା ଗୁଡ଼ାଏ ଲେଖାଥାଏ । କେତେ ମନେ ରଖିବେ । ଅଳ୍ପ ନାଁ କଣ ଶୁଣୁଚନ୍ତି, ଅଳ୍ପ ଲୋକ ପାଖକୁ ଧାଇଁଚନ୍ତି । ହଁ, ହଁ, ସେହି ହଜୁର ଶୁଭକାନ୍ତ ନ ହେଲେ ଶମ୍ଭୁନାଥ । ଧନ ସମ୍ପତ୍ତି ସବୁ ଖାଇଗଲା କରି ଦେଇଚନ୍ତି, ଏହି ମାଗିଖିଆ ଲୋକଙ୍କ ଦୁଃଖ କଷ୍ଟ ସହି ନପାରି ।

'ସତ କଥା ଦାରୋଗା ବାବୁ ? ମତେ କିନ୍ତୁ ବଡ଼ ଅସମ୍ଭବ ବୋଧ ହେଉଚି ।'

'ଅସମ୍ଭବ ! ଅସମ୍ଭବ ନ ହୋଇ ଆଉ କଣ ହେବ ? ଅସଲ କଥା କେହିଁ ଜାଣନ୍ତି ନାହିଁ । ହଁ, ହଁ, ଲୋକ ଜାଣିବାକୁ ଧନ-ସମ୍ପତ୍ତି ସବୁ ଗୁଡ଼ ଗୁଳ ଆସିଛନ୍ତି । ଅସଲ ଭିତର କାରଣ କେହି ବୁଝି ନାହାନ୍ତି ।' ନିକଟରେ ଅନ୍ୟ କେହି ଉପସ୍ଥିତ ନ ଥିଲେହେଁ ଦାରୋଗା ବାବୁ ଫିସ୍ ଫିସ୍ କରି ହାକିମଙ୍କ କାନରେ କେତେ ଜଣ କହିଗଲେ ।

କୃପାନାଥ ବାବୁ ଦାରୋଗାଙ୍କ ପ୍ରତି କୌତୁକ ଦୃଷ୍ଟି ପକାଇ ପଚାରିଲେ, 'କଣ କହିଲ, ରାଣୀଙ୍କ ସହିତ ବନିଲା ନାହିଁ ? କିନ୍ତୁ ତେବେ ମଧ୍ୟ ତ ରାଜ୍ୟ ଗୁଡ଼—

Digitized by PPRACHIN, SOA

'ତେବେ ମଧ୍ୟ, ହଜୁର—ତେବେ ମଧ୍ୟ ରାଜ୍ୟ ଛାଡ଼ି ଚାଲି ଆସିବା ଠିକ୍ ହେଲା କି ? କଦାପି ନୁହେଁ, କଦାପି ନୁହେଁ । ହି, ହି ।'

'ଲୋକଟା କଣ ପାଗଳ କି ଦାରୋଗା ବାବୁ ?'

'ପାଗଳ ଆଜ୍ଞା, ପାଗଳ ନିଶ୍ଚୟ । ହି, ହି, ପାଗଳ ନ ହେଲେ ଏ କଥା କିଏ କରନ୍ତା !'

Digitized by PPRACHIN, SOA

ଷଡ଼ବିଂଶ ପରିଚ୍ଛେଦ

କୃପାନାଥ ବାବୁଙ୍କ ନିକଟରୁ ଫେରି ଶୁଭକାନ୍ତ ମନେ କଲେ, ଧନସମ୍ପତ୍ତି କ୍ଷମତା ଯାହାର ଥାଏ, ସେ ତାର ଏହିପରି ଅପବ୍ୟବହାର କରେ । ସେ କୃପାନାଥଙ୍କର ଦୋଷ ନୁହେଁ, ଦୋଷ ଏହି କ୍ଷମତାର । ଏ କ୍ଷମତା ମନୁଷ୍ୟକୁ ଅମନୁଷ୍ୟ କରେ, ଅନ୍ଧ କରେ, ପିଶାଚ କରେ । ଏ କ୍ଷମତାବଳରେ ଶୁଭକାନ୍ତ ମଧ୍ୟ ଦିନେ ଅନ୍ଧ ହୋଇଥିଲେ । ସୃଷ୍ଟିର ପ୍ରାରମ୍ଭରୁ ଏ କ୍ଷମତା ମୁଷ୍ଟିମେୟ ଲୋକଙ୍କ ହସ୍ତରେ ଅର୍ପିତ ହୋଇଅଛି । ଅତ୍ୟାଚାର, ଅନ୍ୟାୟ, ହତ୍ୟା, ଅପମୃତ୍ୟୁ ଏହି କ୍ଷମତା ବଳରେ ଧରାପୃଷ୍ଠରେ ଲୀଳାୟିତ । ଏ କ୍ଷମତା ଧରଣୀକୁ ନିଗ୍ରହର କରି ପାପ ପୈଶାଚିକତାର ତାଣ୍ଡବକ୍ରୀଡ଼ା ଆନୟନ କରିଅଛି । ସେଥିରେ ଦୋଷ କାହାର ?

ଏ ପୈଶାଚିକତାର ଦମନ ଲାଗି ଯୁଗେ ଯୁଗେ ଦେବଈଶ୍ୱର ସମ୍ଭବ ହୋଇଅଛି । ଶୁଭକାନ୍ତଙ୍କର ଅନ୍ତର ଆଜି ଏହି ଅନ୍ୟାୟ ବିରୁଦ୍ଧରେ ଉତ୍ତେଜିତ ହୋଇଉଠେ ।

ଶୁଭକାନ୍ତଙ୍କର କାହାରି ପ୍ରତି ବିଦ୍ୱେଷ ନାହିଁ । ସେ ନିଜ ପାପର ହିଁ ପ୍ରାୟଶ୍ଚିତ୍ତ କରିବାକୁ ଉଦ୍ୟତ । ନିଜ ଅନ୍ୟାୟ ବିରୁଦ୍ଧରେ ହିଁ ତାଙ୍କର ଅଭିଯାନ । ସେ ଅନ୍ୟାୟର ଚିହ୍ନ ଯଦି ଅନ୍ୟ କାହାରିଠାରେ ଦେଖନ୍ତି, ସେ ତାଙ୍କର ଅନ୍ୟାୟର ପ୍ରତୀକ । ସେ ଅନ୍ୟାୟ

Digitized by PPRACHIN, SOA

ଉପରେ ତାଙ୍କର ଖଡ୍‌ଗ ଉତ୍ତୋଳିତ ହେବ । ଜଗତରେ କୌଣସି ଶକ୍ତି ସେଥିରେ ବାଧା ଦେଇପାରେ ନାହିଁ । ସେଥିପାଇଁ ତାଙ୍କର ଏକମାତ୍ର ଅସ୍ତ୍ର ଧର୍ମ । ଫେରିଯାଇ ମୁକ୍ତାଗଡ଼ର ରାଜସିଂହାସନରେ ବସିଲେ ତାଙ୍କର ଶକ୍ତି ବୃଦ୍ଧି ଲାଭ କରିବ ନାହିଁ । ସେ ଅଧିକ ସବଳ ହେବେ ନାହିଁ । ରାଜସିଂହାସନରେ ବସି ଏ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିବାର ଅର୍ଥ ନାହିଁ । ସେ ସଂଗ୍ରାମ ପଶୁର ସଂଗ୍ରାମ । ଦୁଇଟା ବୃଷଭ କିମ୍ବା ବ୍ୟାଘ୍ରର ଯୁଦ୍ଧ ପରି ସେଠାରେ ବିଜେତାର ଗୌରବ, ପରାଜିତର ଅସମ୍ମାନ କେବଳ ବ୍ୟକ୍ତିଗତ, ନିଜ ମଧ୍ୟରେ ଆବଦ୍ଧ । ଜଗତର କିଛି ତହିଁରେ ଆସେ ଯାଏ ନାହିଁ । ଦେଶ ଦେଶ ମଧ୍ୟରେ ରାଜା ରାଜା ମଧ୍ୟରେ ଯେ ସଂଗ୍ରାମ ହୁଏ ତାହା ସେହିରୂପ ସଂଗ୍ରାମ । ଦୁଇ ସିଂହ ମଧ୍ୟରେ ଯୁଦ୍ଧ ହୋଇ ଏକକୁ ନିହତ କରି ଅପର ରାଜା ହେଲେ ଅରଣ୍ୟର କିଛି ଯାଏଆସେ ନାହିଁ । ପଶୁର ରାଜତ୍ୱ ହିଁ ଅବିଚଳିତ ରହେ । ବରଂ ଲାଭ ଅପେକ୍ଷା କ୍ଷତି ଅଧିକ ହୁଏ । ଏକ ଦୁର୍ବଳ ପଶୁର ସ୍ଥାନରେ ଅଧିକ ବଳବାନ୍, ଅଧିକ ହିଂସ୍ର ଅନ୍ୟ ଏକ ପଶୁ ରାଜତ୍ୱ କରେ ।

ଶୁଭକାନ୍ତ ଏ ବିଜୟ ଲୋଡ଼ନ୍ତି ନାହିଁ । ତାଙ୍କ ନିକଟରେ ଏ ରୂପ ବିଜୟ ଏବଂ ପରାଜୟର ମୂଲ୍ୟ ସମାନ । ମୁକ୍ତାଗଡ଼ର ରାଜ-ସିଂହାସନରେ ବସିଥିଲେ କୃପାନାଥ ତାଙ୍କ ପ୍ରତି କଦାପି ଏପରି ଅବହେଳା ଦେଖାଇ ପାରି ନ ଥାନ୍ତେ; ବରଂ ତାଙ୍କର ଶୁଭକାନ୍ତ ପ୍ରତି ସମ୍ମାନ ସମ୍ଭ୍ରମ ଜାତ ହୋଇଥାନ୍ତା । ସେ କମିଶନର କଲେକ୍ଟରଙ୍କ ସହିତ ଯେ ଏକ ଆସନରେ ବସିଅଛନ୍ତି, କୃପାନାଥ ବାବୁ ନିଜକୁ ଯଦି ଅର୍ଦ୍ଧସ୍ୱର୍ଗର ଜୀବ ବୋଲି ଜ୍ଞାନ କରନ୍ତି, ସେ ଅନୁପାତରେ ସେମାନେ ଯେ ସମ୍ପୂର୍ଣ୍ଣ ସ୍ୱର୍ଗଲୋକବାସୀ ! କେତେ

Digitized by PPRACHIN, SOA

କୃପାନାଥଙ୍କର ଭାଗ୍ୟ ଯେ ସେମାନେ ରଚନା କରନ୍ତୁ, ଭଗ୍ନ କରନ୍ତୁ । ଆଜ ମଧ୍ଯ କୃପାନାଥ ଯଦି କେବଳ ଶୁଣିପାରିଥାନ୍ତେ ଯେ ଶୁଭକାନ୍ତ ସେମାନଙ୍କ ସହିତ ସମାନ ଆସନରେ ଦିନେ ବସିଥିଲେ, ତେବେ ଏହି ଅନାଡମ୍ବର ସାଧାରଣ ଲୋକଟି ପ୍ରତି ସେ ଏପରି ବିଦ୍ରୂପ ଅବମାନନା କରି ନ ଥାନ୍ତେ ।

କିନ୍ତୁ ଶୁଭକାନ୍ତ ଜୀବନରେ ଏ ସକଳ ସମ୍ମାନ ସମ୍ଭ୍ରମର ଯଥେଷ୍ଟ ଅଭିଜ୍ଞତା ଜାତ ହୋଇଅଛି । ସେଥିରେ ସେ କେତେ ଊର୍ଦ୍ଧ୍ୱକୁ ଉଠିଥିଲେ, ତାହା ବୁଝିପାରି ନାହାନ୍ତି । ଅନ୍ୟମାନଙ୍କ ଠାରୁ ସେ ଦିନ ସେ କେତେ ଉଚ୍ଚରେ ଥିଲେ, ଆଜ କେଉଁ ନିମ୍ନକୁ ଆସି-ଅଛନ୍ତି, କୃପାନାଥ ଯଦି ଶୁଭକାନ୍ତଙ୍କର ପ୍ରବେଶ ମାତ୍ରେ ଆସନ ତ୍ୟାଗ କରି ଆଦର ଆପ୍ୟାୟନ ଦେଖାଇଥାନ୍ତେ, ତେବେ ତାଙ୍କର ଲାଭ ହୋଇଥାନ୍ତା କଣ, ଆଉ ଯଦି ତୁମେ ତୁ'କାର କରିବାକୁ ଗଲେ ସେଥିରେ ତାଙ୍କର କି କ୍ଷତି ହେଲା ! ଯଥାର୍ଥରେ ଏ ଦୁଇର କୌଣସି ତାରତମ୍ୟ ସେ ବୁଝି ପାରିଲେ ନାହିଁ । ସେ ତ ନିଜେ ନିଜ ସମ୍ମାନକୁ ଅବଜ୍ଞା କରି ରାଜ୍ୟ ତ୍ୟାଗ କରିଅଛନ୍ତି । ଅନ୍ୟଠାରୁ ସେ ସମ୍ମାନ ପ୍ରତ୍ୟାଶା କରିବେ କାହିଁକି ! ମନୁଷ୍ୟ ଯେଉଁଠାରେ ଅନାହାରରେ ମରଣ ଆଶ୍ରୟ କରେ, ସେଠାରେ ଆତ୍ମସମ୍ମାନ ବୋଲି କି ବସ୍ତୁ ଅଛି ? ସେ ତ ସମ୍ମାନ ନୁହେଁ ଅପମାନ । ଶୁଭକାନ୍ତ ସେ ସମ୍ମାନର କାଙ୍ଗାଳ ନୁହନ୍ତି । କୃପାନାଥ ତାଙ୍କୁ ଜୋତା ମାରି ଯଦି ଏହି ଅସଂଖ୍ୟ ବୁଭୁକ୍ଷୁ ମାନବର ଉପକାର କରନ୍ତେ, ତେବେ ସେ ପ୍ରହାରକୁ ଆନନ୍ଦରେ ବହନ କରିବାକୁ ସେ ପ୍ରସ୍ତୁତ । ଶୁଭକାନ୍ତଙ୍କର ଜଗତରେ କାହାରି ପ୍ରତି ଗ୍ଲାନି ନାହିଁ, ଦୁଃଖ ନାହିଁ । ତାହାଙ୍କର ଶୟନ, ସ୍ୱପନ, ଭଜନ, ଜାଗରଣ ସକଳ ଅବସ୍ଥାରେ ସେ

Digitized by PPRACHIN, SOA

ଗୋଟାଏ କଥା ଶୁଣୁଛନ୍ତି, ଗୋଟାଏ ଆର୍ତ୍ତ ଚିତ୍କାର—କ୍ଷୁଧା ! କ୍ଷୁଧା ! ତାଙ୍କୁ ଆଘାତ କର, ଅପମାନ କର; କିନ୍ତୁ କେବଳ ଗୋଟିଏ କଥା ସ୍ମରଣ କର—କ୍ଷୁଧା ! କ୍ଷୁଧା ! ! ଏହି କ୍ଷୁଧିତ ମାନବର ସେବା-ଠାରୁ ବଳି ଜଗତରେ ତାଙ୍କର ଦ୍ୱିତୀୟ କର୍ମ ନାହିଁ ; ଏହିମାନଙ୍କ ମଧ୍ୟରେ ସେ ବାସ କରନ୍ତି । କୁଟୀର ତ୍ୟାଗକରି ଯେଉଁ ପଥରେ ଯାନ୍ତି ଏହିମାନେ ତାଙ୍କର ଅନୁବର୍ତ୍ତୀ । ଏହିମାନଙ୍କ ପରି ସେ ଅର୍ଦ୍ଧାହାରୀ, ଏହିମାନଙ୍କ ପରି ଛିନ୍ନବସ୍ତ୍ର ପରିହିତ । ତାହାଙ୍କର ହାସ୍ୟ, କ୍ରନ୍ଦନ, କ୍ରୀଡ଼ା, କୌତୁକ ସମସ୍ତ ହିଁ ଏହିମାନଙ୍କ ସହିତ ନିବିଡ଼ଭାବରେ ଗ୍ରଥିତ ହୋଇଗଲା । ରାଜ୍ୟର ସମସ୍ତ ପରିଜନ, ପ୍ରଜା ଏବଂ ବଳରାମଙ୍କ ଦ୍ୱାରା ସମ୍ମାନ୍ୟ ହେଲା । ଶୁଭକାନ୍ତ ଆଜି ଯେଉଁ ସମାଧିରେ ସମାହିତ ସେଥିରୁ ତାଙ୍କୁ ନିବର୍ତ୍ତାଇବ କିଏ ?

ଜ୍ୟେଷ୍ଠର ରମଣୀୟ ସନ୍ଧ୍ୟା ! ବହୁଦିନ ପରେ ଗୋଟିଏ ଶୀତଳ ବୃଷ୍ଟି ଧାରା ବର୍ଷିଯାଇ ନବପୁଷ୍ପିତା ତରୁଣୀର ପ୍ରସାଧନ ଗନ୍ଧ ପରି ଧରଣୀର ଅଙ୍ଗଗନ୍ଧରେ ମାଦକ ପୂରି ରହିଅଛି । ଧୂସର ବନସ୍ଥଳୀ ପ୍ରଥମସ୍ନାତା ବଧୂର ସୁକୁମାର ରୂପ ପରି କମନୀୟ । ଆକାଶରେ ଗୋଟିଏ ତାରା ଉଦିତ ହୋଇଅଛି । ସନ୍ଧ୍ୟାର ପ୍ରଥମ ତାରା ସେ । ଦିଗ୍‌ବଧୂର କପାଳ ଶିତାପରି ମନୋରମ ।

ଶୁଭକାନ୍ତ ଏହି ଦୃଷ୍ଟିକୁ ମଥାରେ ବହନ କରି କେଉଁ ବାସସ୍ଥାନ ବୃକ୍ଷମୂଳରେ, କିଏ ପଥପାର୍ଶ୍ୱରେ, କିଏ ନିଜର ଅବଶିଷ୍ଟ ବସ୍ତ୍ର ବୃଷ୍ଟି ଜଳରୁ ରକ୍ଷା କରିବା ପାଇଁ ଯତ୍ନ କରୁଛି, କାହାର ଦ୍ୱିତୀୟ ବସ୍ତ୍ର ନାହିଁ—ପ୍ରତ୍ୟେକଲୋକର ଅଭାବ ନିଜର ଶକ୍ତି ଅନୁସାରେ ମେଣ୍ଟାଇବା ପାଇଁ ଚେଷ୍ଟା କରିଅଛନ୍ତି । ଆକାଶର ବାରିପାତ । ତୃଷିତକଣ୍ଠ ଶତସହସ୍ର ଲୋକଙ୍କର କାକୁତି ବାର୍ତ୍ତା ସେ ଶୁଣିଲା ନାହିଁ ;

Digitized by PPRACHIN, SOA

ଯେତେବେଳେ ତାର ପ୍ରତ୍ୟେକ ବିନ୍ଦୁ ଜଳ ନୁହେ, ଜୀବନ ବୋଲି ଆଦର ଲଭ କରିଥାନ୍ତା । ସେହି ବର୍ଷା ଆସିଲା; କିନ୍ତୁ ଅତ୍ୟନ୍ତ ବିଳମ୍ବରେ, ଯେତେବେଳେ ତାର ପ୍ରୟୋଜନ ନାହିଁ ।

ସନ୍ଧ୍ୟାର ସମୀରଣ ଶୀତଳତା ବହନ କରି ଶୁଭକାନ୍ତଙ୍କର କୁଟୀର ସମୀପସ୍ଥ ଅଶ୍ୱତ୍ଥ ବୃକ୍ଷରେ ଲତାୟିତ ମାଳତୀ କୁସୁମ ଧୂଳି-ପରେ ଝରାଇ ଦେଇଗଲା । ଶୁଭକାନ୍ତ ଏହିମାତ୍ର ସନ୍ଧ୍ୟା ପ୍ରାର୍ଥନା ସାଙ୍ଗ କରି ଗାତ୍ରୋତ୍ଥାନ କରିଅଛନ୍ତି ! କୁଟୀରର ଦ୍ୱାରଦେଶରେ ଦେଖିପାରିଲେ ଗୋଟିଏ ରମଣୀ ମୂର୍ତ୍ତି ! ସନ୍ଧ୍ୟାରେ ଅସ୍ପଷ୍ଟ ଆଲୋକକୁ ଲଜ୍ଜିତ କରି ବାଳିକାର କାନ୍ତି ଭୂତଳର ମାଳତୀପୁଷ୍ପ ପରି ଫୁଟି ଉଠିଥିଲା । ତାହାର ମଳିନ ପରିଧେୟ ଖଣ୍ଡିରେ ଦେହଟିକୁ ସେ ଅତି ଯତ୍ନରେ ଆବୃତ କରିଥିଲା । କେତେକ୍ଷଣ ହେଲା ସେ ଏହି-ପରି ଶୁଭକାନ୍ତଙ୍କର କୁଟୀରଦ୍ୱାରରେ ଦଣ୍ଡାୟମାନ ହୋଇଥିଲା, କିଏ ଜାଣେ ! କିନ୍ତୁ ଯୁବତୀର ମୁଖ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ଶୁଭ-କାନ୍ତଙ୍କର ସମସ୍ତ ଅଙ୍ଗରେ ଗୋଟାଏ ଅପୂର୍ବ ଶିହରଣ ଖେଳିଗଲା । ସେ ଏହି କ୍ଷୁଧାର୍ତ୍ତ ଦରିଦ୍ରମାନଙ୍କ ମଧ୍ୟରେ ବାସ କରି ଅନଶନର ବିଭୀଷିକା, ଦାରିଦ୍ର୍ୟର ବୀଭତ୍ସ ରୂପ ହିଁ ଦେଖି ଆସିଅଛନ୍ତି । ଦୈନ୍ୟର ହୀନତା ହିଁ ତାଙ୍କ ଚକ୍ଷୁରେ ବୃହତ୍ ହୋଇ ଦେଖା ଦେଇଅଛି, ଦୈନ୍ୟର ଐଶ୍ୱର୍ଯ୍ୟ ବୋଲି କୌଣସି ବସ୍ତୁ ସେ ସ୍ୱଚକ୍ଷୁରେ ଦେଖି ନାହାନ୍ତି; କିନ୍ତୁ ସେ ଦୈନ୍ୟ ମଧ୍ୟରେ ଯେ ଗୋଟାଏ କମନୀୟତା ଗୋଟାଏ ବିଭୂତି ନିହିତ—ଏହି ତାଙ୍କର ପ୍ରଥମ ଦୃଷ୍ଟିଗୋଚର ହେଲା । ଏ ମୂର୍ତ୍ତିଟିକୁ କିଶୋରୀ ଅଥବା ଯୁବତୀ କିମ୍ବା ପ୍ରୌଢ଼ା କିଛିମାତ୍ର ସେ ସ୍ଥିର କରିପାରିଲେ ନାହିଁ । ତାର ନାସିକା, ତାର ଚକ୍ଷୁ, ତାର ଅଧରକୁ ହିଁ ଶୁଭକାନ୍ତଙ୍କର

Digitized by PPRACHIN, SOA

ମନେ ହେଲା ଯେପରି ସେ ଏ ତରୁଣୀକୁ ବହୁପୂର୍ବରୁ ଦେଖିଅଛନ୍ତି । ତାହାର ତନୁର ଉପମା ସମସ୍ତ ବିଶ୍ୱର ପରିଚିତ—ଅତି ପ୍ରାଚୀନ, ଚିର ନବୀନ । କୁଟୀର ମଧ୍ୟରେ କ୍ଷୀଣ ଆଲୋକଟି ତରୁଣୀର ମୁଖ-ମଣ୍ଡଳରେ ପଡ଼ିଲା । ତାହାର ଛିନ୍ନ ପରିଧେୟ ଖଣ୍ଡି ଆଣ୍ଠୁରୁ ପାଦତଳ ଏବଂ ପୃଷ୍ଠଦେଶ ପର୍ଯ୍ୟନ୍ତ ଅନାବୃତ ରଖିଅଛି । ସନ୍ଧ୍ୟାର ଅସ୍ପଷ୍ଟ ଧୂସରତା ମଧ୍ୟରେ ତାହାର ରୂପ ସ୍ଥିର ସୌଦାମିନୀର ଆଲୋକ ଖେଳାଇ ଦେଇଅଛି ।

ଗୋଟିଏ ଶୂନ୍ୟ ଡାଲି ଶୁଭକାନ୍ତଙ୍କର କୁଟୀର ଦ୍ୱାରଦେଶରେ ରଖିଦେଇ ଦୃଷ୍ଟିତଳକୁ କରି ସେ ଠିଆ ହେଲା । ମୁଖ ଫିଟାଇ ଭିକ୍ଷା ଦିଅ ବୋଲି କହିଲା ନାହିଁ । କେତେକ୍ଷଣଧରି ଶୁଭକାନ୍ତ ଏହି ରୂପକୁ ଚାହିଁ ରହିଥିଲେ ତାଙ୍କର ସ୍ମରଣ ନାହିଁ; କିନ୍ତୁ ରମଣୀ ଯେତେବେଳେ ଶୂନ୍ୟ ଡାଲିଟିକୁ ଧରି ଫେରିବାକୁ ଉଦ୍ୟତ ହେଲା ସେତେବେଳେ ତାଙ୍କର ଚେତନା ହେଲା, ସେ ବ୍ୟଗ୍ରତାର ସହିତ ଉଠିପଡ଼ି ଡାଲି ଭରି ଚାଉଳ ଦେଲେ । ଚକ୍ଷୁ ତାଙ୍କର ଏହି ଭିଖା-ରିଣୀ ଦୃଷ୍ଟିର ନିକଟତର ହେଲା । କେବଳ ଦୁଇଟି ଚକ୍ଷୁର ତାରା ଅନ୍ୟ ଦୁଇଟି ଚକ୍ଷୁର ତାରାକୁ ନିରୀକ୍ଷଣ କରି ରହିଅଛି—ଦେହ ନାହିଁ ! ଗେହ ନାହିଁ !! ଜଗତ ନାହିଁ !!!

ଶୁଭକାନ୍ତ ପଚାରିଲେ, 'କେଉଁଠାରୁ ଆସିଛ ?' ତାହାଙ୍କର ଅଧର ପ୍ରାନ୍ତରେ କ୍ଷୀଣ ମୃଦୁହାସ୍ୟ ଉକୁଟି ଉଠିଲା । ବ୍ୟଥିତର ପ୍ରଥମ ହାସ୍ୟପରି କରୁଣ; କିନ୍ତୁ ଭିକ୍ଷୁଣୀର ଦୃଷ୍ଟି ଅକସ୍ମାତ୍ ତୀବ୍ର ହୋଇ ଉଠିଲା । ସେ ଯେପରି ଆକାଶର ଉଲ୍କା ଦୃଷ୍ଟି ! ତତ୍ପରେ ସେ ଶୁଭକାନ୍ତଙ୍କର ଦ୍ୱାର ପରିତ୍ୟାଗ କରି ଦ୍ରୁତଗତିରେ

Digitized by PPRACHIN, SOA

ଚାଲିଗଲା—ବହୁଁର ଖଣ୍ଡେ ମୁହୂର୍ତ୍ତିକ ପାଇଁ ଅନ୍ଧକାର ପଥକୁ ଯେପରି ବର୍ଣ୍ଣ କରିଦେଲା ।

ଭିକ୍ଷୁଣୀର ଆବିର୍ଭାବ ଓ ଅନ୍ତର୍ଦ୍ଧାନ ଶୁଭକାନ୍ତଙ୍କୁ ଅବାକ୍ ବିହ୍ୱଳ କରି ରଖିଲା । ସେ ଏକ ସ୍ଥାନରେ ବହୁକ୍ଷଣ ଦଣ୍ଡାୟମାନ ହୋଇ ମାଳତୀଲତା ନିମ୍ନର ପୁଞ୍ଜୀଭୂତ ଅନ୍ଧକାର ମଧ୍ୟରେ ଦୃଷ୍ଟି ନିବଦ୍ଧ କରିଥିଲେ । ଚତୁର୍ଦ୍ଦିଗର ହାଅନ୍ନ ଚିତ୍କାରରେ ଅନ୍ତର ତାଙ୍କର ପଙ୍ଗୁ ହୋଇ ପଡ଼ିଅଛି । ସେ ଅନ୍ତରକୁ ଏହି ଭିକ୍ଷୁଣୀର ଦୁଇଟି ଆଶ୍ଚର୍ଯ୍ୟ କାତର ଚକ୍ଷୁ ଚଞ୍ଚଳ ଆଲୋଡ଼ିତ କରି ଦେଇଗଲା । ପୁନର୍ବାର ସନ୍ଧ୍ୟା ହେଲା, ସାନ୍ଧ୍ୟ ପ୍ରାର୍ଥନା କାଳରେ ଶୁଭକାନ୍ତ ସ୍ୱୀୟ ଚିତ୍ତର ଏକାଗ୍ରତା ରକ୍ଷା କରିପାରିଲେ ନାହିଁ । ମୁହୁର୍ମୁହୁଃ ଦ୍ୱାରଦେଶକୁ ଚାହିଁଲେ । ସେହି ଭିକ୍ଷୁଣୀର ରୁଜୁ ଅବୟବ ଯେପରି ଦ୍ୱାରଦେଶରେ ଉଭା ହୋଇଅଛି ।

ଦିନ ପରେ ଦିନ ଅତିକ୍ରମି ଗଲା । ପ୍ରତିଦିନ ଶତ ଶତ ପୁରୁଷ ନାରୀଙ୍କ ମଧ୍ୟରେ ଶୁଭକାନ୍ତ ସ୍ୱୀୟ କର୍ମ ସମାପନ କରିଯାନ୍ତି । ପ୍ରତି ନାରୀର ମୁଖକୁ ନିରୀକ୍ଷଣ କରନ୍ତି, କିନ୍ତୁ କାହିଁ ! ଭିକ୍ଷୁଣୀର ରୂପ ତ ଦୃଷ୍ଟିପଥରେ ପଡ଼େ ନାହିଁ । ଏ କଣ, ଭିକ୍ଷା ନେବାକୁ ସେ ତ ଆସିଥିଲା । ପ୍ରତ୍ୟହ କେତେ ପୁରୁଷ, ନାରୀ ଏହିରୂପେ ଆସନ୍ତି; ତଥାପି ତାଙ୍କର ପ୍ରତିଅଙ୍ଗ ଏପରି ସଚେତନ ହୋଇ ଉଠିଲା କାହିଁକି ? ପ୍ରେମ ? ସେ ତ ତାଙ୍କର ଜୀବନରେ ଆଜ ପ୍ରାଚୀନତମ ବସ୍ତୁ ହୋଇ ପଡ଼ିଅଛି । ପ୍ରେମ ବୋଲି ଗୋଟାଏ ନାମ ଅଛି କେବଳ, ବସ୍ତୁ କଣ ଅଛି ? ବାସ୍ତବ ହୋଇ ଏପରି କିଛି ଯଦି ଜଗତରେ ଥାଏ ଶୁଭକାନ୍ତ ଜୀବନରେ ତାହା ଅନୁଭୂତ ହୋଇଅଛି-କିମ୍ବା ନାହିଁ, ତାହା ତାଙ୍କର ଚିନ୍ତାର ବାହାରେ ।

Digitized by PPRACHIN, SOA

ସେ ପ୍ରେମ ଯେଉଁଦିନ ତାଙ୍କ ଜୀବନରେ ଆସିଥିଲା, କେଉଁଦିନ ସମସ୍ତ ଅନ୍ତରକୁ ପୁଷ୍ପିତ ମଞ୍ଜରିତ କରିଦେଇଥିଲା, କିଛି ତାଙ୍କର ସ୍ମରଣ ନାହିଁ । ବହୁକାଳ ପୂର୍ବେ, କେବଳ ମନେପଡ଼େ ଜୀବନରେ ଗୋଟିଏ ଉଦ୍ଦାମ ତରଙ୍ଗର ବେଗ ବାଜିଥିଲା । ସମସ୍ତ ବିଶ୍ୱକୁ ଆତ୍ମସାତ୍ କରିବା ପାଇଁ ଗୋଟାଏ ବିରାଟ ଆକାଂକ୍ଷା ଜାଗ୍ରତ ହୋଇ ଉଠିଥିଲା । ସେ ତାଙ୍କର ଯୌବନର ପ୍ରାରମ୍ଭକାଳ । ଚିନାଙ୍କର ହାସ୍ୟପରି ମଧୁମୟ ବସ୍ତୁ ଜଗତରେ ଦୁର୍ଲଭ ଥିଲା—

କିନ୍ତୁ ସେ ତ ପ୍ରେମ ନୁହେଁ । ପ୍ରେମ ଏକ ପୃଥକ୍ ବସ୍ତୁ—ତ୍ୟାଗ ଏବଂ ତପସ୍ୟାରେ ତାର ଉପଲବ୍ଧି । ଐଶ୍ୱର୍ଯ୍ୟର ବିଳାସିତାରେ ତାହାର ଆସନ ପ୍ରତିଷ୍ଠିତ ନୁହେଁ । ଶୁଭକାନ୍ତ ଜୀବନରେ ଏରୂପ ପ୍ରେମ ଆସିନାହିଁ । ପ୍ରେମ ବୋଲି ସେ ଯାହାକୁ ଦିନେ କହୁଥିଲେ, ତାହା ତ ପ୍ରେମ ନୁହେଁ, ପ୍ରବୃତ୍ତି । ସେ ପ୍ରବୃତ୍ତିର ସହଜ ପ୍ରକାଶ କୀଟ ପତଙ୍ଗ, ବୃକ୍ଷ ଲତା, ପଶୁପକ୍ଷୀ ଆଦି ସମସ୍ତ ଜଗତରେ ବିଦ୍ୟମାନ । ଏହି ଭିକ୍ଷୁଣୀକୁ ଦେଖି ତାଙ୍କ ଚିତ୍ତରେ ନାନା ପ୍ରଶ୍ନ ଉଦିତ ହେଲା ।

ଭିକ୍ଷୁଣୀର ଦୈହିକ ରୂପଟାକୁ ଦମନ କରି ମାନସିକ ରୂପ ଯେପରି ଆତ୍ମପ୍ରକାଶ କରିଅଛି । ଏହି ମାନସିକ ରୂପ ଚରିତ୍ର, ସଂଯମ ଓ ଦୃଢ଼ତା—ଭିକ୍ଷୁଣୀ ସହିତ ଅଧିକକ୍ଷଣ ଅତିବାହିତ କରି ନ ଥିଲେହେଁ ଏବଂ ତାର ମୁଖରୁ ଗୋଟିଏ ମାତ୍ର ଶବ୍ଦ ଶୁଣିବାର ସୌଭାଗ୍ୟ ଲାଭ ନ କଲେହେଁ, ଶୁଭକାନ୍ତ ଚକ୍ଷୁରେ ସବୁଠାରୁ ବିରାଟ ହୋଇ ଦେଖାଦେଲା । ତାଙ୍କର ମନେ ହେଲା, ପ୍ରେମ

Digitized by PPRACHIN, SOA

ବୋଲି ଯେଉଁ ବସ୍ତୁ, ତାହା ମାନବ ଚରିତ୍ରକୁ ମହାସ୍ଥାନ କରେ, ସେଥିରେ ଦେବତ୍ୱର ସଞ୍ଚାର କରେ ।

ତାହା ପାଗଳ କରେ ନାହିଁ, ଉନ୍ମାଦ କରେ ନାହିଁ—ସଂଯତ କରେ, ଉନ୍ନତ କରେ—ଆତ୍ମହତ୍ୟା କରେ ନାହିଁ, ଆତ୍ମଲାଭ କରାଏ । ସେଥିପାଇଁ ଶୁଭକାନ୍ତ ବ୍ୟଗ୍ର ହେଲେ ନାହିଁ—ଭିକ୍ଷୁଣୀକୁ ଦେଖିବା ଲାଗି ଉନ୍ମତ୍ତ ହେଲେ ନାହିଁ ।

କିଛିଦିନ ପରେ ଭିକ୍ଷୁଣୀର ଆବିର୍ଭାବ ହେଲା । ସକଳ ସାହାଯ୍ୟପ୍ରାର୍ଥୀ ଯେତେବେଳେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଅଛନ୍ତି, ପକ୍ଷୀ ନୀଡ଼କୋଳରେ ବିଶ୍ରାନ୍ତ, ଚତୁର୍ଦ୍ଦିଗ ନିସ୍ପନ୍ଦ—ଶୁଭକାନ୍ତ ସନ୍ଧ୍ୟା ପ୍ରାର୍ଥନାରୁ ଗାତ୍ରୋତ୍ଥାନ କରିଅଛନ୍ତି, ସେତେବେଳେ ନୀରବରେ ଗୋଟିଏ ଶୂନ୍ୟଥାଳି କୁଟୀରର ଦ୍ୱାରଦେଶରେ ସ୍ଥାପିତ ହୁଏ ଏବଂ ନୀରବରେ ତଣ୍ଡୁଳପୂର୍ଣ୍ଣ ହୁଏ । ଶୁଭକାନ୍ତ ଆଉ ତାଙ୍କୁ କୌଣସି ପ୍ରଶ୍ନ କରିବେ ନାହିଁ । ନା, ଭିକ୍ଷା ଦେବେ ବୋଲି ପ୍ରତି ଭିକ୍ଷୁକର ନାମ ଧାମ ମର୍ଯ୍ୟାଦା ବିଷୟରେ ଅନୁସନ୍ଧାନ କରିବାର ତାଙ୍କର ଅଧିକାର ନାହିଁ । ଏହିରୂପେ ତାଙ୍କର ଗୋଟାଏ ଶିଶୁସୁଲଭ କୌତୂହଳ ଉପରେ ଭିକ୍ଷୁଣୀ ପ୍ରଥମ ଦିନ ଯେ ଆଘାତ କରିଥିଲା ସମସ୍ତ ଜୀବନରେ ଶୁଭକାନ୍ତ ଦେହରୁ ସେ ଆଘାତର ଦାଗ ଲିଭିଲା ନାହିଁ ।

ସମାପ୍ତ

ମୁଦ୍ରାକର—ଶ୍ରୀ ରଘୁନାଥ ପ୍ରସାଦ ମିଶ୍ର, ପ୍ରସାଦ ପ୍ରେସ, କଟକ—୨

Digitized by PPRACHIN, SOA

ଏହି ଘଟଣା ପରେ ଶୁଭକାନ୍ତଙ୍କ ବିଚିତ୍ର ଜୀବନର ଚରମ ଚିତ୍ରଣ

"ଅମରଚିତା"

ମୁକ୍ତାଗଡ଼ର କ୍ଷୁଧାରେ ଯେଉଁ ନିବିଡ଼ ତମସା ମଧ୍ୟରେ ଶୁଭକାନ୍ତର ଯାତ୍ରାରମ୍ଭ, **ଅମରଚିତାରେ** ଏହି ତମସାରୁ ସେ ଯାତ୍ରା କରିଛି ଆଲୋକର ସନ୍ଧାନରେ—

ମାନବଜାତିର ସେବା ପାଇଁ ସବୁ ଅସମ୍ଭବ ସମ୍ଭବ ହୋଇଛି—ଡକାୟତି, ନରହତ୍ୟା, ନିର୍ବାସନ ! ଘଟଣାବହୁଳ ଜୀବନପଥରେ କେତେ ବିଚିତ୍ର ଚରିତ୍ରର ଆବିର୍ଭାବ ! ଅନ୍ୟାୟର ଧୂମକେତୁ ଦରିଦ୍ର ସନାତନର ଅନାବିଳ ମାନବ-ପ୍ରୀତି, ଅଭିରାମର ବିରାଟ ଆତ୍ମସେବା, ସୁନନ୍ଦା ଏବଂ ଅଳକାର ମହୀୟସୀ ମମତା ଓ ବାତ୍ସଲ୍ୟ !

କିନ୍ତୁ ଯାହାକୁ ସେ ସତ୍ୟରୂପେ, ବାସ୍ତବରୂପେ ହସ୍ତମୁଷ୍ଟିରେ ଧରିବାକୁ ଯାଇଅଛି ପରିକ୍ଷଣରେ ମୁଷ୍ଟି ମୋଚନ କରି ଦେଖି-ଅଛି—ଭୋଜବାଜୀ ପରି ତାହା ଶୂନ୍ୟ ! ଏହିରୂପେ ରାଣୀ, ପାତ୍ରମନ୍ତ୍ରୀ ଆଦି ତା' ହସ୍ତରୁ ସ୍ଖଳିତ ହୋଇ ଯାଇଅଛନ୍ତି ।

ଅବଶେଷରେ ସେହି ପଥପାର୍ଶ୍ୱରେ ତାର ଅନ୍ତିମ ଶଯ୍ୟା ରଚିତ । ଯେପରି ନୀରବରେ ଭୂପୃଷ୍ଠକୁ ଆସିଥିଲା—ସେହିପରି ନୀରବରେ ଅନ୍ତର୍ଦ୍ଧାନ ହୋଇଗଲା—ଅଜ୍ଞାତ, ଅଶ୍ରୁତ, ଅଖ୍ୟାତ, ଅଶୋଚ୍ୟ !

Digitized by PPRACHIN, SOA